# ଧରିତ୍ରୀ DHARITRI

52 Years

ଭୁବନେଶ୍ୱର, ରବିବାର, ଡିସେମ୍ବର ୧୪/୨୦୨୫ (୧୬ ପୃଷ୍ଠା+ଛୁଟିଦିନ) Bhubaneswar, Sunday, December 14/2025 Page 16 ₹ 7.00 | DHENKANAL

୫୨ଶ ଭାଗ ୨୧ ସଂଖ୍ୟା www.orissakhabar.com/www.dharitri.com | Printed at Angul, Bhubaneswar, Sambalpur & Rayagada VOLUME 52 ISSUE 21 ମୂଲ୍ୟ ₹୭/-





KP GROUP
Quality Since 1965
ସଫଳ ଲୋକଙ୍କ ପ୍ରଥମ ପସନ୍ଦ
Safal
ପାନ ମସଲା
ପଲ୍ ପଲ୍ ସଫଲ୍
NEW PACK
CELEBRATING
60
YEARS
Safal
TM
PAN MASALA
No Tobacco, No Nicotine
•Not recommended for minors
•Chewing of pan masala is injurious to health

# ଧରିତ୍ରୀ
DHARITRI

52 Years

ଭୁବନେଶ୍ୱର, ରବିବାର, ଡିସେମ୍ବର ୧୪/୨୦୨୫ | Bhubaneswar, Sunday, December 14/2025 | ପୃଷ୍ଠା-୧





## ଫାଇନାଲରେ ଉନ୍ନତି ହୁଡ୍ଡା

କଟକର ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ଚାଲିଥିବା ଓଡ଼ିଶା ମାଷ୍ଟର୍ସ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟର ମହିଳା ସିଙ୍ଗଲ୍ସ ଫାଇନାଲରେ ଉନ୍ନତି ହୁଡ୍ଡା ପ୍ରବେଶ କରିଛନ୍ତି।

୧୪ ୦୬

## ଜାପାନରେ ରିଲିଜ ହେବ 'ପୁଷ୍ପା ୨'

ଅଲ୍ଲୁ ଅର୍ଜୁନଙ୍କ ବ୍ଲକବଷ୍ଟର 'ପୁଷ୍ପା ୨: ଦି ରୁଲ୍' ୨୦୨୬ ଜାନୁଆରୀ ୧୬ରେ 'ପୁଷ୍ପା କୁନରିନ୍' ନାମରେ ଜାପାନରେ ମୁକ୍ତିଲାଭ କରିବ।





ବରଗଡ଼ ଜିଲା ପଦ୍ମପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଶନିବାର ଜିଲାପାଳ ଆଦିତ୍ୟ ଗୋୟଲଙ୍କୁ ଧାନ ବିକ୍ରି ପାଇଁ ଚାଷୀମାନେ ମୁଣ୍ଡିଆ ମାରୁଛନ୍ତି।

# ଧାନବସ୍ତା ରଖି ଜିଲାପାଳଙ୍କୁ ମୁଣ୍ଡିଆ ମାରିଲେ ଚାଷୀ

**ପଦ୍ମପୁର,୧୩।୧୨(ପ୍ରଦୀପ୍ତ ଦାଶ)**


ବରଗଡ଼ ଜିଲାରେ ଖରିଫ ଧାନ ସଂଗ୍ରହ ପ୍ରକ୍ରିୟାକୁ ଶନିବାର ୧୬ ଦିନ ପୂରିଛି। ହେଲେ ଏପର୍ଯ୍ୟନ୍ତ ଜିଲାରେ ଧାନ କିଣାବିକା ସ୍ୱାଭାବିକ ହୋଇପାରିନାହିଁ। ଜିଲାର ବିଭିନ୍ନ ମଣ୍ଡିରେ ବିକ୍ରି ଅପେକ୍ଷାରେ ବହୁ ପରିମାଣର ଧାନ ପଡ଼ିରହିଛି। ସେହିପରି ଧାନବିକ୍ରି ଟୋକନ ଆସି ନ ଥିବାରୁ ଅନେକ ଚାଷୀ ସେମାନଙ୍କ ଅମଳ ଧାନ ମଣ୍ଡିକୁ ଆଣିପାରିନାହାନ୍ତି। କ୍ଷେତ, ଖଳାର ଖୋଲା ଆକାଶ ତଳେ ତାହା ପଡ଼ିରହିଛି। ଏହାକୁ ନେଇ ଚାଷୀଙ୍କ ଚିନ୍ତା ବଢ଼ିଯାଇଛି। ଧାନ ବିକ୍ରି ସମସ୍ୟାକୁ ନେଇ ଚାଷୀ କିଭଳି ଚିନ୍ତିତ, ତାର ଏକ ବିକଳ ଚିତ୍ର ଶନିବାର ପଦ୍ମପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଦେଖିବାକୁ ମିଳିଛି। ବରଗଡ଼ ଜିଲାପାଳ ଆଦିତ୍ୟ ଗୋୟଲ ଉପଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସିଥିଲେ। ଖବର ପାଇ ରାଜବୋଡାସମ୍ବର କୃଷକ ସଙ୍ଗଠନର ଏକ ପ୍ରତିନିଧି ଦଳ ଧାନ ବୋଝେଇ ବସ୍ତା ଧରି ସେଠାରେ ପହଞ୍ଚିଥିଲେ। ଜିଲାପାଳଙ୍କ ଗୋଡ଼ ତଳେ ଧାନବସ୍ତା ☞ପୃଷ୍ଠା-୨

# ହଷ୍ଟେଲ ଖାଦ୍ୟରେ ଝିଟିପିଟି: ୫ ଛାତ୍ରୀ ଅସୁସ୍ଥ

**ବନ୍ଧୁଗାଁ,୧୩।୧୨ (ବେଣୁଧର ଲାବାଲା)**

କୋରାପୁଟ ଜିଲା ବନ୍ଧୁଗାଁ ବ୍ଲକ ସଦର ପଞ୍ଚାୟତ ବାଉଁଶପୁଟ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ହଷ୍ଟେଲରେ ଝିଟିପିଟି ପଡ଼ିଥିବା ଭାତ ଖାଇ ୫ ଜଣ ଛାତ୍ରୀ ଶନିବାର ଅସୁସ୍ଥ ହୋଇଥିବା ଜଣାପଡ଼ିଛି। ବନ୍ଧୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଡା. ନୀହାର ରଞ୍ଜନ ଷଡ଼ଙ୍ଗୀ ଓ ଟିମ୍ ହଷ୍ଟେଲରେ ପହଞ୍ଚି ପିଲାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ।

ସୂଚନାନୁଯାୟୀ, ବାଉଁଶପୁଟ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ହଷ୍ଟେଲରେ ୯୯ ଅନ୍ତେବାସୀ ରହୁଛନ୍ତି। ହଷ୍ଟେଲରେ ଶୁକ୍ରବାର ରାତିରେ ଛାତ୍ରୀମାନେ ରାତ୍ରି ଭୋଜନ କରିବା ପରେ ଅବଶିଷ୍ଟ ଭାତକୁ ରଖାଯାଇଥିଲା। ଶନିବାର ସକାଳ ପ୍ରାୟ ୮ଟାରେ ସେହି ବାସିଭାତକୁ ସମସ୍ତ ପିଲାଙ୍କୁ ☞ପୃଷ୍ଠା-୨



**ଆଜିର ସମ୍ପାଦକୀୟ** ସୁଶାସନରେ ସମସ୍ୟା






# ୧୩୩ ମୋବାଇଲ ପଛରେ ସିବିଆଇ

## ପୋଲିସ ଏସ୍‌ଆଇ ପରୀକ୍ଷା ଜାଲିଆତି ମାମଲା

- **ଯାଞ୍ଚ ପାଇଁ ମନାକଲା ଏସ୍‌ଏଫ୍‌ଏସ୍‌ଏଲ୍‌**
- **ଘରୋଇ ସଂସ୍ଥା ଦ୍ୱାରା ଯାଞ୍ଚ ଲାଗି କୋର୍ଟରେ ଆବେଦନ**
- **ଭଦୋଦରାରୁ ନିତୁ ଆରୋରା ଗିରଫ**

**ପୋଲିସ ଏସ୍‌ଆଇ ପରୀକ୍ଷା ଜାଲିଆତି ଘଟଣାରେ ତଦନ୍ତ କରୁଥିବା ସିବିଆଇ ରାଜ୍ୟ ତଥା ରାଜ୍ୟ ବାହାରୁ ଜଣେ ପରେ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ସେମାନଙ୍କୁ ରିମାଣ୍ଡରେ ଆଣି ମୁହାଁମୁହିଁ ଜେରା କରୁଛି। ଏଥିସହ ଅଭିଯୁକ୍ତମାନଙ୍କଠାରୁ ଜବତ କରିଥିବା ୧୩୩ ମୋବାଇଲ୍ ଫୋନ୍ ଏହି ଜାଲିଆତିର ମୂଳରୁ ଶୀର୍ଷ ଯାଏ ଗୁମର ଖୋଲିବ ବୋଲି ଆଶା ରଖି ସେଗୁଡ଼ିକର ଯାଞ୍ଚ ପାଇଁ ପ୍ରାଧାନ୍ୟ ଦେଇଛି। ତଦନୁଯାୟୀ ଉକ୍ତ ମୋବାଇଲଗୁଡ଼ିକର ଯାଞ୍ଚ ନିମନ୍ତେ ଷ୍ଟେଟ୍ ଫୋରେନ୍ସିକ ସାଇନ୍ସ ଲାବୋରେଟୋରି(ଏସ୍‌ଏଫ୍‌ଏସ୍‌ଏଲ)କୁ ଆବେଦନ କରିଥିଲା। ହେଲେ ଏସ୍‌ଏଫ୍‌ଏସ୍‌ଏଲ୍ କର୍ତ୍ତୃପକ୍ଷ ଆବଶ୍ୟକ ଭିତ୍ତିଭୂମି ଏବଂ କର୍ମଚାରୀ ଅଭାବରୁ ଏତେ ପରିମାଣର ମୋବାଇଲ୍ ଯାଞ୍ଚ ସୀମିତ ସମୟ ମଧ୍ୟରେ ସମ୍ଭବ ନୁହେଁ ବୋଲି କହିବା ପରେ ଏବେ ସିବିଆଇ ଘରୋଇ ସଂସ୍ଥା ଦ୍ୱାରା ଉକ୍ତ ମୋବାଇଲ୍‌ଗୁଡ଼ିକର ଯାଞ୍ଚ କରିବାକୁ ସ୍ୱତନ୍ତ୍ର କୋର୍ଟରେ ଆବେଦନ କରିଛି। ଏହାକୁ ଅଭିଯୁକ୍ତଙ୍କ ଓକିଲ ବିରୋଧ କରିଛନ୍ତି। ଘରୋଇ ସଂସ୍ଥା ଦ୍ୱାରା ମୋବାଇଲ ଯାଞ୍ଚ କଲେ ଏହାର ସ୍ୱଚ୍ଛତା ଉପରେ ପ୍ରଶ୍ନବାଚୀ ଉଠିବ ବୋଲି କୁହାଯାଇଛି। ସେପଟେ ଗୁଜରାଟର ଭଦୋଦରାରୁ ନିତୁ ଆରୋରା ନାମକ ଜଣେ ମହିଳାଙ୍କୁ ସିବିଆଇ ଗିରଫ କରି ଟ୍ରାନ୍‌ଜିଟ ରିମାଣ୍ଡରେ ଆଣୁଛି।**

**ଭୁବନେଶ୍ୱର,୧୩।୧୨ (ତ୍ରିନାଥ ମହାନ୍ତି)**

ପୋଲିସ ଏସ୍‌ଆଇ ପରୀକ୍ଷା ଜାଲିଆତି ମାମଲାରେ ଅଭିଯୁକ୍ତଙ୍କଠାରୁ ଜବତ ହୋଇଥିବା ୧୩୩ ମୋବାଇଲ୍ ଫୋନ୍‌କୁ ରାଜ୍ୟ ଫୋରେନ୍‌ସିକ୍ ଲାବ୍ ପରୀକ୍ଷା କରି ରିପୋର୍ଟ ଦେବାକୁ ମନା କରିଦେଇଛି। ମାନବସମ୍ବଳ ଅଭାବ ଥିବାରୁ ୧୩୩ ମୋବାଇଲ୍‌କୁ ପରୀକ୍ଷା କରି ରିପୋର୍ଟ ଦେବାପାଇଁ ଏକ ବର୍ଷ ଲାଗିବ ବୋଲି ଏସ୍‌ଏଫ୍‌ଏସ୍‌ଏଲ୍ ପକ୍ଷରୁ କୁହାଯାଇଥିଲା। ଏହି ମାମଲାରେ ବଡ଼ବଡିଆଙ୍କ ଲିଙ୍କ୍ ଥିବାରୁ ଡିଜିଟାଲ ପ୍ରମାଣ ନିହାତି ଆବଶ୍ୟକ। ତେଣୁ ସିବିଆଇର ଡିଜିଟାଲ ପ୍ରମାଣ ଆବଶ୍ୟକ ହେଉଥିବାରୁ ଏକ ବର୍ଷ ଅପେକ୍ଷା କରିବା ସମ୍ଭବ ନୁହେଁ। ସେଥିପାଇଁ ସିବିଆଇ ଘରୋଇ ସଂସ୍ଥା ଦ୍ୱାରା ମୋବାଇଲ୍ ଫୋନ୍ ପରୀକ୍ଷା କରିବା ପାଇଁ ସ୍ୱତନ୍ତ୍ର କୋର୍ଟରେ ଆବେଦନ କରିଛି। କୋର୍ଟ ଅନୁମତି ଦେବା ପରେ ସିବିଆଇ ରାଜ୍ୟ ବାହାରେ ଥିବା ଘରୋଇ ସଂସ୍ଥା ଦ୍ୱାରା ପରୀକ୍ଷା କରିବ ବୋଲି ଜଣାପଡ଼ିଛି। ଅପରପକ୍ଷରେ ସିବିଆଇ ଶନିବାର ଗୁଜରାଟ ଭଦୋଦରାରୁ ଆଉ ଜଣେ ମହିଳାଙ୍କୁ ଗିରଫ କରିଛି। ଗିରଫ ମହିଳା ହେଲେ ନିତୁ ଆରୋରା। ଏହି ଜାଲିଆତି ମାମଲାରେ ☞ପୃଷ୍ଠା-୨

# ମେସିଙ୍କ କୋଲକାତା ଇଭେଣ୍ଟରେ ବିଶୃଙ୍ଖଳା

**ନୂଆଦିଲ୍ଲୀ,୧୩।୧୨(ପି.ଟି.)**

କୋଲକାତାରେ ବହୁ ପ୍ରତୀକ୍ଷିତ ଲାୟୋନେଲ ମେସି ଇଭେଣ୍ଟ ବେଳେ ସୁରକ୍ଷା ବ୍ୟବସ୍ଥା ଢିଲା ଯୋଗୁ ଭିଡ଼ ନିୟନ୍ତ୍ରଣ ବାହାରକୁ ଚାଲିଯାଇଥିଲା। ଫଳରେ ସଲ୍ଟ ଲେକ୍ ଷ୍ଟାଡିୟମରେ ପ୍ରବଳ ବିଶୃଙ୍ଖଳା ଦେଖା ଦେଇଥିଲା। ଏହାକୁ ନେଇ ସର୍ବଭାରତୀୟ ଫୁଟ୍‌ବଲ ମହାସଂଘ (ଏଆଇଏଫ୍‌ଏଫ୍) ଚିନ୍ତା ପ୍ରକଟ କରିଛି। କାର୍ଯ୍ୟକ୍ରମକୁ ଉପଭୋଗ କରିବା ଲାଗି ଷ୍ଟାଡିୟମରେ ୫୦,୦୦୦ ଦର୍ଶକ ଉପସ୍ଥିତ ଥିଲେ। ପ୍ରବେଶିକା ଫି' ବାବଦରେ ଦର୍ଶକମାନଙ୍କୁ ୪,୦୦୦ ଟଙ୍କାରୁ ଆରମ୍ଭ କରି ୧୨,୦୦୦ ଟଙ୍କା ପର୍ଯ୍ୟନ୍ତ ବ୍ୟୟ କରିବାକୁ ପଡ଼ିଥିଲା। କେତେକଙ୍କୁ ଟିକେଟ ବାବଦରେ କଳାବଜାରରେ ୨୦,୦୦୦ ଟଙ୍କା ପର୍ଯ୍ୟନ୍ତ ଦେବାକୁ ପଡ଼ିଥିଲା। ମାତ୍ର ମେସିଙ୍କ ସହିତ ସେଲ୍‌ଫି ନେବା ଲାଗି ☞ପୃଷ୍ଠା-୨



କୋଲକାତା ସଲ୍ଟ ଲେକ୍ ଷ୍ଟାଡିୟମରେ ଫୁଟ୍‌ବଲ ତାରକା ଲାୟୋନେଲ ମେସି ପହଞ୍ଚିବା ପରେ ବିଶୃଙ୍ଖଳା ଯୋଗୁ ଦର୍ଶକଙ୍କୁ ପୋଲିସର ଲାଠିମାଡ଼।



ଲାୟୋନେଲ ମେସି

# ନୋବେଲ ବିଜୟିନୀ ନର୍ଗିସଙ୍କୁ ଗିରଫକଲା ଇରାନ


**ଦୁବାଇ,୧୩।୧୨**

୨୦୨୩ର ନୋବେଲ ଶାନ୍ତି ପୁରସ୍କାର ବିଜୟିନୀ ନର୍ଗିସ୍ ମୋହାମ୍ମାଦିଙ୍କୁ ଇରାନ ସୁରକ୍ଷା ବଳ ଗିରଫ କରିଥିବାରୁ ତାଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ନେଇ ଆଶଙ୍କା ପ୍ରକାଶ ପାଇଛି। ୫୩ ବର୍ଷୀୟା ମୋହାମ୍ମାଦି ଗତବର୍ଷ ଡିସେମ୍ବରରେ ସ୍ୱାସ୍ଥ୍ୟଗତ କାରଣରୁ ସାମୟିକ ଭାବେ ଜେଲରୁ ମୁକ୍ତ ହୋଇଥିଲେ। ମଶହଦଠାରେ ଶୁକ୍ରବାର ମାନବାଧିକାର ଆଇନଜୀବୀ ଖୋସ୍ରୋ ଅଲିକୋର୍ଡିଙ୍କ ସ୍ମାରକୀ ଉତ୍ସବରେ ଯୋଗଦେଇଥିବାବେଳେ ମହମ୍ମଦିଙ୍କ ସମେତ ଅନ୍ୟ କେତେଜଣ ଆକ୍ଟିଭିଷ୍ଟଙ୍କୁ ଅଟକ ରଖାଯାଇଥିବା ତାଙ୍କ ଫାଉଣ୍ଡେଶନ ପକ୍ଷରୁ କୁହାଯାଇଛି। ଗତ ସପ୍ତାହରେ ଅଲିକୋର୍ଡିଙ୍କ ମୃତଦେହ ତାଙ୍କ କାର୍ଯ୍ୟାଳୟରୁ ମିଳିଥିଲା। ତେବେ କର୍ତ୍ତୃପକ୍ଷ ତାଙ୍କୁ ତୁରନ୍ତ ଜେଲକୁ ପଠାଇ ଦେଇଛନ୍ତି କି ନାହିଁ, ତାହା ସ୍ପଷ୍ଟ ହୋଇ ନାହିଁ।

ବିଦେଶୀ କଟକଣା, ମୁମୂର୍ଷୁ ଅର୍ଥନୀତି ଏବଂ ଇସ୍ରାଏଲ୍ ସହ ପୁନର୍ବାର ଯୁଦ୍ଧ ଆଶଙ୍କା ମଧ୍ୟରେ ଯୁଝୁଥିବା ଇରାନ ବୁଦ୍ଧିଜୀବୀ ଏବଂ ଅନ୍ୟମାନଙ୍କ ବିରୋଧରେ ଚଢ଼ାଉ ଜାରି ରଖିଛି। ମୋହାମ୍ମାଦିଙ୍କୁ ଗିରଫ ଯୋଗୁ ପାଶ୍ଚାତ୍ୟ ଦେଶଗୁଡ଼ିକରୁ ତେହରାନ ଉପରେ ଚାପ ବଢ଼ିପାରେ। ମହମ୍ମଦିଙ୍କ ଗିରଫଦାରିକୁ ନେଇ ନରୱେର ନୋବେଲ କମିଟି ଗଭୀର ଚିନ୍ତାବ୍ୟକ୍ତ କରିଛି। ମହମ୍ମଦି ଏବେ କେଉଁଠି ଇରାନ କର୍ତ୍ତୃପକ୍ଷ ସ୍ପଷ୍ଟ କରିବା ସହ ତାଙ୍କ ସୁରକ୍ଷା ସୁନିଶ୍ଚିତ କରିବା ଏବଂ ନିଃସର୍ତ୍ତ ମୁକ୍ତ କରିଦେବା ଲାଗି ନୋବେଲ କମିଟି ଆହ୍ୱାନ ଦେଇଛି।



ନର୍ଗିସ୍ ମୋହାମ୍ମାଦି

# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ୭ମ ରାଜ୍ୟସ୍ତରୀୟ ପୁସ୍ତକ ମହୋତ୍ସବ, ସ୍ଥାନ: ପ୍ରଦର୍ଶନୀ ପଡ଼ିଆ, ୟୁନିଟ୍ ୩, ସମୟ: ଅପରାହ୍ନ ୨ଟା।
- ଏସ୍‌ଟି. ଜାଭିୟର୍ ସ୍କୁଲ ପକ୍ଷରୁ ୨୨ତମ ବାର୍ଷିକ ଉତ୍ସବ ପାଳନ, ସ୍ଥାନ: ଏକ୍ରାମ ହାଟ, ସମୟ: ଅପରାହ୍ନ ୪ଟା।

## କଟକ

- ମଧୁବାରିଷ୍ଟର ଆଇନଜୀବୀ ସଂଘ, କଟକ ଆନୁକୂଲ୍ୟରେ ଆନ୍ତଃ ଜିଲା ଆଇନଜୀବୀ କ୍ରିକେଟ ପ୍ରତିଯୋଗିତା ଫାଇନାଲ ମ୍ୟାଚ୍, ସ୍ଥାନ: ନରଣପୁର ଖେଳ ପଡ଼ିଆ, ତ୍ରିଶୁଳିଆ, ସମୟ: ସକାଳ ୯ଟା ୩୦।
- ହାଇକୋର୍ଟ ବାର୍ ଆସୋସିଏଶନ୍ ପକ୍ଷରୁ ସିମ୍ପୋସିୟମ, ସ୍ଥାନ: ଶହୀଦ ଭବନ, ସମୟ: ପୂର୍ବାହ୍ନ ୧୦ଟା।
- ମୋ କଟକ ସୁରକ୍ଷା ମଞ୍ଚର ୬ଷ୍ଠ ସ୍ୱନକ୍ଷତ୍ର ଉତ୍ସବ, ସ୍ଥାନ: ନୌବାଣିଜ୍ୟ ସଂଗ୍ରହାଳୟ, ସମୟ: ପୂର୍ବାହ୍ନ ୧୦ଟା।
- କଟକ ସତ୍‌ସଙ୍ଗ ବିହାର ପ୍ରତିଷ୍ଠାର ସୁବର୍ଣ୍ଣ ଜୟନ୍ତୀ ତଥା ଜିଲାସ୍ତରୀୟ ସତସଙ୍ଗ ସମାରୋହ, ସ୍ଥାନ: ବାଲିଯାତ୍ରା ପଡ଼ିଆ, ସମୟ: ପୂର୍ବାହ୍ନ ୧୦ଟା।
- ଓଡ଼ିଶା ମାଷ୍ଟର୍ସ ବିଡବ୍ଲ୍ୟୁଏଫ୍ ଟୁର୍ ସୁପର ୧୦୦ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତା ଉଦ୍‌ଯାପନୀ ସମାରୋହ, ସ୍ଥାନ: ଜବାହରଲାଲ ନେହରୁ ଇନ୍‌ଡୋର ଷ୍ଟାଡିୟମ, ସମୟ: ମଧ୍ୟାହ୍ନ ୧ଟା।
- ଓଡ଼ିଶା କବାଡ଼ି ଆସୋସିଏଶନ ପକ୍ଷରୁ ୟୁଥ୍ ଏସିଆନ୍ କବାଡି ଚାମ୍ପିୟନ୍‌ଶିପ୍‌ର ସ୍ୱର୍ଣ୍ଣପଦକ ବିଜେତାଙ୍କୁ ସମ୍ବର୍ଦ୍ଧନା, କବାଡି କମ୍ପ୍ଲେକ୍ସ, ବାରବାଟୀ ଷ୍ଟାଡିୟମ, ସମୟ: ମଧ୍ୟାହ୍ନ ୧ଟା।
- ଡିଏଭି ପବ୍ଲିକ ସ୍କୁଲ୍‌ର ବାର୍ଷିକ ଉତ୍ସବ-'ଲାମହେ' ଦ୍ୱିତୀୟ ଦିବସ, ସ୍ଥାନ: ସ୍କୁଲ ପରିସର, ସିଡିଏ ସେକ୍ଟର-୬, ସମୟ: ଅପରାହ୍ନ ୪ଟା ୩୦।

## ପୁରୀ

- ନୟାସବେରା ନିମାପଡ଼ା ୟୁଥ୍ ଟ୍ରଷ୍ଟର ଷଷ୍ଠ ବାର୍ଷିକ ମହୋତ୍ସବ ଓ ସ୍ୱେଚ୍ଛାସେବୀ ସମ୍ମାନ ସମାରୋହ, ସ୍ଥାନ: ପୁରୁଣା ବସଷ୍ଟାଣ୍ଡ ଗଜଲକ୍ଷ୍ମୀମଣ୍ଡପ, ସମୟ: ଅପରାହ୍ନ ୫ଟା।
- ନିମାପଡ଼ା ବନମାଳୀ ବ୍ରହ୍ମଚାରୀ ତିନ୍ୟାସ ଅନୁଷ୍ଠାନ ପକ୍ଷରୁ ପ୍ରତିଭା ଅନ୍ୱେଷଣ-୨୦୨୫ କାର୍ଯ୍ୟକ୍ରମ, ସ୍ଥାନ: ନିମାପଡ଼ା ଟାଉନ୍ ହଲ୍, ସମୟ: ଅପରାହ୍ନ ୨ଟା।

## ବାଲେଶ୍ୱର

- ବ୍ଲକସ୍ତରୀୟ ମେଧା ପ୍ରତିଯୋଗିତା, ସ୍ଥାନ: ଖଇରା ମହାବିଦ୍ୟାଳୟ, ଖଇରା, ସମୟ: ସକାଳ ୮ଟା।
- ରକ୍ତଦାନ ଶିବିର, ସ୍ଥାନ: ରାଜବାଟୀ ଛକ, ବାଲେଶ୍ୱର, ସମୟ: ସକାଳ ୯ଟା।
- ଅର୍ବାନ କୋ-ଅପରେଟିଭ୍ ବ୍ୟାଙ୍କର ବାର୍ଷିକ ସାଧାରଣ ସଭା, ସ୍ଥାନ: ବ୍ରିଟ୍ କଲ୍ୟାଣମଣ୍ଡପ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା, ସ୍ଥାନ: ଚକବାରାହାପୁର ଖେଳପଡିଆ, ସୋର, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାସ୍ତରୀୟ ଯୁବ ନେତୃତ୍ୱ ବିକାଶ କାର୍ଯ୍ୟକ୍ରମ, ସ୍ଥାନ: ସୁବର୍ଣ୍ଣରେଖା ମହାବିଦ୍ୟାଳୟ, ବାଲିଆପାଳ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ସିଦ୍ଧି ବିନାୟକ ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ, ସ୍ଥାନ: ବିଦ୍ୟାଳୟ ପରିସର, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୧ଟା।
- ବାଲେଶ୍ୱର ଉତ୍ସବର ତୃତୀୟ ସନ୍ଧ୍ୟା, ସ୍ଥାନ: ପୁରୁଣା ଷ୍ଟାଡିୟମ୍ ପଡ଼ିଆ, ବାଲେଶ୍ୱର, ସମୟ: ସନ୍ଧ୍ୟା ୬ଟା।

## ଭଦ୍ରକ

- ସାଂସଦ ଖେଳ ମହୋତ୍ସବର ଉଦ୍‌ଯାପନୀ, ସ୍ଥାନ: ଆଦମପୁର ମିନି ଷ୍ଟାଡିୟମ୍, ଭଣ୍ଡାରିପୋଖରୀ, ସମୟ: ଅପରାହ୍ନ ୩ଟା।

## କେନ୍ଦୁଝର

- ଠାକୁର ଅନୁକୁଳଚନ୍ଦ୍ରଙ୍କ ଆବିର୍ଭାବ ଦିବସ, ସ୍ଥାନ : ବଡ଼ବିଲ, ସମୟ: ସକାଳ ୮ଟା।
- ଆନନ୍ଦପୁର ପ୍ରେସ୍‌କ୍ଲବ ପକ୍ଷରୁ ଆନନ୍ଦପୁର ବାଣିଜ୍ୟ ମହୋତ୍ସବ, ସ୍ଥାନ: ଆନନ୍ଦପୁର ଷ୍ଟାଡିୟମ, ସମୟ: ପୂର୍ବାହ୍ନ ୧୦ଟା।
- ଏକ ଦିବସୀୟ କ୍ରିକେଟ୍ ମ୍ୟାଚ, ସ୍ଥାନ: କୁଶର୍ଚିକିରି, ହାଟଡ଼ିହୀ, ସମୟ: ପୂର୍ବାହ୍ନ ୧୦ ଟା।
- ବାର୍ଷିକ କ୍ରୀଡ଼ା ଉତ୍ସବ, ସ୍ଥାନ: ଚଣ୍ଡୀବିରଞ୍ଚିପୁର, ହାଟଡ଼ିହୀ, ସମୟ: ପୂର୍ବାହ୍ନ ୧୧ ଟା।
- ସ୍ମୃତିସଭା ଏବଂ ଭଜନ ସମ୍ମିଳନୀ, ସ୍ଥାନ: ଜଳକଳଙ୍ଗ, ହାଟଡ଼ିହୀ, ସମୟ: ଅପରାହ୍ନ ୫ ଟା।

## ମୟୂରଭଞ୍ଜ

- ବାଣୀପୀଠ ଦ୍ୱାରା ରାଜ୍ୟସ୍ତରୀୟ କବି, ଲେଖକ ଓ କଳାକାର ସମ୍ମିଳନୀ, ସ୍ଥାନ: ବଡ଼ସାହି: ସକାଳ ୯ଟା।
- ସର୍ବଭାରତୀୟ ଟି-୨୦ ଫାଇନାଲ ମ୍ୟାଚ୍, ସ୍ଥାନ: ପ୍ରଫୁଲ୍ଲନଗର ଲେଟକଟ ପଡ଼ିଆ, ବାରିପଦା, ସମୟ: ପୂର୍ବାହ୍ନ ୧୦ଟା।
- ଜାତୀୟସ୍ତରୀୟ ମହାରାଜା ସେଭେନ୍ସ ରଗ୍‌ବୀ ଟୁର୍ନାମେଣ୍ଟ, ସ୍ଥାନ: ଆଥ୍‌ଲେଟିକ ଆସୋସିଏଶନ ଷ୍ଟାଡିୟମ୍, ବାରିପଦା, ସମୟ: ପୂର୍ବାହ୍ନ ୧୦ଟା।
- ପ୍ରାଥମିକ ଶିକ୍ଷକ ସଂଘ ତରଫରୁ ବାର୍ଷିକ ବନ୍ଧୁମିଳନ ଉତ୍ସବ ବନ୍ଧନ-୨୦୨୫, ସ୍ଥାନ: ବଡ଼ସାହି, ସମୟ: ପୂର୍ବାହ୍ନ ୧୧ ଟା।
- ଉପମୁଖ୍ୟମନ୍ତ୍ରୀ କେ.ଭି. ସିଂଦେଓଙ୍କ ମୟୂରଭଞ୍ଜ ଜିଲା ଗସ୍ତ, ସ୍ଥାନ: ବାରିପଦା ଷ୍ଟାଡିୟମ୍, ସମୟ: ଅପରାହ୍ନ ୩ଟା।

## ବ୍ରହ୍ମପୁର

- ବିଭିନ୍ନ ପ୍ରକଳ୍ପର ଭିତ୍ତିପ୍ରସ୍ତର ଓ ଶୁଭ ଉଦ୍‌ଘାଟନ, ସ୍ଥାନ: ଗୋଷାଇଁ ନୂଆଗାଁ, ସମୟ: ପୂର୍ବାହ୍ନ ୧୦ ଟା ୩୦।
- ପଞ୍ଚଦଶ ଶିଶୁ କିଶୋର ନାଟ୍ୟସୋବ, ସ୍ଥାନ: ଗୋପାଳ କୃଷ୍ଣ ରଙ୍ଗମଞ୍ଚ, ସମୟ: ଅପରାହ୍ନ ୫ଟା।

## ଗଞ୍ଜାମ

- ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ସ୍ଥାନ: ବୁଗୁଡ଼ା ସ୍ୱରସତୀ ଶିଶୁ ବିଦ୍ୟାମନ୍ଦିର, ସମୟ: ପୂର୍ବାହ୍ନ ୧୦ ଟା ୧୫ ।

## ଢେଙ୍କାନାଳ

- ବଜରଙ୍ଗ କ୍ଲବ ପକ୍ଷରୁ ଆଦର୍ଶ ରକ୍ତଦାନ ଶିବିର, ସ୍ଥାନ- ଢେଙ୍କାନାଳ ଗୋପବନ୍ଧୁ ଟାଉନହଲ୍, ସମୟ: ସକାଳ ୮ଟା।
- ଡିପିଏସ୍‌ର ବାର୍ଷିକ କ୍ରୀଡ଼ା ଉଦ୍‌ଯାପନ ଦିବସ, ସ୍ଥାନ: ଡିପିଏସ୍ ସ୍କୁଲ ପରିସର, ସମୟ: ସକାଳ ୯ଟା।
- ୫ମ ମହାକାଳେଶ୍ୱର ମହୋତ୍ସବ ଉଦ୍‌ଘାଟନ, ସ୍ଥାନ: ଆର୍ଟ ଆଣ୍ଡ୍ କ୍ରାଫ୍ଟ ସେଂଟର, ଢେଙ୍କାନାଳ, ସମୟ: ସକାଳ ୯ଟା।
- ସାଂସଦ ଆଦର୍ଶ ଖେଳ ଅଭିଯାନ, ସ୍ଥାନ: ଓଏସ୍‌ଏପି ପ୍ରଥମ ବାଟାଲିୟନ, ସରଖିଆ, ଢେଙ୍କାନାଳ, ସମୟ: ଅପରାହ୍ନ ୨ଟା।

## ଜଗତ୍‌ସିଂହପୁର

- ଦିବଙ୍ଗତ ରାଜନେତା ଡା.ଦାମୋଦର ରାଉତଙ୍କ ୮୪ ତମ ଜନ୍ମ ଜୟନ୍ତୀ, ସ୍ଥାନ: ବିଜୁ ପଟ୍ଟନାୟକ ମେମୋରିଆଲ ଟ୍ରଷ୍ଟ ପରିସର, ନୁଆବଜାର, ପାରାଦୀପ, ସମୟ: ପୂର୍ବାହ୍ନ ୧୧ଟା।

## କେନ୍ଦ୍ରାପଡ଼ା

- କେନ୍ଦ୍ରାପଡା ସାଇକେଲ କ୍ଲବ ପକ୍ଷରୁ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ:ପୁରୁଣା ବସ୍‌ଷ୍ଟାଣ୍ଡ, ସମୟ: ସକାଳ ୬ଟା ।
- ରକ୍ତଦାନ ଶିବିର, ସ୍ଥାନ: ତୁଳସୀ ସଂସ୍କୃତ ମହାବିଦ୍ୟାଳୟ, ନରେନ୍ଦ୍ରପୁର, ନେମ୍ପରା, ମାର୍ଶାଘାଇ, ସମୟ:ସକାଳ ୮ଟା ।
- ବସ୍ତିରୁ ଶିକ୍ଷାକ୍ରାନ୍ତି ଅଭିଯାନର ବାର୍ଷିକ ଉତ୍ସବ, ସ୍ଥାନ:କଜଳା ପଡିଆ, କେନ୍ଦ୍ରାପଡା ସହର, ସମୟ: ସକାଳ ୯ଟା ।

## ଯାଜପୁର

- କୋରେଇ ଉନ୍ନୟନ ପରିଷଦର ବାର୍ଷିକ ଉତ୍ସବ ୨୦୨୫, ସ୍ଥାନ: ପାଦୁକା ଆଶ୍ରମ, ଫେରୋକ୍ରୋମ ପ୍ଲାଣ୍ଟ ଛକ, ଯାଜପୁରରୋଡ୍, ସମୟ: ସକାଳ ୯ଟା।

## ନୟାଗଡ଼

- ଘୋଡଲାଗି ପର୍ବର ୧୮ତମ ଦିବସ, ସ୍ଥାନ: କଣ୍ଟିଲୋ ନୀଳମାଧବ ମନ୍ଦିର, ସମୟ: ସକାଳ ୭ ଟା ।
- ଘୋଡଲାଗି ପର୍ବର ୧୮ତମ ଦିବସ, ସ୍ଥାନ: ଖଣ୍ଡପଡା ଜଗନ୍ନାଥ ମନ୍ଦିର ; ନୟାଗଡ ଜଗନ୍ନାଥ ମନ୍ଦିର, ସମୟ: ସକାଳ ୭ଟା ୩୦।
- ମା' ବରୁଣେଇ କ୍ରିକେଟ ଟୁର୍ନାମେଣ୍ଟର ଦଶମ ଦିବସରେ ୨ୟ କ୍ୱାର୍ଟର ଫାଇନାଲ ମ୍ୟାଚରେ ବରୁଣେଇ ଏକ ବନାମ ବଡବାଣପୁର, ସ୍ଥାନ: କଣ୍ଟିଲୋ ମିନି ଷ୍ଟାଡିୟମ, ସମୟ: ପୂର୍ବାହ୍ନ ୧୦ଟା।

## ରାୟଗଡ଼ା

- ଜିଆଇଇଟି ବିଶ୍ୱବିଦ୍ୟାଳୟର ଦ୍ୱିତୀୟ ସମାବର୍ତ୍ତନ ସମାରୋହ, ସ୍ଥାନ: ଗୁଣପୁର ଜିଆଇଇଟି ବିଶ୍ୱବିଦ୍ୟାଳୟ, ସମୟ: ସକାଳ ୯ଟା।
- ରାୟଗଡ଼ା ସାହିତ୍ୟ ମହୋତ୍ସବ, ସ୍ଥାନ: ରାୟଗଡ଼ା ୟୁଜିଏମ୍‌ଆଇଟି ସମ୍ମିଳନୀ ପ୍ରକୋଷ୍ଠ, ସମୟ: ପୂର୍ବାହ୍ନ ୧୦ଟା।
- ମୁନିଗୁଡା କ୍ରିକେଟ ଲିଗ୍ ସିଜନ-୧ ଉଦ୍‌ଯାପନୀ, ସ୍ଥାନ: ଭୈରବୀ ମଣ୍ଡିର ନିକଟସ୍ଥ ଖେଳ ପଡ଼ିଆ, ସମୟ: ପୂର୍ବାହ୍ନ ୧୦ଟା ୩୦।

## ନବରଙ୍ଗପୁର

- ଜିଲାସ୍ତରୀୟ ଲୋକ ମହୋତ୍ସବ ମଣ୍ଡେଇ ୨୦୨୫ ଉଦ୍‌ଯାପିତ, ସ୍ଥାନ: ନବରଙ୍ଗପୁର, ସମୟ: ସନ୍ଧ୍ୟା ୭ଟା।

## କୋରାପୁଟ

- ପରବ ଉପଲକ୍ଷେ ବିଏସ୍‌ଏଫ ପକ୍ଷରୁ ମାରାଥନ, ସ୍ଥାନ: ପୋଲିସ ପଡ଼ିଆ, କୋରାପୁଟ, ସମୟ: ସକାଳ ୬ଟା।
- ରାହାଗିରି କାର୍ଯ୍ୟକ୍ରମ, ସ୍ଥାନ: ସର୍ଦ୍ଦାର ବଲ୍ଲଭଭାଇ ପଟେଲ ମାର୍ଗ, ଜୟପୁର, ସମୟ: ସକାଳ ୭ଟା।
- ପରବ ନେଇ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ପ୍ରତିଯୋଗିତା, ସ୍ଥାନ: ସ୍ପୋର୍ଟ୍ସ କମ୍ପ୍ଲେକ୍ସ, କୋରାପୁଟ, ସମୟ: ସକାଳ ୯ଟା।
- ବିଜେଡି କର୍ମୀ ସମ୍ମିଳନୀ, ସ୍ଥାନ: ଥୁବା ପଞ୍ଚାୟତ ବାବୁଲଗୁଡ଼ା,ନନ୍ଦପୁର ବ୍ଲକ୍, ସମୟ: ପୂର୍ବାହ୍ନ ୧୦ଟା।
- ଓଡ଼ିଶା ଅମଲା ସଂଘ କୋରାପୁଟ ଜିଲା ଶାଖାର ନିର୍ବାଚନ, ଶପଥ ପାଠ, ସ୍ଥାନ: ଯାଦବ ଭବନ, ଜୟପୁର, ସମୟ: ପୂର୍ବାହ୍ନ ୧୧ଟା।
- ତରୁଣ ପ୍ରଜ୍ଞା ଭାରତୀର ବାର୍ଷିକ ଉତ୍ସବ, ସ୍ଥାନ: ଜୟନଗର ସଙ୍ଗମ କଲ୍ୟାଣ ମଣ୍ଡପ, ଜୟପୁର, ସମୟ: ଅପରାହ୍ନ ୫ଟା।
- ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ରୌପ୍ୟ ଜୟନ୍ତୀ, ସ୍ଥାନ: ଘୋଡା ସାଳ ପଡିଆ, ରାଜୁ ସାହି,ଜୟପୁର, ସମୟ: ଅପରାହ୍ନ ୫ଟା ୩୦।

## ମାଲକାନଗିରି

- ଆନ୍ତଃ ବ୍ଲକସ୍ତରୀୟ ଟିଚର ପ୍ରିମିୟର ଲିଗ୍, ସ୍ଥାନ: ଖଇରପୁଟ ଖେଳପଡ଼ିଆ, ସମୟ: ପୂବାହ୍ନ ୧୦ଟା।

## ସମ୍ବଲପୁର

- ପଶ୍ଚିମ ଓଡିଶା ଦିବ୍ୟ ଜୀବନ ସଂଘର ତ୍ରିଦିବସୀୟ ଆଧ୍ୟାତ୍ମିକ ସମ୍ମିଳନୀ, ସ୍ଥାନ: ଅମୃତ ବିହାର ପରିସରସ୍ଥ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ପ୍ରେକ୍ଷାଳୟ, ସମୟ : ସକାଳ ୮ଟା ୩୦ ।
- ସମ୍ବଲପୁରୀ କ୍ୟାଲେଣ୍ଡର ଉନ୍ମୋଚନ ଉତ୍ସବ, ସ୍ଥାନ : ଦାନିପାଲି ରଣେଶ୍ୱର ରାମଚଣ୍ଡି ପୀଠ, ସମୟ : ସକାଳ ୯ଟା ।
- କୁଲତା ସମାଜର ବାର୍ଷିକୀ ବନ୍ଧୁ ମିଳନର ପ୍ରସ୍ତୁତି ବୈଠକ, ସ୍ଥାନ : ରଣେଶ୍ୱର ରାମଚଣ୍ଡୀ ପୀଠ, ସମୟ : ପୂର୍ବାହ୍ନ ୧୦ଟା ୩୦ ।
- ଭାଗବତ ନନ୍ଦ ସ୍ମୃତି କମିଟି ଆୟୋଜନରେ ଭାଗବତଙ୍କୁ ଭାବାର୍ପଣ କାର୍ଯ୍ୟକ୍ରମ, ସ୍ଥାନ : ଓଡ଼ିଶା ସାଂସ୍କୃତିକ ସମାଜ ଭବନ, ସମୟ : ପୂର୍ବାହ୍ନ ୧୦ଟା୩୦ ।
- ସମ୍ବଲପୁରୀ ଧନୁଯାତ୍ରାର ପ୍ରସ୍ତୁତି ବୈଠକ, ସ୍ଥାନ: ସାମ୍ବାଦିକ ଭବନ, ସମୟ: ପୂର୍ବାହ୍ନ ୧୧ଟା।
- ବ୍ଲୁଡାଇମଣ୍ଡ କ୍ଲବ ପକ୍ଷରୁ ଜିଲା ସ୍ତରୀୟ ଜୁନିୟର ଟି-୨୦ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପନୀ ସମାରୋହ, ସ୍ଥାନ : ହାୱା ମଇଦାନ, ସମୟ : ଅପରାହ୍ନ ୧ଟା ।
- ବ୍ରଜ ମହୋତ୍ସବ -୨୦୨୫, ସ୍ଥାନ : ସାକ୍ଷୀପଡା ସ୍ଥିତ ଲତା ଘନଶ୍ୟାମ ମଣ୍ଡପ, ସମୟ : ଅପରାହ୍ନ ୨ଟା ।
- ପାଣିନି ପ୍ରାଜ୍ଞ ପ୍ରଡକ୍ସନ ପକ୍ଷରୁ ରିଲସ କୁଇନ ପୁରସ୍କାର ବିତରଣ ଉତ୍ସବ, ସ୍ଥାନ : ଓଡ଼ିଶା ସାଂସ୍କୃତିକ ସମାଜ ଭବନ, ସମୟ : ଅପରାହ୍ନ ୫ଟା ।

## ବଲାଙ୍ଗୀର

- ଲୋଇସିଂହା ସୈନିକ କ୍ଲବ ଓ ସଂକଳ୍ପ ପରିବାର ପକ୍ଷରୁ ରକ୍ତଦାନ ଶିବିର, ସ୍ଥାନ ଅଗ୍ରେସନ,ଲୋଇସିଂହା, ସମୟ: ପୂର୍ବାହ୍ନ ୧୦ଟା।

## ରାଉରକେଲା

- ଆଇସିଏସ୍‌ସି ବୋର୍ଡ ଶିକ୍ଷକମାନଙ୍କ ତାଲିମ କାର୍ଯ୍ୟକ୍ରମ, ସ୍ଥାନ: ହୋଟେଲ ପାହାଡ଼ି, ସମୟ: ସକାଳ ୮ଟା ୩୦।
- ବ୍ୟାସେକ୍ଷତ୍ର ବ୍ରାହ୍ମଣ ସମାଜର ସମାବେଶ, ସ୍ଥାନ: ଝିରପାଣି ଶ୍ରୀ ଜଗନ୍ନାଥ ମନ୍ଦିର, ସମୟ: ସକାଳ ୯ଟା।
- ଇସ୍ପାତ ସାହିତ୍ୟ ସଂସଦ ପକ୍ଷରୁ ପୁସ୍ତକ ଲୋକାର୍ପଣ ଉତ୍ସବ, ସ୍ଥାନ: ସେକ୍ଟର-୭, ଇସ୍ପାତ ସାହିତ୍ୟ ସଂସଦ, ସମୟ: ପୂର୍ବାହ୍ନ ୧୦ଟା।
- ଜାତୀୟସ୍ତରୀୟ ନୃତ୍ୟ ପ୍ରତିଯୋଗିତା ନେଇ ଖବରଦାତା ସମ୍ମିଳନୀ, ସ୍ଥାନ: କୋଏଲ ନଗର, ସମୟ: ପୂର୍ବାହ୍ନ ୧୦ଟା ୩୦ମିନିଟ୍।
- ଶୀତ ଆସର ଆଲୋଚନାଚକ୍ର, ସ୍ଥାନ: ଫର୍ଟିଲାଇଜର, ସମୟ: ଅପରାହ୍ନ ୩ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ସମ୍ମୁଖରେ ଭଲ କହୁଥିବା ଲୋକଟି ପଛରେ ବିଭିନ୍ନ କଥା କହୁଥିବାର ଶୁଣିବାକୁ ପାଇବେ। ଯେଉଁଥିପାଇଁ ଚିନ୍ତିତ ରହିଥିଲେ, ଆଜି ତାହା ପଡ଼ୋଶୀଙ୍କ ମାଧ୍ୟମରେ ପାଇପାରିବେ। ପ୍ରଶାସନ, ପରିବହନ ଓ ବିବାଦୀୟ କ୍ଷେତ୍ରରେ ସମାଧାନ ପାଇଁ ଚେଷ୍ଟାକଲେ ଉପକୃତ ହେବେ। ଲକ୍ଷ୍ୟସ୍ଥଳକୁ ଯିବା ରାସ୍ତାରେ ମିତ୍ରତା ସ୍ଥାପନ ସୁଯୋଗ ପାଇବେ।

**ବୃଷ** ସହକର୍ମୀଙ୍କ ସହାନୁଭୂତି ଯୋଗୁ କର୍ମକ୍ଷେତ୍ରରେ ସ୍ଥଗିତ କାର୍ଯ୍ୟ ତ୍ୱରାନ୍ୱିତ ହୋଇପାରିବ। ଆପଣଙ୍କ ବ୍ୟସ୍ତତାକୁ ହୃଦୟଙ୍ଗମ କରି ପଡ଼ୋଶୀ ସହଯୋଗର ହାତ ବଢ଼ାଇପାରନ୍ତି। କାର୍ଯ୍ୟବ୍ୟସ୍ତ ଯୋଗୁ କେତେକ ଘରୋଇ କାମ ଠିକ୍ ସମୟରେ କରିପାରିବେ ନାହିଁ। ପୂର୍ବ କଳହକୁ କେନ୍ଦ୍ର କରି ଅଭାବ ନ ଥାଇ ମଧ୍ୟ ମନଟା ଭଲ ଲାଗିବ ନାହିଁ।

**ମିଥୁନ** ଆଜି ଆଶା ପୂରଣ ହେବାରେ ପ୍ରତିବନ୍ଧକର ସମ୍ମୁଖୀନ ହେବାକୁ ପଡ଼ିବ। ନିଜ ସଂସ୍ପର୍ଶରେ ଆସୁଥିବା କୌଣସି ବ୍ୟକ୍ତିଙ୍କୁ ଅପ୍ରିୟ ସତ୍ୟ କହି ତିକ୍ତତା ସୃଷ୍ଟି କରିପାରନ୍ତି। ରାଜନୀତି, ସଙ୍ଗଠନ, ସଭାସମିତି ଓ ଆନୁଷ୍ଠାନିକ କ୍ଷେତ୍ରରେ ନୂତନ କାମ ଆରମ୍ଭ କରି ପ୍ରଶଂସିତ ହେବେ। ସ୍ତ୍ରୀଙ୍କ ସୌହାର୍ଦ୍ଦ୍ୟରୁ ପାରିବାରିକ ଜୀବନ ସୁଖ ସନ୍ତୋଷରେ କଟିବ।

**କର୍କଟ** କାର୍ଯ୍ୟହାନି କାରଣରୁ ମାନସିକ ଅସ୍ଥିରତା ମଧ୍ୟରେ ସମୟ ଅତିବାହିତ କରାଇବେ। ସଭାସମିତିରେ ଜଣେ ପ୍ରତିଷ୍ଠାବାନ୍ ବ୍ୟକ୍ତିଙ୍କ ସାନ୍ନିଧ୍ୟ ଲାଭ କରି ଆତ୍ମବିଭୋର ହୋଇପାରନ୍ତି। ମାଲିମକଦ୍ଦମା, ବାଣିଜ୍ୟ, ବ୍ୟବସାୟ ଓ ପରିବହନ କ୍ଷେତ୍ରରେ ବିଦ୍ରୋହ ଉପୁଜିପାରେ। କ୍ରୀଡ଼ା, ସଙ୍ଗୀତ ଓ ଚଳଚ୍ଚିତ୍ର ତଥା ପ୍ରତିଯୋଗିତାରେ ସଫଳତା ଅର୍ଜନ କରିବେ।

**ସିଂହ** ବିଭିନ୍ନ ଯୋଜନା ସକାଶେ ଚିନ୍ତାକଲେ ମଧ୍ୟ ପ୍ରତିକୂଳ ପାରିପାର୍ଶ୍ୱିକ ସ୍ଥିତି ତାହା କରାଇଦେଇ ନ ପାରେ। ଋଣ ପରିଶୋଧ କରିବାର ରାସ୍ତା ଖୋଜି ପାଇପାରିବେ ନାହିଁ। ବନ୍ଧୁଙ୍କ କଥାରେ ପ୍ରଭାବିତ ହୋଇ କୌଣସି କାମ କରିବା ଦ୍ୱାରା ଓଲଟାଫଳ ପାଇବେ। କ୍ରୀଡ଼ା, କଳା, ସାହିତ୍ୟ ଓ ସଙ୍ଗୀତ କ୍ଷେତ୍ରରେ ସୁନାମ ଅର୍ଜନ କରିପାରନ୍ତି।

**କନ୍ୟା** ମଙ୍ଗଳ ଷଷ୍ଠସ୍ଥ ହେତୁ ଭ୍ରାତୃ ବିବାଦ କିମ୍ବା ଜମିଜମା ବିବାଦର ଆଶଙ୍କା ଦେଖାଦେବ। ଆଜି କିଛି ପାଇବାର ଆଶା ରଖିଲେ କିଛି ଦେବାକୁ ଚେଷ୍ଟା କରନ୍ତୁ। ଜମା ପଡୁନଥିବା ବନ୍ଧୁ କିମ୍ବା ଶତ୍ରୁତା କରୁଥିବା ଲୋକଟି ମନକୁ ବାଧିଲା ଭଳି କଥା କହିପାରେ। ବ୍ୟବସାୟ କ୍ଷେତ୍ରରେ ଅଧିକ କିଛି ଆଶା ମନରେ ଦୁଃଖ ଦେଇପାରେ।

**ତୁଳା** ସାମାନ୍ୟ ପ୍ରତିବନ୍ଧକ ମଧ୍ୟରେ ଈପ୍ସିତ ବସ୍ତୁ କିମ୍ବା ବନ୍ଧୁଙ୍କ ନିକଟରୁ ଅର୍ଥପ୍ରାପ୍ତି ହେବ। ବିଭିନ୍ନ ଚିନ୍ତା ଓ କଳ୍ପନା କରି ଆଜିର ସମୟ କଟାଇପାରନ୍ତି। ସାହାଯ୍ୟ କରିବାକୁ ପ୍ରତିଶ୍ରୁତି ଦେଇଥିବା ବନ୍ଧୁଙ୍କୁ ହଁ କରିପାରିବେନି କିମ୍ବା ନାହିଁ ମଧ୍ୟ କରିପାରିବେନି। ଫେରି ଯାଉଥିବା ବନ୍ଧୁଟି ବାଟରୁ ଲେଉଟି ଆସିବା ଫଳରେ ଅସନ୍ତୋଷ ଓ ବ୍ୟସ୍ତତା ବଢ଼ିଯାଇପାରେ।

**ବିଛା** ଆଜି ଜଣେ ବନ୍ଧୁଙ୍କ ସାହାଯ୍ୟରୁ ଆଶା କରିଥିବା ଜିନିଷଟି ପାଇପାରିବେ। ଆକସ୍ମିକ ପରିବହନ, ଶିଳ୍ପ ଓ ବାଣିଜ୍ୟରେ ପ୍ରତିବନ୍ଧକ ଦୂରେଇବା ପ୍ରଯତ୍ନ କରିବେ। ନିଜ ପରିବାରର ସଦସ୍ୟଙ୍କଠାରୁ କିମ୍ବା ସହକର୍ମୀଙ୍କ ତରଫରୁ ସମସ୍ୟା ଆସିପାରେ। ଘରୋଇ ବ୍ୟାପାରରେ ପଡ଼ୋଶୀଙ୍କ ଗୁଜବ ମାନସିକ ସ୍ଥିତିକୁ ଦୋହଲାଇ ଦେବ।

**ଧନୁ** ଶାରୀରିକ ସୁସ୍ଥତା ବ୍ୟାହତ ହେବା କାରଣରୁ କାମଗୁଡ଼ିକ ଅଟକି ରହିଯାଇପାରେ। ପିଲାଙ୍କ ଶିକ୍ଷା ଓ ଅନ୍ୟାନ୍ୟ କୃତିତ୍ୱର ସଫଳତାରେ ଆନନ୍ଦ ଅନୁଭବ କରିବେ। ବାଟରେ ଯିବା ସମୟରେ ଯାନ୍ତ୍ରିକ ତ୍ରୁଟି ଅସୁବିଧାରେ ପକାଇପାରେ। କୌଣସି ଅସୁବିଧା ନ ହେଲେ ମଧ୍ୟ ପୂର୍ବର ବିବାଦୀୟ ସ୍ଥିତିକୁ କେନ୍ଦ୍ରକରି ମନ ଅସ୍ଥିର ରହିବ।

**ମକର** ଦୀର୍ଘଦିନାନ୍ତେ ପ୍ରିୟବନ୍ଧୁଙ୍କର ସାନ୍ନିଧ୍ୟ ଲାଭ କରି ଏକପ୍ରକାର ଆନନ୍ଦ ଅନୁଭବ କରିବେ। କର୍ମକ୍ଷେତ୍ରରେ ଉପରିସ୍ଥ ଅଧିକାରୀମାନେ କାମ ହାସଲ ସକାଶେ ଆପଣଙ୍କ ସହଯୋଗ ଲୋଡ଼ିପାରନ୍ତି। ଶିଳ୍ପ, ବାଣିଜ୍ୟ, ପରିବହନ, ନିର୍ମାଣ, ସଭାସମିତିରୁ ସୁଫଳ ପାଇବେ। ଅସାବଧାନତା ହେତୁ ଦ୍ରବ୍ୟ ନଷ୍ଟ କିମ୍ବା ଧନ ହାନି ଘଟିପାରେ।

**କୁମ୍ଭ** ନିଜ ଲୋକଙ୍କ ପରୋକ୍ଷ ବିରୋଧାଚରଣ ବେଶି ବାଧିବ। ଧନହାନି ସାଙ୍ଗକୁ ପରିବହନରେ କଳହର ସୂତ୍ରପାତ ଘଟିପାରେ। ପାରିବାରିକ ସମସ୍ୟା ସମାଧାନ ସକାଶେ ବନ୍ଧୁଙ୍କ ସାହାଯ୍ୟ ଲୋଡ଼ିପାରନ୍ତି। ସାହିତ୍ୟ, ସାମ୍ବାଦିକତା, କଳା, କ୍ରୀଡ଼ା, ସଙ୍ଗୀତ, ଚଳଚ୍ଚିତ୍ର ତଥା ରାଜନୀତି କ୍ଷେତ୍ରରେ ସମସ୍ୟା ସମାଧାନ ହୋଇଯିବ।

**ମୀନ** ନିଜ ପାଇଁ କୌଣସି ଅସୁବିଧା ନ ଥିଲେ ମଧ୍ୟ ପିଲାଙ୍କ ସ୍ୱାସ୍ଥ୍ୟହାନି କାରଣରୁ ମନ ଅସ୍ଥିର ରହିବ। କର୍ମକ୍ଷେତ୍ରରେ ପରିସ୍ଥିତିକୁ ଯେତେଟା ଜଟିଳ ମନେକରୁଛନ୍ତି ବାସ୍ତବରେ ସେପରି କିଛି ହେବନି। ଧାର, କରଜ କରି ଆବଶ୍ୟକତାକୁ ଚଳାଇ ନେବାକୁ ବାଧ ହେବେ। ଯାତ୍ରା ସମୟରେ ଅନ୍ୟମନସ୍କ ହେତୁକ ଭୁଲ୍ କାମ କରିବେ।

ଆଜି ଡିସେମ୍ବର ୧୪ ତାରିଖ, ଜାତୀୟ ଶକ୍ତି ସଂରକ୍ଷଣ ଦିବସ, ପୌଷ କୃଷ୍ଣ ଦଶମୀ ରବିବାର, ରାଶିନକ୍ଷତ୍ର-ହସ୍ତା/କନ୍ୟା, ଦିବା ଘ.୦୮।୧୮ମି. ଗତେ, ଚିତ୍ରା/କନ୍ୟା, ଦଶମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୬।୫୯ ଗତେ ଘ.୦୯।୦୯ ମଧ୍ୟେ, ଘ.୦୧।୦୨ ଗତେ ଘ.୦୨/୫୬ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୩।୪୪ ଗତେ ଘ.୦୫।୦୫ ମଧ୍ୟେ ରାହୁକାଳ।

## ହଷ୍ଟେଲ ଖାଦ୍ୟରେ ...

ପରଷା ଯାଇଥିଲା। ସେମାନଙ୍କ ମଧ୍ୟରୁ କିଛି ପିଲା ଖାଇବା ଆରମ୍ଭ କରିଥିବା ବେଳେ ଜଣେ ଛାତ୍ରୀଙ୍କ ଥାଳିରୁ ଝିଟିପିଟିର ମୁଣ୍ଡ ଓ ହାଡ଼ ବାହାରିଥିଲା। ଅନ୍ୟ ଜଣେ ଛାତ୍ରୀଙ୍କ ଥାଳିରୁ ଲାଞ୍ଜ ବାହାରିଥିଲା। ୨ ଛାତ୍ରୀ ଭାତକୁ ନେଇ ଡ୍ରେନ୍‌ରେ ଫିଙ୍ଗି ଅନ୍ୟ ଛାତ୍ରୀମାନଙ୍କୁ ଖାଇବାକୁ ମନା କରିଥିଲେ। ଭାତରେ ଝିଟିପିଟି ପଡ଼ିଥିବା ନେଇ ୱାର୍ଡେନ ଲିଲି ମହାନ୍ତିଙ୍କୁ କୁହାଯାଇଥିଲା। ସେ ହଷ୍ଟେଲରେ ଦାୟିତ୍ୱରେ ଥିବା ପ୍ରଧାନଶିକ୍ଷକ ସଦାନନ୍ଦ ହାଲୱାଙ୍କୁ ଜଣାଇଥିଲେ। ପ୍ରଧାନଶିକ୍ଷକ ମେଡିକାଲ ଟିମ୍‌କୁ ଛାତ୍ରୀମାନେ ଅସୁସ୍ଥ ହୋଇଥିବା ଜଣାଇଥିଲେ। ୩ଟି ଆମ୍ବୁଲାନ୍ସକୁ ଫୋନ ଯୋଗେ ହଷ୍ଟେଲକୁ ଅଣାଯାଇଥିଲା। ଛାତ୍ରୀମାନେ ସାମାନ୍ୟ ଅସୁସ୍ଥ ଅନୁଭବ କରୁଥିବାରୁ ଡାକ୍ତର ସେମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। କିଛି ସମୟ ପରେ ଛାତ୍ରୀମାନେ ସୁସ୍ଥ ହୋଇଥିଲେ। କିଛି ଛାତ୍ରୀ କାଛୁ କୁଣ୍ଡିଆ ଓ ଥଣ୍ଡା କାଶରେ ଆକ୍ରାନ୍ତ ଥିବାରୁ ଡାକ୍ତର ଔଷଧ ଦେଇଥିଲେ। ସମସ୍ତ ଛାତ୍ରୀ ସୁସ୍ଥ ଥିବା ଜଣାପଡ଼ିଛି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଆପ ରୁଚି ଭୋଜନ,
ପର ରୁଚି ପହରଣ ।**

ନିଜ ରୁଚି ଅନୁସାରେ ଭୋଜନ ଗ୍ରହଣ କରିବା ଉଚିତ। କାରଣ ନିଜ ମନ ପସନ୍ଦ ଅନୁସାରେ ଖାଦ୍ୟ ଗ୍ରହଣ କଲେ ତାହା ସ୍ୱାସ୍ଥ୍ୟ ବୃଦ୍ଧିରେ ସହାୟକ ହୋଇଥାଏ। ସେହିପରି ନିଜ ଶରୀରକୁ କେଉଁ ପ୍ରକାରର ପୋଷାକ ଭଲ ମାନୁଛି ତାହା ଅନ୍ୟର ଆଖିରେ ସହଜରେ ଜଣାପଡ଼ିଯାଇଥାଏ। ତେଣୁ ଅନ୍ୟ ବା ପରର ପସନ୍ଦ ଅନୁସାରେ ପୋଷାକ ପରିଧାନ କରିବା ଉଚିତ ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଆଣେ ଭୁତି ଖାଏ କୁଟି,
କାମକୁ ଯାଏ ସକାଳୁ ଉଠି।**

ଗରିବ ହେଲେ ସବୁ ସହିବାକୁ ପଡ଼େ। ଯେତେ ପ୍ରତିକୂଳ ପରିସ୍ଥିତି ଆସିଲେ ମଧ୍ୟ ବଞ୍ଚିବା ପାଇଁ ସଂଘର୍ଷ କରିବାକୁ ପଡ଼େ। ପରଘରେ ମୂଲ ମଜୁରି କରି ପେଟ ପୋଷୁଥିବା ଦରିଦ୍ର ଶ୍ରେଣୀର ବ୍ୟକ୍ତି ବଡ଼ି ସକାଳୁ ଉଠି କାମ ଅନ୍ୱେଷଣରେ ବାହାରି ଯାଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ - ଫ୍ରେଣ୍ଡସ ପବ୍ଲିଶର୍ସ



ଶନିବାର ଅପରାହ୍ନ ୪ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ପ୍ରଥମ ପୃଷ୍ଠାରୁ...

## ୧୩୩ ମୋବାଇଲ୍ ..

ଆନ୍ତଃରାଜ୍ୟ ଲିଙ୍କ୍ ରହିଥିବାରୁ ସିବିଆଇ ନିତୁଙ୍କୁ ଗିରଫ କରିଛି। ତାଙ୍କୁ ଗିରଫ କରାଯିବା ପରେ ସିବିଆଇ ଟ୍ରାଞ୍ଜିଟ୍ ରିମାଣ୍ଡରେ ଭୁବନେଶ୍ୱର ଆଣୁଛି। ନିତୁଙ୍କୁ ମିଶାଇ ସିବିଆଇର ଗିରଫ ସଂଖ୍ୟା ୫ରେ ପହଞ୍ଚିଥିବା ବେଳେ ପୂର୍ବରୁ ଏହି ମାମଲାରେ କ୍ରାଇମବ୍ରାଞ୍ଚ ୧୨୩ଜଣଙ୍କୁ ଗିରଫ କରିଥିଲା। ମୋଟ ଗିରଫ ସଂଖ୍ୟା ୧୨୮ରେ ପହଞ୍ଚିଛି। ଅନ୍ୟପଟରେ ରିମାଣ୍ଡରେ ଆସିଥିବା ମୁନା ମହାନ୍ତି, ଶ୍ରୀକାନ୍ତ ମହାରଣା, ଟି. ଅଭିମନ୍ୟୁ ଦୋରା ଓ ପ୍ରିୟଦର୍ଶିନୀ ସାମଲଙ୍କ ରିମାଣ୍ଡ ଶେଷ ପରେ କୋର୍ଟରେ ହାଜର କରାଯାଇ ଝାରପଡ଼ା ଜେଲକୁ ପଠାଇ ଦିଆଯାଇଛି। ୪ ଅଭିଯୁକ୍ତ ଏବଂ ବିହାରରୁ ଗିରଫ ନୀତିଶଙ୍କୁ ମୁହାଁମୁହିଁ ଜେରା କରିବାପରେ ନିତୁ ଆରୋରାଙ୍କ ନାମ ପଦାକୁ ଆସିଥିଲା। ଯେଉଁଥିପାଇଁ ସିବିଆଇର ଏକ ଟିମ୍ ଗୁଜରାଟ ଯାଇ ତାଙ୍କୁ ଗିରଫ କରିଛି। ଜେରା ସମୟରେ ସିବିଆଇ ସେମାନଙ୍କଠାରୁ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଆଦାୟ କରିଛି। ଏହି ରାକେଟ ପଛରେ ଥିବା ମୁଖ୍ୟ ମାଷ୍ଟରମାଇଣ୍ଡ ନାମ ଏବେ ସିବିଆଇ ନଜରକୁ ଆସିଛି। ସିବିଆଇ ଉକ୍ତ ବ୍ୟକ୍ତିଙ୍କୁ ଖୁବ୍ ଶୀଘ୍ର ସମନ୍ କରିବ ବୋଲି ଜଣାପଡିଛି। ଆହୁରି ମଧ୍ୟ ସିବିଆଇ ସ୍କାନରରେ ୭ଜଣ ବଡ଼ ଅଧିକାରୀ ଅଛନ୍ତି। ସେମାନଙ୍କୁ ସିବିଆଇ କେଉଁ ମୁହୂର୍ତ୍ତରେ ବି ଗିରଫ କରିପାରେ। ୨ ଦିନର ଜେରା ପରେ ଅର୍ଜୁନ ନାଏକଙ୍କ ସହ ନିମାଇଁ ଚରଣ ସାହୁଙ୍କୁ ସିବିଆଇ ଗିରଫ କରିଥିଲା। ଏହି ୨ଜଣ ପୂର୍ବରୁ ଗିରଫ ବିରଞ୍ଚି କୁମାର ନାଏକଙ୍କ ସହଯୋଗୀ ଥିଲେ। ତେବେ ଅର୍ଜୁନଙ୍କ ଗିରଫଦାରି ପରେ ପୁଣିଥରେ ପାୱାର କରିଡରରେ ରହି ଜାଲିଆତି କେମିତି ହେଉଥିଲା, ସେନେଇ ଗୁମର ଜଣାପଡ଼ିଛି। ଶଙ୍କର ପୃଷ୍ଟି ସିଣ୍ଡିକେଟରେ ଅର୍ଜୁନ ଓ ବିଶ୍ୱରଞ୍ଜନଙ୍କ ଭଳି ପୋଲିସ କର୍ମଚାରୀ ଥିଲେ ରାକେଟର ଗୋଟେ ମାଧ୍ୟମ। ପୂରା ନେଟୱର୍କର ମାଷ୍ଟରମାଇଣ୍ଡ ଶଙ୍କର ଓ ଦଲାଲ ମୁନା ମହାନ୍ତିଙ୍କ ଚେର ବିହାର, ଗୁଜରାଟ ପର୍ଯ୍ୟନ୍ତ ଲମ୍ବିଥିବା ସିବିଆଇ ଜାଣିବାକୁ ପାଇଛି।

### ମାନବସମ୍ବଳ ଅଭାବ ଦର୍ଶାଇଲା ଏସ୍‌ଏଫ୍‌ଏସ୍‌ଏଲ୍

ପୋଲିସ ଏସ୍‌ଆଇ ପରୀକ୍ଷା ଜାଲିଆତି ମାମଲାରେ ଜବତ ହୋଇଥିବା ୧୩୩ ମୋବାଇଲ ଫୋନ୍‌ର ହ୍ୱାଟ୍ସଆପ୍, ମେସେଜ, କଲ୍ ଡିଟେଲ ଯାଞ୍ଚ ପାଇଁ ଏସ୍‌ଏଫ୍‌ଏସ୍‌ଏଲ୍‌ରେ ଆବେଦନ କରାଯାଇଥିଲା। ତେବେ ମୋବାଇଲ୍ ଯାଞ୍ଚ ପାଇଁ ଏସ୍‌ଏଫ୍‌ଏସ୍‌ଏଲ୍‌ରେ ମାତ୍ର ୨୦ଜଣ ଅଧିକାରୀ ଅଛନ୍ତି। ଏତେ କମ୍ ସଂଖ୍ୟକ କର୍ମଚାରୀଙ୍କ ଦ୍ୱାରା ୧୩୩ ମୋବାଇଲ ପରୀକ୍ଷା କରିବା ସମ୍ଭବ ନୁହେଁ। ଏତେ ପରିମାଣର ମୋବାଇଲ୍ ଯାଞ୍ଚ ପାଇଁ ପ୍ରାୟ ୧ବର୍ଷ ସମୟ ଲାଗିପାରେ। ତେଣୁ ଏହାକୁ ଯାଞ୍ଚ କରି ଶୀଘ୍ର ରିପୋର୍ଟ ଦେବା ସମ୍ଭବ ନୁହେଁ ବୋଲି ଏସ୍‌ଏଫ୍‌ଏସ୍‌ଏଲ୍ ପକ୍ଷରୁ କୁହାଯାଇଛି।

## ଧାନବସ୍ତା ରଖି ...

ପକାଇ ସେମାନଙ୍କ ଅମଳ ଧାନକୁ ତୁରନ୍ତ କିଣିବା ପାଇଁ ଚାଷୀମାନେ ଆକୁଳ ନିବେଦନ କରି ଜିଲାପାଳଙ୍କୁ ମୁଣ୍ଡିଆ ମାରିଥିଲେ। ଏହି ସମୟରେ ପଦ୍ମପୁର ଉପଜିଲାପାଳ ସ୍ନେହା ଅରଗୁଲା ମଧ୍ୟ ଉପସ୍ଥିତ ଥିଲେ। ସୂଚନା ଅନୁଯାୟୀ, ଗତବର୍ଷ ଖରିଫ ଋତୁରେ ପଦ୍ମପୁର ନିୟନ୍ତ୍ରିତ ବଜାର କମିଟି (ଆରଏମ୍‌ସି) ଅଧୀନ ମଣ୍ଡିଗୁଡ଼ିକରୁ ୩୦ଲକ୍ଷ କୁଇଣ୍ଟାଲ ଧାନ କିଣାଯାଇଥିଲା। ଚଳିତବର୍ଷ ଏହି ଆର୍‌ଏମ୍‌ସି ଅଧୀନରେ ୯୨ ଧାନ କ୍ରୟ କେନ୍ଦ୍ର (ମଣ୍ଡି) ଖୋଲାଯାଇଛି । ସେଥିମଧ୍ୟରୁ ଏପର୍ଯ୍ୟନ୍ତ ୪୨ଟି ମଣ୍ଡିରେ ଧାନକିଣା ଆରମ୍ଭ ହୋଇପାରିନାହିଁ। ବିଭିନ୍ନ ମଣ୍ଡିରେ ୩ ଲକ୍ଷ ବସ୍ତା ଧାନ ବିକ୍ରି ଅପେକ୍ଷାରେ ପଡ଼ିରହିଛି। ସେହିପରି ୭୦ ପ୍ରତିଶତ ଚାଷୀଙ୍କ ଧାନବିକ୍ରି ଟୋକନ ଏପର୍ଯ୍ୟନ୍ତ ଆସିନାହିଁ । ଅନେକ ଚାଷୀଙ୍କ ଟୋକନରେ ଜମି ତୁଳନାରେ ବିକ୍ରିଯୋଗ୍ୟ ଧାନ ପରିମାଣ ବହୁତ କମ ରହିଥିବା ଚାଷୀମାନେ ଅଭିଯୋଗ କରିଛନ୍ତି । ସେହିପରି ଅନେକ ଚାଷୀଙ୍କୁ ମିଳିଥିବା ଟୋକନରେ ଆସନ୍ତା ଜାନୁଆରୀରେ ଧାନ ବିକ୍ରି କରିବାର ତାରିଖ ଉଲ୍ଲେଖିତ ରହିଛି। ଅଣଜଳସେଚିତ ଅଞ୍ଚଳ ପାଇଁ ଏକର ପ୍ରତି ୧୩ କୁଇଣ୍ଟାଲ ଧାନ ବିକ୍ରି ଅନୁମତି ରହିଛି । ଏଭଳି ସ୍ଥଳେ ବଳକା ଧାନ କଣ କରାଯିବ, ସେ ନେଇ ସରକାର ମଧ୍ୟ କିଛି ନିଷ୍ପତ୍ତି ନେଇ ନ ଥିବାରୁ ଚାଷୀଙ୍କ ଚିନ୍ତା ବଢିଯାଇଛି। ସେହିପରି ନିର୍ବାଚନୀ ପ୍ରତିଶ୍ରୁତି ଧାନ କୁଇଣ୍ଟାଲ ପ୍ରତି ୮୦୦ ବଦଳରେ ୭୩୧ ଟଙ୍କା ଇନ୍‌ପୁଟ୍ ଆସିଷ୍ଟାଣ୍ଟ ଦିଆଯାଉଛି ବୋଲି ଚାଷୀମାନେ ଅଭିଯୋଗ କରିଛନ୍ତି। ଏହାକୁ ନେଇ ଚାଷୀ ଅସନ୍ତୋଷ ଲାଗି ରହିଛି। ତେବେ ଏହାର ସମାଧାନ କରା ନ ଗଲେ ଆସନ୍ତା ସୋମବାର ପଦ୍ମପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାନ ବସ୍ତାରଖି ଧାରଣା ଦେବାକୁ ବାଧହେବେ ବୋଲି ଚାଷୀମାନେ ଚେତାବନୀ ଦେଇଛନ୍ତି।

## ମେସିଙ୍କ କୋଲକାତା ...

ରାଜନେତାମାନଙ୍କଠାରୁ ଆରମ୍ଭ କରି ଭିଭିଆଇପି ଓ ସୁରକ୍ଷା କର୍ମଚାରୀମାନେ ଭିଡ଼ ଜମାଇବାରୁ ଦର୍ଶକ ମହଲରେ ଉତ୍ତେଜନା ପ୍ରକାଶ ପାଇଥିଲା ଏବଂ ବିଶୃଙ୍ଖଳା ଦେଖାଦେଇଥିଲା। ଏପରି କି ଏହା ନିୟନ୍ତ୍ରଣ ବାହାରକୁ ଚାଲିଯାଇଥିଲା। ମେସିଙ୍କ ବ୍ୟତୀତ ତାଙ୍କ ସହିତ ବିଶ୍ୱର ଅନ୍ୟତମ ଫୁଟ୍‌ବଲ ଷ୍ଟାର ଲୁଇସ୍ ସୁଆରେଜ ଓ ରୋଡ୍ରିଗୋ ଡି' ପଲ୍ ପ୍ରମୁଖ ଉପସ୍ଥିତ ଥିଲେ। ଏହା ଏକ ପିଆର୍‌ଏନ୍‌ସି ଦ୍ୱାରା ଆୟୋଜିତ ଏକ ଘରୋଇ ଇଭେଣ୍ଟ ଥିଲା। ଏହି କାର୍ଯ୍ୟକ୍ରମ ସହ ଏଆଇଏଫ୍‌ଏଫ୍‌ର କିଛି ଲେନାଦେନା ନ ଥିଲା। ଭେନ୍ୟୁରେ ମେସି ପହଞ୍ଚିବା ମାତ୍ରେ ତାଙ୍କୁ ପ୍ରଭାବଶାଳୀ ରାଜନେତା, ପୋଲିସ ଅଫିସର ଏବଂ ଭିଆଇପି ଓ ତାଙ୍କ ସହଯୋଗୀଗଣ ଘେରିଯାଇଥିଲେ, ଯାହାଫଳରେ ଦର୍ଶକମାନେ ମେସିଙ୍କ ବ୍ୟତୀତ ସବୁକିଛି ଦେଖିପାରିଥିଲେ। ଉତ୍ୟକ୍ତ ଜନତା ପାଣି ବୋତଲ, ଚେୟାର, ଫୁଡ୍ ପ୍ୟାକେଟ, ଏବଂ ନିଷିଦ୍ଧ ସାମଗ୍ରୀ ଫିଙ୍ଗା ଫୋପଡ଼ା କରିଥିଲେ। ଏପରି କି ପିଚ୍ ଓ ସିନ୍ଥେଟିକ୍ ଟ୍ରାକ୍ ନଷ୍ଟ କରିଦେଇଥିଲେ। ଏଆଇଏଫ୍‌ଏଫ୍ କହିଛି ଯେ, ଏହା କୌଣସି ସ୍ତରରେ ଇଭେଣ୍ଟର ଆୟୋଜନ, ଯୋଜନା କିମ୍ବା କାର୍ଯ୍ୟକାରୀ କରିବାରେ ସମ୍ପୃକ୍ତ ନ ଥିଲା। ଶନିବାର ସକାଳେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ କାଟଛାଣ୍ଟ କରିଦିଆଯିବାରୁ ମେସି ସଲ୍‌ଟଲେକ୍ ଷ୍ଟାଡିୟମରେ ମାତ୍ର ୨୨ ମିନିଟ ରହିଥିଲେ। ଫଳରେ ଏହି ସ୍ୱତନ୍ତ୍ର ଇଭେଣ୍ଟରେ ସାମିଲ ହେବା ଲାଗି ଭାରତର ପୂର୍ବତନ କ୍ରିକେଟ ଅଧିନାୟକ ସୌରଭ ଗାଙ୍ଗୁଲିଙ୍କ ସହ କୋଲକାତା ଆସିଥିବା ବଲିଉଡ୍ ସୁପର ଷ୍ଟାର ଶାହରୁଖ ଖାନ୍ ଓ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ କାର୍ଯ୍ୟକ୍ରମରେ ଭାଗ ନେଇପାରି ନ ଥିଲେ। ଶାସକ ତୃଣମୂଳ କଂଗ୍ରେସର ସମର୍ଥକମାନେ ସୁରକ୍ଷା ବଳୟ ଭାଙ୍ଗି ପଡ଼ିଆରେ ପ୍ରବେଶ କରିବାରୁ ପରିସ୍ଥିତି ଏପରି ହୋଇଥିଲା ଯେ, 'ଗୋଟ୍ ଟୁର୍'ର ଆୟୋଜକ ତଥା ପ୍ରମୋଟର ଶତାଦ୍ରୁ ଦତ୍ତ ମେସିଙ୍କୁ ନିମିଷକେ ସଲ୍‌ଟ ଲେକ୍ ଷ୍ଟାଡିୟମରୁ ବାହାରକୁ ନେଇଯାଇଥିଲେ।

### ବିମାନବନ୍ଦରରେ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା

ମେସି ଶୁକ୍ରବାର ମଧ୍ୟରାତ୍ର ୨ଟା ୨୬ ମିନିଟ୍‌ରେ କୋଲକାତାରେ ପହଞ୍ଚିଥିଲେ। ପ୍ରବଳ ଶୀତ ଲହରିକୁ ବେଖାତିର କରି ତାଙ୍କୁ ସ୍ୱାଗତ କରିବା ଲାଗି ବିମାନ ବନ୍ଦରରେ ହଜାର ହଜାର ସମର୍ଥକଙ୍କ ସମାଗମ ହୋଇଥିଲା। ମେସି ତାଙ୍କ ୩ ଦିନିଆ ଚାରି-ସହର ଗୋଟ୍ ଇଣ୍ଡିଆ ଟୁର୍ ୨୦୨୫ କାର୍ଯ୍ୟକ୍ରମରେ ଭାରତ ଆସିଛନ୍ତି। ତାଙ୍କ ମନପସନ୍ଦ ଫୁଟ୍‌ବଲ ଷ୍ଟାରଙ୍କ ସାମାନ୍ୟ ଝଲକ ପାଇବା ପାଇଁ ଗେଟ୍ ନମ୍ବର-୪ରେ କହିବାକୁ ଗଲେ ଏକ ଜନସମୁଦ୍ର ପାଲଟି ଯାଇଥିଲା। ପତାକା, ଫୋନ୍‌ର ଫ୍ଲାସ ଲାଇଟ୍ ସାଙ୍ଗକୁ ବିଭିନ୍ନ ସ୍ଲୋଗାନରେ ସ୍ଥଳ ଉତ୍ସବମୁଖର ହୋଇପଡ଼ିଥିଲା। ଜନତାଙ୍କୁ ନିୟନ୍ତ୍ରଣ କରିବାରେ ସୁରକ୍ଷାକର୍ମୀଙ୍କ ପାଇଁ କଷ୍ଟକର ହୋଇପଡ଼ିଥିଲା। ମେସିଙ୍କୁ ସୁରକ୍ଷା ବଳୟ ମଧ୍ୟରେ ଭିଆଇପି ଗେଟ୍ ବାଟ ଦେଇ ଅଣାଯାଉଥିବା ବେଳେ ଛୋଟ ଛୋଟ ପିଲାମାନେ କାନ୍ଧରେ ବସି ଡ୍ରମ୍ ବାଦନ ସହ ତାଙ୍କୁ ସ୍ୱାଗତ କରିଥିଲେ। ତାଙ୍କୁ ଏକ ବଡ଼ ଶୋଭାଯାତ୍ରାରେ ହୋଟେଲକୁ ନିଆଯାଇଥିଲା। ମଧ୍ୟରାତ୍ରରେ ସେଠାରେ ତାଙ୍କୁ ଦେଖିବା ପାଇଁ ବହୁ ସଂଖ୍ୟାରେ ସମର୍ଥକ ଅପେକ୍ଷା କରି ରହିଥିଲେ। ସୁରକ୍ଷା ପାଇଁ ବାରିକେଡ୍‌ମାନ ନିର୍ମାଣ କରାଯାଇଥିଲା ଏବଂ ବ୍ୟାପକ ପୋଲିସ ମୁତୟନ ହୋଇଥିଲେ। କହିବାକୁ ଗଲେ ସହରରେ ଏକ 'ମେସି ମାନିଆ'ର ପରିବେଶ ଦେଖିବାକୁ ମିଳିଥିଲା। ମେସିଙ୍କ ସହିତ ତାଙ୍କ ଦୀର୍ଘଦିନର ଷ୍ଟ୍ରାଇକ ପାର୍ଟନର ଲୁଇସ୍ ସୁଆରେଜ ଓ ଆର୍ଜେଣ୍ଟିନା ଟିମ୍‌ମେଟ୍ ରୋଡ୍ରିଗୋ ଡି' ପଲ୍ ମଧ୍ୟ ଆସିଛନ୍ତି। ମେସି ତାଙ୍କ ୩ ଦିନିଆ ଟୁର୍‌ରେ କୋଲକାତା ବ୍ୟତୀତ ଦିଲ୍ଲୀ, ହାଇଦ୍ରାବାଦ, ମୁମ୍ବାଇ ଗସ୍ତ କରିବେ ଏବଂ ସେଠାକାର ମୁଖ୍ୟମନ୍ତ୍ରୀ, କର୍ପୋରେଟ୍ ଲିଡର, ବଲିଉଡ୍ ସେଲିବ୍ରିଟି ଏବଂ ସୋମବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଭେଟିବା କାର୍ଯ୍ୟକ୍ରମ ରହିଛି। ମେସିଙ୍କୁ ଦେଖିବା ଲାଗି ଏତେ ଭିଡ଼ ଥିଲା ଯେ, ଅନେକଙ୍କୁ ହତାସ ହୋଇ ଫେରିବାକୁ ପଡ଼ିଥିଲା। କିଛି ଦର୍ଶକ ୱିଗ୍ ସହ ଆର୍ଜେଣ୍ଟିନା ଜର୍ସି ପରିଧାନ କରି ଆସିଥିଲେ। ମେସିଙ୍କ ଲାଗି ବିଧାନନଗର (ସଲ୍ଟ ଲେକ୍) ସ୍ଥିତ ଏକ ବିଳାସପୂର୍ଣ୍ଣ ୫ତାରକା ହୋଟେଲ ହାୟାତ ରେଜେନ୍‌ସିର ରୁମ୍ ନମ୍ବର ୭୩୦ ସଂରକ୍ଷିତ କରାଯାଇଥିଲା। ଫୁଟ୍‌ବଲ ସୁପରଷ୍ଟାରଙ୍କ ସାନ୍ନିଧ୍ୟ ପାଇବା ପାଇଁ କେତେଜଣ ସମର୍ଥକ ମେସିଙ୍କ ଆଖପାଖ ରୁମ୍‌କୁ ଆଗୁଆ ବୁକିଂ କରିନେଇଥିଲେ।

## ଘନ କୁହୁଡ଼ି ସହିତ ଜାଡ଼ରେ ଥରୁଛି ରାଜ୍ୟ




## ବର୍ଦ୍ଧିତ ଦରମା ନେବେନି ନବୀନ

**ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖି ଜଣାଇଲେ**

**ଭୁବନେଶ୍ୱର,୧୩।୧୨(ସୁନିତ୍ ମିଶ୍ର)**

ରାଜ୍ୟ ସରକାର ନିକଟରେ ବିଧାୟକ, ମନ୍ତ୍ରୀ, ବାଚସ୍ପତି ସମସ୍ତଙ୍କ ଦରମା ବୃଦ୍ଧି କରିଛନ୍ତି। ହେଲେ ଏହି ବର୍ଦ୍ଧିତ ଦରମା ନେବେ ନାହିଁ, ତାକୁ ରାଜ୍ୟର ଗରିବ କଲ୍ୟାଣରେ ବିନିଯୋଗ କରିଦେବା ଲାଗି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଅନୁରୋଧ କରିଛନ୍ତି। ଏନେଇ ନବୀନ ଶନିବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଏକ ଚିଠି ଲେଖି କହିଛନ୍ତି, ଗତ ୨୫ ବର୍ଷରେ ଓଡ଼ିଶା ଲୋକଙ୍କ ଭଲପାଇବା, ସ୍ନେହ ଏବଂ ଆଦର ପାଇ ଆସୁଛନ୍ତି। ତାଙ୍କୁ ଓ ତାଙ୍କ ବାପା ବିଜୁ ପଟ୍ଟନାୟକଙ୍କ ଲାଗି ଓଡ଼ିଶାବାସୀଙ୍କ ସ୍ନେହ ପାଇଁ ସେ ଚିର ଋଣୀ। ୨୦୧୫ରେ ପରିବାରର ନିଷ୍ପତ୍ତିକ୍ରମେ କଟକ ସ୍ଥିତ ତାଙ୍କ ପୈତୃକ ଘର 'ଆନନ୍ଦ ଭବନ'କୁ ସେ ରାଜ୍ୟବାସୀଙ୍କ ପାଇଁ ଉତ୍ସର୍ଗ କରିଥିଲେ। ସେହି ସମାନ ଇଚ୍ଛାନୁଯାୟୀ ନିକଟରେ ବିରୋଧୀ ଦଳ ନେତା ଭାବେ ବିଧାନସଭାରେ ପାରିତ ହୋଇଥିବା ତାଙ୍କ ବର୍ଦ୍ଧିତ ଦରମା ଏବଂ ଭତ୍ତାକୁ ସେ ରାଜ୍ୟର ଗରିବଙ୍କ କଲ୍ୟାଣରେ ବିନିଯୋଗ କରିବା ପାଇଁ ଅନୁରୋଧ କରିଛନ୍ତି।








# ପ୍ରେଗ୍ନାନ୍ସି କିଟ୍: ୯୦୦ ଷ୍ଟୋରରେ ଚଢ଼ାଉ

**କଟକ,୧୩।୧୨(ଶିଲ୍ପା ପ୍ରିୟଦର୍ଶିନୀ)**

**■ ୬ ଷ୍ଟୋରକୁ ସିଲ୍, ପ୍ରାୟ ୯୦ ଷ୍ଟୋରକୁ କାରଣ ଦର୍ଶାଅ ନୋଟିସ ଜାରି**



ରାଜ୍ୟରେ ଜୋର ଧରିଛି ବେଧଡ଼କ ଭାବେ ଗର୍ଭନିରୋଧକ(ପ୍ରେଗ୍ନାନ୍ସି) କିଟ୍ ବିକ୍ରି। ପ୍ରତି ଔଷଧ ଦୋକାନରେ ପ୍ରେଗ୍ନେନ୍ସି କିଟ୍ ସହଜରେ ମିଳୁଛି। ଅନେକ ମହିଳା ଗର୍ଭବତୀ ହୋଇଥିବା ସନ୍ଦେହ କରି ଔଷଧ ଦୋକାନରୁ ପ୍ରେଗ୍ନେନ୍ସି କିଟ୍ (ଏମ୍‌ଟିପି କିଟ୍) ନେଇ ଯାଞ୍ଚ କରୁଛନ୍ତି। ସେମାନେ କୌଣସି ସ୍ତ୍ରୀ ରୋଗ ବିଶେଷଜ୍ଞଙ୍କ ପରାମର୍ଶ ନେଉନାହାନ୍ତି। ଗର୍ଭଧାରଣ କରିଥିବା ଜାଣିବା ପରେ ପିଲା ନଷ୍ଟ କରିବା ଲାଗି ମନଇଚ୍ଛା ଔଷଧ ସେବନ କରୁଛନ୍ତି। ଏହାଦ୍ୱାରା ମହିଳାଙ୍କ ସ୍ୱାସ୍ଥ୍ୟ ବିଗିଡ଼ିବାର ଆଶଙ୍କା ରହିଛି। ଏପରିକି ରକ୍ତସ୍ରାବ ବନ୍ଦ ନ ହେବାରୁ ମହିଳାମାନେ ମୃତ୍ୟୁମୁଖକୁ ନିଜକୁ ଠେଲି ଦେଉଛନ୍ତି। ଏଭଳି ସ୍ଥିତିକୁ ନଜରରେ ରଖି ସ୍ତ୍ରୀ ରୋଗ ବିଶେଷଜ୍ଞଙ୍କ ବିନା ଚିଠାରେ ଏମ୍‌ଟିପି କିଟ୍ ବିକ୍ରି ଉପରେ କଟକଣା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ନିର୍ଦ୍ଦେଶନାମା ଜାରି କରାଯାଇଥିଲା। ହେଲେ ଏହି ନିୟମକୁ ବହୁ ଔଷଧ ଦୋକାନୀ ପାଳନ କରୁ ନ ଥିବା ଦେଖିବାକୁ ମିଳୁଛି। ଏହାକୁ ନଜରରେ ରଖି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ନିର୍ଦ୍ଦେଶକ୍ରମେ ରାଜ୍ୟର ବିଭିନ୍ନ ଔଷଧ ଦୋକାନରେ ଡ୍ରଗ୍ସ ନିୟନ୍ତ୍ରଣ ବିଭାଗର ଟିମ୍ ଚଢ଼ାଉ କରିଛି। ଏବେ ଯାଏ ଉକ୍ତ ଟିମ୍ ୯୦୦ଟି ଷ୍ଟୋରରେ ଚଢ଼ାଉ କରିଥିବା ସୂଚନା ମିଳିଛି।

ସୂଚନା ଅନୁଯାୟୀ, ଡ୍ରଗ୍ସ ନିୟନ୍ତ୍ରଣ ବିଭାଗ ପକ୍ଷରୁ ପ୍ରାୟ ୯୦୦ଟି ଷ୍ଟୋରରେ ଚଢ଼ାଉ କରାଯାଇଥିବାବେଳେ ବେଆଇନ୍ ଭାବେ ଏମ୍‌ଟିପି କିଟ୍ ବିକ୍ରି ହେଉଥିବା ଦେଖିବାକୁ ମିଳିଛି। ଉକ୍ତ ଦୋକାନଗୁଡ଼ିକୁ ତାଗିଦା କରାଯାଇଥିବା ବେଳେ ନୋଟିସ ଜାରି କରାଯାଇଛି। ଏ ସମ୍ପର୍କରେ ଓଡ଼ିଶା ଡ୍ରଗ୍ସ ନିୟନ୍ତ୍ରକ ମାମିନା ପଟ୍ଟନାୟକଙ୍କୁ ପଚାରିବାରୁ ସେ କହିଛନ୍ତି, ଏବେ ଯାଏ ପ୍ରାୟ ୯୦୦ଟି ଷ୍ଟୋରରେ ଚଢ଼ାଉ କରାଯାଇଛି। ସେଥିମଧ୍ୟରେ ପ୍ରାୟ ୬ଟି ଷ୍ଟୋରକୁ ସିଲ୍ ଏବଂ ପ୍ରାୟ ୯୦ଟି ଷ୍ଟୋରକୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି। ଏହାସହ ରାଜ୍ୟରେ ଯେଉଁଠି ଏମ୍‌ଟିପି କିଟ୍ ବେଆଇନ୍ ଭାବେ ବିକ୍ରି ହେଉଛି, ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ସମସ୍ତ ଜିଲାସ୍ତରର ନିୟନ୍ତ୍ରକଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ବିନା ଡାକ୍ତରଙ୍କ ଚିଠାରେ ପ୍ରେଗ୍ନାନ୍ସି କିଟ୍ ବିକ୍ରି କଲେ ଶୂନ୍ୟ ସହନଶୀଳ ନୀତି ଗ୍ରହଣ କରାଯିବ। ପ୍ରେଗ୍ନାନ୍ସି କିଟ୍ ସହ ଗର୍ଭ ନଷ୍ଟ ଔଷଧ ଏବଂ ବେଆଇନ କଫ ସିରପ୍ ବିକ୍ରି ଉପରେ ଚଢ଼ାଉ ଜାରି ରହିଥିବା ସେ କହିଛନ୍ତି।

## ସ୍କୁଲ ଯିବାବେଳେ ରାସ୍ତାରେ ଟଳିପଡ଼ିଲେ ଛାତ୍ର

**ଦିଗପହଣ୍ଡି,୧୩।୧୨ (ଅଶେଷ ନାଥ ମିଶ୍ର)**


ଆକାଶ କୁମାର ଗୌଡ଼

ଗଞ୍ଜାମ ଜିଲା ଦିଗପହଣ୍ଡି ବ୍ଲକ ନିମଖଣ୍ଡିପେଣ୍ଠ ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଛି। ସ୍କୁଲକୁ ଯିବା ବେଳେ ରାସ୍ତାରେ ପଡ଼ିଯାଇ ଜଣେ ଛାତ୍ରଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଗ୍ରାମର ଚୈତନ୍ୟ ନିତ୍ୟାନନ୍ଦ ମଠସାହିର ସୀମାଞ୍ଚଳ ଗୌଡ଼ଙ୍କ ପୁଅ ଆକାଶ କୁମାର ଗୌଡ଼ (୧୨)। ଗ୍ରାମର ରାଧାମୋହନ ନୋଡାଲ ବିଦ୍ୟାପୀଠରେ ସେ ସପ୍ତମ ଶ୍ରେଣୀରେ ପଢୁଥିଲେ। ଖବରପାଇ ପରିବାର ଲୋକେ ସେଠାରେ ପହଞ୍ଚି ତାଙ୍କୁ ଉଦ୍ଧାର କରି ଅଚେତ ଅବସ୍ଥାରେ ଆମ୍ବୁଲାନ୍ସ ଯୋଗେ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ଆକାଶଙ୍କୁ ମୃତ ଘୋଷଣା କରିଥିଲେ।

ଖବରରୁ ଜଣାପଡ଼ିଛି, ଆକାଶ ଗତ କିଛିଦିନ ହେଲା ମସ୍ତିଷ୍କ ମ୍ୟାଲେରିଆରେ ପୀଡ଼ିତ ହୋଇ ଚିକିତ୍ସିତ ହେଉଥିଲେ। ଆଗକୁ ସ୍କୁଲ ପରୀକ୍ଷା ଥିବାରୁ ସେ ଘରେ ରହି ପଢ଼ାପଢ଼ି କରୁଥିଲେ। ଶୁକ୍ରବାର ସକାଳେ ସେ ସାମାନ୍ୟ ସୁସ୍ଥ ଅନୁଭବ କରିବାରୁ ସ୍କୁଲ ଯିବା ପାଇଁ ବାହାରିଥିଲେ। ଘରେ ଖାଇ ସାରିବା ପରେ ବହି ବସ୍ତାନି ଧରି ସ୍କୁଲ ଅଭିମୁଖେ ଯାଉଥିଲେ। ମାତ୍ର ସ୍କୁଲରେ ପହଞ୍ଚିବା ପୂର୍ବରୁ ସେ ଗ୍ରାମର ବଡ଼ସାହି ଚାରିଛକ ରାସ୍ତାରେ ବହି ବସ୍ତାନି ଧରିଥିବା ଅବସ୍ଥାରେ ଟଳି ପଡ଼ିଥିଲେ। ଉକ୍ତରଖାନାରେ ଡାକ୍ତର ଆକାଶଙ୍କୁ ମୃତ ଘୋଷଣା କରିବା ପରେ ଦିନ ମଜୁରିଆ ରୂପେ କାମ କରି ପରିବାର ଚଳାଉଥିବା ତାଙ୍କ ବାପା ପୁଅର ମୃତଦେହ ବ୍ୟବଚ୍ଛେଦ ପରେ ଘରୋଇ ଆମ୍ବୁଲାନ୍ସରେ ମୃତଦେହ ଘରକୁ ଆଣିବାକୁ ପାଖରେ ଅର୍ଥ ନ ଥିବାରୁ ନିଜ ଦାୟିତ୍ୱରେ ପୁଅର ମୃତଦେହ ଘରକୁ ନେଇ ଆସିଥିଲେ। ମଧ୍ୟାହ୍ନରେ ଗାଁ ଶ୍ମଶାନରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ହାଇସ୍କୁଲ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ପ୍ରଶାନ୍ତ ସାହୁ ଏନେଇ ଦିଗପହଣ୍ଡି ବିଡିଓ ଅନାମିକା ପାଣ୍ଡେ ଏବଂ ବ୍ଲକ ଶିକ୍ଷାଧିକାରୀ ଡ. ଶଙ୍କର ନାରାୟଣ ବେଜଙ୍କୁ ଜଣାଇବା ପରେ ସ୍କୁଲରେ ତାଙ୍କ ଅମର ଆତ୍ମାର ସଦ୍‌ଗତି କାମନା ପୂର୍ବକ ଶୋକସଭା ହୋଇଥିଲା। ପରେ ଆକାଶଙ୍କ ଶ୍ରେଣୀ ଶିକ୍ଷକ ଲାବଣ୍ୟ ସାହୁ ଏବଂ ଶିକ୍ଷୟିତ୍ରୀ ସୁରଭି ନାୟକ ତାଙ୍କ ବାସଭବନରେ ପହଞ୍ଚି ଶୋକ ସନ୍ତପ୍ତ ପରିବାର ଲୋକଙ୍କୁ ସମବେଦନା ଜଣାଇଥିଲେ। ଅନ୍ୟପକ୍ଷରେ ହାଇସ୍କୁଲ ଶିକ୍ଷୟିତ୍ରୀ ଶିକ୍ଷକ ଏବଂ ବ୍ଲକ ସହକାରୀ ଗୋଷ୍ଠୀ ଶିକ୍ଷାଧିକାରୀ ବାଳା ମାଝୀଙ୍କ ପକ୍ଷରୁ ତାଙ୍କ ପରିବାରଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ରେଡକ୍ରସ ପାଣ୍ଠିରୁ ଆକାଶଙ୍କ ପରିବାର ଲୋକଙ୍କୁ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

## କ୍ଲାସ୍‌ରୁମ୍‌ରେ ୯ମ ଶ୍ରେଣୀ ଛାତ୍ରଙ୍କଠାରୁ ବନ୍ଧୁକ ଜବତ

**ପାଟକୁରା,୧୩।୧୨(ରବୀନ୍ଦ୍ର ନାଥ ବାରିକ)**

କେନ୍ଦ୍ରାପଡ଼ା ଜିଲା ପାଟକୁରା ବ୍ଲକ କୋରୁଆ ସରକାରୀ ହାଇସ୍କୁଲର ଜନୈକ ୯ମ ଶ୍ରେଣୀ ଛାତ୍ରଙ୍କଠାରୁ ଏକ ବନ୍ଧୁକ ଜବତ କରାଯିବା ସହିତ ତାଙ୍କୁ ପୋଲିସ ଶୁକ୍ରବାର କୋରୁଆସ୍ଥିତ ବାଳସୁଧାର ଗୃହକୁ ନେଇ ପଚରାଉଚରା କରୁଛି। ଏ ସମ୍ପର୍କରେ ପ୍ରଧାନଶିକ୍ଷକ ନୃସିଂହ ଚନ୍ଦ୍ର ମଲିକ ଥାନାରେ ଏତଲା ଦେଇଥିଲେ। ନଂ. ୩୪୦/୨୫ ଦଫା ୨୫ ଆର୍ମ ଆକ୍ଟ ଓ ୩୫୧(୨) ବିଏନ୍‌ଏସ୍‌ରେ ମାମଲା ରୁଜୁ କରାଯାଇ ଛାତ୍ରଙ୍କୁ କୋରୁଆସ୍ଥିତ ବାଳସୁଧାର ଗୃହକୁ ପଠାଯାଇଛି।

**କୋରୁଆ ହାଇସ୍କୁଲ**

ପ୍ରକାଶଯେ, ସ୍କୁଲର ନବମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଶୁକ୍ରବାର କ୍ଲାସରେ ଥିବା ସମୟରେ ହୋ ହାଲ୍ଲା ଶୁଣି ଜଣେ ଶିକ୍ଷକ ସେହି କ୍ଲାସରୁମକୁ ଯାଇ କାହିଁକି ଏତେ ଜୋରରେ ପାଟିକରୁଛ ବୋଲି ପଚାରିଥିଲେ। ଜଣେ ଛାତ୍ର ବନ୍ଧୁକ ପାଖରେ ରଖିଥିବା ପିଲାମାନେ କହିଥିଲେ। ସଂପୃକ୍ତ ଶିକ୍ଷକ ବନ୍ଧୁକ ରଖିଥିବା ଛାତ୍ର ଜଣଙ୍କୁ ତଲାସି କରିବାରୁ ତାଙ୍କ ଶାର୍ଟ ତଳେ ବନ୍ଧୁକ ଥିବା ଦେଖିବାକୁ ପାଇ ତାଙ୍କଠାରୁ ନେଇ ପ୍ରଧାନଶିକ୍ଷକ ମଲିକଙ୍କୁ ରିପୋର୍ଟ କରିଥିଲେ। ପ୍ରଧାନଶିକ୍ଷକ ମଲିକ ସଙ୍ଗେ ସଙ୍ଗେ ବ୍ଲକ ଶିକ୍ଷା ଅଧିକାରୀଙ୍କୁ ଜଣାଇ କୁଦାନଗରୀ ଥାନାକୁ ଖବର ଦେଇଥିଲେ। ଥାନା ଅଧିକାରୀ ସ୍କୁଲରେ ପହଞ୍ଚି ବନ୍ଧୁକ ଜବତ କରିବା ସହିତ ସମ୍ପୃକ୍ତ ଛାତ୍ରଙ୍କୁ ଥାନାକୁ ନେଇ ଆସିଥିଲେ। ପରେ ତାଙ୍କୁ ବାଳସୁଧାର ଗୃହକୁ ପଠାଇଥିଲେ। ସମ୍ପୃକ୍ତ ଛାତ୍ରଙ୍କ ବାପାଙ୍କୁ ମଧ୍ୟ ତାଙ୍କ ପୁଅ ସମ୍ବନ୍ଧରେ ଅବଗତ କରାଯାଇ ଥାନାକୁ ଡକାଯାଇଛି। ଜବତ ବନ୍ଧୁକକୁ ଫୋରେନ୍‌ସିକ ଲାବରେଟୋରିକୁ ପଠାଯାଇ ତାର ମାନ ନିର୍ଦ୍ଧାରଣ କରାଯିବ ବୋଲି ଏସ୍‌ଡିପିଓ ଜ୍ୟୋତିରଞ୍ଜନ ଗୌଡ଼ ସୂଚନା ଦେଇଛନ୍ତି।

## ପଠାଣି ସାମନ୍ତ ଗଣିତ ମେଧାବୃତ୍ତି ପରୀକ୍ଷା ଫର୍ମ ପୂରଣ ଆରମ୍ଭ

**କଟକ,୧୩।୧୨(କାର୍ତ୍ତିକ ସାହୁ)**

ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଦ୍ୱାରା ପରିଚାଳିତ ପଠାଣି ସାମନ୍ତ ଗଣିତ ମେଧାବୃତ୍ତି ପରୀକ୍ଷା ନିମନ୍ତେ ଅନ୍‌ଲାଇନ ଫର୍ମ ପୂରଣ ୧୩ ତାରିଖରୁ ଆରମ୍ଭ ହୋଇଛି। ଏହି ଆବେଦନ ପ୍ରକ୍ରିୟା ଡିସେମ୍ବର ୨୫ ତାରିଖ ଯାଏ ଅନବରତ ୨୪ ଘଣ୍ଟିଆ ଚାଲିବା ନିମନ୍ତେ ଉପଲବ୍ଧ ହୋଇଛି। ୱେବ୍‌ସାଇଟ୍ www. bseodisha.ac.inରେ ପ୍ରଦତ୍ତ ଲିଙ୍କ ଜରିଆରେ ଫର୍ମ ପୂରଣ ହେବ। ସ୍ୱୀକୃତିପ୍ରାପ୍ତ ପ୍ରାଥମିକ, ଉଚ୍ଚ ପ୍ରାଥମିକ, ୟୁଜିଏମ୍‌ଇ ଏବଂ ହାଇସ୍କୁଲର ଷଷ୍ଠ ଓ ନବମ ଶ୍ରେଣୀରେ ଅଧ୍ୟୟନ କରୁଥିବା ଛାତ୍ରୀଛାତ୍ରଙ୍କ ନିମନ୍ତେ ଏହି ମେଧାବୃତ୍ତି ପରୀକ୍ଷା ଉଦ୍ଦିଷ୍ଟ।

**କୌଣସି ଦେୟ ଦେବାକୁ ପଡ଼ିବ ନାହିଁ**


ଏଥିପାଇଁ କୌଣସି ଦେୟ ଦେବାକୁ ପଡ଼ିବ ନାହିଁ। ଷଷ୍ଠ ଶ୍ରେଣୀ ନିମନ୍ତେ ଷ୍ଟେଜ-୧ ଓ ନବମ ଶ୍ରେଣୀ ନିମନ୍ତେ ଷ୍ଟେଜ-୨ ପରୀକ୍ଷା କରାଯିବ। ପ୍ରାଥମିକ, ଉଚ୍ଚ ପ୍ରାଥମିକ, ୟୁଜିଏମ୍‌ଇ ସ୍କୁଲର ଷ୍ଟେଜ-୧ ପରୀକ୍ଷା ବ୍ଲକ ଶିକ୍ଷା ଅଧିକାରୀଙ୍କ ଦ୍ୱାରା ଏବଂ ହାଇସ୍କୁଲର ଷ୍ଟେଜ-୧ ଓ ଷ୍ଟେଜ-୨ ପରୀକ୍ଷା ପ୍ରଧାନଶିକ୍ଷକଙ୍କ ଦ୍ୱାରା ଫର୍ମ ପୂରଣ କରାଯିବ। ମେଧାବୃତ୍ତି ପରୀକ୍ଷାର ଧାର୍ଯ୍ୟ ତାରିଖ ବିଜ୍ଞପ୍ତି ପରେ ପ୍ରକାଶ ପାଇବ। ଏହି ଫର୍ମ ପୂରଣ ନିୟମାବଳୀ ବୋର୍ଡ ୱେବ୍‌ସାଇଟ୍‌ରେ ଉପଲବ୍ଧ ଥିବା ବୋର୍ଡ ପକ୍ଷରୁ କୁହାଯାଇଛି।

## ଅବସର ପରେ କ୍ୱାର୍ଟର୍ସ ନ ଛାଡ଼ିଲେ ଉଚ୍ଛେଦ

**ଭୁବନେଶ୍ୱର,୧୩।୧୨(ସୁନିତ୍ ମିଶ୍ର)**

ଅନେକ ସରକାରୀ କର୍ମଚାରୀ ଅବସର ପରେ କ୍ୱାର୍ଟର୍ସ ମାଡ଼ିବସି ରହିଛନ୍ତି। ଅନେକ ସ୍ଥାନରେ ସରକାରୀ ଘରକୁ ଅଧିକାରୀ ଏବଂ କର୍ମଚାରୀମାନେ ଭଡ଼ାରେ ଲଗାଇ ରଖିଛନ୍ତି। ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଚେତାବନୀ ଦେଇଛି ବିଭାଗ। ସରକାରୀ ଘର ଭଡ଼ାରେ ଲଗାଇଥିଲେ ଶୂନ୍ୟ ସହନଶୀଳ ନୀତିରେ କାର୍ଯ୍ୟାନୁଷ୍ଠାନ ହେବ ବୋଲି କୁହାଯାଇଛି। ଯେଉଁ ଅଧିକାରୀମାନେ ଅବସର ପରେ ଅନୁମୋଦିତ ସମୟ ଅତିକ୍ରମକରି ସରକାରୀ ବାସଗୃହରେ ଅବସ୍ଥାନ ଜାରି ରଖିଛନ୍ତି ସେମାନଙ୍କ ବିରୋଧରେ ଦୃଢ଼ ଉଚ୍ଛେଦ କାର୍ଯ୍ୟକ୍ରମ ନିୟମିତ ଭାବେ ଜାରି ରଖିବାକୁ ନିଷ୍ପତ୍ତି ହୋଇଛି। ସାଧାରଣ ପ୍ରଶାସନ ବିଭାଗ ଅଧୀନ ଖଜଣା ଉପ ବିଭାଗର ବିଭିନ୍ନ କାର୍ଯ୍ୟର ସମୀକ୍ଷା ବିଭାଗର ଇଷ୍ଟେଟ୍‌ସ ନିର୍ଦ୍ଦେଶକ ବିଜୟ କୁମାର ପୃଷ୍ଟିଙ୍କ ଅଧ୍ୟକ୍ଷତାରେ ଲୋକସେବା ଭବନଠାରେ ଶୁକ୍ରବାର କରାଯାଇଛି। ବୈଠକରେ ଭୁବନେଶ୍ୱର ଏବଂ କଟକରେ ସରକାରୀ କ୍ୱାର୍ଟର୍ସର ସୁପରିଚାଳନା ନେଇ ଆଲୋଚନା କରାଯାଇଥିଲା। ଅନ୍‌ଲାଇନ ବାସଗୃହ ପରିଚାଳନା ପ୍ରଣାଳୀ କ୍ୱାର୍ଟର୍ସ ମ୍ୟାନେଜମେଣ୍ଟ ସିଷ୍ଟମର କାର୍ଯ୍ୟଦକ୍ଷତାକୁ ଉନ୍ନତ କରିବା ଲାଗି ସିଏମ୍‌ଜିଆଇକୁ ପରାମର୍ଶ ଦିଆଯାଇଛି। କ୍ୱାର୍ଟର୍ସରେ ଅବସ୍ଥାନ(ଦଖଲ) ଓ ପରିତ୍ୟାଗକୁ ବାସ୍ତବ ସମୟ ଆଧାରରେ ନବୀକରଣ କରିବାକୁ କୁହାଯାଇଛି।


DADLS-68



ଓଡ଼ିଶା ସରକାର

ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ପ୍ରମୁଖ ବିନ୍ଧାଣୀ
**ପଣ୍ଡିତ ନୀଳମଣି ବିଦ୍ୟାରତ୍ନଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ**
୧୪ ଡିସେମ୍ବର, ୨୦୨୫
ସକାଳ ଘ.୮.୩୦ ମିନିଟ୍ ସମୟରେ ଜୟଦେବ ବିହାର ଛକ, ଭୁବନେଶ୍ୱରସ୍ଥିତ ପଣ୍ଡିତ ନୀଳମଣି ବିଦ୍ୟାରତ୍ନଙ୍କ ପ୍ରତିମୂର୍ତ୍ତିରେ ବିଶିଷ୍ଟ ଅତିଥିମାନଙ୍କ ଦ୍ୱାରା ମାଲ୍ୟାର୍ପଣ
ସନ୍ଧ୍ୟା ଘ.୫.୩୦ ମିନିଟ୍ | ସାଧାରଣ ସଭା | ସ୍ଥାନ – ଜୟଦେବ ଭବନ, ଭୁବନେଶ୍ୱର
ମୁଖ୍ୟ ଅତିଥି
ଶ୍ରୀଯୁକ୍ତ ବିଜୟ କୁମାର ଦଳବେହେରା
ବିଧାୟକ, ବଡ଼ମ୍ବା
ସମ୍ମାନନୀୟ ଅତିଥି
ଶ୍ରୀଯୁକ୍ତ ପ୍ରଭାତ କୁମାର ତ୍ରିପାଠୀ
ପ୍ରାକ୍ତନ ବିଧାୟକ ତଥା ସଭାପତି
ରାଜ୍ୟସ୍ତରୀୟ ପଣ୍ଡିତ ନୀଳମଣି ବିଦ୍ୟାରତ୍ନ ସ୍ମୃତି ସଂସଦ, ଭୁବନେଶ୍ୱର
ମୁଖ୍ୟବକ୍ତା
ଡ଼ଃ ଫଣୀନ୍ଦ୍ରଭୂଷଣ ନନ୍ଦ
ବିଶିଷ୍ଟ ଶିକ୍ଷାବିତ୍ ଓ ଲେଖକ
ଧନ୍ୟବାଦ ଅର୍ପଣ
ଡା. କୃଷ୍ଣ କେଶବ ଷଡ଼ଙ୍ଗୀ, ସମ୍ପାଦକ,
ରାଜ୍ୟସ୍ତରୀୟ ପଣ୍ଡିତ ନୀଳମଣି ବିଦ୍ୟାରତ୍ନ ସ୍ମୃତି ସଂସଦ, ଭୁବନେଶ୍ୱର
ଗୋପାଳ ଦାଶ ସ୍ମାରକୀ କଳା ମନ୍ଦିର (ଗଡ୍‌ମେକର), କେନ୍ଦ୍ରାପଡ଼ାର କଣ୍ଠଶିଳ୍ପୀମାନଙ୍କ ଦ୍ୱାରା ଭକ୍ତି ସଙ୍ଗୀତ ପରିବେଷଣ
ସୂଚନା ଓ ଲୋକ ସମ୍ପର୍କ ବିଭାଗ ଏବଂ ରାଜ୍ୟସ୍ତରୀୟ ପଣ୍ଡିତ ନୀଳମଣି ବିଦ୍ୟାରତ୍ନ ସ୍ମୃତି ସଂସଦ, ଭୁବନେଶ୍ୱରର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ସମାରୋହରେ ଯୋଗ ଦେବାକୁ ବିନମ୍ର ଅନୁରୋଧ।
ସୂଚନା ଓ ଲୋକସମ୍ପର୍କ ବିଭାଗ
OIPR-15001/13/1272/2526


## ରାଜ୍ୟରେ ୩,୨୯,୧୯୫ ମାମଲା ଫଇସଲା


୪ର୍ଥ ରାଷ୍ଟ୍ରୀୟ ଲୋକ ଅଦାଲତରେ ଉପସ୍ଥିତ ଅତିଥିବୃନ୍ଦ।

**କଟକ,୧୩।୧୨(କାର୍ତ୍ତିକ ସାହୁ)**

ନ୍ୟାଶନାଲ ଲିଗାଲ ସର୍ଭିସ ଅଥରିଟି (ନାଲସା) ଆନୁକୂଲ୍ୟରେ ଓଡ଼ିଶା ରାଜ୍ୟ ଆଇନସେବା ପ୍ରାଧିକରଣ ପକ୍ଷରୁ ରାଜ୍ୟର ୩୦ ଜିଲାରେ ଥିବା ବିଭିନ୍ନ ଜିଲାସ୍ତରୀୟ ଅଦାଲତ ସମେତ କଟକସ୍ଥିତ ଋଣ ଆଦାୟ ଟ୍ରିବ୍ୟୁନାଲ, ଖାଉଟି ଅଦାଲତ, ଭୁବନେଶ୍ୱରସ୍ଥିତ ଇଣ୍ଡଷ୍ଟ୍ରିଆଲ ଟ୍ରିବ୍ୟୁନାଲ ଓ ଷ୍ଟେଟ ଏଜୁକେଶନ ଟ୍ରିବ୍ୟୁନାଲରେ ୪ର୍ଥ ରାଷ୍ଟ୍ରୀୟ ଲୋକ ଅଦାଲତ ଶନିବାର ଅନୁଷ୍ଠିତ ହୋଇଯାଇଛି। ପ୍ରାଧିକରଣର ପାଟ୍ରୋନ-ଇନ୍-ଚିଫ୍ ତଥା ହାଇକୋର୍ଟ ମୁଖ୍ୟ ବିଚାରପତି ହରୀଶ ଟଣ୍ଡନ, ପ୍ରାଧିକରଣ କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ ତଥା ହାଇକୋର୍ଟ ବିଚାରପତି ମାନସ ରଞ୍ଜନ ପାଠକଙ୍କ ମାର୍ଗଦର୍ଶନରେ ଲୋକ ଅଦାଲତ ପରିଚାଳିତ ହୋଇଛି।

**୪ର୍ଥ ରାଷ୍ଟ୍ରୀୟ ଲୋକ ଅଦାଲତ**

**୧୭୪,୭୩,୭୫,୮୮୩ ଟଙ୍କା ଜରିମାନା ଏବଂ କ୍ଷତିପୂରଣ ରାଶି ଆଦାୟ**

ବିଭିନ୍ନ ଅଦାଲତରେ ପଡ଼ି ରହିଥିବା ବିଭିନ୍ନ ୨୧,୧୮୭ଟି ମାମଲା, ରାଜସ୍ୱ ମାମଲା ୨,୯୮,୪୦୧ଟି ଏବଂ ପ୍ରି-ଲିଟିଗେଶନ ମାମଲା ୯,୬୦୭ଟି ମିଶି ମୋଟ ୩,୨୯,୧୯୫ଟି ମାମଲା ଫଇସଲା କରାଯାଇଥିଲା। ଏଥିସହ ମୋଟ ୧୭୪,୭୩,୭୫,୮୮୩ ଟଙ୍କା ଜରିମାନା ଏବଂ କ୍ଷତିପୂରଣ ରାଶି ବାବଦରେ ସ୍ଥିରୀକୃତ ହୋଇଛି।

ବିଭିନ୍ନ ଅଦାଲତରେ ପଡ଼ିରହି ସମାଧାନ ହୋଇ ନ ଥିବା ମାମଲାଗୁଡ଼ିକ ମଧ୍ୟରୁ କ୍ରିମିନାଲ କମ୍ପାଉଣ୍ଡାବଲ ଅଫେନ୍ସ ୪୬୫, ଏନ୍‌ଆଇ ଆକ୍ଟ ୨,୧୨୮, ମନି ରିକଭରି ୭୮୧, ମୋଟରଯାନ ଦୁର୍ଘଟଣାଜନିତ ୯୭୪, ଶ୍ରମ ବିବାଦ ୧୯, ବିଦ୍ୟୁତ୍ ଓ ପାଣି ବିଲ୍ ବିବାଦ ୨୫, ବୈବାହିକ ତଥା ପାରିବାରିକ ବିବାଦ ୬୧୧, ରାଜସ୍ୱ ଓ ଅନ୍ୟାନ୍ୟ ବିବାଦ ୨,୯୮,୪୦୧, ଖାଉଟି ବିବାଦ ଆଦି ୨୭, ସିଭିଲ ବିବାଦ ୨,୭୨୫, ଫୌଜଦାରି ୧୩,୪୦୪, ଋଣ ଆଦାୟ ଟ୍ରିବ୍ୟୁନାଲ ୧୨, ରାଜ୍ୟ ଖାଉଟି ଅଦାଲତରେ ୪ଟି, ରାଜ୍ୟ ଶିକ୍ଷା ଟ୍ରିବ୍ୟୁନାଲରେ ୫ଟି ମାମଲା ଓ ଭୁବନେଶ୍ୱର ଶିଳ୍ପ ଟ୍ରିବ୍ୟୁନାଲରେ ୭ଟି ମାମଲା ଫଇସଲା ହୋଇଥିବା ରାଜ୍ୟ ଆଇନସେବା ପ୍ରାଧିକରଣ ପକ୍ଷରୁ ସୂଚନା ଦିଆଯାଇଛି।




ଯେ ସେହି ସତ୍ୟ ଶିବ ସୁନ୍ଦର ଭଗବାନଙ୍କୁ କୁତ୍ସିତ ଓ ସୟତାନ ଭିତରେ ବି ଦେଖିପାରେ ଏବଂ ସେମାନଙ୍କ ପ୍ରତି ପ୍ରେମାନୁଭୂତିରେ ସେମାନଙ୍କୁ କୁତ୍ସିତତା ଓ ସୟତାନୀ କବଳରୁ ମୁକ୍ତ କରିବାକୁ ସଂକଳ୍ପ କରେ– ତେବେ ତାକୁଇ ଆମେ ଯଥାର୍ଥ ସୁଗୁଣବନ୍ତ ଓ ନୀତିବାନ ବ୍ୟକ୍ତି ବୋଲି କହିବା। –ଶ୍ରୀଅରବିନ୍ଦ



# ସୁଶାସନରେ ସମସ୍ୟା



## ଆକାର ପଟେଲ

ଅନେକ ସମୟରେ ଶାସନରେ ସୁଫଳ ପାଇବା କଷ୍ଟକର ହେଲେ ବିଫଳତାକୁ ସ୍ୱୀକାରକରିବା ପରିବର୍ତ୍ତେ ରାଜନୈତିକ କୌଶଳ ବା ଦୃଷ୍ଟିକୋଣ ଉପରେ ନିର୍ଭର କରାଯାଇପାରେ, ଯାହା ଏକ ଦୁର୍ବଳ ବିକଳ୍ପ। ଯେତେବେଳେ ଏୟାରଲାଇନ୍ସ ବିଜ୍‌ନେସ୍ ଠପ୍ ହୋଇଯାଏ ଏବଂ ସାରା ଭାରତରେ ବିମାନବନ୍ଦରଗୁଡ଼ିକର ଅବ୍ୟବସ୍ଥା କ୍ରୋଧ ସୃଷ୍ଟି କରେ, ସେତେବେଳେ ସମସ୍ୟାର ସମାଧାନ ପାଇଁ ଜଣେ ବିମାନ ସିଇଓ ହାତଯୋଡ଼ି ମନ୍ତ୍ରୀଙ୍କ ସମ୍ମୁଖରେ ପ୍ରାର୍ଥନା କରୁଥିବା ଫଟୋକୁ ପ୍ରସାରିତ କରିବାକୁ ପଡ଼େ, ଯେଉଁଥିରେ ସମସ୍ୟା ସମାଧାନ ହୋଇଯାଏ। ଯେତେବେଳେ ଏକ କୋଠାରେ ଅଗ୍ନିକାଣ୍ଡ ଘଟି ଅନେକ ଡଜନ ମୃତ୍ୟୁବରଣ କରୁଛନ୍ତି, ତାହାର ସମାଧାନ ହେଉଛି କୋଠାର ଅବଶିଷ୍ଟାଂଶକୁ ବୁଲ୍‌ଡୋଜରରେ ଧ୍ୱଂସ କରିଦେବା। ସମସ୍ୟାର ଆଉ ଏକ ସନ୍ତୋଷଜନକ ସମାଧାନ ହେଉଛି ପୁନଃ ନାମକରଣ। ନୂତନ ଭାରତରେ ଏମ୍‌ଜିଏନ୍‌ଆର୍‌ଇଜିଏକୁ ଏବେ ପୂଜ୍ୟ ବାପୁ ଗ୍ରାମୀଣ ନିଯୁକ୍ତି ଗ୍ୟାରେଣ୍ଟି ଆଇନ ବୋଲି କୁହାଯିବ ଏବଂ ଏହାକୁ ବିସ୍ତାରିତ କରାଯିବ। ୧୦ବର୍ଷ ପୂର୍ବେ ଦାୟିତ୍ୱ ଗ୍ରହଣ କରିବାର କିଛିମାସ ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଲୋକ ସଭାରେ କହିଥିଲେ, ଏମ୍‌ଜିଏନ୍‌ଆର୍‌ଇଜିଏ ଜାରି ରହିବ, କାରଣ ଏହା ମନମୋହନ ସିଂହଙ୍କ ସରକାରଙ୍କ ଖରାପ ପ୍ରଦର୍ଶନକୁ ଦର୍ଶାଇବ। ସେ ବିରୋଧୀଙ୍କୁ କହିଥିଲେ, ''ମୋର ରାଜନୈତିକ ପ୍ରବୃତ୍ତି ମୋତେ କହୁଛି ଯେ ଏମ୍‌ଜିଏନ୍‌ଆର୍‌ଇଜିଏ ବନ୍ଦ କରାଯିବା ଉଚିତ ନୁହେଁ, କାରଣ ଏହା ଆପଣଙ୍କ ବିଫଳତାର ଏକ ଜୀବନ୍ତ ସ୍ମାରକୀ। ଏତେ ବର୍ଷ କ୍ଷମତାରେ ରହିବା ପରେ, ଆପଣ କେବଳ ଜଣେ ଗରିବ ଲୋକକୁ ମାସକୁ କିଛିଦିନ ଖାତ ଖୋଳିବାକୁ ଦେଇପାରିଲେ।'' ନୀତିନ୍ ଗଡ଼କରୀ କହିଥିଲେ, ଏମ୍‌ଜିଏନ୍‌ଆର୍‌ଇଜିଏ ଭାରତର ଏକ ତୃତୀୟାଂଶ ଜିଲା ମଧ୍ୟରେ ସୀମିତ ରହିବ ଏବଂ ହିତାଧିକାରୀଙ୍କ ପାଇଁ ମଜୁରି ହ୍ରାସ କରାଯିବ। ଅନୁମାନ କରାଯାଇଥିଲା ଯେ ମୋଦିଙ୍କ ଶାସନରେ ନିଯୁକ୍ତି ସୃଷ୍ଟି କରାଯାଇ ଯୋଜନାକୁ ଅନାବଶ୍ୟକ କରିଦେବ। ଡିସେମ୍ବର ୨୦୧୪ ସୁଦ୍ଧା, ପାଞ୍ଚଟି ରାଜ୍ୟ ବ୍ୟତୀତ ଅନ୍ୟ ସମସ୍ତ ରାଜ୍ୟ ୨୦୧୩ ତୁଳନାରେ ୨୦୧୪ରେ କେନ୍ଦ୍ରଠାରୁ ଯଥେଷ୍ଟ କମ୍ ପାଣ୍ଠି ପାଇଥିଲେ। ତେବେ ଭାରତର ଅର୍ଥନୀତି ଦୁର୍ବଳ ହୋଇ ବେରୋଜଗାର ବୃଦ୍ଧି ପାଇବାରୁ ମୋଦି ଯେଉଁ ଯୋଜନାକୁ ବିଫଳ ବୋଲି କହିଥିଲେ ସେହି ଯୋଜନାରେ ଅଧିକରୁ ଅଧିକ ନିବେଶକଲେ। ୨୦୧୪–୧୫ରେ ଏମ୍‌ଜିଏନ୍‌ଆର୍‌ଇଜିଏ ୩୨,୦୦୦ କୋଟି ଟଙ୍କା ପାଇଲା ; ୨୦୧୫–୧୬ ରେ ୩୭,୦୦୦ କୋଟି ଟଙ୍କା ; ୨୦୧୬–୧୭ ରେ ୪୮,୦୦୦ କୋଟି ଟଙ୍କା ; ୨୦୧୭–୧୮ ରେ ୫୫,୦୦୦ କୋଟି ଟଙ୍କା ; ୨୦୧୮–୧୯ ରେ ୬୧,୦୦୦ କୋଟି ଟଙ୍କା ; ୨୦୧୯–୨୦ ରେ ୭୧,୦୦୦ କୋଟି ଟଙ୍କା ଏବଂ ୨୦୨୦–୨୧ ରେ ୧,୧୧,୦୦୦ କୋଟି ଟଙ୍କା। ମୋଦିଙ୍କ ସମୟରେ ମନମୋହନ ସିଂହଙ୍କ ସମୟ ସ୍ମାରକୀର ଆକାର ପ୍ରାୟ ୩ ଗୁଣ ହୋଇଗଲା। ସେବେଠାରୁ କୌଶଳରେ ଏମ୍‌ଜିଏନ୍‌ଆର୍‌ଇଜିଏ ବଜେଟ୍‌କୁ ଅସ୍ପଷ୍ଟ ରଖାଯିବା ରାଜ୍ୟଗୁଡ଼ିକୁ ପାଣ୍ଠି ପାଇବାରୁ ବଞ୍ଚିତ କରିବା ଭଳି କାର୍ଯ୍ୟ କରାଯାଇଛି। ଏହା ନିଃସନ୍ଦେହ ଯେ, ଏବେ ଯୋଜନାର ପୁନଃ ନାମକରଣ ଏହି ସମସ୍ତ ସମସ୍ୟାର ସମାଧାନ କରିବ। ଏହା ଆମ ସୁଶାସନର ଇତିହାସ। ଯେଉଁ କଷ୍ଟକର କାର୍ଯ୍ୟଗୁଡ଼ିକ ପାଇଁ ଯୋଜନା ଓ କାର୍ଯ୍ୟାନ୍ୱୟନ ଆବଶ୍ୟକ ଥିଲା, ସେଗୁଡ଼ିକୁ ପ୍ରଥମେ ଗ୍ରହଣ କରାଯାଇଥିଲା ଏବଂ ତା'ପରେ ପରିତ୍ୟାଗ କରାଗଲା। ନିର୍ବାଚନ ବିଜୟ ପରେ ଜୁନ୍ ୨୦୧୪ରେ ନମାମି ଗଙ୍ଗେ ଯୋଜନାରେ ଏହା ଘଟିଥିଲା। ପ୍ରଦୂଷଣ ହ୍ରାସ, ଗଙ୍ଗାର ସଂରକ୍ଷଣ ଏବଂ ପୁନରୁଦ୍ଧାର ପାଇଁ ୨୦,୦୦୦ କୋଟି ଟଙ୍କା ବରାଦ କରାଯାଇଥିଲା। ଗଙ୍ଗା ନିରନ୍ତର ସମୁଦ୍ରକୁ ପ୍ରବାହିତ ହେଉଥିବାରୁ ଏହାକୁ ଏତେ ସଫା କରିବା ଆବଶ୍ୟକ ନ ଥିଲା, ବରଂ କିଭଳି ଅଧିକ ପ୍ରଦୂଷକ ଏଥିରେ ପ୍ରବେଶ ନ କରିବ ତାହା ନିଶ୍ଚିତ କରିବାର ଥିଲା। କାରଣ ଏହା ଏକ ଗମ୍ଭୀର ସମସ୍ୟା ଯାହା ଅନେକ ସ୍ଥାନରେ ଘଟୁଛି, ଯେଉଁଠାରେ ନଦୀକୁ ତରଳ ରାସାୟନିକ ବର୍ଜ୍ୟ ଛଡ଼ାଯାଉଛି। ଯେତେବେଳେ ଜାଣିବାକୁ ମିଳିଲା ଯେ ଗଙ୍ଗାକୁ ସଫା କରିବା ପାଇଁ ଯଥେଷ୍ଟ ପ୍ରୟାସ ଆବଶ୍ୟକ, ସେତେବେଳେ ପ୍ରକଳ୍ପ ପାଇଁ ଉତ୍ସାହ କମିଗଲା।

ଫେବୃଆରୀ ୨୦୧୭ରେ, ନ୍ୟାଶନାଲ ଗ୍ରୀନ୍ ଟ୍ରିବ୍ୟୁନାଲ୍ (ଏନ୍‌ଜିଟି) ମତ ଦେଇଥିଲେ ଯେ, ଗଙ୍ଗା ନଦୀର ଗୋଟିଏ ବୁନ୍ଦା ଏ ପର୍ଯ୍ୟନ୍ତ ସଫା କରାଯାଇ ନାହିଁ ଏବଂ ସରକାର କେବଳ ସାଧାରଣ ଲୋକଙ୍କ ଟଙ୍କା ନଷ୍ଟ କରୁଛନ୍ତି। ପରବର୍ଷ, ଗଙ୍ଗାକୁ ସୁରକ୍ଷା ଦେବା ପାଇଁ ଏକ ଆଇନ ଦାବିକରି ଆସୁଥିବା ତଥା ୧୧୧ ଦିନ ଧରି ଆମରଣ ଅନଶନରେ ଥିବା ୮୬ ବର୍ଷୀୟ ପରିବେଶବିତ୍ ଜି.ଡି. ଅଗ୍ରୱାଲ ଶେଷରେ ପାଣି ନ ପିଇ ପ୍ରାଣ ହରାଇଥିଲେ। ଅଗ୍ରୱାଲଙ୍କ ମୃତ୍ୟୁର ଗୋଟିଏ ଦିନ ପୂର୍ବରୁ ଗଡକରୀ (ଯିଏ କେନ୍ଦ୍ର ଜଳ ସମ୍ପଦ, ନଦୀ ବିକାଶ ଏବଂ ଗଙ୍ଗା ପୁନରୁଦ୍ଧାର ମନ୍ତ୍ରୀ ଥିଲେ) କହିଥିଲେ, ଅଗ୍ରୱାଲଙ୍କ ପ୍ରାୟ ସମସ୍ତ ଦାବି ପୂରଣ ହୋଇଛି। ନମାମି ଗଙ୍ଗେ ପାଇଁ ଦିଆଯାଇଥିବା ଅର୍ଥ ୨୦୧୬–୧୭ରେ ୨୫୦୦ କୋଟି ଟଙ୍କାରୁ ହ୍ରାସ ପାଇ ୨୦୧୭–୧୮ରେ ୨୩୦୦ କୋଟି ଟଙ୍କା ଏବଂ ତା'ପରେ ୨୦୧୮–୧୯ରେ ୬୮୭ କୋଟି ଟଙ୍କାକୁ ହ୍ରାସ ପାଇଥିଲା। ୨୦୧୯–୨୦ରେ ପ୍ରାୟ ୩୭୫ କୋଟି ଟଙ୍କା ଖର୍ଚ୍ଚ ହୋଇଥିଲା। ସେହି ବର୍ଷ ପ୍ରକଳ୍ପକୁ 'ଜଳ ଶକ୍ତି' ପ୍ରକଳ୍ପରେ ପରିଣତ କରାଯାଇଥିଲା। ଯେତେବେଳେ ମାର୍ଚ୍ଚ ୨୦୨୦ରେ ଲକ୍‌ଡାଉନ ଯୋଗୁ ପ୍ରଦୂଷଣକାରୀ ୟୁନିଟ୍‌ଗୁଡ଼ିକ ଅସ୍ଥାୟୀ ଭାବରେ ବନ୍ଦ ହୋଇଗଲା, ମୋଦି ସରକାର ଦାବି କରିଥିଲେ ଯେ ଗଙ୍ଗା ସଫା ହୋଇଯାଇଛି। 'ସ୍ୱଚ୍ଛ ଗଙ୍ଗା ପାଇଁ ଜାତୀୟ ମିଶନ' ଲାଗି ଥିବା ସରକାରୀ ୱେବ୍‌ସାଇଟରୁ ଜଣାପଡ଼ିଛି ଯେ, ଏହାକୁ ପରିଚାଳନା କରୁଥିବା ପରିଷଦର ବୈଠକ ୧୦ ବର୍ଷ ମଧ୍ୟରେ କେବଳ ୨ଥର ଗୋଟିଏ ୧୪ ଡିସେମ୍ବର ୨୦୧୯ ଏବଂ ଦ୍ୱିତୀୟଟି ୩୦ ଡିସେମ୍ବର ୨୦୨୨ରେ ହୋଇଥିଲା। ୧୦ ବର୍ଷ ପରେ ଅତ୍ୟଧିକ ପ୍ରଚାର ପରେ ଗଙ୍ଗା ସଫା ହୋଇଯାଇଛି କି ? ବିରୋଧୀ ଦଳ କହୁଛି ନା। '୨୦,୦୦୦ କୋଟି ଟଙ୍କା ଖର୍ଚ୍ଚ କରିବା ସତ୍ତ୍ୱେ ଗଙ୍ଗା ନଦୀ କାହିଁକି ମଇଳା ହୋଇଛି: ପ୍ରଧାନମନ୍ତ୍ରୀ ମୋଦିଙ୍କୁ କଂଗ୍ରେସ ପଚାରିଛି'– ଏହା ଥିଲା ୧୪ ମେ ୨୦୨୪ରେ ପ୍ରେସ୍ ଟ୍ରଷ୍ଟ ଅଫ୍ ଇଣ୍ଡିଆର ଶିରୋନାମା। ୨ ଥରରୁ ଅଧିକ ଅର୍ଥାତ୍ ୧୦ ବର୍ଷରୁ ଅଧିକ ସମୟ ପଦରେ ରହିବା ପରେ ସୁଶାସନ ବିଷୟରେ କହିବାରେ ଏହା ହେଉଛି ସମସ୍ୟା। ଏହି ରେକର୍ଡ ଆମ ସାମ୍ନାରେ ଅଛି ଏବଂ ପ୍ରତିଦିନ ପ୍ରକାଶ ପାଇଚାଲିଛି।

Email:aakar.patel@gmail.com

## su | do | ku — ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 2 | | 8 | | | 4 | |
| | | | | | | | 7 | 9 |
| | | | 4 | 6 | | | | 8 |
| 5 | | | | | | | | |
| 1 | 2 | 8 | | 9 | | | | |
| | 9 | 6 | 5 | | 4 | | | |
| | | 3 | | | | 1 | | |
| 6 | | | | | 5 | | 2 | |
| | | | | 2 | 1 | | 3 | 7 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 2 | 4 | 7 | 1 | 5 | 3 | 8 | 9 | 6 |
| 6 | 5 | 3 | 4 | 8 | 9 | 1 | 2 | 7 |
| 1 | 8 | 9 | 7 | 6 | 2 | 5 | 3 | 4 |
| 8 | 7 | 1 | 5 | 3 | 4 | 9 | 6 | 2 |
| 5 | 2 | 6 | 9 | 7 | 8 | 4 | 1 | 3 |
| 3 | 9 | 4 | 2 | 1 | 6 | 7 | 8 | 5 |
| 9 | 3 | 2 | 8 | 4 | 7 | 6 | 5 | 1 |
| 7 | 1 | 8 | 6 | 2 | 5 | 3 | 4 | 9 |
| 4 | 6 | 5 | 3 | 9 | 1 | 2 | 7 | 8 |

ଗତକାଲିର ଉତ୍ତର

# ଭାରତ ମାତାର ଦୁଃଖ

ଚିତ୍ର ଚରିତ୍ର



## ଅଧ୍ୟାପକ ନିରଞ୍ଜନ ପାଢ଼ୀ

ଏଇ କେଇଦିନ ତଳେ ସଂସଦ ଭବନରେ ପ୍ରଧାନମନ୍ତ୍ରୀ ମୋଦି 'ବନ୍ଦେ ମାତରଂ'କୁ ନେଇ ଏକ ଦୀର୍ଘକାଳୀନ ବିଚାର ବିଶ୍ଳେଷଣ ରଖିଥିଲେ। 'ବନ୍ଦେ ମାତରଂ'କୁ ନେଇ ପାର୍ଲାମେଣ୍ଟ ସଦନରେ ପ୍ରଧାନମନ୍ତ୍ରୀଙ୍କ ବକ୍ତବ୍ୟ ଭିତରେ ପ୍ରତିଧ୍ୱନିତ ହେଉଥିଲା ଏକ ଗୌରବମୟ ଅତୀତର ସ୍ମୃତି ରୋମନ୍ଥନ। ତେବେ ସ୍ୱାଧୀନତା ପ୍ରାପ୍ତିର ଦୀର୍ଘ ୮ ଦଶନ୍ଧି ପୂର୍ଣ୍ଣ ହେବାକୁ ଯାଉଥିବାବେଳେ ତତ୍କାଳୀନ ସ୍ୱାଧୀନତା ସଂଗ୍ରାମୀଙ୍କ ଚେତନାରେ ଶତସିଂହର ବିକ୍ରମ ସୃଷ୍ଟି କରିବା ସାମର୍ଥ୍ୟ ରଖିଥିବା ସେଇ ମହାନ୍ ମନ୍ତ୍ରର ଜୟଗାନ କରିବାର ଆବଶ୍ୟକତା କାହିଁକି ପଡ଼ିଲା! ଯେଉଁମାନେ ସେଦିନ ପ୍ରଧାନମନ୍ତ୍ରୀଙ୍କ ସେଇ ବକ୍ତବ୍ୟ ଶୁଣିଥିବେ, ସେମାନେ ଜାଣିଥିବେ ଯେ 'ବନ୍ଦେ ମାତରଂ' ସମ୍ପର୍କରେ ଚର୍ଚ୍ଚା କରିବା ମୂଳରେ କାରଣ କ'ଣ ଥିଲା।

ତେବେ ଆମେ ଯଦି ଜନ୍ମଭୂମି ଭାରତବର୍ଷକୁ ମାତୃଜ୍ଞାନ କରୁ ଓ ସେଇ ମାଆଟିର ଯଦି ଆତ୍ମା ଥିବ, ତାହା ବିଳପି ଉଠୁଥିବ ଏଇଆ ଭାବି– ''ମୁଁ ବନ୍ଦନୀୟା କି ନୁହେଁ, ତାହାକୁ ନେଇ ମୋ ସନ୍ତାନମାନଙ୍କ ମଧ୍ୟରେ ପୁଣି ବିତର୍କ''! କେଇ ବର୍ଷ ତଳେ ଜଣେ ପ୍ରମୁଖ ରାଜନେତାଙ୍କ ଘୋଷଣା ମନେପଡୁଥିବ ଭାରତମାତାଙ୍କର। ସେ କହିଥିଲେ– ''ମୋ ବେକରେ ଛୁରି ଲଗାଇଲେ ବି ମୁଁ 'ଭାରତ ମାତା କି ଜୟ' କହିବି ନାହିଁ।'' ମହାରାଷ୍ଟ୍ର ବିଧାନସଭାର ତତ୍କାଳୀନ ଜଣେ ସଦସ୍ୟ ମଧ୍ୟ କହିଥିଲେ– ''ମୋ ମୁଣ୍ଡ କଟିଗଲେ ବି ମୁଁ ଭାରତକୁ ମାଆ ମାନିବିନି।'' ଅବଶ୍ୟ ଏ କଥା ସତ ଯେ ଜନସ୍ମୃତିରେ ସବୁ ବିସ୍ଫୋରକ ବିବୃତିର ଆୟୁଷ ମାତ୍ର ସ୍ୱଳ୍ପକାଳ ପାଇଁ। ବିବୃତିଟିରେ ବହୁଜନ ଗ୍ରହଣୀୟତା ନ ଥିଲେ ସୃଷ୍ଟିହୁଏ କିଛି ସାମୟିକ ବାଦ ବିବାଦ ବା ପ୍ରତିବାଦର ପ୍ରବାହ। କିଛିଦିନ ପାଇଁ ଏ ପ୍ରବାହ ଭିତରେ ଭାସିଯାଏ ସମଚିନ୍ତକ ସମର୍ଥକ ଓ ବଳଶାଳୀ ବିରୋଧୀମାନଙ୍କ ବିତର୍କ। ପୁଣି କିଛିଦିନ ପରେ ପ୍ରସଙ୍ଗଟି ଶୀତଳ ହୋଇଆସେ ଓ କ୍ରମେ କ୍ରମେ ଜନବିସ୍ମୃତିରେ ସତ୍ତା ହରାଇବସେ।

ମାତ୍ର ଯାହାଙ୍କୁ ନେଇ ଏ ବାଦ ବିସମ୍ବାଦ, ସେଇ ମାଆଟିର ମନ କଥା କେହି ବୁଝିବାକୁ ଚେଷ୍ଟା କରନ୍ତି କି ? ପ୍ରତ୍ୟେକ ମଣିଷର ମାଆ ଓ ମାତୃଭୂମି ଥାଏ। ଜଣଙ୍କ ଗର୍ଭରୁ ସେ ଜନ୍ମ ନେଇଥାଏ ଓ ଆଉ ଜଣଙ୍କ ଉପରେ ପାଦ ଥାପି ନିଜ ପାଇଁ ପରିଚୟଟିଏ ସୃଷ୍ଟି କରେ। ଉଭୟ ଜନନୀ ଓ ଜନ୍ମଭୂମିର ସଂସ୍କାର ସଂସ୍କୃତି ସହ ସେ ଏମିତି ସଂଲଗ୍ନ ଥାଏ ଯେ, ଉଭୟଙ୍କଠୁଁ ବିଚ୍ଛିନ୍ନ ହୋଇ ପରିଚିତ ହେବା ତା' ନିୟନ୍ତ୍ରଣରେ ନ ଥାଏ। ପ୍ରକୃତପକ୍ଷେ କେବଳ ମାତା ବା ମାତୃଭୂମି କାହିଁକି, ନିଜ ଭାଷା, ଧର୍ମ ଓ ଜାତୀୟତା ଭିତ୍ତିରେ ମଣିଷର ଯେଉଁ ପରିଚୟଟି ଗଢ଼ି ଉଠିଥାଏ, ସେ ସବୁରୁ ଗୋଟିଏ ବି ମଣିଷର ସ୍ୱାଧୀନ ଇଚ୍ଛାସମ୍ଭୂତ ନୁହେଁ। ନିଜ ପସନ୍ଦ ଅନୁଯାୟୀ ମଣିଷ ଏ ମଧ୍ୟରୁ ଗୋଟିଏ ବି ନିର୍ବାଚନ କରେ ନାହିଁ, କରିପାରେ ନାହିଁ। ଅତଏବ, ଭାରତକୁ ମାତା ଭାବେ ଗ୍ରହଣ କରିବାକୁ ନିଜ ଧର୍ମ ବିଚାରର ପରିପନ୍ଥୀ ବିଚାରୁଥିବା ଭାରତୀୟଙ୍କ ପାଖରେ ଯଦି ଅନ୍ୟ କିଛି ବିକଳ୍ପ ଅଛି ତ ଭଲକଥା। ମାତ୍ର ଯଦି ନାହିଁ, ତେବେ ଧରିନେବାକୁ ହେବ ଯେ ସେମାନେ ମାଆକୁ ଦୁଃଖ ଦେଇ ଆନନ୍ଦ ପାଆନ୍ତି!



କୌଣସି ପ୍ରାପ୍ତିର ପ୍ରତ୍ୟାଶା ନ ରଖି, ଅପ୍ରାପ୍ତି, ଅବଜ୍ଞା ଓ ଅପମାନର ବୋଝ ମୁଣ୍ଡାଇ ତଥାପି ସଦାକାଳ ସନ୍ତାନର ମଙ୍ଗଳ କାମନା କରୁଥିବା ଶକ୍ତି ଏ ସଂସାରରେ କେବଳ ଦୁଇଜଣ– ମାତା ଓ ମାତୃଭୂମି। ନିମ୍ନତମ ସମୁଚିତ ସମର୍ପଣଠୁଁ ଦୂରେଇ ଯାଇ ସନ୍ତାନଟିଏ ଯେବେ ବ୍ୟକ୍ତିବାଦ, କୁସଂସ୍କାର, ଅଜ୍ଞାନତା ଓ ଧର୍ମାନ୍ଧତା ଭଳି ହୀନ ମତବାଦରେ ଆକ୍ରାନ୍ତ ହୋଇ ଏ ଦୁହିଁଙ୍କୁ ଲାଞ୍ଛିତ ଓ ନିର୍ଯାତିତ କରେ, ସେତେବେଳେ ଦାରୁଣ ବେଦନାରେ ଏମାନଙ୍କ ହୃଦୟ ମଚ୍ଛି ହୋଇଯାଇଥାଏ। ଅଥଚ ଆଶ୍ଚର୍ଯ୍ୟର ବିଷୟ, ସନ୍ତାନର ପାଗଳପଣରେ ଏମାନେ ପ୍ରତିକ୍ରିୟାଶୀଳ ହୁଅନ୍ତି ନାହିଁ, ହୋଇପାରନ୍ତି ନାହିଁ। ତଥାପି ସେମାନେ ପଥହୁଡ଼ା ପୁଅଟିକୁ କୋଳେଇ ଧରି ନିଜ ମାତୃତ୍ୱକୁ ନେଇ ଗର୍ବ କରନ୍ତି।

ସମଗ୍ର ବିଶ୍ୱ ପ୍ରେକ୍ଷାପଟରେ ଭାରତୀୟ ସଂସ୍କାର ଓ ସଂସ୍କୃତିର କାନ୍ତକମନୀୟତା ଓ ସହିଷ୍ଣୁତା ସର୍ବଜନସ୍ୱୀକୃତ। ଏ ଦେଶର ମହିମା ବଡ଼ ବିଚିତ୍ର। ଏଠି ରାସ୍ତାକଡ଼ର ଯେକୌଣସି ପଥରକୁ ଦେବତା ମାନ୍ୟତା ଦେଇ ଫୁଲ ସିନ୍ଦୂର ଲଗାଇ ପୂଜା କରାଯାଇପାରେ। ଏଠି ପୁଣି ସମଗ୍ର ବସୁଧାକୁ କୁଟୁମ୍ବ ଜ୍ଞାନ କରି ପଡ଼ୋଶୀ ଦେଶର ବିତାଡ଼ିତା ଲେଖିକାଙ୍କୁ ଆତିଥ୍ୟ ଦିଆଯାଇପାରେ। ସାଂସ୍କୃତିକ ସ୍ୱାଧୀନତା ନାମରେ ଆରାଧ୍ୟା ସରସ୍ୱତୀଙ୍କର ଅଶ୍ଳୀଳ ଚିତ୍ର ଆଙ୍କିଥିବା ଚିତ୍ରକରଙ୍କୁ ଭାରତର ଗୌରବ କହି ସମ୍ମାନିତ କରାଯାଇପାରେ। ଏଠାରେ ନିଜ ପାଇଁ ଏକ ମଧୁମୟ ଜୀବନ ଅପେକ୍ଷା ଗୋଟିଏ ଅମୃତମୟ ବିଶ୍ୱର ବରଦାନ ପାଇଁ ପ୍ରଭୁଙ୍କୁ ପ୍ରାର୍ଥନା କରାଯାଇପାରେ। ଏଥିପାଇଁ ବୋଧହୁଏ ତାଙ୍କ ମାତୃଭୂମି ଭାରତକୁ ଅବଶିଷ୍ଟ ବିଶ୍ୱ ସହ ପରିଚିତ କରାଇ ସେଦିନ ବିଶ୍ୱବିଜୟୀ ବିବେକାନନ୍ଦଙ୍କ କଣ୍ଠରୁ ଭାସି ଆସିଥିଲା ଅନିର୍ବଚନୀୟ ଦେଶପ୍ରେମର ଏକ ଉତ୍ତାଳ ତରଙ୍ଗ– ''ମୋ ପ୍ରିୟ ଭାରତବର୍ଷ! ମୋ ଶୈଶବର ଫୁଲଶଯ୍ୟା, ମୋ ଯୌବନର ଉପବନ, ମୋ ବାର୍ଦ୍ଧକ୍ୟର ବାରାଣସୀ''।

ଅଥଚ ବିଡ଼ମ୍ବନାର ବିଷୟ, ଭାରତ ସହ ଭାରତୀୟମାନଙ୍କ ଦିବ୍ୟ ସମ୍ପର୍କର ସେଇ ସୂକ୍ଷ୍ମ ତନ୍ତ୍ରୀଟି କେଉଁଠି କେଉଁ ପ୍ରକାର ଦ୍ୱିଧାଗ୍ରସ୍ତ ଯେ ଜଣେ ଭାରତବାସୀ ସର୍ବଜନସମ୍ମୁଖରେ ଘୋଷଣା କରିପାରୁଛି– ''ମୁଁ ଜୀବନ ଦେଇଦେବି ପଛେ, ଭାରତକୁ ମାଆ ବୋଲି ମାନିବି ନାହିଁ।'' ମାତ୍ର ବାସ୍ତବପକ୍ଷେ କେବେ ବି କୌଣସି କାଳରେ ମାଆଟିଏ ନିଜର ପରିଚୟ ପ୍ରତିଷ୍ଠା ପାଇଁ ତା' ସନ୍ତାନର ମୁଣ୍ଡ ଲୋଡ଼େନାହିଁ। ଏ ପ୍ରସଙ୍ଗରେ ରୋଚକ କାହାଣୀଟିଏ।

ବାଲ୍ୟକାଳରୁ ନିଜ ପିତାଙ୍କୁ ହରାଇ ଦୁଃଖିନୀ ମାଆଙ୍କ ଦ୍ୱାରା ପ୍ରତିପାଳିତ ହୋଇଥିବା ପୁଅଟି ଯୌବନକାଳରେ ଜଣେ ସୁନ୍ଦରୀ ତରୁଣୀର ପ୍ରେମରେ ପଡ଼ିଗଲା। ବିବାହ ଆଡ଼କୁ କଥା ବଢ଼ିଲା। ମାତ୍ର ପ୍ରତିବନ୍ଧକ ହେଲା ଯୁବତୀଟିର ଅଦ୍ଭୁତ ସର୍ତ୍ତ। ସେ କହିଲା, ''ବିବାହ ପାଇଁ ମୁଁ ରାଜି। ମାତ୍ର ବିବାହ ପରେ ଆମ ଦୁହିଁଙ୍କ ସଂଯୁକ୍ତ ଜୀବନରେ ତମ ମାଆଙ୍କ ଉପସ୍ଥିତି ମୋ ପାଇଁ ସମ୍ପୂର୍ଣ୍ଣ ଅଗ୍ରହଣୀୟ। ସୁତରାଂ, ମୋତେ ପାଇବାକୁ ହେଲେ ତୁମ ମାଆଙ୍କୁ ହରାଇବାକୁ ପଡ଼ିବ। ତୁମ ମାଆଙ୍କୁ ହତ୍ୟା କରି ତାଙ୍କ କଳିଜା ଆଣି ଦେଖାଇଲେ ହିଁ ମୋତେ ପାଇବ।'' ପ୍ରେମିକାର ଏହି ନିଷ୍ଠୁର ସର୍ତ୍ତ କିଛି କ୍ଷଣ ପାଇଁ ହତବାକ୍ କରିଦେଲା ପ୍ରେମିକଟିକୁ। ଦୁଃଖ ସହି ପୁଅକୁ ସୁଖରେ ବଢ଼ାଇ ଆଣିଥିବା ମାଆର ମୁହଁ ତା' ଆଖି ଆଗରେ ଭାସିଉଠିଲା। ମାତ୍ର ପ୍ରେମରେ ଅନ୍ଧ ହୋଇଯାଇଥିବା ପୁଅଟି ତା' ମାଆର ସକଳ ତ୍ୟାଗକୁ ଭୁଲିଯାଇ ତାଙ୍କୁ ହତ୍ୟା କଲା ଓ ତାଙ୍କ କଳିଜାଟିକୁ ଧରି ଦୌଡ଼ିବାରେ ଲାଗିଲା। ନିଜ ମାଆର ଅତର୍କିତ ବିୟୋଗ ତାକୁ ଯେତିକି ସନ୍ତପ୍ତ କରୁ ନ ଥିଲା, ତାହାଠୁଁ ଅଧିକ ଉଚ୍ଚାଟ କରୁଥିଲା ତା' ପ୍ରେମିକାର ପ୍ରେମ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା ପରର ଏକ ସୁଖଦ ସମ୍ଭାବନାର ଉଦ୍‌ବେଳନ। ଦୌଡୁଥିବା ବେଳେ ସେ ଝୁଣ୍ଟି ପଡ଼ି ଆହତ ହେଲା। ତଳୁ ଉଠିବାର ଉପକ୍ରମ କରୁଥିବା ବେଳେ ସେ ଶୁଣିପାରିଲା ଏକ ଦରଦୀ କଣ୍ଠର ଆଶ୍ୱାସନା– ''ଆଃ, ମୋ ଧନକୁ କେଡ଼େ କଷ୍ଟ ହୋଇ ନ ଥିବରେ! ଆ' ମୋ ପାଖକୁ। ତୋତେ ଟିକେ ଝାଡ଼ିଦେବି, ଆଉଁଶି ଦେବିରେ ଧନ!''

ଆଚମ୍ବିତ ହେଲା ପ୍ରେମପାଗଳ ମାତୃହତ୍ୟାକାରୀ ବାଚାଳ ଯୁବକ। ଏ ଯେ ତା' ମାଆର କଣ୍ଠସ୍ୱର! ମାତ୍ର ଏହା କେମିତି ସମ୍ଭବ! କେଇ ମୁହୂର୍ତ୍ତ ପୂର୍ବରୁ ମାଆକୁ ହତ୍ୟା କରିଆସିଛି ସେ! ସେ ଦେଖିଲା, ଝୁଣ୍ଟିପଡ଼ିଲା ପରେ ତା' ହାତରୁ ଖସିଯାଇ ଖଣ୍ଡେ ଦୂରରେ ଛିଟିକି ପଡ଼ିଥିବା କଳିଜାରୁ ଭାସିଆସୁଛି ତା' ମାଆଙ୍କ ସମ୍ବେଦନାର ବିକଳ ସ୍ୱର।

କାହାଣୀର ଏଇ ମାଆଙ୍କ ପରି ସଂସାରର ସବୁ ମାଆଙ୍କ କଥା ଶୁଣିବାକୁ ଏକାପରି। ମରିଗଲା ପରେ ବି ସେ ତାଙ୍କ ହତ୍ୟାକାରୀ ସନ୍ତାନର ମଙ୍ଗଳ କାମନା କରନ୍ତି। ନିଜ ଗର୍ଭରୁ ଜନ୍ମ ଦେଇଥିବା ମାଆ ପରି ନିଜ ମାଟି ଉପରେ ବଞ୍ଚିବା ଓ ବଢ଼ିବା ପାଇଁ ସୁଯୋଗ ଦେଇଥିବା ମାତୃଭୂମିର କଥା ଏକାଭଳି। ଉଭୟ ସେମାନଙ୍କ ସନ୍ତାନଙ୍କ ଉଦ୍ଦଣ୍ଡପଣକୁ କ୍ଷମା କରିଦିଅନ୍ତି। କୋଳେଇ ନିଅନ୍ତି ନିଜ ପତ୍ନୀ ବା ପ୍ରେମିକାଙ୍କ ଚାପରେ ବୁଢ଼ୀମାଆକୁ ନିର୍ଯାତନା ଦେଉଥିବା ସଂସ୍କାରଚ୍ୟୁତ ପୁଅକୁ ଅବା ହୀନ ରାଜନୀତିରେ କବଳିତ ହୋଇ''କୌନ ହେ ୟେ ଭାରତ ମାତା' କହୁଥିବା ରାଜନେତାଙ୍କୁ!

ମୋ: ୮୮୯୫୬୨୪୧୦୫

# ପରିବେଶତନ୍ତ୍ରୀ

ବ୍ୟକ୍ତିତ୍ୱ



ସୁପ୍ରିୟା ସାହୁ

''ଆଜି ଯେଉଁଠି ପହଞ୍ଚିଛି ସେଥିପାଇଁ ପ୍ରେରଣା ସ୍ଥାନୀୟ ଗ୍ରାମରୁ ପାଇଛି, ଯେଉଁଠି ଲୋକମାନେ ମୋ ସହ ଠିଆ ହୋଇଥିଲେ। ହେନ୍ତାଳବଣକୁ ନିଜର ଭାବି ପରିଷ୍କାର କରିବାରେ ମୋ ସହ କାମ କରିଥିବା ବ୍ୟକ୍ତିମାନେ ପରିବେଶ ପ୍ରତି ମୋ ଆଗ୍ରହକୁ ବଢ଼ାଇଛନ୍ତି। ମୋର ପ୍ରେରଣା ସେହି ଶିଶୁମାନଙ୍କଠାରୁ ମଧ୍ୟ ଆସିଛି, ଯେଉଁମାନେ ଆଖିରେ ଚମକ ସହ ଜଗତକୁ ଦେଖିଥାଆନ୍ତି।'' ଖୁବ୍ ଶାନ୍ତ ଭାବେ ଏଭଳି ବାକ୍ୟ ବ୍ୟକ୍ତ କରିଥିବା ବ୍ୟକ୍ତି ହେଉଛନ୍ତି ତାମିଲନାଡୁ କ୍ୟାଡରର ଭାରତୀୟ ପ୍ରଶାସନିକ ସେବା (ଆଇଏଏସ୍) ଅଧିକାରୀ ସୁପ୍ରିୟା ସାହୁ। କେନିଆର ନାଇରୋବିଠାରେ ୧୦ ଡିସେମ୍ବରରେ 'ଚାମ୍ପିୟନ୍ସ ଅଫ୍ ଦି ଆର୍ଥ ଆୱାର୍ଡ–୨୦୨୫' ପାଇବା ପରେ ତାଙ୍କ ବ୍ୟକ୍ତିତ୍ୱ ସର୍ବବ୍ୟାପୀ ହୋଇଛି। ଉଲ୍ଲେଖଯୋଗ୍ୟ, ଜାତିସଂଘ ପରିବେଶ କାର୍ଯ୍ୟକ୍ରମ (ୟୁଏନ୍‌ଇପି) ଦ୍ୱାରା ୨୦୦୫ରେ ଏହି ପୁରସ୍କାର ପ୍ରତିଷ୍ଠା କରାଯାଇଥିଲା। ସରକାରୀ, ବେସରକାରୀ ଓ ଭଦ୍ର ସମାଜ ମଧ୍ୟରୁ ଉତ୍ତମ ପରିବେଶ ଦିଗରେ କାର୍ଯ୍ୟ କରୁଥିବା ଉଚ୍ଚ ନେତୃବର୍ଗଙ୍କୁ ମାନ୍ୟତା ଦେବା ଉଦ୍ଦେଶ୍ୟରେ ଏହି ପୁରସ୍କାର ପ୍ରଦାନ କରାଯାଇଆସୁଛି। ଜଳବାୟୁ ନେତୃତ୍ୱ ବର୍ଗରେ ୨୦୨୫ ପାଇଁ ସୁପ୍ରିୟାଙ୍କୁ ଚୟନ କରାଯିବା ଲାଗି ପରିବେଶ ସୁରକ୍ଷା ଦିଗରେ ତାଙ୍କ ଗଭୀର ମନନଶୀଳତାକୁ ଶ୍ରେୟ ଦିଆଯାଉଛି। ଭାରତରେ ପ୍ରମୁଖ ପରିବେଶଗତ ଆହ୍ୱାନର ମୁକାବିଲା ଦିଗରେ ସୁପ୍ରିୟାଙ୍କ ଅଗ୍ରଣୀ ତଥା ଦୀର୍ଘକାଳୀନ ନେତୃତ୍ୱ ପ୍ଲାଷ୍ଟିକ୍ ବର୍ଜନ ଓ ବନ୍ୟଜନ୍ତୁ ସଂରକ୍ଷଣ ଦିଗରେ ଅଭିପ୍ରେତ ରହିଥିବାରୁ ତାଙ୍କ ପ୍ରଚେଷ୍ଟାକୁ ଏହି ପୁରସ୍କାର ଜରିଆରେ ସ୍ୱୀକୃତି ଦିଆଯାଇଥିବା କୁହାଯାଉଛି।

୫୭ ବର୍ଷୀୟା ସୁପ୍ରିୟା ତାମିଲନାଡୁ ବାସିନ୍ଦା। ୧୯୯୧ ବ୍ୟାଚ୍‌ର ଏହି ଆଇଏଏସ୍ ଅଧିକାରୀ ବିଭିନ୍ନ ସମୟରେ ରାଜ୍ୟ ଓ କେନ୍ଦ୍ରରେ ଗୁରୁତ୍ୱପୂର୍ଣ୍ଣ ପଦବୀରେ ରହି ଅନେକ ଦୃଷ୍ଟାନ୍ତ ସୃଷ୍ଟି କରିଛନ୍ତି। ଦୂରଦର୍ଶନର ମହାନିର୍ଦ୍ଦେଶିକା ରହିଥିବା ବେଳେ ସେ ଅନେକ ଶିକ୍ଷଣୀୟ କାର୍ଯ୍ୟକ୍ରମ ରୂପାୟନ କରି ସଂସ୍ଥାର ଅଭୂତପୂର୍ବ ରାଜସ୍ୱ ବଢ଼ାଇ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସୁପ୍ରିୟା ବିଗତ ଚାରିବର୍ଷ ଧରି ତାମିଲନାଡୁର ପରିବେଶ, ଜଳବାୟୁ ପରିବର୍ତ୍ତନ ଏବଂ ଜଙ୍ଗଲ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ଭାବେ କାର୍ଯ୍ୟ କରିଆସୁଛନ୍ତି। ମନଲାଖି ବିଭାଗ ମିଳିଥିବାରୁ ସେ ପରିବେଶ, ଜଳବାୟୁ ପରିବର୍ତ୍ତନ ଓ ବନ୍ୟପ୍ରାଣୀ ସଂରକ୍ଷଣ ଆଦି ଦିଗରେ ବିଶେଷ ଆଗ୍ରହ ରଖିଛନ୍ତି। ପ୍ରକୃତି ପ୍ରତି ପ୍ରେମ ତାଙ୍କର ପିଲାଦିନରୁ ଆରମ୍ଭ ହୋଇଥିଲା। ବାପାଙ୍କ ଚାକିରି ପାଇଁ ସେ ଦେଶର ବିଭିନ୍ନ ପ୍ରାନ୍ତରେ ରହିବାର ସୁଯୋଗ ପାଇଥିଲେ। ତାଙ୍କ ପ୍ରୋଫାଇଲରୁ ପରିବାର ବିଷୟରେ ବିଶେଷ ତଥ୍ୟ ନ ଥିବାରୁ ଲେଖା ତାଙ୍କ ଉପରେ ମୁଖ୍ୟତଃ କେନ୍ଦ୍ରିତ। ସେ ହାତୀଙ୍କୁ ଅତି ଭଲପାଆନ୍ତି। ତାଙ୍କ ଇନ୍‌ଷ୍ଟାଗ୍ରାମ ଆକାଉଣ୍ଟ ସେମାନଙ୍କ ବିଷୟରେ ପୋଷ୍ଟରେ ଭର୍ତ୍ତି। ତାଙ୍କ ଅନ୍ୱେଷଣ କହେ ହାତୀ ଆମକୁ ଅସୁବିଧାରୁ ତୁରନ୍ତ ରକ୍ଷା ପାଇବାର ଦକ୍ଷତା ବଢ଼ାଇବା, ପରିବାର ବନ୍ଧନ ଏବଂ ନେତୃତ୍ୱ ବିଷୟରେ ଶିକ୍ଷା ଦେଇଥାଏ। ଅମଲାତନ୍ତ୍ରୀ ଭାବେ ୩୦ ବର୍ଷରୁ ଉର୍ଦ୍ଧ୍ୱ ଅଭିଜ୍ଞତା ହାସଲ କରିଥିବା ସୁପ୍ରିୟା ସାର୍ବଜନୀନ ଜୀବନରେ ଭାରତର ସମୃଦ୍ଧ ଜୈବବିବିଧତା ପ୍ରତି ବିଶେଷ ଆକର୍ଷିତ ହୋଇଛନ୍ତି।

ପ୍ଲାଷ୍ଟିକ୍ ଆବର୍ଜନା ଖାଉଥିବା ପଶୁଙ୍କୁ ଦେଖି ଆମ ଗ୍ରହ କିଭଳି ଦିନକୁ ଦିନ ଶ୍ୱାସରୁଦ୍ଧ ହୋଇଯାଉଛି, ତାହା ସୁପ୍ରିୟା ଅନୁଭବ କରିଛନ୍ତି। ନୀଳଗିରିର ଜିଲାପାଳ ଥିବା ସମୟରେ ଏହି ଦୃଶ୍ୟ ବାରମ୍ବାର ଦେଖିବା ପରେ ପରିବେଶ ସଚେତନତା ପ୍ରତି ବିଶେଷ ଆଗ୍ରହ ସୃଷ୍ଟି ହୋଇଥିଲା ବୋଲି ସେ କହିଥାଆନ୍ତି। ଜାତିସଂଘ ପକ୍ଷରୁ କୁହାଯାଇଛି ଯେ, ତାମିଲନାଡୁରେ ନିରନ୍ତର ଜଳବାୟୁ କାର୍ଯ୍ୟ, ପରିସଂସ୍ଥାନର ପୁନରୁଦ୍ଧାର ଏବଂ ସସ୍ଟେନେବଲ କୁଲିଂ ଇନୋଭେଶନ୍ସର ସ୍କେଲିଂରେ ତାଙ୍କର ଯୁଗାନ୍ତକାରୀ ନେତୃତ୍ୱ ତାଙ୍କୁ ପରିବେଶ ଓ ଜଳବାୟୁ ନୀତି ନିର୍ଦ୍ଧାରକ ଭାବେ ସ୍ୱୀକୃତି ଦେଇଛି। ତାଙ୍କର କାର୍ଯ୍ୟ ଅନେକ ଲକ୍ଷ ଗ୍ରୀନ ଜବ୍ସ ସୃଷ୍ଟି କରିବା ସହ ତାମିଲନାଡୁକୁ ବିଜ୍ଞାନ ଆଧାରିତ, ସମ୍ପ୍ରଦାୟ ପରିଚାଳିତ ଜଳବାୟୁ ସହନଶୀଳତାର ଏକ ମଡେଲ ରାଜ୍ୟ ଭାବେ ସ୍ଥାପନ କରିଛି। ସବୁଜଗୃହ ବାଷ୍ପ ହ୍ରାସ କରି ଶକ୍ତି ଦକ୍ଷତା ବଢ଼ାଇବା ଲକ୍ଷ୍ୟରେ ସୁପ୍ରିୟାଙ୍କ ପଦକ୍ଷେପ ଜଙ୍ଗଲ ଆଚ୍ଛାଦନ ବଢ଼ାଇଛି ଏବଂ ପ୍ରାୟ ୧ କୋଟି ୨୦ ଲକ୍ଷ ଲୋକଙ୍କ ଜୀବନରେ ଉନ୍ନତି ଆଣିପାରିଥିବା କୁହାଯାଉଛି। ୨୦୦୦ ମସିହାରେ ସେ ନୀଳଗିରିରେ ଏକକ ବ୍ୟବହୃତ ପ୍ଲାଷ୍ଟିକ୍ ନିର୍ମୂଳ ଲକ୍ଷ୍ୟରେ 'ଅପରେସନ ବ୍ଲୁ ମାଉଣ୍ଟେନ୍' ଅଭିଯାନ ଆରମ୍ଭ କରିଥିଲେ। ପରେ ତାହା ଜନଆନ୍ଦୋଳନରେ ପରିଣତ ହୋଇଥିଲା। ଇତିମଧ୍ୟରେ ସେ 'ତାମିଲନାଡୁ ଗ୍ରୀନ୍ କ୍ଲାଇମେଟ କମ୍ପାନୀ' ବ୍ୟବସ୍ଥା କରିଛନ୍ତି। ଏହା ଅଣ–ଲାଭଦାୟକ ସଂସ୍ଥା ଭାବେ ଉପକୂଳ ସ୍ଥାୟିତ୍ୱ ବଜାୟ ରଖିବା ଦିଗରେ ଧ୍ୟାନ କେନ୍ଦ୍ରିତ କରି ସହରାଞ୍ଚଳ ତାପମାତ୍ରା ହ୍ରାସ ଓ ଥଣ୍ଡା ପରିବେଶ ଚାହିଦାକୁ ବୃଦ୍ଧି କରିବା ପାଇଁ ଅଭିପ୍ରେତ। ସେଭଳି ପ୍ରକଳ୍ପକୁ ସୁପ୍ରିୟା ପ୍ରୋତ୍ସାହନ ଦେଉଛନ୍ତି। ସେ ତାମିଲନାଡୁରେ ୧୦ କୋଟିରୁ ଅଧିକ ଚାରାରୋପଣ ଏବଂ ୬୫ଟି ନୂଆ ରିଜର୍ଭ ଫରେଷ୍ଟ ସୃଷ୍ଟି କରିବା ପ୍ରୟାସର ନେତୃତ୍ୱ ନେଇଛନ୍ତି। ରାଜ୍ୟରେ ହେନ୍ତାଳବଣ ଆଚ୍ଛାଦନ ଦୁଇଗୁଣିତ ହେବା, ୱେଟଲ୍ୟାଣ୍ଡ ସଂଖ୍ୟା ୧ରୁ ୨୦କୁ ବଢ଼ିବା ଏବଂ ୬୦ ମିଲିୟନ ଡଲାରର ବିଲୁପ୍ତପ୍ରାୟ ପ୍ରଜାତିର ସଂରକ୍ଷଣ ପାଣ୍ଠି ଗଠନ ତାଙ୍କ ପରିବେଶୀୟ ନେତୃତ୍ୱର ସଫଳ ପରାକାଷ୍ଠା।

ବାସ୍ତବରେ ଜଣେ ଅମଲାତନ୍ତ୍ରୀ ଚାହିଁଲେ ପରିବେଶ ହେଉ ବା ସମାଜରେ କେତେ ବଡ଼ ପରିବର୍ତ୍ତନ ଆଣିପାରିବେ, ସୁପ୍ରିୟା ହେଉଛନ୍ତି ତାହାର ଶ୍ରେଷ୍ଠ ଦୃଷ୍ଟାନ୍ତ।

– ଜିତେନ୍ଦ୍ର କୁମାର ନାୟକ

## ଏଇ ଭାରତରେ

କୋଭିଡ୍ ମହାମାରୀ ସମୟରେ ଅନ୍‌ଲାଇନ ପଢ଼ାରେ ପିଲାମାନେ ଅଭ୍ୟସ୍ତ ହୋଇଯାଇଥିଲେ। ଘରେ ରହିଲେ ମଧ୍ୟ ପିଲାମାନେ ମୋବାଇଲ ଆସକ୍ତି ଛାଡ଼ି ପାରୁନାହାନ୍ତି। ପିଲାଙ୍କ ମାନସିକ ସ୍ଥିତି ଅସନ୍ତୁଳିତ ହେବା ଦେଖାଯାଉଛି, ଯାହା ମାତାପିତାଙ୍କ ପାଇଁ ସମସ୍ୟା ପାଲଟି ଗଲାଣି। ଅନେକ ଘଣ୍ଟା ମୋବାଇଲ ଦେଖିବାରେ ବିତାଇବା ଯୋଗୁ ପିଲାମାନେ ଖେଳ ଓ ପାଠରୁ ଦୂରେଇ ଯାଉଛନ୍ତି। ତେବେ ଏଭଳି ସମସ୍ୟା ଦୂର କରିବା ସକାଶେ ଚେଷ୍ଟା ଜାରି ରଖିଛନ୍ତି କେରଳ ପଥାନମିଥିତାର ଜିଲାପାଳ ପ୍ରେମ୍ କ୍ରିଷ୍ଣ। ପ୍ରେମ୍ ତ୍ରିଭେନ୍ଦ୍ରମ୍ କଲେଜ ଅଫ୍ ଇଞ୍ଜିନିୟରିଂରୁ ଡିଗ୍ରୀ ହାସଲ କରି ଇନ୍‌ଫୋସିସ୍ ଓ ବିଏସ୍‌ଏନ୍‌ଏଲ୍‌ରେ କାର୍ଯ୍ୟ କରିଥିଲେ। ପରେ ସେ ସିଭିଲ ସର୍ଭିସ୍ ପରୀକ୍ଷାରେ କୃତକାର୍ଯ୍ୟ ହୋଇ ଜିଲାପାଳ ଭାବେ ଯୋଗ ଦେଇଛନ୍ତି। ସେ ମୋବାଇଲ ମୋହରୁ ପିଲାମାନଙ୍କୁ ଦୂରେଇ ରଖିବା ପାଇଁ 'ସ୍ୱାପ୍ ୟୋର ସ୍କ୍ରିନ୍ ଫର୍ ଏ ସ୍ପୋର୍ଟ୍ସ' ଅଭିଯାନ ଚଳାଇଛନ୍ତି। ଏହା ମାଧ୍ୟମରେ ସେ ପିଲାମାନଙ୍କୁ ଖେଳପଡ଼ିଆକୁ ଆଣିପାରିଛନ୍ତି। ପିଲାମାନଙ୍କ ପାଇଁ ଫୁଟ୍‌ବଲ, କ୍ରିକେଟ୍ ସହ ଅନ୍ୟାନ୍ୟ ଦଳଗତ ଖେଳ ରଖାଯାଇଛି।

## ୫୦ ବର୍ଷ ତଳର ଧରିତ୍ରୀ

୧୪ ଡିସେମ୍ବର ୧୯୭୬

- ଦେଶର ସର୍ବମୋଟ ୬୦ଟି ଆଞ୍ଚଳିକ ଗ୍ରାମ୍ୟ ବ୍ୟାଙ୍କ ପ୍ରତିଷ୍ଠା କରାଯିବ ବୋଲି ସରକାର ନିଷ୍ପତ୍ତି ଗ୍ରହଣ କରିଛନ୍ତି।
- ଉତ୍ତର ପ୍ରଦେଶ କଂଗ୍ରେସ କମିଟିର ସଭାପତି ଶ୍ରୀ ଲକ୍ଷ୍ମୀଶଙ୍କର ଯାଦବଙ୍କ ରାଜ୍ୟ ମନ୍ତ୍ରିମଣ୍ଡଳରେ ଯୋଗଦାନ।
- କେରଳର ପରିବହନ ଓ ଅବକାରୀ ମନ୍ତ୍ରୀ କେ.ଏମ୍. ଜର୍ଜଙ୍କ ୫୭ବର୍ଷ ବୟସରେ ପରଲୋକ।

## ପାଠକ ଶ୍ରେଷ୍ଠ ବିଚାରକ

### ପୁରୀ ପୋଲିସର ଅଭିଯାନ ସ୍ୱାଗତଯୋଗ୍ୟ

ମହାଶୟ,

ପୁରୀ ସହର ସମେତ ଜିଲାର ଶିକ୍ଷାତ୍ମକ ପରିବେଶକୁ ସୁରକ୍ଷିତ ଓ ଅଶ୍ଳୀଳତା ଅନାଚାରମୁକ୍ତ କରିବା ପାଇଁ ପୁରୀ ଏସ୍‌ପି ସ୍ପଷ୍ଟ ନିର୍ଦ୍ଦେଶ ଦେଇଛନ୍ତି। ସମସ୍ତ ଥାନାଧିକାରୀ ଜିଲାର ସବୁ କଲେଜ, ସ୍କୁଲ ଓ ଶିକ୍ଷା ସଂସ୍ଥାନ ଚତୁର୍ଦ୍ଦିଗରେ ବ୍ୟାପକ ଚାପାମାରି ଅଭିଯାନ ଚଳାଇବାକୁ ଏଥିରେ କୁହାଯାଇଛି। ଏହାକୁ ବୁଦ୍ଧିଜୀବୀ, ଚିନ୍ତାଶୀଳ ଓ ନେତୃସ୍ଥାନୀୟ ବ୍ୟକ୍ତିମାନେ ସ୍ୱାଗତ କରିଛନ୍ତି। ବିଶେଷତଃ ଛାତ୍ରୀମାନଙ୍କ ଉପରେ ଅନାଚାର ଭାବେ ହାରାସମେଣ୍ଟ, ରୋଡ୍‌ରେ ରୋମିଓ ଆଚରଣ ଉପରେ ପ୍ରତିବନ୍ଧକ ଲଗାଇବା ପାଇଁ ପୋଲିସର ବ୍ୟାପକ ବ୍ୟବସ୍ଥା କରାଯାଇଛି। ଝିଅମାନଙ୍କ ଉପରେ ଅନାଚାର କିମ୍ବା ଅସମ୍ମାନ ଆଚରଣକୁ ଶୂନ୍ୟ ସହନ ଯୋଗ୍ୟତା ନୀତିରେ ଦେଖାଯିବ। ସମସ୍ତ ଥାନା ଅଧିକାରୀ ଏହା ସୁନିଶ୍ଚିତ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି ଯେ, ପ୍ରତିଦିନ ସକାଳେ ଶିକ୍ଷାନୁଷ୍ଠାନ ଯିବା ଓ ଆସିବା ବେଳେ ପୋଲିସ ପାଟ୍ରୋଲିଂ କରାଯିବା ସଙ୍ଗେ ସଙ୍ଗେ ତତ୍‌କ୍ଷଣାତ୍ ଆଇନ କାର୍ଯ୍ୟକାରୀ ହେବ। ସନ୍ଦିଗ୍ଧ ବ୍ୟକ୍ତି କିମ୍ବା ଅନାଚାର ଘଟଣା (ଆଚରଣ) ଦେଖିଲେ ୧୧୨ରେ କଲ୍ କିମ୍ବା ନିକଟସ୍ଥ ପୋଲିସ ଥାନାକୁ ଜଣାଇବାକୁ ଅନୁରୋଧ କରାଯାଇଛି।

– ଦେବଦତ୍ତ ମିଶ୍ର ବରିଷ୍ଠ ନାଗରିକ, ସାକ୍ଷୀଗୋପାଳ, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ନ କହିବି ତୋତେ ଏ ପଥର ପରିଣାମ
ବିୟୋଗର ଗୀତ, ବିଧାତାର ଗତି ବାମ,
କରତଳେ ତୋର ଫୁଟିଉଠୁ ଶତଦଳ
ଲୋଟିପଡୁ ତୋର କଟିରେ ଚିକୁରଦାମ।
–(ରୂପର ମୋହ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

**ଦିନ କେଇଟା ପରେ ବିଦାୟନେବାକୁ ଯାଉଥିବା ୨୦୨୫ ବର୍ଷ ଗଞ୍ଜାମ, ଗଜପତି ଓ କନ୍ଧମାଳ ଜିଲାରେ ଅନେକ ଚର୍ଚ୍ଚିତ ଘଟଣାର ଛାପ ଛାଡ଼ିଯାଇଛି। ଗୋପାଳପୁର ବେଳାଭୂମିରେ ପୁରୁଷବନ୍ଧୁଙ୍କ ଆଗରେ ଜଣେ କଲେଜ ଛାତ୍ରୀଙ୍କୁ ଗଣବଳାତ୍କାର ପରି ଲଜ୍ଜାଜନକ ଘଟଣା ଓ ସ୍କୁଲ ବସ୍ ଭିତରେ ୪ ବର୍ଷର ଶିଶୁକନ୍ୟାଙ୍କୁ ଯୌନ ଶୋଷଣ ଥିଲା କଳଙ୍କିତ ଅଧ୍ୟାୟ। ପ୍ରକୃତି ଦାଉରେ କନ୍ଧମାଳ ଓ ଗଜପତି ଜିଲାରେ ଅସ୍ତବ୍ୟସ୍ତ ହୋଇପଡ଼ିଥିଲା ଜନଜୀବନ। ବାଦଲଫଟା ବର୍ଷା ସାଙ୍ଗକୁ ଭୂସ୍ଖଳନ ଭଳି ଦୈବୀ ଦୁର୍ବିପାକ ଭୟ ଖେଳାଇଦେଇଥିଲା। କୁମାର ପୂର୍ଣ୍ଣିମା ରାତିରେ ବ୍ରହ୍ମପୁରର ଆଇନଜୀବୀ ପୀତବାସ ପଣ୍ଡାଙ୍କୁ ଗୁଳିକରି ହତ୍ୟା ଘଟଣା ଥିଲା ଚଳିତ ବର୍ଷର ଚର୍ଚ୍ଚିତ ଅପରାଧ। ଏହିଭଳି ଘଟଣାକୁ ନେଇ ସ୍ୱତନ୍ତ୍ର ଉପସ୍ଥାପନା...**



# ଭୂସ୍ଖଳନ



ଦିନ କେଇଟା ପରେ ବିଦାୟନେବାକୁ ଯାଉଥିବା ଏହି ବର୍ଷରେ ଭୂସ୍ଖଳନ କନ୍ଧମାଳ ଓ ଗଜପତି ଜିଲାରେ ଭୟ ସୃଷ୍ଟି କରିଥିଲା। ୨ ଜିଲାରେ ଏକାଧିକ ଭୂସ୍ଖଳନ ହୋଇଛି। ଗଞ୍ଜାମ-କନ୍ଧମାଳ ସୀମାନ୍ତ କଳିଙ୍ଗାଘାଟି ରାସ୍ତାରେ ସେପ୍ଟେମ୍ବର ୧୬ରେ ପ୍ରଥମଥର ଭୂସ୍ଖଳନ ହୋଇଥିଲା। ସେହି ସପ୍ତାହରେ ପୁନରୁଦ୍ଧାର କାର୍ଯ୍ୟ ଚାଲିଥିବା ବେଳେ ବାଦଲଫଟା ବର୍ଷା ହେବାରୁ ପୁଣି ଭୂସ୍ଖଳନ ହୋଇ ପାହାଡ଼ରୁ ବଡ଼ ପଥର ଖସି କାର୍ଯ୍ୟରେ ବାଧା ସୃଷ୍ଟି କରିଥିଲା। ଏଥିଯୋଗୁ ପ୍ରାୟ ୨ମାସ ଧରି କଳିଙ୍ଗାଘାଟିରେ ଯାନବାହନ ଚଳାଚଳ ବନ୍ଦ ରହିଥିଲା। ମରାମତି ପରେ ରାସ୍ତା ସ୍ୱାଭାବିକ ହୋଇଥିଲେ ମଧ୍ୟ ଏବେ ବି ଘାଟିର ଅନେକ ସ୍ଥାନରେ ବଡ଼ ବଡ଼ ପଥର ଝୁଲି ରହିଛି। ସେହିପରି ଅକ୍ଟୋବର ପ୍ରଥମ ସପ୍ତାହରେ ଗଜପତି ଜିଲାରେ ମୁଷଳଧାରାରେ ବର୍ଷା ଯୋଗୁ ୪ଟି ବ୍ଲକ୍‌ରେ ଭୂସ୍ଖଳନ ସହ ପାହାଡ଼ ଧସିଥିଲା। ଜିଲାର ରାୟଗଡ଼ ବ୍ଲକ୍ ମାଲବା ପଞ୍ଚାୟତ ପେକଟ ଗାଁରେ ଚାଷଜମିରୁ ଫେରୁଥିବା ବାପପୁଅ ଭୂସ୍ଖଳନରେ ନିଖୋଜ ହୋଇଗଲେ। ବହୁ ଉଦ୍ୟମ ସତ୍ତ୍ୱେ ସେମାନଙ୍କର ଆଉ ପତ୍ତା ମିଳିଲାନାହିଁ। ସେହିପରି ମୋହନା ବ୍ଲକ୍‌ରେ ଜଣେ ଓ ଆର୍.ଉଦୟଗିରି ବ୍ଲକ୍‌ରେ ଜଣଙ୍କର ପାଣି ସୁଅରେ ଭାସିଯାଇ ଜୀବନ ଯାଇଥିଲା।

ବ୍ରହ୍ମପୁରର ଆଇନଜୀବୀ ପୀତବାସ ପଣ୍ଡାଙ୍କୁ ଅକ୍ଟୋବର ୬ କୁମାର ପୂର୍ଣ୍ଣିମା ରାତିରେ ଅତି ନିକଟରୁ ଗୁଳିକରି ହତ୍ୟା କରାଯାଇଥିଲା। ଏହା ଥିଲା ଚଳିତ ବର୍ଷର ଚର୍ଚ୍ଚିତ ଅପରାଧ। ହତ୍ୟାକାଣ୍ଡରେ ବ୍ରହ୍ମପୁରର ପୂର୍ବତନ ବିଧାୟକ ବିକ୍ରମ କୁମାର ପଣ୍ଡା ଓ ପୂର୍ବତନ ମେୟର ଶିବ ଶଙ୍କର ଦାଶ (ପିଣ୍ଟୁ) ମୁଖ୍ୟ ଷଡ଼ଯନ୍ତ୍ରକାରୀ ବୋଲି ପୋଲିସ ସ୍ପଷ୍ଟକରିବା ପରେ ଏହା ଚର୍ଚ୍ଚାକୁ ଆହୁରି ଖୋରାକ ଯୋଗାଇଥିଲା। ହତ୍ୟାକାଣ୍ଡ ପାଇଁ ୫୦ ଲକ୍ଷ ଟଙ୍କାର ଡିଲ୍ ହୋଇଥିଲା। ପୀତବାସଙ୍କୁ ସୁପାରି କିଲର ଦ୍ୱାରା ହତ୍ୟା କରାଯାଇଥିଲା। ରାଜନୈତିକ, ବ୍ୟବସାୟିକ ଓ ବ୍ୟକ୍ତିଗତ ଶତ୍ରୁତାରୁ ହତ୍ୟାକାଣ୍ଡ ଘଟିଥିବା ପୋଲିସ କହିଥିଲା। ଏହି ଘଟଣାରେ ମୋଟ ୧୬ ଜଣ ଗିରଫ ହୋଇଛନ୍ତି। ଷଡ଼ଯନ୍ତ୍ରକାରୀ ବିକ୍ରମଙ୍କ ସମେତ ୧୫ ଜଣ ବ୍ରହ୍ମପୁର ମଣ୍ଡଳ କାରାଗାରରେ ଥିବା ବେଳେ ସୁରକ୍ଷା ଦୃଷ୍ଟିରୁ ପିଣ୍ଟୁଙ୍କୁ ଫୁଲବାଣୀ ଜେଲରେ ରଖାଯାଇଛି।

# ଆଇନଜୀବୀ ପୀତବାସଙ୍କୁ ଗୁଳି



## ଗୁଣି ସନ୍ଦେହରୁ ସଂଘର୍ଷ, ଗଡ଼ିଲା ୩ ମୁଣ୍ଡ

ଗଞ୍ଜାମ ଜିଲା ଧରାକୋଟ ବ୍ଲକ୍ ବାହାରପୁର ପଞ୍ଚାୟତ ଖାରିପଲ୍ଲୀ ଗ୍ରାମରେ ମାର୍ଚ୍ଚ ୧୮ରେ ଗୁଣିଗାରେଡ଼ିକୁ କେନ୍ଦ୍ରକରି ୨ ଗୋଷ୍ଠୀ ମଧ୍ୟରେ ହଣାକଟା ହୋଇଥିଲା। ଏଥିରେ ବାପପୁଅଙ୍କ ସମେତ ୩ ଜଣଙ୍କ ମୁଣ୍ଡ ଗଡ଼ିଥିଲା। ଜଣେ ବ୍ୟକ୍ତି ଗୁଣି କରୁଥିବା ଗ୍ରାମବାସୀ ସନ୍ଦେହକରି ତାଙ୍କୁ ବିରୋଧ କରିବାରୁ ସେ ଗାଁ ଛାଡ଼ି ଚାଲିଯାଇଥିଲେ। ପୋଲିସ ହସ୍ତକ୍ଷେପ ପରେ ପୁଣି ଗାଁକୁ ଆସିଥିବା ବେଳେ ଲୋକେ ତାଙ୍କ ଘରକୁ ଯାଇ ଧମକ ଦେଇଥିଲେ। ସମ୍ପୃକ୍ତ ବ୍ୟକ୍ତି ଓ ତାଙ୍କ ପୁଅ ବିରୋଧ କରିବାରୁ ସେମାନଙ୍କୁ ମାରଣାସ୍ତ୍ରରେ ଆକ୍ରମଣ କରାଯାଇଥିଲା। ଆକ୍ରମଣ ପ୍ରତି ଆକ୍ରମଣରେ ବାପପୁଅଙ୍କ ସହ ଅନ୍ୟ ଜଣଙ୍କର ମୃତ୍ୟୁ ହୋଇଥିଲା।

## ୧୦୦ତମ ଜନ୍ମଦିନରେ ୩.୪ କୋଟି ଦାନ



ବ୍ରହ୍ମପୁରର ପ୍ରସୂତି ଓ ସ୍ତ୍ରୀରୋଗ ବିଶେଷଜ୍ଞ ପ୍ରଫେସର କେ. ଲକ୍ଷ୍ମୀବାଈ ଡିସେମ୍ବର ୫ ରେ ତାଙ୍କ ୧୦୦ତମ ଜନ୍ମଦିନରେ ନିଜ ସଞ୍ଚିତ ଅର୍ଥରୁ ୩ କୋଟି ୪୦ ଲକ୍ଷ ଟଙ୍କା ଭୁବନେଶ୍ୱର ଏମ୍ସକୁ ଦାନ କରିଛନ୍ତି। ଉତ୍ତମ ଚିକିତ୍ସା, ଗବେଷଣା ଓ ମେଡିକାଲ ଶିକ୍ଷା କ୍ଷେତ୍ରରେ ଏମ୍ସର ସଫଳତା ପାଇଁ ସେ ଏହି ଟଙ୍କା ପ୍ରଦାନ କରିଛନ୍ତି। ସ୍ତ୍ରୀରୋଗ ସମ୍ବନ୍ଧୀୟ କର୍କଟ ନିରାକରଣ କ୍ଷେତ୍ରରେ ଏହା ବିନିଯୋଗ ହେବ। ଡା. ଲକ୍ଷ୍ମୀବାଈ କଟକ ଶ୍ରୀରାମ ଚନ୍ଦ୍ର ଭଞ୍ଜ(ଏସ୍‌ସିବି) ମେଡିକାଲ କଲେଜର ପ୍ରଥମ ବ୍ୟାଚ୍ ଏମ୍‌ବିବିଏସ୍ ଛାତ୍ରୀ ଥିଲେ। ୧୯୫୦ରେ ସୁନ୍ଦରଗଡ଼ ଜିଲା ହସ୍ପିଟାଲରୁ ଚାକିରି ଜୀବନ ଆରମ୍ଭକରି ୧୯୮୬ରେ ବ୍ରହ୍ମପୁର ଏମ୍‌କେସିଜି ମେଡିକାଲରୁ ଅବସର ନେଇଥିଲେ।

## ସେନା ପୋଷାକରେ ଦାଗ

ସ୍କୁଲ ବସ୍ ଭିତରେ ୪ ବର୍ଷର ଶିଶୁକନ୍ୟାଙ୍କୁ ଯୌନ ଶୋଷଣ ଥିଲା ଚଳିତ ବର୍ଷ ଆରମ୍ଭରୁ ଘଟିଥିବା ଏକ କଳଙ୍କିତ ଘଟଣା। ଗୋପାଳପୁର ଥାନା ଅନ୍ତର୍ଗତ ଆର୍ମି ଏଡି କଲେଜ ପରିସରରେ ଥିବା ଏକ ଇଂଲିଶ ମାଧ୍ୟମ ବିଦ୍ୟାଳୟରେ ଜାନୁଆରୀ ୨ରେ ବସ୍ ଭିତରେ ଶିଶୁକନ୍ୟାଙ୍କୁ କରାଯାଇଥିବା ଯୌନ ଶୋଷଣ କାର୍ଯ୍ୟ ଅଭିଭାବକଙ୍କ ମନରେ ଜାଳିଥିଲା ଅସନ୍ତୋଷର ନିଆଁ । ସ୍ୱତନ୍ତ୍ର ପୋକ୍‌ସୋ ଅଦାଲତ ଏହାର ତ୍ୱରିତ ବିଚାରକରି ୨ ସେନା କର୍ମଚାରୀ ଭୂତେଦିଆ ଜଏସ୍ କୁମାର ଓ ହସେଲଦାର ମୁଣ୍ଡା(୩୭)ଙ୍କୁ ଦୋଷୀ ସାବ୍ୟସ୍ତ କରିଥିଲେ। ଜଏସ୍ କୁମାରଙ୍କ ଘର ଗୁଜରାଟ ମେହେସାନା ଜିଲାରେ ହୋଇଥିବା ବେଳେ ହସେଲଦାରଙ୍କ ଘର ଦେବଗଡ଼ ଜିଲାର ବାଇଧର ଗାଁରେ। ଜଏସ୍ କୁମାର କଲେଜରେ ଥିଲେ ହାବିଲଦାର ଓ ହସେଲଦାର ନାୟକ।

## 'ଭାର୍ଗବାସ୍ତ୍ର'ର ସଫଳ ପରୀକ୍ଷଣ

ଗଞ୍ଜାମ ଜିଲା ଗୋଳାବନ୍ଧ ଆର୍ମି ଏୟାର ଡିଫେନ୍ସ କଲେଜ ପରିସରରେ ଥିବା ଫାୟାରିଂ ରେଞ୍ଜରେ ଡ୍ରୋନ୍ କିଲର ଭାର୍ଗବାସ୍ତ୍ରର ସଫଳ ପରୀକ୍ଷଣ ହୋଇଥିଲା। ଡ୍ରୋନ୍ ଜରିଆରେ ହେଉଥିବା ଆକ୍ରମଣକୁ ରୋକିବା ପାଇଁ ଏହି ସିଷ୍ଟମ ତିଆରି ହୋଇଛି। ସୋଲାର ଡିଫେନ୍ସ ଆଣ୍ଡ ଏରୋସ୍ପେସ୍ ଲିମିଟେଡ୍ ଦ୍ୱାରା ପ୍ରସ୍ତୁତ ଏହି କାଉଣ୍ଟର ଆଟାକ୍ ସିଷ୍ଟମରେ ମାଇକ୍ରୋ ରକେଟ ଟେକ୍ନୋଲଜି ବ୍ୟବହାର କରାଯାଇଥିବାରୁ ଏହା ଏକାଧିକ ଡ୍ରୋନ୍‌କୁ ଲକ୍ଷ୍ୟକରି ନଷ୍ଟକରିବାର କ୍ଷମତା ରଖିଛି। ଗୋଳାବନ୍ଧରେ ସୈନ୍ୟବାହିନୀର ବରିଷ୍ଠ ଅଧିକାରୀଙ୍କ ଉପସ୍ଥିତିରେ ୩ଟି ପର୍ଯ୍ୟାୟରେ ଏହାର ପରୀକ୍ଷଣ କରାଯାଇଥିଲା।






## ରେକର୍ଡ ସଂଖ୍ୟକ ଅଲିଭ ରିଡ୍‌ଲେ

ଋଷିକୁଲ୍ୟା ମୁହାଣ ସାମୁଦ୍ରିକ ବେଳାଭୂମିରେ ବିରଳ ଅଲିଭ ରିଡ୍‌ଲେ କଇଁଛମାନେ ଚଳିତବର୍ଷ ରେକର୍ଡ ସଂଖ୍ୟକ ଅଣ୍ଡା ଦେଇଥିଲେ। ଜଳବାୟୁ ଅନୁକୂଳ ଥିବାରୁ ଫେବୃଆରୀ ୧୫ରୁ ୨୨ ତାରିଖ ୮ ଦିନ ଭିତରେ ୬ ଲକ୍ଷ ୯୮ ହଜାର ୭୧୮ କଇଁଛ ଅଣ୍ଡା ଦେଇଥିଲେ। ଗୋଖରକୁଦାରୁ ବଟେଶ୍ୱର ପର୍ଯ୍ୟନ୍ତ ଏହି ବିଦେଶୀ କଇଁଛମାନେ ଅଣ୍ଡା ଦେଇଥିଲେ। ବନ ବିଭାଗ ସହ ବିଭିନ୍ନ ସଙ୍ଗଠନ ପକ୍ଷରୁ ଏମାନଙ୍କ ସୁରକ୍ଷା ପାଇଁ ସମସ୍ତ ବ୍ୟବସ୍ଥା କରାଯାଇଥିଲା। ଗଣ ଅଣ୍ଡାଦାନ ସମୟ ପୁଣି ପାଖେଇ ଆସୁଥିବାରୁ ଏବେଠାରୁ ବନ ବିଭାଗ ସଜାଗ ରହିଛି।

## ସୁନାପୁର ବେଳାଭୂମି ବ୍ଲୁ ଫ୍ଲାଗ

ଗଞ୍ଜାମ ଜିଲା ସୁନାପୁର ବେଳାଭୂମି ବ୍ଲୁ ଫ୍ଲାଗ ମାନ୍ୟତା ବଜାୟ ରଖିଛି। ପର୍ଯ୍ୟଟକଙ୍କୁ ଆକୃଷ୍ଟ କରୁଥିବା ଏହି ବେଳାଭୂମିକୁ ପ୍ରଥମଥର ପାଇଁ ୨୦୨୩-୨୪ରେ ବ୍ଲୁ ଫ୍ଲାଗ ମାନ୍ୟତା ମିଳିଥିଲା। ଗୋଆର ବେଳାଭୂମି ଭଳି ସୁନାପୁରକୁ ରୂପ ଦେବା ପାଇଁ ଉଦ୍ୟମ କରାଯାଇଛି। ସେଠାରେ ତିଆରି ହୋଇଥିବା ପ୍ରତ୍ୟେକ ସାମଗ୍ରୀରେ ବାଉଁଶ, ପାଲ ଓ ନଡ଼ା ବ୍ୟବହାର କରାଯାଇଛି। ଜିଲାରେ ପ୍ରାୟ ୫୮ କିମି ବେଳାଭୂମି ରହିଛି। ଏହା ମଧ୍ୟରେ ହରିପୁର, ଗୋପାଳପୁର ଓ ସୁନାପୁର ବେଳାଭୂମିର ସ୍ୱତନ୍ତ୍ରତା ରହିଛି। ତେବେ ଗୋପାଳପୁରକୁ ବିଗତ ବର୍ଷ ବ୍ଲୁଫ୍ଲାଗ ମାନ୍ୟତା ପାଇଁ ଉଦ୍ୟମ ଆରମ୍ଭ ହୋଇଥିଲା। ସ୍ଥାନାଭାବରୁ ତାହା ପ୍ରସ୍ତାବରେ ରହିଯାଇଛି।

## ବେଳାଭୂମିରେ କଲେଜ ଛାତ୍ରୀଙ୍କୁ ଗଣବଳାତ୍କାର

ଗୋପାଳପୁର ବେଳାଭୂମିରେ ଜୁନ୍ ୧୫ ତାରିଖ ସନ୍ଧ୍ୟାରେ ଜଣେ ଯୁକ୍ତ ୩ ଶେଷବର୍ଷ ଛାତ୍ରୀଙ୍କୁ ତାଙ୍କ ପୁରୁଷବନ୍ଧୁଙ୍କ ଆଗରେ ଗଣବଳାତ୍କାର କରାଯାଇଥିଲା। ଏହି ଘଟଣାରେ ପୋଲିସ ୬ ଜଣ ସାବାଳକଙ୍କୁ ଗିରଫକରି କୋର୍ଟ ଚାଲାଣ କରିଥିବା ବେଳେ ୪ ନାବାଳକଙ୍କୁ ଜୁଭେନାଇଲ ଜଷ୍ଟିସ୍ ବୋର୍ଡ (ଜେଜେବି)ରେ ହାଜର କରିଥିଲା। ରାଜ୍ୟ ସରକାରଙ୍କ ନିର୍ଦ୍ଦେଶରେ କ୍ରାଇମବ୍ରାଞ୍ଚ ଉକ୍ତ ମାମଲାର ତଦନ୍ତ ଭାର ନେଇଥିଲା। ୪୪ ଦିନରେ କ୍ରାଇମ୍‌ବ୍ରାଞ୍ଚ ପକ୍ଷରୁ କୋର୍ଟରେ ଚାର୍ଜଶିଟ୍ ଦାଖଲ କରାଯାଇଥିଲା। ଉକ୍ତ ମାମଲାର ବିଚାର ପ୍ରକ୍ରିୟା ଚାଲିଛି।

## ନାବାଳିକାଙ୍କୁ ବଳାତ୍କାର ପରେ ପୋଡ଼ିଦେଲେ

କନ୍ଧମାଳ ଜିଲା ଟିକାବାଲି ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ବଳାତ୍କାର ପରେ ହତ୍ୟା କରାଯାଇଥିଲା। ଫେବୃଆରୀ ୨୭ରେ ନାବାଳିକା ଟ୍ୟୁଶନ ଯାଇ ଆଉ ଘରକୁ ଫେରି ନ ଥିଲେ। ତାଙ୍କ ପ୍ରେମିକ ଡାକି ନେଇ ସାଙ୍ଗମାନଙ୍କ ସହ ଦାରିଙ୍ଗବାଡ଼ିର ଏକ ପାର୍କ ବୁଲିବାକୁ ଯାଇଥିଲେ। ପାର୍କ ବନ୍ଦ ଥିବାରୁ ସେମାନେ ସୋରଡ଼ା ଥାନା ଗାଜଲବାଡ଼ି ଜଙ୍ଗଲକୁ ଯାଇଥିଲେ। ସେଠାରେ ନାବାଳିକାଙ୍କୁ ବଳାତ୍କାର ପରେ ହତ୍ୟାକରି ପ୍ରମାଣ ନଷ୍ଟ ପାଇଁ ମୃତଦେହରେ ପେଟ୍ରୋଲ ଢାଳି ନିଆଁ ଲଗାଇଦେଇଥିଲେ। ମାର୍ଚ୍ଚ ୧ରେ ନାବାଳିକାଙ୍କ କଙ୍କାଳ ଜବତ ହୋଇଥିଲା। ଏହାର ତଦନ୍ତକରି ପୋଲିସ ୪ ଜଣଙ୍କୁ ଜେଲ ପଠାଇଥିଲା। ସେମାନଙ୍କୁ ଫାଶୀଦଣ୍ଡ ଦାବିରେ ଟିକାବାଲି ବନ୍ଦ ହୋଇଥିଲା।



## ସଙ୍ଗଠନ ଛାଡ଼ିଲେ କ୍ୟାଡର ମାଓବାଦୀ

କନ୍ଧମାଳ ଜିଲାକୁ ମାଓବାଦୀମୁକ୍ତ କରିବା ପାଇଁ ଅଭିଯାନ ଜାରି ରହିଛି। ଚଳିତବର୍ଷ କେତେଜଣ କ୍ୟାଡର ମାଓବାଦୀ ପୋଲିସ ନିକଟରେ ଆତ୍ମସମର୍ପଣ କରିଥିବା ବେଳେ ଆଉ କେତେଜଣ ସୁରକ୍ଷା ବାହିନୀର ଗୁଳି ବିନିମୟ ବେଳେ ନିପାତ ହୋଇଛନ୍ତି। ଗତ ଜୁଲାଇରେ ୨ ମହିଳା କ୍ୟାଡରଙ୍କ ସମେତ ୩ ଜଣ ହାର୍ଡକୋର ମାଓବାଦୀ ଆତ୍ମସମର୍ପଣ କରିଥିବା ବେଳେ ନଭେମ୍ବରରେ ଏକ ଦମ୍ପତି ସଙ୍ଗଠନ ଛାଡିଥିଲେ।

## ହୋମ୍‌ଗାର୍ଡ ଦୌଡ଼ ପରୀକ୍ଷା ନେଲା ୨ ଜୀବନ

ଗଜପତି ଜିଲା ପାରଳାଖେମୁଣ୍ଡିରେ ମେ ୨୯ରେ ହୋମ୍‌ଗାର୍ଡ ପଦବୀ ପାଇଁ ଶାରୀରିକ ପରୀକ୍ଷା ଚାଲିଥିବା ବେଳେ ୨ଜଣ ପରୀକ୍ଷାର୍ଥୀଙ୍କ ମୃତ୍ୟୁ ଆଲୋଡ଼ନ ଖେଳାଇ ଦେଇଥିଲା। ଏଥିରେ ୬ଜଣ ପରୀକ୍ଷାର୍ଥୀ ମଧ୍ୟ ଗୁରୁତର ହୋଇଥିଲେ। ଏହି ଘଟଣା ପ୍ରଶାସନିକ ବ୍ୟବସ୍ଥା ପ୍ରତି ପ୍ରଶ୍ନ ଉଠାଇଥିଲା। ରାଣୀପେଣ୍ଠଠାରୁ ପଦ୍ମପୁର ଯାଏ ୨ କି.ମି. ରାସ୍ତା ହେଉଥିବା ଶାରୀରିକ ଦୌଡ଼ ପରୀକ୍ଷାରେ ବିଭିନ୍ନ ଅଞ୍ଚଳରୁ ୧୨ଶହ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ମୃତକଙ୍କ ପରିବାରକୁ ରାଜ୍ୟ ସରକାର ୪ଲକ୍ଷ ଲେଖାଏ ଟଙ୍କା ସହାୟତା ଘୋଷଣା କରିଥିଲେ।


ସଂସଦ ଭବନ ଆକ୍ରମଣର ୨୪ତମ ବାର୍ଷିକୀ ଅବସରରେ ଶନିବାର ନୂଆଦିଲ୍ଲୀର ସମ୍ବିଧାନ ସଦନଠାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶହୀଦମାନଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଉଛନ୍ତି। ପାଖରେ ଅଛନ୍ତି ଉପରାଷ୍ଟ୍ରପତି ସି.ପି. ରାଧାକ୍ରିଷ୍ଣନ, ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଓ ଅନ୍ୟମାନେ।

# ଥିରୁଭାନନ୍ତପୁରମ୍‌ରେ ଏନ୍‌ଡିଏ

## କେରଳ ପୌର ନିର୍ବାଚନ

ଥିରୁଭାନନ୍ତପୁରମ୍, ୧୩।୧୨(ପି.ଟି.)

ଆସନ୍ତାବର୍ଷ କେରଳ ବିଧାନସଭା ନିର୍ବାଚନ ହେବାକୁଥିବାବେଳେ ଏହା ପୂର୍ବରୁ ସେଠାରେ ଅନୁଷ୍ଠିତ ପଞ୍ଚାୟତ, ବ୍ଲକ ପଞ୍ଚାୟତ, ମ୍ୟୁନିସିପାଲିଟି ଏବଂ ପୌର ନିଗମ ନିର୍ବାଚନ ଫଳାଫଳ ରାଜ୍ୟର ଶାସକ ବାମ ଗଣତାନ୍ତ୍ରିକ ମେଣ୍ଟ (ଏଲ୍‌ଡିଏଫ୍) ପାଇଁ ଶକ୍ତ ଧକ୍କା ହୋଇଛି। କଂଗ୍ରେସ ନେତୃତ୍ୱାଧୀନ ମିଳିତ ଗଣତାନ୍ତ୍ରିକ ମେଣ୍ଟ (ୟୁଡିଏଫ୍) ନିର୍ଣ୍ଣାୟକ ବିଜୟ ହାସଲ କରିଥିବାବେଳେ ବହୁ ଦଶନ୍ଧି ଧରି ବାମଦଳ ନିୟନ୍ତ୍ରଣରେ ଥିବା ଥିରୁଭାନନ୍ତପୁରମ୍ ପୌର ନିଗମକୁ ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ ଛଡ଼ାଇ ନେଇଛି। କେରଳ ରାଜନୀତିରେ ଏହା ଏକ ଐତିହାସିକ ମୁହୂର୍ତ୍ତ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି। ଗତବର୍ଷ ଭାଜପା ସେଠାରୁ ଗୋଟିଏ ଲୋକ ସଭା ଆସନରେ ବିଜୟୀ ହୋଇଥିଲା। ଥିରୁଭାନନ୍ତପୁରମ୍ କଂଗ୍ରେସ ଏମ୍‌ପି ଶଶୀ ଥରୁର ଭାଜପାକୁ ଅଭିନନ୍ଦନ ଜଣାଇଛନ୍ତି। ୪୫ ବର୍ଷ ହେଲା ଏଲ୍‌ଡିଏଫ୍‌ର କୁଶାସନରୁ ପରିବର୍ତ୍ତନ ଆଣିବାକୁ ସେ ପ୍ରଚାର ଚଳାଇଥିଲେ। ତେବେ ମତଦାତା ଅନ୍ୟ ଏକ ଦଳକୁ ସ୍ପଷ୍ଟ ପରିବର୍ତ୍ତନ ପାଇଁ ଜନାଦେଶ ଦେଇଛନ୍ତି। ଏହା ଗଣତନ୍ତ୍ରର ସୌନ୍ଦର୍ଯ୍ୟ ବୋଲି ଥରୁର କହିଛନ୍ତି। ଭାଜପା କେରଳରେ ପ୍ରଥମ ମେୟର ପାଇଛି। ରାଜ୍ୟର ପ୍ରଥମ ମହିଳା ଆଇପିଏସ୍ ଅଫିସର ଆର୍. ଶ୍ରୀଲେଖା ଏହି ପଦ ପାଇଁ ନିର୍ବାଚିତ ହୋଇଛନ୍ତି।

# ପୁଟିନ୍‌ଙ୍କୁ ଭେଟିବାକୁ ଯାଇ ପାକ୍ ପ୍ରଧାନମନ୍ତ୍ରୀ ହଟହଟା

ନୂଆଦିଲ୍ଲୀ, ୧୩।୧୨

ତୁର୍କମେନିସ୍ତାନରେ ଶୁକ୍ରବାର ଏକ ଅନ୍ତର୍ଜାତୀୟ ଫୋରମ୍‌ର ୩୦ତମ ବାର୍ଷିକୀ ପାଳନ ଅବସରରେ ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ ଶରିଫଙ୍କର ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍‌ଙ୍କୁ ଭେଟିବା କାର୍ଯ୍ୟକ୍ରମ ଥିଲା। ପୁଟିନ୍ ସେଠାରେ ଶରିଫ୍‌ଙ୍କୁ ୪୦ ମିନିଟ୍‌ରୁ ଊର୍ଦ୍ଧ୍ୱ ସମୟ ଅପେକ୍ଷା କରାଇବା ପରେ ସେ ଧୈର୍ଯ୍ୟହରା ହୋଇପଡ଼ିଥିଲେ। ସେହି ସମୟରେ ପୁଟିନ୍‌ଙ୍କର ତୁର୍କୀ ରାଷ୍ଟ୍ରପତି ରେସେପ୍ ତାୟିପ୍ ଏର୍ଦୋଗାନ୍‌ଙ୍କ ସହ ରୁଦ୍ଧଦ୍ୱାର ବୈଠକ ଚାଲିଥିଲା। ଶରିଫ୍ ପାଖ ପ୍ରକୋଷ୍ଠରେ ବହିର୍ବ୍ୟାପାର ମନ୍ତ୍ରୀ ଇଶାକ ଦର୍‌ଙ୍କ ସହ ୪୦ ମିନିଟ୍ ଅପେକ୍ଷା କରିବା ପରେ ବିନା ଡାକରାରେ ପୁଟିନ୍ ଆଲୋଚନା କରୁଥିବା କକ୍ଷ ମଧ୍ୟକୁ ଯାଇ ମାତ୍ର ୧୦ ମିନିଟ୍ ପରେ ବାହାରି ଆସିଥିଲେ। ଉକ୍ତ ମୁହୂର୍ତ୍ତର ଦୃଶ୍ୟ କ୍ୟାମେରାରେ କଏଦ ହେବା ପରେ ଅନ୍‌ଲାଇନରେ ଏହାକୁ ପରିହାସ କରାଯାଇଛି। ସୋସିଆଲ୍ ମିଡିଆ ୟୁଜରମାନେ ଏହାକୁ ଏକ କୂଟନୈତିକ ତ୍ରୁଟି କହିଛନ୍ତି।

# ନାବାଳିକାଙ୍କୁ ଅପହରଣ, ୨୫ ଦିନ ରଖି ବଳାତ୍କାର

ବାଲିଆ, ୧୩।୧୨

ଉତ୍ତରପ୍ରଦେଶର ଜଣେ ୧୭ ବର୍ଷୀୟା ବାଳିକାଙ୍କୁ ଅପହରଣ କରି ମୁମ୍ବାଇ ଓ ପୁଣେ ନେଇ ୨୫ ଦିନ ରଖିବା ସହ ଅନେକ ଥର ବଳାତ୍କାର କରିବା ଅଭିଯୋଗରେ ପୋଲିସ ଜଣକୁ ଗିରଫ କରିଛି। ଅଭିଯୁକ୍ତ ବାବୁରାମ (୨୧) ଗତ ନଭେମ୍ବର ୧୪ରେ ନାବାଳିକାଙ୍କୁ ଅପହରଣ କରିନେଇଥିଲେ। ପୀଡ଼ିତାଙ୍କ ବାପାଙ୍କ ଅଭିଯୋଗକ୍ରମେ ପୋଲିସ ମାମଲା ରୁଜୁ କରିଛି। ପୋଲିସ ପୀଡ଼ିତାଙ୍କୁ ଉଦ୍ଧାର କରିବା ପରେ ତାଙ୍କ ପ୍ରତି ହୋଇଥିବା ଯୌନ ନିର୍ଯାତନା ସମ୍ପର୍କରେ କହିଛି। ଶୁକ୍ରବାର ଧର୍ମାପୁରରୁ ଗିରଫ ହୋଇଥିବା ଅଭିଯୁକ୍ତଙ୍କୁ ଜେଲ ପଠାଇ ଦିଆଯାଇଛି।

# ମାଓବାଦୀ ବିରୋଧୀ ଅଭିଯାନ ବେଳେ ୯୨ କୋଟିର ସମ୍ପତ୍ତି ଜବତ

ନୂଆଦିଲ୍ଲୀ, ୧୩।୧୨

ଦେଶରେ ମାଓବାଦୀ ବିରୋଧୀ ଅଭିଯାନ ବେଳେ ୯୨ କୋଟି ଟଙ୍କାର ସମ୍ପତ୍ତି ଜବତ ହୋଇଛି। ବିଭିନ୍ନ ସୁରକ୍ଷା ଏଜେନ୍ସିର ମିଳିତ ଚଢ଼ାଉ ଫଳରେ ମାଓବାଦୀମାନଙ୍କ ଆର୍ଥିକ ଜୀବନରେଖା ସଙ୍କୁଚିତ ହୋଇଯାଇଛି। ସହରୀ ମାଓବାଦୀଙ୍କ ସୂଚନା ନେଟ୍‌ୱର୍କ ଉପରେ ନିୟନ୍ତ୍ରଣକୁ କଡ଼ାକଡ଼ି କରିବା ଫଳରେ ସେମାନଙ୍କର ଯଥେଷ୍ଟ ନୈତିକ ଏବଂ ମନସ୍ତାତ୍ତ୍ୱିକ କ୍ଷତି ଘଟିଥିବା ଶନିବାର ସରକାରଙ୍କ ପକ୍ଷରୁ ଏକ ବିବୃତିରେ କୁହାଯାଇଛି। ୨୦୨୬ ମାର୍ଚ୍ଚ ସୁଦ୍ଧା ଦେଶକୁ ସମ୍ପୂର୍ଣ୍ଣ ମାଓବାଦୀମୁକ୍ତ କରିବାକୁ ଲକ୍ଷ୍ୟ ରଖାଯାଇଥିବାବେଳେ ଏହାକୁ ହାସଲ କରିବା ପାଇଁ ସରକାର ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ)ର ଏକ ସମର୍ପିତ ଶାଖା ସୃଷ୍ଟି କରିଛନ୍ତି, ଯିଏକି ୪୦ କୋଟି ଟଙ୍କାର ସମ୍ପତ୍ତି ଜବତ କରିଛି। ସେହିପରି ରାଜ୍ୟ କର୍ତ୍ତୃପକ୍ଷ ୪୦ କୋଟି ଏବଂ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ୧୨ କୋଟି ଟଙ୍କାର ସମ୍ପତ୍ତି ଜବତ କରିଥିବା ସରକାର ସୂଚନା ଦେଇଛନ୍ତି।

# ଭାରତ ଉପରୁ ଟାରିଫ୍ ହଟାଯାଉ

## ପ୍ରସ୍ତାବ ଆଣିଲେ ୩ ଆମେରିକୀୟ ଆଇନ ପ୍ରଣେତା


ରାଜା କ୍ରିଷ୍ଣମୂର୍ତ୍ତି


ଦେବୋରାହ ରୋସ୍


ମାର୍କ ଭେସି

ୱାଶିଂଟନ, ୧୩।୧୨

ଭାରତରୁ ଆମଦାନୀ ସାମଗ୍ରୀ ଉପରେ ୫୦ ପ୍ରତିଶତ ଟାରିଫ୍ ଲଗାଯିବାକୁ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଜାତୀୟ ଏମର୍ଜେନ୍ସି ଘୋଷଣା ବୋଲି ଆମେରିକା ହଉସ୍ ଅଫ୍ ରିପ୍ରେଜେଣ୍ଟେଟିଭ୍‌ର ୩ ଜଣ ସଦସ୍ୟ କହିବା ସହ ଏହାକୁ ରଦ୍ଦ କରିବା ପାଇଁ ଶୁକ୍ରବାର ପ୍ରସ୍ତାବ ଆଣିଛନ୍ତି। ଭାରତରୁ ଆମଦାନୀ ସାମଗ୍ରୀ ଉପରେ ୫୦% ଶୁଳ୍କ ଆମେରିକୀୟ କର୍ମଚାରୀ, ଗ୍ରାହକ ଏବଂ ଦ୍ୱିପାକ୍ଷିକ ସମ୍ପର୍କ ପାଇଁ ବେଆଇନ ଏବଂ କ୍ଷତିକାରକ ବୋଲି ସେମାନେ କହିଛନ୍ତି। ହାଉସ୍ ଅଫ୍ ରିପ୍ରେଜେଣ୍ଟେଟିଭ୍ ପ୍ରତିନିଧି ଦେବୋରାହ ରୋସ୍, ମାର୍କ ଭେସି ଏବଂ ରାଜା କ୍ରିଷ୍ଣମୂର୍ତ୍ତି ଏହି ପ୍ରସ୍ତାବ ଆଣିବା ସହ ବ୍ରାଜିଲ ଉପରେ ଲାଗୁ ହୋଇଥିବା ଅନୁରୂପ ଟାରିଫ ରଦ୍ଦ କରିବା ଏବଂ ଆମଦାନୀ ଶୁଳ୍କ ବଢ଼ାଇବା ଲାଗି ରାଷ୍ଟ୍ରପତିଙ୍କ ଜରୁରୀ କ୍ଷମତା ବ୍ୟବହାର ଉପରେ ଅଙ୍କୁଶ ଲଗାଇବାକୁ ସିନେଟ ପଦକ୍ଷେପ ନେବା ପାଇଁ ସେମାନେ ଦାବି କରିଛନ୍ତି।

ଭାରତୀୟ ସାମଗ୍ରୀ ଉପରେ ଆମେରିକା ପୂର୍ବରୁ ୨୫% ଜବାବୀ ଶୁଳ୍କ ଲଗାଇଥିବାବେଳେ ଅନ୍ତର୍ଜାତୀୟ ଜରୁରୀ ଅର୍ଥନୈତିକ କ୍ଷମତା ଆଇନ ବଳରେ ଗତ ଅଗଷ୍ଟ ୨୭ରେ ଅତିରିକ୍ତ ୨୫% ଟାରିଫ୍ ଲଗାଇଛି। ଫଳରେ ଭାରତୀୟ ସାମଗ୍ରୀ ଉପରେ ମୋଟ ଶୁଳ୍କ ପରିମାଣ ୫୦ ପ୍ରତିଶତରେ ପହଞ୍ଚିଛି। ନର୍ଥ କାରୋଲିନାର ଅର୍ଥନୀତି ମୁଖ୍ୟତଃ ବାଣିଜ୍ୟ, ପୁଞ୍ଜିନିବେଶ ଜରିଆରେ ଭାରତ ଉପରେ ଏବଂ ଦକ୍ଷ ଭାରତୀୟ ଆମେରିକୀୟ ଜନସାଧାରଣଙ୍କ ଉପରେ ନିର୍ଭର କରିଥାଏ ବୋଲି କଂଗ୍ରେସ ସଦସ୍ୟ ରୋସ୍ କହିଛନ୍ତି। ଭାରତୀୟ କମ୍ପାନୀଗୁଡ଼ିକ ଉକ୍ତ ରାଜ୍ୟରେ ବିଲିୟନ ଡଲାର ନିବେଶ କରି ଅନେକ ହଜାର ନିଯୁକ୍ତି ସୃଷ୍ଟି କରିଛନ୍ତି। ନର୍ଥ କାରୋଲିନାରୁ ଉତ୍ପାଦିତ ସାମଗ୍ରୀ ଭାରତକୁ ରପ୍ତାନି ଦ୍ୱାରା ଅନେକ ନିୟୁତ ଡଲାର ଆୟ ହୋଇଥାଏ।

ଭାରତ ଆମର ଏକ ଗୁରୁତ୍ୱପୂର୍ଣ୍ଣ ସାଂସ୍କୃତିକ, ଅର୍ଥନୈତିକ ଏବଂ ରଣନୀତିକ ସହଯୋଗୀ। ଏଭଳି ବେଆଇନ ଟାରିଫ୍ ଲଗାଇବା ଟର୍ଥ ଟେକ୍ସାନଙ୍କ ଉପରେ ଟିକସ ବୋଲି ଭେସି କହିଛନ୍ତି। ସେହିପରି ଭାରତୀୟ-ଆମେରିକୀୟ କଂଗ୍ରେସମ୍ୟାନ୍ କ୍ରିଷ୍ଣମୂର୍ତ୍ତି କହିଛନ୍ତି, ଟାରିଫ୍ ଉତ୍ପାଦନ ବିରୋଧୀ ଏବଂ ଯୋଗାଣ ଶୃଙ୍ଖଳକୁ ବାଧାଦେବା ସହ ଆମେରିକୀୟ ଶ୍ରମିକଙ୍କୁ କ୍ଷତି ପହଞ୍ଚାଇବ। ଏଥିସହିତ ଗ୍ରାହକମାନେ ମହଙ୍ଗାର ସମ୍ମୁଖୀନ ହେବେ। ଏହି ଟାରିଫ୍ ହଟାଇଦେଲେ ଆମେରିକା-ଭାରତ ଅର୍ଥନୀତି ଏବଂ ସୁରକ୍ଷା ସହଯୋଗକୁ ସୁଦୃଢ଼ କରିବାରେ ସହାୟକ ହେବ ବୋଲି ସେ କହିଛନ୍ତି।

## ଟ୍ରମ୍ପ୍ ପ୍ରଶାସନ ବିରୋଧରେ ମାମଲା କଲେ ୧୯ ରାଜ୍ୟ

### ନୂଆ ଏଚ୍-୧ବି ଭିଜା ଉପରେ ବେଆଇନ ୧ ଲକ୍ଷ ଡଲାର ଦେୟ

ନ୍ୟୁୟର୍କ, ୱାଶିଂଟନ, ୧୩।୧୨


ଡୋନାଲ୍ଡ ଟ୍ରମ୍ପ୍

ନୂଆ ଏଚ୍-୧ବି ଭିଜା ଆବେଦନ ଉପରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ୧ ଲକ୍ଷ ଡଲାର ଦେୟ ଲାଗୁ କରିଥିବାବେଳେ ଏହାକୁ ବିରୋଧ କରି କାଲିଫର୍ନିଆ ସମେତ ଅନ୍ୟ ୧୯ ରାଜ୍ୟ ଟ୍ରମ୍ପ୍ ପ୍ରଶାସନ ବିରୋଧରେ ମାମଲା ରୁଜୁ କରିଛନ୍ତି। ଟ୍ରମ୍ପ୍ ପ୍ରଶାସନର ଏଭଳି ବେଆଇନ ନିଷ୍ପତ୍ତି ସ୍ୱାସ୍ଥ୍ୟସେବା, ଶିକ୍ଷା ଏବଂ ପ୍ରଯୁକ୍ତି ଭଳି ପ୍ରମୁଖ ସେକ୍ଟରଗୁଡ଼ିକରେ ଶ୍ରମିକ ଅଭାବକୁ ଆହୁରି ବଢ଼ାଇଦେବ ବୋଲି ସେମାନେ ସତର୍କ କରିଦେଇଛନ୍ତି। ସେପ୍ଟେମ୍ବରରେ ଟ୍ରମ୍ପ୍ କରିଥିବା ଏହି ଦେୟ ଘୋଷଣାକୁ ବୋଷ୍ଟନ୍‌ର ସଂଘୀୟ ଅଦାଲତରେ ଏହା ତୃତୀୟ ଚ୍ୟାଲେଞ୍ଜ। ସମ୍ପ୍ରତି ନିଯୁକ୍ତିଦାତାମାନେ ଏଚ୍-୧ବି ଭିଜା ପାଇଁ ୨,୦୦୦ରୁ ୫,୦୦୦ ଡଲାର ଦେୟ ପୈଠ କରୁଥିବାବେଳେ ନୂଆ ନିଷ୍ପତ୍ତି ଯୋଗୁ ଏହି ଭିଜା ପାଇବା ଅତ୍ୟଧିକ ମହଙ୍ଗା ହୋଇଯିବ। ନ୍ୟୁୟର୍କ ଆର୍ଟର୍ନି ଜେନେରାଲ ଲେଟିସିଆ ଜେମ୍ସଙ୍କ ସମେତ ୧୯ ଜଣ ଆର୍ଟର୍ନି ଜେନେରାଲ ଶୁକ୍ରବାର ଏହି ମକଦ୍ଦମା ଦାଏର କରିଛନ୍ତି।

ଅତି କୁଶଳୀ ବିଦେଶୀ ପେସାଦାରମାନଙ୍କୁ ଆମେରିକାରେ ସାମୟିକ ଭାବେ କାର୍ଯ୍ୟ କରିବା ପାଇଁ ଏଚ୍-୧ବି ଭିଜା କାର୍ଯ୍ୟକ୍ରମ ଅନୁମତି ଦେଇଥାଏ। ଭାରତୀୟମାନେ ଏହି ଭିଜାକୁ ଅଧିକ ବ୍ୟବହାର କରିଥାନ୍ତି। ନୂଆ ଦେୟ ଏହି କାର୍ଯ୍ୟକ୍ରମକୁ ସରକାର ଏବଂ ଅଣଲାଭକରୀ ନିଯୁକ୍ତିଦାତାମାନଙ୍କ ପାଇଁ ଅତ୍ୟନ୍ତ ଅପହଞ୍ଚ ହେବ। କାରଣ ସେମାନେ ସ୍ୱାସ୍ଥ୍ୟସେବା, ଶିକ୍ଷା, ପ୍ରଯୁକ୍ତି ଏବଂ ଅନ୍ୟାନ୍ୟ କ୍ଷେତ୍ର ପାଇଁ ଏଚ୍-୧ବି ଭିଜାଧାରୀଙ୍କ ଉପରେ ଅଧିକ ନିର୍ଭରଶୀଳ। ଏହି ଭିଜା ମେଧାବୀ ଡାକ୍ତର, ନର୍ସ ଓ ଅନ୍ୟାନ୍ୟ କର୍ମଚାରୀମାନଙ୍କୁ ଆମେରିକା ଆସିବା ପାଇଁ ଅନୁମତି ଦେଇଥାଏ। ଟ୍ରମ୍ପ୍ ପ୍ରଶାସନର ବେଆଇନ ନିଷ୍ପତ୍ତି ଉକ୍ତ କାର୍ଯ୍ୟକ୍ରମକୁ ନଷ୍ଟ କରିବ ଏବଂ ସ୍ୱାସ୍ଥ୍ୟସେବା ପାଇବାରେ ରାଜ୍ୟବାସୀଙ୍କୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିବ। ସେହିପରି ପିଲାମାନଙ୍କ ଶିକ୍ଷା ଏବଂ ଦେଶର ଅର୍ଥନୀତି କ୍ଷତିଗ୍ରସ୍ତ ହେବ ବୋଲି ଜେମ୍ସ କହିଛନ୍ତି।

ସୂଚନାଯୋଗ୍ୟ, ଗତ ସେପ୍ଟେମ୍ବରରେ ରାଷ୍ଟ୍ରପତି ଟ୍ରମ୍ପ୍ ସମସ୍ତ ନୂଆ ଏଚ୍-୧ବି ଭିଜା ଆବେଦନ ଉପରେ ଏକକାଳୀନ ୧ ଲକ୍ଷ ଡଲାର ଦେୟ ଲଗାଇବାକୁ ଘୋଷଣା କରିଥିଲେ। ବର୍ତ୍ତମାନର ଦେୟ ଉପରେ ଏହା ହଠାତ୍ ବହୁଗୁଣ ବୃଦ୍ଧି ବୋଲି ଆର୍ଟର୍ନି ଜେନେରାଲ କହିଛନ୍ତି।

# ରିକି କେଜ୍‌ଙ୍କ ଘରୁ ଚୋରି



ବେଙ୍ଗାଲୁରୁ, ୧୩।୧୨

ଗ୍ରାମୀ ପୁରସ୍କାର ବିଜେତା ସଙ୍ଗୀତକାର ରିକି କେଜ୍‌ଙ୍କର ଏକ ସମ୍ପ୍ କଭର ଚୋରି ହୋଇଥିବା ସେ ଅଭିଯୋଗ କରିଛନ୍ତି। ଏକ ଅନ୍‌ଲାଇନ୍ ଫୁଡ୍ ଡେଲିଭରି ସଂସ୍ଥା ଜମାଟୋର ଡ୍ରାଇଭର ଗୁରୁବାର ସନ୍ଧ୍ୟାରେ ତାଙ୍କ ଘରେ ପଶି ସମ୍ପ୍ କଭର ଚୋରି କରିଥିବା ରିକି କହିଛନ୍ତି। ଏ ସମ୍ପର୍କରେ ସେ Xରେ ପୋଷ୍ଟ କରିଛନ୍ତି। ରିକି ସିସିଟିଭି ଫୁଟେଜ୍ ଏବଂ ଉକ୍ତ ବ୍ୟକ୍ତିଙ୍କ ମୁହଁର ସ୍କ୍ରିନସଟ୍ ଏବଂ ସେ ଆସିଥିବା ଗାଡ଼ିର ବିବରଣୀ ମଧ୍ୟ ଶେୟାର କରିଛନ୍ତି। ଏଥିରେ ସେ ଜମାଟୋ ଏବଂ ବେଙ୍ଗାଲୁରୁ ସିଟି ପୋଲିସକୁ ଟ୍ୟାଗ୍ କରି ଅଭିଯୁକ୍ତଙ୍କୁ ଚିହ୍ନଟ କରିବାରେ ସହାୟତା କରିବାକୁ ନିବେଦନ କରିଛନ୍ତି।

# ଜୁବିନ୍ ଗର୍ଗ ମୃତ୍ୟୁ ମାମଲାରେ ଚାର୍ଜଶିଟ୍

ନୂଆଦିଲ୍ଲୀ, ୧୩।୧୨

ବହୁଚର୍ଚ୍ଚିତ ଜୁବିନ୍ ଗର୍ଗ ମୃତ୍ୟୁ ଘଟଣାରେ ଏସ୍‌ଆଇଟି ଶୁକ୍ରବାର ଚାର୍ଜଶିଟ୍ ଦାଖଲ କରିଛି। ୪ ଜଣଙ୍କ ବିରୋଧରେ ହତ୍ୟା ଅଭିଯୋଗ ଲଗାଯାଇଛି। ଲୋକପ୍ରିୟ ଗାୟକ ଜୁବିନ୍‌ଙ୍କ ସମ୍ପର୍କୀୟ ଭାଇ ତଥା ନିଲମ୍ବିତ ଆସାମ ପୋଲିସ ଅଫିସର ସନ୍ଦିପନ ଗର୍ଗଙ୍କ ବିରୋଧରେ ଉଦ୍ଦେଶ୍ୟବିହୀନ ହତ୍ୟା ଅଭିଯୋଗ ହୋଇଛି। ହତ୍ୟା ଅଭିଯୁକ୍ତମାନେ ହେଲେ ଶ୍ୟାମକନୁ ମହାନ୍ତ, ସିଦ୍ଧାର୍ଥ ଶର୍ମା, ଶେଖରଜ୍ୟୋତି ଗୋସ୍ୱାମୀ ଏବଂ ଅମ୍ରିତପ୍ରଭା ମହାନ୍ତ।

# ପାକିସ୍ତାନ ପାଇଁ ଗୁପ୍ତଚରଗିରି: ପୂର୍ବତନ ବାୟୁସେନା ଅଧିକାରୀ ଗିରଫ

ଗୁଆହାଟୀ, ୧୩।୧୨

ପାକିସ୍ତାନ ଗୁପ୍ତଚରଗିରି ନେଟ୍‌ୱର୍କ ସହ ସମ୍ପୃକ୍ତି ଅଭିଯୋଗରେ ଭାରତୀୟ ବାୟୁସେନାର ଜଣେ ଅବସରପ୍ରାପ୍ତ ଅଫିସରଙ୍କୁ ଆସାମ ପୋଲିସ ଶୁକ୍ରବାର ରାତିରେ ଗିରଫ କରିଛି। ଅଭିଯୁକ୍ତ କୁଳେନ୍ଦ୍ର ଶର୍ମାଙ୍କ ଘର ତେଜପୁରର ପଟିଆ ଅଞ୍ଚଳରେ। ଦୀର୍ଘଦିନ ଧରି ତାଙ୍କ ଉପରେ ନଜର ରଖିବା ଓ ପ୍ରାରମ୍ଭିକ ତଦନ୍ତ ପରେ ପୋଲିସ ତାଙ୍କୁ ହାଜତକୁ ନେଇଛି। ପାକିସ୍ତାନୀ ଗୁପ୍ତଚର ସଂସ୍ଥା ସହ ସମ୍ପୃକ୍ତ ବ୍ୟକ୍ତି ଯୋଗାଯୋଗରେ ରହିବା ସହିତ ସମ୍ବେଦନଶୀଳ ସୂଚନା ଯୋଗାଉଥିଲେ। ତାଙ୍କ ମୋବାଇଲ ଫୋନ୍ ଏବଂ ଲାପ୍‌ଟପ୍‌ରୁ ସନ୍ଦେହଜନକ ତଥ୍ୟ ମିଳିଛି। କେତେକ ତଥ୍ୟକୁ ଲିଭାଇ ଦିଆଯାଇଥିବା ଜଣାପଡ଼ିଛି। ଗୁପ୍ତଚରଗିରି ନେଇ ଶର୍ମାଙ୍କ ଉପରେ ସନ୍ଦେହ ଅତ୍ୟନ୍ତ ଦୃଢ଼ ହୋଇଥିଲେ ମଧ୍ୟ ତଦନ୍ତ ଶେଷ ନ ହେବା ପର୍ଯ୍ୟନ୍ତ ତାହା ସ୍ପଷ୍ଟ କରାଯାଇପାରିବ ନାହିଁ ବୋଲି ସୋନିପତ ଡିଏସ୍‌ପି ହରିଚରଣ ଭୂମିଜ କହିଛନ୍ତି। ଶର୍ମା ଅବସର ନେବା ପୂର୍ବରୁ ତେଜପୁର ବାୟୁସେନା ଘାଟିରେ ଜୁନିୟର ୱାରେଣ୍ଟ ଅଫିସର ଭାବେ ପୋଷ୍ଟିଂ ହୋଇଥିଲେ, ଯେଉଁଠି ସୁଖୋଇ-୩୦ ସ୍କ୍ୱାଡ୍ରନ୍ ସମେତ ବହୁ ଗୁରୁତ୍ୱପୂର୍ଣ୍ଣ ବାୟୁସେନା ସମ୍ପତ୍ତି ରହିଛି।


ନୂଆଦିଲ୍ଲୀର ଓଖ୍‌ଲାରେ ଶନିବାର ଅନୁଷ୍ଠିତ ପେଟ୍ ଫେଡ୍ ଦିଲ୍ଲୀ ମେଳାରେ ଯୁବତୀମାନେ ସେମାନଙ୍କ ପୋଷା ଜନ୍ତୁଙ୍କ ସହ ସାମିଲ ହୋଇଛନ୍ତି।

# ଜାପାନରେ ରିଲିଜ ହେବ 'ପୁଷ୍ପା ୨'

**ହାଇଦ୍ରାବାଦ:** ବ୍ଲକ୍‌ବଷ୍ଟର ଫିଲ୍ମ 'ପୁଷ୍ପା ୨: ଦି ରୁଲ୍' ଏବେ ଜାପାନରେ ରିଲିଜ ପାଇଁ ପ୍ରସ୍ତୁତ ହେଉଛି। ଆଉ ଏହି ରିଲିଜ ପୂର୍ବରୁ ଅଭିନେତା ଅଲ୍ଲୁ ଅର୍ଜୁନ ପ୍ରମୋଶନ ପାଇଁ ଜାପାନ ଗସ୍ତରେ ଯିବା ପ୍ରସଙ୍ଗକୁ ତାଙ୍କ ମ୍ୟାନେଜର ନିଶ୍ଚିତ କରିଛନ୍ତି। 'ପୁଷ୍ପା ୨' ୨୦୨୬ ଜାନୁଆରୀ ୧୬ରେ 'ପୁଷ୍ପା କୁନରିନ୍' ନାମରେ ଜାପାନରେ ମୁକ୍ତିଲାଭ କରିବ। ସୋସିଆଲ ମିଡିଆରେ ଜଣେ ପ୍ରଶଂସକଙ୍କ ପ୍ରଶ୍ନର ଉତ୍ତର ଦେଇ ଅଲ୍ଲୁ ଅର୍ଜୁନଙ୍କ ମ୍ୟାନେଜର ଶରତ ଚନ୍ଦ୍ର ନାଇଡୁ କହିଛନ୍ତି ଯେ ଅଲ୍ଲୁ ଅର୍ଜୁନ ପ୍ରମୋଶନ ପାଇଁ ଜାପାନ ଯିବେ।

ଜାପାନରେ ଏହି ଫିଲ୍ମର ଏକ ସ୍ୱତନ୍ତ୍ର ୨୨୦-ମିନିଟ୍ ବିଶିଷ୍ଟ ଏକ୍ସଟେଣ୍ଡେଡ୍ କଟ୍ ଭର୍ସନ ରିଲିଜ ହେବ। ଏହା ମୂଳ ୨୦୦-ମିନିଟ୍ ଭର୍ସନ୍‌ଠାରୁ ୨୦ ମିନିଟ୍ ଅଧିକ। ଏହା ଅଲ୍ଲୁ ଅର୍ଜୁନଙ୍କର ପ୍ରଥମ ଜାପାନ ଗସ୍ତ ହେବାର ସମ୍ଭାବନା ଅଛି। ଫିଲ୍ମର ଅଫିସିଆଲ ଜାପାନିଜ ପୋଷ୍ଟର ଓ ଟ୍ରେଲର୍ ପୂର୍ବରୁ ହିଁ ରିଲିଜ ହୋଇସାରିଛି।




# ଦିଲ୍ଲୀ ଏକ୍ୟୁଆଇ ୪୪୧: ଜିଆର୍‌ଏପି-୪ ଲାଗୁହେଲା

## ନିର୍ମାଣ କାର୍ଯ୍ୟ, ଖଣି ଉତ୍ତୋଳନ ସମ୍ପୂର୍ଣ୍ଣ ବନ୍ଦ

ନୂଆଦିଲ୍ଲୀ, ୧୩।୧୨

ଦିଲ୍ଲୀ-ଜାତୀୟ ରାଜଧାନୀ ଅଞ୍ଚଳ (ଏନ୍‌ସିଆର୍)ରେ ଶନିବାର ସନ୍ଧ୍ୟାରେ ବାୟୁ ଗୁଣବତ୍ତା ସୂଚକାଙ୍କ (ଏକ୍ୟୁଆଇ) ୪୪୧ରେ ପହଞ୍ଚିଛି, ଯାହାକି ଅତ୍ୟନ୍ତ ଗମ୍ଭୀର ବର୍ଗର। ପ୍ରଦୂଷଣକୁ ନିୟନ୍ତ୍ରଣ କରିବା ଲାଗି ଜରୁରୀ ପଦକ୍ଷେପ ସ୍ୱରୂପ ଦିଲ୍ଲୀ କର୍ତ୍ତୃପକ୍ଷ ଗ୍ରେଡେଡ୍ ଆକ୍ସନ ରେସ୍ପନ୍ସ ପ୍ଲାନ୍ (ଜିଆର୍‌ଏପି)ର ଚତୁର୍ଥ ପର୍ଯ୍ୟାୟ ତୁରନ୍ତ ଲାଗୁ କରିଛନ୍ତି। ଦିଲ୍ଲୀରେ କିଛିଘଣ୍ଟା ପୂର୍ବରୁ ଜିଆର୍‌ଏପି-୩ ଲାଗୁ ହୋଇଥିଲା। ସ୍ଥିତି ଅଧିକ ଖରାପ ହେଉଥିବା ଏକ୍ୟୁଆଇରୁ ଜଣାପଡ଼ିବା ପରେ ବାୟୁ ଗୁଣବତ୍ତା ପରିଚାଳନା ଆୟୁକ୍ତ (ସିଏକ୍ୟୁଏମ୍) ଜିଆର୍‌ଏପି-୪ ଲଗାଇବାକୁ ନିଷ୍ପତ୍ତି ନେଇଥିଲେ। ଅପରାହ୍ନ ୪ଟାରେ ଏକ୍ୟୁଆଇ ୪୩୧ ଥିବାବେଳେ ୬ଟା ବେଳକୁ ୪୪୧କୁ ଖସିଥିଲା। ବାୟୁ ପ୍ରବାହର ମନ୍ଥର ଗତି, ସ୍ଥିର ବାୟୁମଣ୍ଡଳ, ପ୍ରତିକୂଳ ପାଣିପାଗ ସ୍ଥିତି ତଥା ପ୍ରଦୂଷିତ କଣିକାଗୁଡ଼ିକ ଖେଳାଇ ନ ହୋଇ ସ୍ଥିର ରହିବା ଫଳରେ ବାୟୁ ଗୁଣବତ୍ତା ସୂଚକାଙ୍କ ଅତ୍ୟନ୍ତ ଗମ୍ଭୀର ସ୍ତରକୁ ଆସିଥିଲା ବୋଲି ସିଏକ୍ୟୁଏମ୍ କହିଛି।

ଦିଲ୍ଲୀର ଆନନ୍ଦବିହାର ଅଞ୍ଚଳ ଶନିବାର ସନ୍ଧ୍ୟାରେ ବହଳ ଧୂଆଁ କୁହୁଡ଼ିରେ ଘୋଡ଼ାଇ ହୋଇ ରହିଥିବାବେଳେ ଏକ୍ୟୁଆଇ ୪୮୮କୁ ଖସିଆସିଛି। ଏଭଳି ବାୟୁ ସ୍ୱାସ୍ଥ୍ୟ ପ୍ରତି ଗମ୍ଭୀର ଚିନ୍ତାର ବିଷୟ ପାଲଟିଛି। ସେହିପରି ଇଣ୍ଡିଆ ଗେଟ୍, କର୍ତ୍ତବ୍ୟ ପଥରେ ଏକ୍ୟୁଆଇ ୪୦୭ ରହିଛି। ଫଳରେ ସମଗ୍ର ଜାତୀୟ ରାଜଧାନୀ ଅଞ୍ଚଳରେ ତୁରନ୍ତ ସର୍ବାଧିକ କଟକଣା ଜିଆର୍‌ଏପି-୪ ଲଗାଇବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଏହି କଟକଣା ଯୋଗୁ ଦିଲ୍ଲୀ-ଏନ୍‌ସିଆର୍‌ରେ ନିର୍ମାଣ କାର୍ଯ୍ୟ ଓ ଜବରଦଖଲ ଉଚ୍ଛେଦ ସମ୍ପୂର୍ଣ୍ଣ ନିଷିଦ୍ଧ ହେବା ସହ ଷ୍ଟୋନ୍ କ୍ରସର, ଖଣି ଉତ୍ତୋଳନ ଆଦି ସମ୍ପୂର୍ଣ୍ଣ ବନ୍ଦ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ୫ମ ଶ୍ରେଣୀ ପର୍ଯ୍ୟନ୍ତ ହାଇବ୍ରିଡ୍ ଲର୍ଣ୍ଣିଂ ମୋଡ୍‌ରେ ପାଠପଢ଼ା ପାଇଁ ପରାମର୍ଶ ଦିଆଯାଇଛି। ବିଏସ୍-୩ ଡିଜେଲ ଏବଂ ବିଏସ୍-୪ ଡିଜେଲ ଚାରିଚକିଆ ଯାନ ଚଳାଚଳ ଉପରେ କଟକଣାକୁ କଡ଼ାକଡ଼ି କରାଯାଇଛି।

# ୱେଡିଂ ପ୍ଲାନର

**ବିବାହ ପ୍ରତ୍ୟେକ ଯୁବତୀଯୁବକଙ୍କ ଜୀବନର ଏକ ବଡ଼ ଉତ୍ସବ। ତେଣୁ ଭୋଜିଠାରୁ ଆରମ୍ଭ କରି ନାଚଗୀତ ଆଦି ପ୍ରତ୍ୟେକ କାର୍ଯ୍ୟକୁ ଖୁବ୍ ଧୁମ୍‌ଧାମ୍‌ରେ ଆୟୋଜନ କରିବା ସହ ଏହି ବିଶେଷ କାର୍ଯ୍ୟକ୍ରମର ସବୁ ମୁହୂର୍ତ୍ତକୁ ନିଜ ସହିତ ଯୋଗ ଦେଇଥିବା ଅତିଥିଙ୍କ ପାଇଁ ମଧ୍ୟ ସ୍ମରଣୀୟ କରି ରଖିବାକୁ ସମସ୍ତେ ଚାହାନ୍ତି। ତେଣୁ ବିବାହ ଉତ୍ସବର ସମସ୍ତ ଆୟୋଜନକୁ ଅଧିକ ସ୍ପେଶାଲ ଏବଂ ଗ୍ରାଣ୍ଡ କରିବା ଉଦ୍ଦେଶ୍ୟରେ ଦିନକୁ ଦିନ ବଢ଼ିବାରେ ଲାଗିଛି ୱେଡିଂ ପ୍ଲାନରଙ୍କ ଡିମାଣ୍ଡ...**

ବର୍ତ୍ତମାନ ଅଧିକାଂଶ ପରିବାରରେ ଅନେକ ସଦସ୍ୟ ଜବ୍ ହେଉ ଅବା ବିଜ୍‌ନେସ୍ ଆଦି ପାଇଁ ପରିବାରଠାରୁ ଦୂରରେ ରହୁଛନ୍ତି। ତେଣୁ ପରିବାରରେ କାହାର ବିବାହ ହେଲେ, କୌଣସି ଜଣେ ସଦସ୍ୟଙ୍କୁ ବିବାହର ସମସ୍ତ ଆୟୋଜନ ଏକାକୀ କରିବା ଏତେ ସହଜ କଥା ନୁହେଁ। ତେଣୁ ବିବାହ ଉତ୍ସବର ସମସ୍ତ ଆୟୋଜନକୁ ଅଧିକ ସ୍ପେଶାଲ ଏବଂ ଗ୍ରାଣ୍ଡ୍ କରିବା ଲାଗି ବର୍ତ୍ତମାନ ଅଧିକାଂଶ ୱେଡିଂ ପ୍ଲାନିଂ କମ୍ପାନୀମାନଙ୍କ ଉପରେ ନିର୍ଭର କରୁଛନ୍ତି। ଯେଉଁଥିରେ ୱେଡିଂ ପ୍ଲାନରମାନେ ବାହାଘରର ଭେନ୍ୟୁ, ଡେକୋରେଶନ୍, ଲାଇଟିଂ, ମ୍ୟୁଜିକ୍, ଏଣ୍ଟରଟେନ୍‌ମେଣ୍ଟ, ଗେଷ୍ଟଙ୍କୁ ହୋଷ୍ଟ କରିବା ଏବଂ ସର୍ବୋପରି ଖାଇବା ମେନ୍ୟୁ ଓ ସର୍ଭିଂ ସର୍ଭିସ୍ ପର୍ଯ୍ୟନ୍ତ ସବୁ କିଛିର ଦାୟିତ୍ୱ ସୁଚାରୁ ରୂପେ ତୁଲାଉଛନ୍ତି। ଏମିତିରେ ଗ୍ରୁମ୍ ଏବଂ ବ୍ରାଇଡ୍‌ଙ୍କ ୱେଡିଂ ଏବଂ ରିସେପ୍ସନ ଡ୍ରେସ୍‌ଠୁ ଆରମ୍ଭ କରି ମେକ୍‌ଅପ୍ ପର୍ଯ୍ୟନ୍ତ ସବୁ ସୁବିଧା ଏହି କମ୍ପାନୀ ଦ୍ୱାରା ଯୋଗାଇ ଦିଆଯାଉଛି। ଯଦ୍ୱାରା ଉଭୟ ପରିବାରକୁ କିଛି ଟଙ୍କା ଅଧିକ ଖର୍ଚ୍ଚ କରିବାକୁ ପଡୁଥିଲେ ସୁଦ୍ଧା ଅଚିନ୍ତାରେ ବିବାହର ସମସ୍ତ କାର୍ଯ୍ୟକ୍ରମର ଆନନ୍ଦ ଉଠାଇ ପାରୁଛନ୍ତି।

**ବଢୁଛି ବିଜ୍‌ନେସ୍ ଓ କ୍ୟାରିୟର ଅପ୍ସନ:** ବର୍ତ୍ତମାନ ବିବାହ କିମ୍ବା ଅନ୍ୟ ବଡ଼ ବଡ଼ ପାର୍ଟି ଫଙ୍କ୍‌ସନ୍ ଆରେଞ୍ଜମେଣ୍ଟ ପାଇଁ ଅଧିକାଂଶ ୱେଡିଂ କିମ୍ବା ଇଭେଣ୍ଟ କମ୍ପାନୀଗୁଡ଼ିକ ଉପରେ ଅଧିକ ନିର୍ଭର କରୁଥିବା ଦେଖିବାକୁ ମିଳୁଛି। ତେଣୁ ଏ କ୍ଷେତ୍ରରେ ବିଜ୍‌ନେସ୍ ଅପ୍ସନ ଦିନକୁ ଦିନ ବଢ଼ିବାରେ ଲାଗିଛି। କନ୍‌ଫେଡେରେଶନ୍ ଅଫ୍ ଅଲ୍ ଇଣ୍ଡିଆ ଟ୍ରେଡର୍ସ (କେଟ୍)ର ରିପୋର୍ଟ ଅନୁଯାୟୀ ଗତବର୍ଷ ଭାରତରେ ବିବାହରେ ପ୍ରାୟ ୫.୯୦ ଲକ୍ଷ କୋଟି ଟଙ୍କାର ବ୍ୟାପାର ହୋଇଥିଲା, ଯାହାକି ଚଳିତବର୍ଷ ବୃଦ୍ଧି ପାଇ ବର୍ଷ ଶେଷ ସୁଦ୍ଧା ପ୍ରାୟ ୬.୫୦ ଲକ୍ଷ କୋଟି ଟଙ୍କାରେ ପହଞ୍ଚିବ। ତେଣୁ ଏ କ୍ଷେତ୍ରରେ ରୁଚି ରଖୁଥିବା ଯୁବପିଢ଼ିଙ୍କ ପାଇଁ ଏହା ଏକ ଭଲ କ୍ୟାରିୟର ଅପ୍ସନ ହୋଇପାରେ।

**କ'ଣ ରହିଛି କ୍ୟାରିୟର ଅପ୍ସନ:** ୱେଡିଂ ପ୍ଲାନିଂ କ୍ଷେତ୍ରରେ ଯୁବପିଢ଼ିଙ୍କ ପାଇଁ ବହୁତ ପ୍ରକାରର କ୍ୟାରିୟର ଅପ୍ସନ ରହିଛି। ସେଗୁଡ଼ିକ ହେଲା:

❖ଜଣେ ଚାହିଁଲେ ଏହାକୁ ଏକ ଷ୍ଟାର୍ଟଅପ୍ ବିଜ୍‌ନେସ୍ ଭାବେ ନିଜର ଏକ କମ୍ପାନୀ କରିପାରିବେ।

❖ ଇଭେଣ୍ଟର ଥିମ୍, ବଜେଟ, ଗ୍ରାହକଙ୍କ ସହ ଡିଲ୍ ପାଇଁ ୱେଡିଂ କମ୍ପାନୀରେ ବଜେଟ ମ୍ୟାନେଜର, ଇଭେଣ୍ଟ କୋ-ଅର୍ଡିନେଟର ଭାବେ କାମ କରିପାରିବେ।

❖ ଇଭେଣ୍ଟର ପ୍ରତ୍ୟେକ ଛୋଟ ବଡ଼ କାମ ତଦାରଖ କରିବା ସହ ଟିମ୍‌କୁ ମାର୍ଗଦର୍ଶନ ଦେବା ଲାଗି ଇଭେଣ୍ଟ ଏକ୍‌ଜିକ୍ୟୁଟିଭ୍ ଭାବେ କାମ କରିପାରିବେ।

❖ଟେକ୍ନିକାଲ୍ ସେଟ୍‌ଅପ୍‌ଠୁ ଆରମ୍ଭ କରି ଲାଇଟ୍ସ, ସାଉଣ୍ଡ, ଷ୍ଟେଜ୍ ଆଦି ବୁଝାବୁଝି କରିବା ଲାଗି ପ୍ରଡକ୍ଟ ଆସିଷ୍ଟାଣ୍ଟ ଭାବେ ଜବ୍ କରିପାରିବେ।



## ଯୁବପିଢ଼ିଙ୍କ ପାଇଁ ବଢୁଛି ସୁଯୋଗ

ବର୍ତ୍ତମାନ ଅଧିକାଂଶ ଲୋକେ ଘରଠାରୁ ବାହାରେ ରହୁଛନ୍ତି। କେବଳ ବିବାହ, ବ୍ରତ ଭଳି ବଡ଼ ବଡ଼ ଫ୍ୟାମିଲି ଫଙ୍କସନ୍‌ରେ ଅଳ୍ପ ଦିନ ପାଇଁ ସେମାନେ ନିଜ ସହରକୁ ଆସୁଛନ୍ତି। ହେଲେ କମ୍ ସମୟ ଭିତରେ ହୋଟେଲ୍, ରିସୋର୍ଟ, ମଣ୍ଡପ ଆଦି ବୁକ୍ କରିବାଠୁ ଆରମ୍ଭ କରି ଅନ୍ୟ ସବୁ ଆରେଞ୍ଜମେଣ୍ଟ କରିବା ସେମାନଙ୍କ ପାଇଁ କଷ୍ଟ ହୋଇପଡୁଛି। ଲୋକଙ୍କର ଏଭଳି ସମସ୍ୟା ଦୂର କରିବା ଲାଗି ୨୦୧୬ରେ ଜିମାର୍ଟ ଇଭେଣ୍ଟ୍ସ ନାମକ କମ୍ପାନୀ ଆରମ୍ଭ କଲି। ବର୍ତ୍ତମାନ ସୁଦ୍ଧା ମୋର ଏହି କମ୍ପାନୀରେ ୧୩୦ ଜଣ ଏମ୍ପ୍ଲୟୀଙ୍କୁ ନିଯୁକ୍ତି ଦେଇପାରିଥିବାରୁ ବିତ ଖୁସି ଲାଗୁଛି। ଆମ ପାଖେ ଏବେ ନିଜର ହୋଟେଲ, ରିସୋର୍ଟ, ଫୁଡ୍ ୟୁନିଟ୍, କ୍ୟାଟେରିଂ ସର୍ଭିସ୍, ଫଟୋଗ୍ରାଫି, ଟିମ୍ ରହିଛି। କ୍ଲାଏଣ୍ଟଙ୍କ ଡିମାଣ୍ଡ ଅନୁସାରେ ଆମେ ବିଭିନ୍ନ ପ୍ରକାରର ସୁବିଧା ଯୋଗାଇ ଦେଉଛୁ। ଏଥିରେ ୱେଡିଂ ସିଜନ୍‌ରେ ବେଶ୍ ଭଲ ରୋଜଗାର ହେଉଛି। ବର୍ତ୍ତମାନ ସୁଦ୍ଧା ଆମ କମ୍ପାନୀ ପକ୍ଷରୁ ୩୦୦୦ ବିବାହ କାର୍ଯ୍ୟ କରିସାରିଛୁ। କେବଳ ବିବାହ ନୁହେଁ, ଶହେରୁ ଅଧିକ କର୍ପୋରେଟ୍ ଇଭେଣ୍ଟ ଏବଂ ୫୦ରୁ ଅଧିକ ସରକାରୀ ଇଭେଣ୍ଟ ବି କରିସାରିଛୁ। ଚଳିତବର୍ଷ ଶେଷ ସୁଦ୍ଧା ଆହୁରି ଅନେକ ଇଭେଣ୍ଟ କାର୍ଯ୍ୟ ମଧ୍ୟ କରିବାକୁ ଅଛି। ତେବେ ମୋ ମତରେ ଏ କ୍ଷେତ୍ରରେ ରୁଚି ରଖୁଥିବା ଯୁବପିଢ଼ିଙ୍କ ପାଇଁ ଭଲ କ୍ୟାରିୟର ଅପ୍ସନ ଦିନକୁ ଦିନ ବଢ଼ିବାରେ ଲାଗିଛି।



**ଜିତେନ୍ଦ୍ର କୁମାର ସାହୁ**
*(ଫାଉଣ୍ଡର ଆଣ୍ଡ ମ୍ୟାନେଜିଂ ଡାଇରେକ୍ଟର, ଜିମାର୍ଟ ଇଭେଣ୍ଟ କମ୍ପାନୀ, ଭୁବନେଶ୍ୱର)*




❖ଭେନ୍ୟୁ ଡେକୋରେଶନ୍, ଏଣ୍ଟରଟେନ୍‌ମେଣ୍ଟ, ଗେଷ୍ଟଙ୍କୁ ହୋଷ୍ଟ କରିବା ଆଦି ବୁଝିବା ଲାଗି ଆର୍ଟିଷ୍ଟ ମ୍ୟାନେଜର ଭାବେ ବି କାମ କରିପାରିବେ। ସେହିପରି ଭେନ୍ୟୁ ଏବଂ ମେନ୍ୟୁ ସମ୍ବନ୍ଧିତ ସମସ୍ତ କାର୍ଯ୍ୟ ଦେଖାଶୁଣା ନିମନ୍ତେ ଭେନ୍ୟୁ ମ୍ୟାନେଜର ଭାବେ ବି ଜବ୍ ଏସବୁ କମ୍ପାନୀରେ ଉପଲବ୍ଧ। ଇଭେଣ୍ଟର ସମସ୍ତ ପରିବହନ କାର୍ଯ୍ୟ ଆଦି ବୁଝିବା ଲାଗି ଲଜିଷ୍ଟିକ୍ ହେଡ୍ ଭାବେ ମଧ୍ୟ କାର୍ଯ୍ୟ କରିପାରିବେ।

❖ସେହିପରି ସାଜସଜ୍ଜା ବିଶେଷକରି ଫୁଲ ସଜାଇବା ଲାଗି ଏ କ୍ଷେତ୍ରରେ ଫ୍ଲୋରିଷ୍ଟଙ୍କର ବି ଡିମାଣ୍ଡ ରହିଛି।

❖ସେହିପରି ଫଟୋଗ୍ରାଫି, ଡ୍ରେସ୍ ଡିଜାଇନର୍, ମେକ୍‌ଅପ୍ ଆର୍ଟିଷ୍ଟ ଏବଂ କୁକିଂ ଓ କ୍ୟାଟେରିଂ ସର୍ଭିସ୍ କ୍ଷେତ୍ରରେ ମଧ୍ୟ ଯୁବପିଢ଼ିଙ୍କ ପାଇଁ ବହୁତ ଭଲ କ୍ୟାରିୟର ଅପ୍ସନ ରହିଛି।

**କ'ଣ ରହିଛି କୋର୍ସ:** ଯଦିଓ ଏଥିପାଇଁ ନିହାତି କୌଣସି କୋର୍ସର ଆବଶ୍ୟକତା ରହିଛି ତାହା ନୁହେଁ, ତଥାପି ନିଜ ରୁଚିକୁ ଆଖିଆଗରେ ରଖି ଇଭେଣ୍ଟ ମ୍ୟାନେଜ୍‌ମେଣ୍ଟରେ ବିବିଏ, ଏମ୍‌ବିଏ କରିପାରିବେ। ଏହା ବ୍ୟତୀତ ବ୍ୟୁଟି ଏବଂ ମେକ୍‌ଅପ୍, କୁକିଂ, ଡେକୋରେଶନ୍, ଫଟୋଗ୍ରାଫି ଆଦିରେ ସ୍ପେଶାଲାଇଜେଶନ୍ କୋର୍ସ କରିପାରିବେ। ଏହାବ୍ୟତୀତ ଆପଣ ଯେକୌଣସି କ୍ଷେତ୍ରରେ ଗ୍ରାଜୁଏଶନ୍ କରିବା ପରେ କୌଣସି ୱେଡିଂ କମ୍ପାନୀରେ କାମ କରି ଦକ୍ଷତା ହାସଲ କରିପାରିବେ।



– ପୌର୍ଣ୍ଣମାସୀ

## ଏ ସପ୍ତାହର ପ୍ରଶ୍ନ ?

୧– ରାମବାଣ ସୁଲାଇ ମହୁ ଭାରତର ............. ଅଞ୍ଚଳରେ ମିଳିଥାଏ ?
୨– ୱାର୍ଲ୍ଡ ଆଥ୍‌ଲେଟ୍ ଅଫ୍ ଦ ଇୟର(ମେନ୍) ୨୦୨୫ ଆୱାର୍ଡ ବିଜେତାଙ୍କ ନାମ ....... ?
୩– ସଞ୍ଚାରସାଥୀ ଆପ୍ ............. ଦ୍ୱାରା ଆରମ୍ଭ କରାଯାଇଛି ?
୪– କୋକ୍‌ବୋରୋକ୍ ହେଉଛି ଭାରତୀୟ ରାଜ୍ୟ ...........ର ଅଫିସିଆଲ୍ ଲାଙ୍ଗୁଏଜ୍ ?
୫– ଛତ୍ରପତି ଶିବାଜୀ ମହାରାଜଙ୍କ ପ୍ରଥମ ମନ୍ଦିର ............ଠାରେ ଉଦ୍‌ଘାଟିତ ହୋଇଯାଇଛି ?

## ଗତ ଥରର ଉତ୍ତର

୧ ଗୁଜରାଟ
୨ ଆମେରିକା
୩ ଇଣ୍ଡିଆନ୍ ଫାଇନାନ୍ସିଆଲ୍ ସିଷ୍ଟମ୍ କୋଡ୍
୪ ଅରୁନ୍ଧତୀ ରାୟ
୫ ପୁଲିଜର ପୁରସ୍କାର

## ଉତ୍ତରଦାତା



ଅନ୍ନପୂର୍ଣ୍ଣା ମହାନ୍ତି, କଟକ



ଅର୍ଚ୍ଚନା ବାରିକ, ଢେଙ୍କାନାଳ



ନମିତା ବେହେରା, ଖୋର୍ଦ୍ଧା

## ଟପ୍ ଟେନ୍ ୧୦

### ପୃଥିବୀର ହାଇସ୍ପିଡ୍ ଟ୍ରେନ୍ –୨୦୨୫

୧. ସାଙ୍ଘାଇ ମାଗ୍‌ଲେଭ୍ (ଚାଇନା)............... ୪୬୦କିମି./ଘଣ୍ଟା ପ୍ରତି
୨. ସିଆର୍୪୫୦(ଚାଇନା)......................... ୪୫୩କିମି./ଘଣ୍ଟା
୩. ସିଆର୍୪୦୦ ଫକ୍ସିଙ୍ଗ୍ (ଚାଇନା) .................. ୩୫୦କିମି./ଘଣ୍ଟା
୪. ଟିଜିଭି(ଫ୍ରାନ୍ସ) ................................... ୩୨୦କିମି./ଘଣ୍ଟା
୫. ଶିଙ୍କାନ୍‌ସେନ୍ ସିରିଜ୍ (ଜାପାନ)....................... ୩୨୦କିମି./ଘଣ୍ଟା
୬. ୟୁରୋଷ୍ଟାର୍ ଇ୩୨୦ (ୟୁରୋପ)........................ ୩୨୦କିମି./ଘଣ୍ଟା
୭. ଏଆଇ ବୋରାକ୍ (ମରକ୍କୋ)......................... ୩୨୦କିମି./ଘଣ୍ଟା
୮. ଇଭିଇ କ୍ଲାସ୍ ୧୦୩ (ସ୍ପେନ୍)......................... ୩୧୦କିମି./ଘଣ୍ଟା
୯. କେଟିଏକ୍ସ ସିରିଜ୍ (ସାଉଥ୍ କୋରିଆ) ............... ୩୦୫କିମି./ଘଣ୍ଟା
୧୦. ଇଟିଆର୍ ଫ୍ରେସିଆରୋସା ୧୦୦୦ (ଇଟାଲୀ)...... ୩୦୦କିମି./ଘଣ୍ଟା

**ସୂଚନା:** ଆଗାମୀ ଆଶା ପୃଷ୍ଠାରେ ଦିଆଯାଇଥିବା ପ୍ରଶ୍ନର ଉତ୍ତର ସହ ନିଜ ନାମ, ଠିକଣା, ଫଟୋ ଏବଂ ମତାମତ ଲେଖି ପଠାନ୍ତୁ। ଇ–ମେଲ୍ ଠିକଣା: dharitriagamiasha@gmail.com

## ୟୁଥ୍ ଫ୍ୟାଶନ୍

# ଫ୍ୟାଶନ୍ ସହ ସୁରକ୍ଷା ପାଇଁ ହୁଡିଜ୍

**ୱିଣ୍ଟର ଗେଟ୍‌ଅପ୍ କଥା ଆସିଲେ ବିଭିନ୍ନ ପ୍ରକାର ହୁଡିଜ୍ ଯୁବପିଢ଼ିଙ୍କର ପ୍ରଥମ ପସନ୍ଦ। କାରଣ ଏହା ନା କେବଳ ଫ୍ୟାଶନେବଲ୍ ତଥା ଷ୍ଟାଇଲିଶ୍ ଲୁକ୍ ଦେଇଥାଏ ବରଂ ଦେହ, ମୁଣ୍ଡ ଓ କାନକୁ ଥଣ୍ଡା ପବନରୁ ସୁରକ୍ଷା ବି ଦେଇଥାଏ...**

**ପୁଲ ଓଭର ହୁଡି:** ବର୍ତ୍ତମାନ ଉଭୟ ପ୍ଲେନ୍ ଏବଂ ପ୍ରିଣ୍ଟେଡ୍ ପୁଲ ଓଭର ହୁଡିର ଡିମାଣ୍ଡ ବଢୁଛି। ଯଦି ଆପଣଙ୍କୁ ଜିପ୍ ବା ଓପନ୍ ହୁଡିଜ୍ ପସନ୍ଦ ନୁହେଁ, ତେବେ ମୁଣ୍ଡ ଗଳାଇ ପିନ୍ଧିବାକୁ ହେଉଥିବା ଏହି ପୁଲ ଓଭର ହୁଡି ଆପଣଙ୍କ ପାଇଁ ବେଷ୍ଟ ଅପ୍ସନ। ଏହି ଜିପ୍‌ଲେସ୍ ହୁଡିଜ୍ ସ୍ଲିମ୍ ଫିଗର ଯୁବତୀ ଯୁବକଙ୍କ ଫିଗରକୁ ହାଇଲାଇଟ୍ କରିବା ସହ ଅଧିକ ଫ୍ୟାଶନେବଲ୍ ଲାଗିଥାଏ। ତା'ଛଡ଼ା ଏହା ସମ୍ପୂର୍ଣ୍ଣ କଭର ହୋଇଥିବାରୁ ମୁଣ୍ଡ ଏବଂ ଦେହକୁ ଥଣ୍ଡା ପବନରୁ ସୁରକ୍ଷା ଦେଇଥାଏ।

**କଣ୍ଟ୍ରାଷ୍ଟ ବର୍ଡର ହୁଡି:** ସିଙ୍ଗଲ ବା ଆଦୌ ପ୍ରିଣ୍ଟ ନ ଥିବା ପ୍ଲେନ୍ କଲର ସହିତ କଣ୍ଟ୍ରାଷ୍ଟ ବର୍ଡର ଆଉଟ୍‌ଲାଇନ୍ ଥିବା ହୁଡିଜ୍‌କୁ ଏବେ ଯୁବପିଢ଼ି ଅଧିକ ପସନ୍ଦ କରୁଥିବା ଦେଖିବାକୁ ମିଳୁଛି। ଏହାକୁ ଆପଣ ଯେକୌଣସି କାଜୁଆଲ ଗେଟ୍‌ଅପ୍ ସହ କ୍ୟାରି କରି ଆକର୍ଷଣୀୟ ଲୁକ୍ ପାଇପାରିବେ।





**ଜିପ୍ ଅପ୍ସ ହୁଡି:** ଯଦି ଆପଣଙ୍କୁ ଏଭଳି ହୁଡି ପସନ୍ଦ, ତେବେ ଏହାକୁ ଉଭୟ ଜିପ୍ ଓପନ୍ କରି ଜ୍ୟାକେଟ୍ ଭଳି ହେଉ କିମ୍ବା ଜିପ୍ ବନ୍ଦ କରି ବ୍ୟବହାର କଲେ ଷ୍ଟାଇଲିଶ୍ ଲାଗିବେ।

**କିଛି ଟିପ୍ସ:** ଫିଗର ମୋଟା ହୋଇଥିଲେ ହେଭି ପରିବର୍ତ୍ତେ ଲାଇଟ୍ ମ୍ୟାଟେରିଆଲ୍ ହୁଡି ବାଛନ୍ତୁ ଏବଂ ଅଧିକ ଟାଇଟ୍ କିମ୍ବା ଢିଲା ହୁଡି ମଧ୍ୟ ବାଛନ୍ତୁ ନାହିଁ। କାରଣ ଏଥିରେ ପେଟ ବଡ଼ ଲାଗିବା କାରଣରୁ ଫିଗର ଖରାପ ଲାଗିଥାଏ।

– ଯଦି ଆପଣଙ୍କ ହାଇଟ୍ ଅଧିକ, ତେବେ ଆପଣ ସାମାନ୍ୟ ଓଭର ସାଇଜ୍ ବା ଲଙ୍ଗ ହୁଡି ପିନ୍ଧିଲେ ଆଟ୍ରାକ୍ଟିଭ୍ ଲାଗିବେ। ହେଲେ ହାଇଟ୍ କମ୍ ହୋଇଥିଲେ ଓଭର ସାଇଜ୍ ହୁଡି ଆଦୌ ପିନ୍ଧନ୍ତୁ ନାହିଁ। ଏଥିରେ ଆପଣଙ୍କ ଉଚ୍ଚତା ଆହୁରି କମ୍ ଲାଗିବ। ତେଣୁ ଆପଣ ଅଣ୍ଟା ବା ବେଲ୍ଟ ପର୍ଯ୍ୟନ୍ତ ଲମ୍ବ ଥିବା ହୁଡି ପିନ୍ଧନ୍ତୁ।

## ୟୁଥ୍ ଆଲର୍ଟ

# ଶୀତରେ ପାଣିପିଆ କମୁଥିଲେ...

**ଶୀତଦିନେ ପରିବେଶ ଥଣ୍ଡା ଥିବାରୁ ଦେହରୁ ଝାଳ ବାହାରି ନ ଥାଏ ଏବଂ ଶୋଷ ଲାଗି ନ ଥାଏ। ସେଥିପାଇଁ ଅନେକେ ପାଣି ପିଇବାକୁ ଭୁଲିଯାଆନ୍ତି। ହେଲେ କମ୍ ପାଣି ପିଇବା ଦ୍ୱାରା ଡିହାଇଡ୍ରେଶନ୍ ହେବା ସହ ଅନେକ ସ୍ୱାସ୍ଥ୍ୟ ସମସ୍ୟା ଦେଖାଦେଇଥାଏ...**


➔ଶୀତଦିନେ ପାଣି ପିଇବା କମିଗଲେ ଶରୀରର ଡିହାଇଡ୍ରେଟ୍ ହୋଇଯାଏ, ଫଳରେ ତ୍ୱଚା ଆବଶ୍ୟକଠାରୁ ଅଧିକ ଡ୍ରାଏ ହୋଇ ଫାଟିଥାଏ ଏବଂ ପୋଡ଼ାଜଳା ମଧ୍ୟ ହୋଇଥାଏ।

➔ମଣିଷ ଶରୀରକୁ ଯେତିକି ପରିମାଣର ପାଣି ଆବଶ୍ୟକ, ତା'ଠାରୁ କମ୍ ପାଣି ପିଇବା ଦ୍ୱାରା ଏହାର ନକାରାତ୍ମକ ପ୍ରଭାବ ଆଣ୍ଠୁ ଗଣ୍ଠି ଆଦି ସ୍ଥାନରେ ପଡ଼ିଥାଏ। ଫଳରେ ଏହି ଗଣ୍ଠିଗୁଡ଼ିକୁ ଠିକ୍ ଭାବେ ଚଳପ୍ରଚଳ ହେବାରେ ସାହାଯ୍ୟ କରୁଥିବା ଚିକ୍କଣ ଅଂଶ ବା ସାଇନୋଭିଆଲ୍ ଫ୍ଲୁଇଡ୍ ଶୁଖିଯାଏ। ଫଳସ୍ୱରୂପ ଯୁବାବସ୍ଥାରେ ବି ଆଣ୍ଠୁଗଣ୍ଠି ବିନ୍ଧିବା, ଦରଜ ହେବା ଭଳି ସମସ୍ୟା ଦେଖାଦିଏ।

➔ଶୀତଦିନେ ଅନେକଙ୍କଠାରେ ପରିସ୍ରାପୋଡ଼ା, ୟୁରିନାରୀ ଟ୍ରାକ୍ ଇନ୍‌ଫେକ୍ସନ୍ ଭଳି ସମସ୍ୟା ଦେଖାଦେଇଥାଏ। ଏହାର ମୁଖ୍ୟ କାରଣ ହେଉଛି ଶରୀରରେ ଆବଶ୍ୟକ ମାତ୍ରାରେ ପାଣିର ଅଭାବ। କାରଣ ଏଦିନେ ପାଣିପିଆ କମିଗଲେ ସବୁଠୁ ବେଶୀ ପ୍ରଭାବ ପଡ଼ିଥାଏ କିଡ୍‌ନୀ ଉପରେ ଏବଂ ଏହି ସବୁ ସମସ୍ୟା ଉପୁଜିଥାଏ।

➔ପାଣି କମ୍ ପିଇବା ଦ୍ୱାରା ଶରୀରରେ ଥିବା ବିଷାକ୍ତ ତଥା ବର୍ଜ୍ୟ ପଦାର୍ଥ ଭଲ ଭାବେ ନିଷ୍କାସନ ହୋଇପାରେ ନାହିଁ। ଫଳରେ ମୁହଁରେ ବ୍ରଣ, ଦାଗ, ରିଙ୍କଲ୍ ମାର୍କ, ଡାର୍କ ସ୍ପଟ ଓ ସ୍କିନ୍ ଆଲର୍ଜି ଆଦି ଅନେକ ସମସ୍ୟା ଦେଖାଦିଏ।

➔ଶୀତଦିନେ କମ୍ ପାଣି ପିଇଲେ ଶରୀରରେ ପାଣିର ଅଭାବ ହେବା ଯୋଗୁ ରକ୍ତ ସଞ୍ଚାଳନ ବାଧାପ୍ରାପ୍ତ ହୋଇଥାଏ। ଫଳରେ ଅମ୍ଳଜାନ ସବୁ ଅଙ୍ଗକୁ ବିଶେଷ ଭାବେ ମସ୍ତିଷ୍କକୁ ଭଲ ଭାବେ ପହଞ୍ଚି ନ ପାରିବାରୁ ଥକା ଏବଂ ହାଲିଆ ଲାଗିଥାଏ। ହୃତ୍‌ପିଣ୍ଡ ଓ ମସ୍ତିଷ୍କରେ ପ୍ରଭାବ ପଡ଼େ। ମୁଣ୍ଡବିନ୍ଧା ସହିତ ଭୁଲାପଣ ବା ସ୍ମରଣଶକ୍ତି ହ୍ରାସ ଭଳି ସମସ୍ୟା ଉପୁଜିଥାଏ। କେବଳ ଏତିକି ନୁହେଁ, ଏହାଦ୍ୱାରା କେବେକେବେ ମସ୍ତିଷ୍କରେ ରକ୍ତ ଜମାଟ ବାନ୍ଧି ଷ୍ଟ୍ରୋକ୍ ଆଶଙ୍କାକୁ ବି ଏଡ଼ାଇ ଦିଆଯାଇ ନ ପାରେ।






➔ତେଣୁ ଏସବୁ ସ୍ୱାସ୍ଥ୍ୟ ସମସ୍ୟାଠାରୁ ଦୂରେଇ ରହିବା ଲାଗି ଦିନକୁ ଅତିକମ୍‌ରେ ୩–୪ ଲିଟର ପାଣି ପିଇବା ବିଶେଷକରି ଅଳ୍ପ ଉଷୁମ ପାଣି ପିଇବା ଏଦିନେ ବେଶୀ ଭଲ। ଏହା ସହ ଜୁସ୍, ସୁପ୍ ଆଦି ମଧ୍ୟ ପିଇବା ଭଲ।

# ରାଷ୍ଟ୍ରୀୟ ଲୋକ ଅଦାଲତରେ ୩୧୧୨ ମାମଲା ଫଇସଲା

ଢେଙ୍କାନାଳ,୧୩।୧୨(ରତନ ନାୟାର)



ଢେଙ୍କାନାଳ ଜିଲାର ବିଭିନ୍ନ ଅଦାଲତରେ ୪ର୍ଥ ରାଷ୍ଟ୍ରୀୟ ଲୋକ ଅଦାଲତ ଶନିବାର ଅନୁଷ୍ଠିତ ହୋଇଯାଇଛି । ଜିଲା ଦୌରଜଜ୍ ତଥା ଜିଲା ଆଇନସେବା ପ୍ରାଧିକରଣର ଅଧକ୍ଷ ପ୍ରଣବ କୁମାର ରାଉତରାୟଙ୍କ ତତ୍ତ୍ୱାବଧାନରେ ଢେଙ୍କାନାଳ ସିଭିଲକୋର୍ଟ ପରିସରରେ ମଧ ଏହି ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି । ଏହି ଲୋକ ଅଦାଲତରେ ଜିଲାର ସମସ୍ତ ଅଦାଲତର ମୋଟ ୩୧୧୨ଟି ମାମଲାର ଫଇସଲା କରାଯାଇଥିଲା । ସେଥିମଧ୍ୟରୁ ମୋଟର ଦୁର୍ଘଟଣା ଜନିତ ମାମଲା ୨୮, ବିବାହ ଓ ପାରିବାରିକ ମାମଲା ୨୦, ଦେୱାନୀ ମାମଲା ୯୮, ବିଭିନ୍ନ ପ୍ରକାରର ଫୌଜଦାରି ମାମଲା ୪୯୫, ରାଜସ୍ୱ ମାମଲା ୨୪୭୧ଟି ସମାଧାନ କରାଯାଇଛି । ବ୍ୟାଙ୍କ ମାମଲାଗୁଡିକ ଆପୋସ ସମାଧାନ କରାଯାଇଛି। ମୋଟର ଦୁର୍ଘଟଣାଜନିତ ପ୍ରାପ୍ୟ ବାବଦକୁ ୨,୦୪,୨୪୦୦୦ ଟଙ୍କା ପ୍ରଦାନ କରାଯାଇଛି । ଅନ୍ୟାନ୍ୟ ମାମଲାରେ ଜରିମାନା ଓ ବ୍ୟାଙ୍କ ଋଣ ଫଇସଲା ବାବଦକୁ ୭୨,୩୦,୮୭୧ ଟଙ୍କା ଆଦାୟ କରାଯାଇଛି । ଢେଙ୍କାନାଳ ସିଭିଲ କୋର୍ଟ ପରିସରରେ ଅନୁଷ୍ଠିତ ଲୋକ ଅଦାଲତରେ ପାରିବାରିକ ଅଦାଲତର ବିଚାରପତି ଦୀପକ କୁମାର, ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ ଛାୟାକାନ୍ତ ଦାଶ, ବରିଷ୍ଠ ଦେୱାନୀ ବିଚାରପତି ଜୀବନ କୁମାର ପଟ୍ଟନାୟକ, ବରିଷ୍ଠ ଦେୱାନୀ ଅଦାଲତ (ଏଲ୍ଆରଓଏଲ୍ ଟି.ଭି) ବିଚାରପତି ବିଜୟ କୁମାର ଦାସ, ବରିଷ୍ଠ ଦେୱାନୀ ବିଚାରପତି (ମହିଳା ଅଦାଲତ) ସୁନୀତା ରାଉତ, ଅତିରିକ୍ତ ବରିଷ୍ଠ ଦେୱାନୀ ବିଚାରପତି ଅଜିତ ଦାସ, ଉପଖଣ୍ଡ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ ରେଶ୍ମାଧଳ ବିଶୋଇ, ପ୍ରଥମଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ ହୃଷୀକେଶ ଖେମୁଣ୍ଡୁ ଓ ଦୀକ୍ଷା ସେଠ୍ ପ୍ରମୁଖ ବିଭିନ୍ନ ଅଦାଲତ ପରିଚାଳନା କରିଥିଲେ । ଏହି ଲୋକ ଅଦାଲତରେ ଅତିରିକ୍ତ ଜିଲାଜଜ୍ ତଥା ସ୍ୱତନ୍ତ୍ର ଜଜ୍ (ଭିଜିଲାନ୍ସ) ପ୍ରଣତି ଶାହା, ଅତିରିକ୍ତ ଜିଲାଜଜ୍ ତଥା ପୋକ୍ସୋ କୋର୍ଟ ବିଚାରପତି ସୁଶୀଲ କୁମାର ସାହୁ, ରେଜିଷ୍ଟ୍ରାର ସିଭିଲ କୋର୍ଟ ସସ୍ମିତା ନାୟକ ଉପସ୍ଥିତ ଥିଲେ । ଜିଲା ଆଇନସେବା ପ୍ରାଧିକରଣ ସଚିବ ତଥା ସ୍ଥାୟୀ ଓ ନିରନ୍ତର ଲୋକ ଅଦାଲତର ବିଚାରପତି ଶୁଭଙ୍କର ମିଶ୍ର ସ୍ଥାୟୀ ଓ ନିରନ୍ତର ଲୋକ ଅଦାଲତକୁ ପରିଚାଳନା କରିଥିଲେ । ଜିଲା ଆଇନସେବା ପ୍ରାଧିକରଣର ପ୍ୟାନେଲ ଲୟର, ପିଏଲ୍ଭି, ଜିଲା ଆଇନସେବା ପ୍ରାଧୀକରଣ ଓ ସିଭିଲ କୋର୍ଟର ସମସ୍ତ କର୍ମଚାରୀ ଲୋକ ଅଦାଲତକୁ ପରିଚାଳନାରେ ସହାୟତା କରିଥିଲେ ।

# ମହିମାସ୍ୱାମୀଙ୍କ ଯୋଗନିଦ୍ରା ମହୋତ୍ସବ ଉଦ୍‌ଯାପିତ

ଢେଙ୍କାନାଳ,୧୩।୧୨(ରତନ ନାୟାର)



ମହିମାସ୍ୱାମୀଙ୍କ ଯୋଗନିଦ୍ରା ମହୋତ୍ସବ ଉଦ୍‌ଯାପନ ଅବସରରେ ଆଲୋଚନାଚକ୍ର

ଢେଙ୍କାନାଳ କପିଳାସ ତପୋବନଠାରେ ମହିମା ବିହାର ଆନୁକୂଲ୍ୟରେ ମହିମା ସ୍ୱାମୀଙ୍କ ୨୧ଦିନାଙ୍କ ଯୋଗନିଦ୍ରା ମହୋତ୍ସବ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି । ଏହି ଅବସରରେ ବ୍ରାହ୍ମ ମୁହୂର୍ତ୍ତରୁ ବେଢା ଭଜନ, ଆଠ ଭଜନ, ପ୍ରଭାତ ଅବକାଶ ଆଦି କରାଯାଇ ବେଢା ପରିକ୍ରମା କରାଯାଇଥିଲା । ମନ୍ଦିର ଚାରିପାଖରେ ରୁପାଗିନାରେ ଗୋମୟ, କର୍ପୂର ଓ ଚନ୍ଦନ ପାଣି ସିଞ୍ଚନ କରାଯାଇ ସାତବାର ଚାମର ସେବା କରାଯାଇଥିଲା। ଶୂନ୍ୟପ୍ରଭୁଙ୍କ ଉଦ୍ଦେଶ୍ୟରେ ବାଲ୍ୟଲୀଳା ଅର୍ପଣ କରାଯାଇ ଜଗତ ମଙ୍ଗଳ ପାଇଁ ସାମୂହିକ ବିଭୁ ପ୍ରାର୍ଥନା କରାଯାଇଥିଲା। ଦିନ ୧୦ଟାରେ ସାଧୁ, ଭକ୍ତ, ଶ୍ରଦ୍ଧାଳୁ, ନାଠୁଆ ଓ ଡାହିମାଳ ଗ୍ରାମ ଭଜନ ମଣ୍ଡଳୀମାନଙ୍କୁ ନେଇ ଖଞ୍ଜଣି ଭଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଆଶ୍ରମର ପ୍ରତିଷ୍ଠାତା ଋଷି ପ୍ରତିମ ରଘୁନାଥ ବାବାଙ୍କ ସଭାପତିତ୍ୱରେ ଓ ତପୋବନ ସମ୍ପାଦକ ପ୍ରଶାନ୍ତ କୁମାର ମହାପାତ୍ରଙ୍କ ସଂଯୋଜନାରେ ଏକ ଧର୍ମସଭାର ଆୟୋଜନ କରାଯାଇଥିଲା। ଏଥିରେ ବରିଷ୍ଠ ମହିମା ସନ୍ୟାସୀ ବାବା ଶେଷଦେବ ଦାସ, ଭୀମ ଭୋଇଙ୍କ ସାଧନାର ପୀଠ ଖଲିଆପାଲିର ମୁଖ୍ୟ ମଠାଧୀଶ ସନ୍ୟାସୀ ବାବା, ଭକ୍ତ ଖଗେଶ୍ୱର ସାହୁ, ଆଶୁକବି ପ୍ରଦୀପ ଜେନା ଓ ଭକ୍ତ ଅନନ୍ତ ନାଏକ ପ୍ରମୁଖ ଅଂଶଗ୍ରହଣ କରିଥିଲେ । ତପୋବନ ଆଶ୍ରମ ଗୋଶାଳାର ଗୋମୂତ୍ର, ଗୋମୟ ଓ ବ୍ରହ୍ମଧୁନୀରୁ ବିଭୂତିକୁ ଭକ୍ତମାନଙ୍କ ମଧ୍ୟରେ ବିତରଣ କରାଯାଇଥିଲା । ଅନୁରୂପ ଭାବେ ଜାତିସଂଘ କାନ୍ଥରେ ଲେଖାଯାଇଥିବା ଭୀମ ଭୋଇଙ୍କ ବାଣୀକୁ ଗୁଗଲ୍‌ରୁ ସଂଗୃହିତ ଅବିକଳ ଫଟୋଚିତ୍ରକୁ ବାବା ରଘୁନାଥ ଦାସ ଓ ମହାନିତ୍ୟ ସାଧୁ ଭକ୍ତମଣ୍ଡଳୀ ବିଭୂତି ଭୂଷଣ ଦେହୁରୀଙ୍କ ଦ୍ୱାରା ଅନାବରଣ କରାଯାଇଥିଲା । ବାବା ନିରାକାର ଦାସ, ବାବା କରୁଣାକର ଦାସ, ବାବା କନ୍ଦର୍ପ ଦାସ, ବାବା ମନ୍ତ୍ରୀ ଦାସ, ବାବା ଜ୍ଞାନୀ ଦାସ, ବାବା ନିବାରଣ ଦାସ, ବାବା ବିନୋଦ ଦାସ, ବାବା ରବି ଦାସ, ବାବା ସକନ ଦାସ, ବାବା ମୁରଲୀ ଦାସ ପ୍ରମୁଖ ଉପସ୍ଥିତ ରହି ଯୋଗନିଦ୍ରା ମହୋତ୍ସବକୁ ପରିଚାଳନା କରିଥିଲେ ।

# ସନ୍ଧ୍ୟା ପର୍ଯ୍ୟନ୍ତ ଲଘୁ ଖଣିଜଦ୍ରବ୍ୟ ପରିବହନ ଉପରେ ରୋକ୍

ସାତମାଇଲ,୧୩।୧୨(ସୁଶାନ୍ତ ପତି)

ଢେଙ୍କାନାଳ ଜିଲା ଆଞ୍ଚଳିକ ପରିବହନ ବିଭାଗ ଓ ଜିଲା ପ୍ରଶାସନ ମିଳିତ ଭାବେ ଶନିବାର ସକାଳ ୮ରୁ ସନ୍ଧ୍ୟା ୮ଯାଏ ଲଘୁ ଖଣିଜ ଦ୍ରବ୍ୟ ପରିବହନ କରୁଥିବା ଭାରିଯାନ ଚଳାଚଳ ଉପରେ ପ୍ରଶାସନ ପକ୍ଷରୁ ରୋକ୍ ଲଗାଯାଇଛି। ସୂଚନା ଅନୁଯାୟୀ, ଗୁଡ଼ିଆକାଟେଣି ଛକଠାରୁ ସାତମାଇଲ ଓ ସାତମାଇଲରୁ ଆଠଗଡ଼ ରାସ୍ତାରେ ସକାଳ ୮ରୁ ସନ୍ଧ୍ୟା ୮ ଯାଏ ଲଘୁ ଖଣିଜଦ୍ରବ୍ୟ ପରିବହନକୁ ବନ୍ଦ କରିଦିଆଯାଇଛି। ରାସ୍ତାର ଉଭୟ ପାର୍ଶ୍ୱରେ ସ୍କୁଲ, କଲେଜ ସମେତ ଅନେକ ଅନୁଷ୍ଠାନ ଥିବା ଯୋଗୁ ପ୍ରାୟ ଜନଗହଳି ଦେଖିବାକୁ ମିଳେ । ଲଘୁ ଖଣିଜ ଦ୍ରବ୍ୟ ପରିବହନ କରୁଥିବା ଯାନଗୁଡ଼ିକ ଅହରହ ଏହି ରାସ୍ତାରେ ଚଳପ୍ରଚଳ ଯୋଗୁ ଜନଜୀବନ ଅସ୍ତବ୍ୟସ୍ତ ହେଉଥିବା ବିଭିନ୍ନ ସମୟରେ ଅଭିଯୋଗ ହେଉଥିଲା। ଜିଲା ପ୍ରଶାସନ ଏହାକୁ ଗୁରୁତ୍ୱଦେଇ ଏଭଳି ପଦକ୍ଷେପ ଗ୍ରହଣ କରିଛି। ଏହି ନିୟମ ପ୍ରଚଳନ ହେବା ଫଳରେ ଖଜୁରିଆକଟାଠାରୁ ସାତମାଇଲ ମଧ୍ୟରେ ବହୁ ଗାଡ଼ି ଅଟକି ରହିଥିବା ଦେଖିବାକୁ ମିଳିଥିଲା।

# ଶିକ୍ଷାର ମହାସ୍ରୋତରେ ସାମିଲ୍ ହେବାକୁ ପରାମର୍ଶ




ଢେଙ୍କାନାଳ,୧୩।୧୨(ରତନ ନାୟାର)

ଢେଙ୍କାନାଳ ସଦର ବ୍ଲକ୍ ମୋଟରୀ ଉପ୍ରା ବିଦ୍ୟାଳୟଠାରେ କାକୁଡିଭାଗ କ୍ଲଷ୍ଟରସ୍ତରୀୟ ଶିକ୍ଷାସଭା ଶନିବାର ଅନୁଷ୍ଠିତ ହୋଇଯାଇଛି । ଛାତ୍ରଛାତ୍ରୀ, କ୍ଲଷ୍ଟରର ସମସ୍ତ ପ୍ରଧାନଶିକ୍ଷକ, ଅଭିଭାବକ, ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ ଓ ସ୍ଥାନୀୟ ଜନପ୍ରତିନିଧିଙ୍କୁ ନେଇ ଏକ ସଚେତନତା ଶୋଭାଯାତ୍ରା ଅଞ୍ଚଳ ପରିକ୍ରମା କରିଥିଲା । ଶିକ୍ଷାର ଉପଯୋଗିତା ଓ ରାଜ୍ୟ ମୁକ୍ତ ବିଦ୍ୟାଳୟ ପ୍ରତିଷ୍ଠାନର ଉପକାରିତା ସମ୍ପର୍କୀୟ ବିଭିନ୍ନ ସ୍ଲୋଗାନ ପ୍ରଦାନ କରାଯାଇ ସଚେତନ କରାଯାଇଥିଲା । ପ୍ରଧାନ ଶିକ୍ଷକ ବିଷ୍ଣୁ ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଶିକ୍ଷା ସଭାରେ ମୁଖ୍ୟ ଅତିଥି ଭାବେ ମଧୁସାହୁପାଟଣା ସମିତିସଭ୍ୟା ଗୀତାଞ୍ଜଳି ସାହୁ, ମୁଖ୍ୟବକ୍ତା ଭାବେ ସ୍ୱପ୍ନେଶ୍ୱର ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁକାନ୍ତ କୁମାର ସାମଲ, ସମ୍ମାନିତ ଅତିଥି ଭାବେ ପ୍ରଧାନଶିକ୍ଷକ ରସାନନ୍ଦ ପ୍ରଧାନ, ବିଜ୍ଞାନ ଶିକ୍ଷକ ଶେଷଦେବ ବାରିକ ଓ କାକୁଡିଭାଗ ଉପ୍ରା ବିଦ୍ୟାଳୟର କମିଟିଅଧ୍ୟକ୍ଷ ଶ୍ରୀନିବାସ ବେହେରା ପ୍ରମୁଖ ଯୋଗଦେଇଥିଲେ । ଆନୁଷ୍ଠାନିକ ଶିକ୍ଷାରୁ ବଞ୍ଚିତ ପାଠତ୍ୟାଗୀ କିଶୋର କିଶୋରୀମାନେ ରାଜ୍ୟ ମୁକ୍ତ ବିଦ୍ୟାଳୟରେ ଆଡ୍‌ମିଶନ କରିବା, ବିଭିନ୍ନ ପ୍ରକାର ଜୀବନ ଉପଯୋଗୀ ଏବଂ ନିଯୋଜନ କୈନ୍ଦ୍ରୀକ ପାଠ୍ୟକ୍ରମରେ ନାମ ଲେଖାଇବା ଓ ରାଜ୍ୟ ମଧ୍ୟରେ ବା ରାଜ୍ୟ ବାହାରେ ଅବସ୍ଥାପିତ ବିଭିନ୍ନ କୌଶଳଭିତ୍ତିକ ଶିକ୍ଷାନୁଷ୍ଠାନରେ ନାମ ଲେଖାଇ ନିଜେ ସ୍ୱାବଲମ୍ବୀ ହେବା ସହିତ ଶିକ୍ଷାର ମହାସ୍ରୋତରେ ସାମିଲ୍ ହେବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ। ପିରାମଲ୍ ଫାଉଣ୍ଡେସନ୍‌ର ସଭ୍ୟ ମଧୁସ୍ମିତା ମହାନ୍ତି ଓ ଆନନ୍ଦ ତ୍ରିପାଠୀ କାର୍ଯ୍ୟକ୍ରମ ପରିଦର୍ଶନ କରି ଚିହ୍ନଟୀକୃତ ପାଠତ୍ୟାଗୀ ପିଲାଙ୍କୁ ମୁକ୍ତ ବିଦ୍ୟାଳୟରେ ନାମ ଲେଖାଇ ସେମାନଙ୍କୁ ରୋଜଗାରକ୍ଷମ କରାଇପାରିଲେ ଶିକ୍ଷା ସଭା ଆୟୋଜନ ସାର୍ଥକ ହୋଇପାରିବ ବୋଲି ମତବ୍ୟକ୍ତ କରିଥିଲେ । ଶିକ୍ଷକ ପ୍ରଦ୍ୟୁମ୍ନ ଦାସ ମଞ୍ଚ ସଞ୍ଚାଳନ କରିଥିବାବେଳେ ଶିକ୍ଷକ ସନ୍ତୋଷ ଧଳ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ଆୟୋଜନରେ ଶିକ୍ଷୟିତ୍ରୀ ଶୋଭାଶ୍ରୀ ଦଳେଇ, ସ୍ୱର୍ଣ୍ଣପ୍ରଭା ମିଶ୍ର, ସ୍ନିଗ୍ଧାମୟୀ ନାୟକ ଓ କମିଟି ଅଧ୍ୟକ୍ଷ କାର୍ତ୍ତିକେଶ୍ୱର ଖିଲାର ସହଯୋଗ କରିଥିଲେ ।

# ଜୟଦୁର୍ଗା ଫୁଟ୍‌ବଲ ଆସୋସିଏଶନ, ମହିଳା ପୋଲିସ ଟିମ୍ ଚାମ୍ପିୟନ



ଓଡ଼ାପଡ଼ା,୧୩।୧୨(ରଞ୍ଜିତ୍ ନାୟକ)

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ଅନ୍ତର୍ଗତ ସାଇଁବିରି ଫୁଟ୍‌ବଲ ଖେଳ ପଡ଼ିଆରେ ଜୟଦୁର୍ଗା ଫୁଟବଲ୍ ଆସୋସିଏଶନ ପକ୍ଷରୁ ଶନିବାର ଏକ ମହିଳା ପ୍ରଦର୍ଶନୀ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ଏହି ମ୍ୟାଚ୍ ଓଡ଼ିଶା ପୋଲିସ ମହିଳା ଟିମ୍ ଓ ନିତା ଏକାଡେମୀ ମହିଳା ଟିମ୍ କଟକ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ମ୍ୟାଚ୍‌ରେ ଓଡ଼ିଶା ପୋଲିସ ମହିଳା ଦଳ ୨-୦ ଗୋଲରେ ବିଜୟୀ ହୋଇଛନ୍ତି। ଖେଳାଳିଙ୍କୁ ଟ୍ରଫି ସହ କ୍ୟାସ୍ ପ୍ରଦାନ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ଓଡ଼ିଶା ହାଇକୋର୍ଟ ବିଚାରପତି ଶଶିକାନ୍ତ ମିଶ୍ର, ସମ୍ମାନିତ ଅତିଥି ଭାବେ ଡା. ସୁଧାଂଶୁ ଷଡ଼ଙ୍ଗୀ, ଓଡ଼ିଶା ହୋମଗାର୍ଡ, ଅଗ୍ନିଶମ ବାହିନୀ ଡିଜି, ଭାରତୀୟ ରିଜର୍ଭ ବ୍ୟାଙ୍କର ପୂର୍ବତନ ଇଡି ରବିନାରାୟଣ ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ପ୍ରେମାନନ୍ଦ ଜେନା, ବେଣୁଧର ସାହୁ, ପୁରୁଷୋତ୍ତମ ରାଉତ, ଗଙ୍ଗାଧର ରାଉତ ପ୍ରମୁଖ ରେଫରି ଭାବେ କାର୍ଯ୍ୟ ତୁଲାଇଥିଲେ। ବଂଶନ ବରାଳ, ଶୁଭଜିତ୍ ସ୍ୱାଇଁ, ମନୋଜ ସେଠୀ, ଫୋର୍ଥ ଅଫିସିଆଲ ବିଶ୍ୱଜିତ୍ ବିଶୋଇ ପ୍ରମୁଖ ସହଯୋଗ କରିଥିଲେ।

# ଦୁର୍ଘଟଣାରେ ଖବରଦାତା ଓ ସ୍ତ୍ରୀ ଗୁରୁତର

ଢେଙ୍କାନାଳ,୧୩।୧୨(ରତନ ନାୟାର)



ଢେଙ୍କାନାଳ ଜିଲା ସଦର ଥାନା ଗେଙ୍ଗୁଟିଆଠାରେ ଶନିବାର ଏକ ସଡ଼କ ଦୁର୍ଘଟଣାରେ ରାଉରକେଲାର ଦେବବ୍ରତ ପଟ୍ଟନାୟକ(୪୮) ନାମକ ଜଣେ ଖବରଦାତା ଓ ତାଙ୍କ ସ୍ତ୍ରୀ ଇତିଶ୍ରୀ ପଟ୍ଟନାୟକ ଗୁରୁତର ଆହତ ହୋଇଛନ୍ତି । ଉଭୟଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଦେବବ୍ରତ ସ୍ତ୍ରୀ ଓ ପୁତ୍ରଙ୍କ ସହ କାର ଯୋଗେ ରାଉରକେଲା ଯାଉଥିବା ବେଳେ ଗେଙ୍ଗୁଟିଆଠାରେ ଏକ ହାଇୱା ସହିତ ଧକ୍କା ଲାଗିଥିଲା । ଖବରପାଇ ସଦର ଥାନା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଦୁର୍ଘଟଣା ଘଟାଇଥିବା ହାଇୱା ଟ୍ରକକୁ ଜବତ କରିବା ସହ ତଦନ୍ତ ଜାରି ରଖିଛନ୍ତି ।

# ଜିଲାସ୍ତରୀୟ ବିଜ୍ଞାନ ପ୍ରଦର୍ଶନୀ ଉଦ୍‌ଯାପିତ

ଢେଙ୍କାନାଳ,୧୩।୧୨(ରତନ ନାୟାର)



ଢେଙ୍କାନାଳ ସଦର ବ୍ଲକ ବାରଦା ମାତୃଭବନସ୍ଥିତ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ର ପରିସରରେ ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ ଅନ୍ତର୍ଗତ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ, ପରିବେଶ ଶିକ୍ଷା କାର୍ଯ୍ୟକ୍ରମ ଅନ୍ତର୍ଗତ ପରିବେଶ ପାଇଁ ନିରନ୍ତର ଜୀବନ ଶୈଳୀ ସମ୍ପର୍କରେ ଜିଲାସ୍ତରୀୟ ବିଜ୍ଞାନ ପ୍ରଦର୍ଶନୀ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲା ଶିକ୍ଷା ଅଧିକାରୀ ପରେଶ ଚନ୍ଦ୍ର ପାତ୍ର, ଜିଲା ବିଜ୍ଞାନ ନିରୀକ୍ଷକ ଲକ୍ଷ୍ମୀଧର ମହାନ୍ତ, ପ୍ରଧାନ ଶିକ୍ଷକ ସୁଜାତା ଦାଶ, ମୁଖ୍ୟବକ୍ତା ଭାବେ ଡିଆଇଇଟିର ଅଧ୍ୟକ୍ଷ ଲକ୍ଷ୍ମଣ କୁମାର ସାହୁ, ସମ୍ମାନିତ ଅତିଥି ଭାବେ ହିନ୍ଦୋଳ ବିଇଓ ହରିହର ଦେହୁରୀ, କାମାକ୍ଷାନଗର ବିଇଓ ସରୋଜ କୁମାର ସାହୁ ପ୍ରମୁଖ ଯୋଗ ଦେଇଥିଲେ । ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ ପ୍ରାଥମିକ ବର୍ଗରୁ ୨୪ଟି,ମାଧ୍ୟମିକ ବର୍ଗରୁ ୨୪ଟି,ଇକୋ କ୍ଲବ୍ ମାଧ୍ୟମିକ ବର୍ଗରୁ ୫୬ ଟି ଓ ବାଲ୍ ବୈଜ୍ଞାନିକ ବର୍ଗରୁ ୫୬ଟି ସର୍ବମୋଟ୍ ୧୬୦ଟି ପ୍ରକଳ୍ପ ମେଳାରେ ପ୍ରଦର୍ଶିତ ହୋଇଥିଲା। ବିଚାରକ ଭାବେ ଅଧ୍ୟାପକ ଡ.ଶୁଭକାନ୍ତ ଦାଶ ଓ ପ୍ରାଧ୍ୟାପକ ଡ.ମଳୟ କୁମାର ଦେବତା, ଅଧ୍ୟାପକ ନରେଶ କୁମାର ନାୟକ, ଅଧ୍ୟାପିକା ଜୟଶ୍ରୀ ପ୍ରଧାନ, ଆଶିଷ କୁମାର ପଣ୍ଡା, ପ୍ରହ୍ଲାଦ ନାୟକ ପ୍ରମୁଖ ଯୋଗଦେଇ ପ୍ରକଳ୍ପଗୁଡିକୁ ମୂଲ୍ୟାଙ୍କନ କରିଥିଲେ। ବିଜ୍ଞାନ ଭିତ୍ତିକ ସଙ୍ଗୀତ, ନୃତ୍ୟ, ନାଟକ ଆଦି ବିଭିନ୍ନ ବର୍ଣ୍ଣାଢ୍ୟ ସାଂସ୍କୃତିକ ବିଚିତ୍ରା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶିକ୍ଷାବିତ୍ ଡ଼ା.ଦେବୀ ପ୍ରସାଦ ମିଶ୍ର ଓ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ ଓ କର୍ମଚାରୀ ବୃନ୍ଦ ଉପସ୍ଥିତ ରହି ସହଯୋଗ କରିଥିଲେ। ଢେଙ୍କାନାଳ ଜିଲା ବିଜ୍ଞାନ କମିଟି ସଦସ୍ୟ ଚନ୍ଦ୍ରମଣି ଦଳବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

# ଢେଙ୍କାନାଳରୁ ଉଠିଗଲା ଏଏସ୍ଆଇ ସବ୍ ସର୍କଲ କାର୍ଯ୍ୟାଳୟ

## ହସ୍ତକ୍ଷେପ କରିବା ପାଇଁ ପୂର୍ବତନ ବିଧାୟକଙ୍କ ଦାବି

ଢେଙ୍କାନାଳ,୧୩।୧୨(ରତନ ନାୟାର)

ଢେଙ୍କାନାଳରୁ କଟକକୁ ଉଠିଗଲା ଆର୍କିଓଲୋଜିକାଲ ସର୍ଭେ ଅଫ୍ ଇଣ୍ଡିଆର ସର୍କଲ ଅଫିସ ବୋଲି ଶନିବାର ପୂର୍ବତନ ବିଧାୟକ ନବୀନ ନନ୍ଦ ଜଣାଇଛନ୍ତି। ଏ ସଂକ୍ରାନ୍ତରେ ତୁରନ୍ତ ହସ୍ତକ୍ଷେପ କରିବା ପାଇଁ ପୂର୍ବତନ ବିଧାୟକ ତଥା ଢେଙ୍କାନାଳ ସ୍ୱାଭିମାନ ସୁରକ୍ଷା ମଞ୍ଚର ସଭାପତି ନବୀନ ନନ୍ଦ ନୂଆଦିଲ୍ଲୀସ୍ଥିତ ଆର୍କିଓଲୋଜିକାଲ ସର୍ଭେ ଅଫ୍ ଇଣ୍ଡିଆର ଡାଇରେକ୍ଟର ଜେନେରାଲଙ୍କ ନିକଟରେ ଲିଖିତ ଭାବରେ ଦାବି ଜଣାଇଛନ୍ତି । ଢେଙ୍କାନାଳ ସହରରେ ଏକ ଭଡ଼ାଘରେ ଚାଲୁଥିବା ଏହି କାର୍ଯ୍ୟାଳୟରେ କର୍ମଚାରୀ ଅଭାବ ଏକ ପ୍ରମୁଖ ସମସ୍ୟା ଥିଲା । ଜିଲାରେ କପିଳାସ, ଉନ୍ନକୋଟୀଶ୍ୱର, କୁଆଁଲୋ, ଦୌଡ଼େଶ୍ୱର ଆଦି ଶୈବପୀଠ ଏଏସ୍ଆଇର ସଂରକ୍ଷଣ ମଧ୍ୟରେ ରହିଛି । ତେଣୁ ଏସବୁକୁ ନଜରରେ ରଖି ଢେଙ୍କାନାଳରେ ସ୍ଥାୟୀ ଭାବରେ ଏଏସ୍ଆଇର ସବ୍‌ସର୍କଲ କାର୍ଯ୍ୟାଳୟକୁ କାର୍ଯ୍ୟକ୍ଷମ କରାଇବା ପାଇଁ ପୂର୍ବତନ ବିଧାୟକ ଦାବି କରିଛନ୍ତି । ଏ ସଂକ୍ରାନ୍ତରେ ସେ ଭୁବନେଶ୍ୱରସ୍ଥିତ ଆର୍କିଓଲୋଜିକାଲ ସର୍ଭେ ଅଫ୍ ଇଣ୍ଡିଆର ଅଧୀକ୍ଷକଙ୍କର ମଧ ଦୃଷ୍ଟି ଆକର୍ଷଣ କରିଛନ୍ତି । କାର୍ଯ୍ୟାଳୟ ଉଠିବାକୁ ନେଇ ସାଧାରଣରେ ଅସନ୍ତୋଷ ମଧ ବଢ଼ିବାରେ ଲାଗିଛି । ତୁରନ୍ତ ଏ ସଂକ୍ରାନ୍ତରେ ପଦକ୍ଷେପ ନେବା ପାଇଁ ପୂର୍ବତନ ବିଧାୟକ ଏଏସ୍ଆଇର ଡାଇରେକ୍ଟର ଜେନେରାଲଙ୍କୁ ଜଣାଇଥିବା ସୂଚନା ଦେଇଛନ୍ତି ।

# ବାବୁଗେନୁ ବଳିଦାନ ଦିବସ ପାଳିତ

ରାସୋଳ, ୧୩।୧୨ (ସରୋଜ ମିଶ୍ର)

ହିନ୍ଦୋଳ ଉପଖଣ୍ଡ ରାସୋଳ ପଞ୍ଚାୟତ ପର୍ଶୁରାମପୁର ଗ୍ରାମର ରାଧାକୃଷ୍ଣଙ୍କ ସପ୍ତମ ବାର୍ଷିକୀ ଜନ୍ମୋତ୍ସବ ପାଳନ ପାଇଁ ଏକ ପ୍ରସ୍ତୁତି ବୈଠକ ଶୁକ୍ରବାର ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ଏଥିସହ କମିଟିର ନୂତନ କର୍ମକର୍ତ୍ତା ନିର୍ବାଚନ କରାଯାଇଛି। ଏହି ଉତ୍ସବ ଡିସେମ୍ବର ୩୦, ୩୧ ଓ ଜାନୁଆରୀ ୧ ତିନିଦିନ ଧରି ମହାଆଡ଼ମ୍ବରରେ ପାଳନ କରାଯିବା ପାଇଁ ନିଷ୍ପତ୍ତି ହୋଇଛି। ଯଥାରୀତି ଅନୁସାରେ କଳସ ଯାତ୍ରା, ହୋମଯଜ୍ଞ, ନାମଯଜ୍ଞ, ପୂଜାପାଠ ଓ ଭକ୍ତଙ୍କ ପାଇଁ ପ୍ରସାନ ସେବନାର ବ୍ୟବସ୍ଥା କରାଯିବ। ସେହିପରି କର୍ମକର୍ତ୍ତା ନିର୍ବାଚନରେ ନୂତନ ଭାବେ ସଭାପତି ଗୌତମ କୁମାର ସାହୁ, ସମ୍ପାଦକ ଲଳିତ ମୋହନ ସାହୁ, କୋଷାଧ୍ୟକ୍ଷ ପ୍ରଦୀପ କୁମାର ସାହୁ ଓ ଅନ୍ୟ କର୍ମକର୍ତ୍ତାମାନଙ୍କୁ ଚୟନ କରାଯାଇଛି। ଏହା ତିନିବର୍ଷ ପାଇଁ ସ୍ଥିର କରାଯାଇଛି।

# ବେଆଇନ ଢାବା ଭାଙ୍ଗିଲା ପ୍ରଶାସନ

ପରଜଙ୍ଗ, ୧୩।୧୨(ନିଗମାନନ୍ଦ ଦଳବେହେରା)



ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକ ଅନ୍ତର୍ଗତ ବଡ଼ଝରା ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଗ୍ରାମ ପଞ୍ଚାୟତ ତରଫରୁ ନିର୍ମାଣ ହୋଇଥିବା ମାର୍କେଟ ଗୃହଗୁଡିକରେ ଶନିବାର ପୂର୍ବାହ୍ନରେ ତହସିଲ ପ୍ରଶାସନ ତାଲା ଠୁଙ୍କିବା ସହ ମା’ ମଙ୍ଗଳା ଢାବାକୁ ଭାଙ୍ଗି ଦେଇଛନ୍ତି। ଦୀର୍ଘ ଦିନ ଧରି ଢାବାଟି ବେଆଇନ ଭାବେ ଚାଲୁଥିବା ସରପଞ୍ଚ ରୁନୁବାଳା ପ୍ରଧାନ ଅଭିଯୋଗ କରିଆସୁଥିଲେ। ଢାବାଟି ପୂର୍ବତନ ସରପଞ୍ଚ ଦୁଃଖବନ୍ଧୁ ସାହୁ ଚଳାଉଥିଲେ, ଯାହାକୁ ନେଇ ପୂର୍ବରୁ ଉଚ୍ଛେଦ ପ୍ରକ୍ରିୟା କୋର୍ଟରେ ଷ୍ଟେ ହୋଇଥିଲା। ଏ ନେଇ ବିଧିବଦ୍ଧ ଭାବେ ପରଜଙ୍ଗ ତହସିଲଦାରଙ୍କ ଚିଠି ସଂଖ୍ୟା ୪୪୪୮ ଅନୁଯାୟୀ ଉଚ୍ଛେଦ ହୋଇଛି। ମାର୍କେଟ କମ୍ପ୍ଲେକ୍ସରେ ଥିବା ଗୃହଗୁଡିକରେ ତାଲା ଠୁଙ୍କିବା ସହ ବେଆଇନ ଢାବାକୁ ଭଙ୍ଗାଯାଇଛି।

ସୂଚନା ମୁତାବକ ଦୋକାନ ଗୃହଗୁଡ଼ିକ ନିର୍ମାଣ ସରିବା ପରେ ସରକାରଙ୍କ ପଞ୍ଚାୟତ ଅଧିନିୟମ ମୁତାବକ କୌଣସି ନିଲାମ କରା ନ ଯାଇ ବେଆଇନ ଭାବେ ତତ୍କାଳୀନ ସରପଞ୍ଚ ଦୁଃଖବନ୍ଧୁ ସାହୁ ନିଜର ସ୍ତ୍ରୀ ଏବଂ ସମ୍ପର୍କୀୟମାନଙ୍କ ନାମରେ ୯୯ ବର୍ଷ ପାଇଁ ଲିଜ ଦେଇଥିଲେ, ଯାହାକି ବେଆଇନ ଭାବେ କରାଯାଇଥିଲା। ତେଣୁ ଦୋକାନ ଗୃହ ଖାଲି କରିବାକୁ ପ୍ରଶାସନ ତରଫରୁ ନୋଟିସ କରାଯାଇଥିବା ବେଳେ ଦୁଃଖବନ୍ଧୁ କୋର୍ଟରେ ଆଶ୍ରୟ ନେଇ ସ୍ଥଗିତାଦେଶ ଆଣିଥିଲେ। ପରେ କୋର୍ଟ ଏହାକୁ ଖାରଜ କରିଥିଲେ। ମାଜିଷ୍ଟ୍ରେଟ ଭାବେ ତହସିଲଦାର ସୁଦେବ କୁମାର ପୃଷ୍ଟି ଗୃହଗୁଡ଼ିକୁ ଖାଲି କରାଇ ତାଲା ପକାଇ ବିଡିଓ ସୌଭାଗ୍ୟ ବେହେରାଙ୍କୁ ଚାବି ହସ୍ତାନ୍ତର କରିଥିଲେ। ବିଡିଓ ସମସ୍ତ ଚାବି ସହ ଗୃହଗୁଡ଼ିକୁ ପଞ୍ଚାୟତ ପିଇଓ ସୁଶାନ୍ତି ସେଠୀଙ୍କୁ ହସ୍ତାନ୍ତର କରିଛନ୍ତି । ଆଗକୁ ପଞ୍ଚାୟତ ନିୟମ ମୁତାବକ ଗୃହଗୁଡ଼ିକ ନିଲାମ କରାଯାଇ ଲୋକମାନଙ୍କୁ ପ୍ରଦାନ କରାଯିବ ବୋଲି ବିଡିଓ ସୂଚନା ଦେଇଛନ୍ତି। ଉଚ୍ଛେଦ ବେଳେ ପରଜଙ୍ଗ ତହସିଲଦାର ସ୍ୱଦେବ କୁମାର ପୃଷ୍ଟି, ବିଡିଓ ସୌଭାଗ୍ୟ କୁମାର ବେହେରା, ଅତିରିକ୍ତ ତହସିଲଦାର ମନୋରଞ୍ଜନ ସାହୁ, ଥାନା ଅଧିକାରୀ ଧୀରେନ କୁମାର ବେହେରା, ସରାଙ୍ଗ ଫାଣ୍ଡି ଅଧିକାରୀ ସୌଭାଗ୍ୟ ପାଣି, ତହସିଲ କାର୍ଯ୍ୟାଳୟର ସୁପର ଭାଇଜର କ୍ରିସ୍ତିପଦା ଜେନା, ସ୍ଥାନୀୟ ସରପଞ୍ଚ ରୁନୁବାଳା ପ୍ରଧାନ ଓ ପଞ୍ଚାୟତ ନିର୍ବାହୀ ଅଧିକାରୀ ସୁଶାନ୍ତି ସେଠୀଙ୍କ ସମେତ ପୋଲିସ ଫୋର୍ସ ଉପସ୍ଥିତ ଥିଲେ।

# ଉଦ୍ଧାର ୩ ଛାତ୍ରଙ୍କୁ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ହସ୍ତାନ୍ତର

ରାସୋଳ,୧୩।୧୨(ସରୋଜ ମିଶ୍ର)

ଢେଙ୍କାନାଳ ଜିଲା ହିନ୍ଦୋଳ ବ୍ଲକ ଗଣ୍ଡାନାଳୀ ପଞ୍ଚାୟତ ଚିଲତଇଲା ଆଶ୍ରମ ସ୍କୁଲ୍‌ରୁ ଗତ ୧୦ ତାରିଖରେ ୩ ଛାତ୍ର ନିଖୋଜ ହୋଇଯାଇଥିଲେ । ସେମାନେ ଟ୍ରକ୍ ଯୋଗେ ଚଣ୍ଡିଖୋଲ ପଳାଇ ଯାଇଥିଲେ। ଶୁକ୍ରବାର ବିଳମ୍ବିତ ରାତିରେ ରାସୋଳ ପୋଲିସ ଚଣ୍ଡିଖୋଲରୁ ଉଦ୍ଧାର କରି ହିନ୍ଦୋଳ ଉପଖଣ୍ଡ ଚିକିତ୍ସାଳୟରେ ଛାତ୍ରଙ୍କୁ ଚିକିତ୍ସା କରାଯିବା ପରେ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ହସ୍ତାନ୍ତର କରିଛି । ପିଲାମାନଙ୍କୁ ପାଇ ପରିବାର ଲୋକେ ଖୁସି ବ୍ୟକ୍ତ କରିଛନ୍ତି । ତେବେ ସେମାନଙ୍କ ନିଖୋଜ ପାଇଁ ପରିବାର ପକ୍ଷରୁ ଆଶ୍ରମ ସ୍କୁଲର ଶିକ୍ଷକମାନଙ୍କୁ ଦାୟୀ କରାଯାଇଛି ।

# ଆଧୁନିକ କୃଷି ଯନ୍ତ୍ରପାତି ବ୍ୟବହାର କରିବାକୁ ପରାମର୍ଶ

## ଉପଖଣ୍ଡସ୍ତରୀୟ କୃଷିମେଳା ଉଦ୍‌ଯାପିତ

ଢେଙ୍କାନାଳ,୧୩।୧୨(ରତନ ନାୟାର)



କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିବୃନ୍ଦ।

ଢେଙ୍କାନାଳ ଜିଲା ହିନ୍ଦୋଳ ଉପଖଣ୍ଡ ମିନି ଷ୍ଟାଡିୟମଠାରେ ୩ ଦିନଧରି ଚାଲିଥିବା ଉପଖଣ୍ଡସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଏହି କୃଷିମେଳା ବୁଧବାରଠାରୁ ଆରମ୍ଭ ହୋଇ ଶୁକ୍ରବାର ପର୍ଯ୍ୟନ୍ତ ଚାଲିଥିଲା। ଢେଙ୍କାନାଳ ଜିଲା ମୁଖ୍ୟ କୃଷି ଅଧିକାରୀ ବିଶ୍ୱନାଥ ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଢେଙ୍କାନାଳ ଏମ୍‌ପି ରୁଦ୍ରନାରାୟଣ ପାଣିଙ୍କ ହିନ୍ଦୋଳ ପ୍ରତିନିଧି ସୁଶାନ୍ତ ପତି ମୁଖ୍ୟ ଅତିଥି, ସମ୍ମାନିତ ଅତିଥି ଭାବେ ହିନ୍ଦୋଳ ବିଧାୟିକାଙ୍କ ପ୍ରତିନିଧି ସନ୍ତୋଷ ନାୟକ, ବ୍ଲକ ଉପାଧ୍ୟକ୍ଷ ବରୁଣ ସର, ଆତ୍ମା ଅଧ୍ୟକ୍ଷ ପ୍ରଦୀପ ସାହୁ, ଢେଙ୍କାନାଳ ଜିଲା କୃଷି ଅଧିକାରୀ ଜ୍ଞାନେନ୍ଦ୍ର କୁମାର ଦଳେଇ, କୃଷି ବୈଜ୍ଞାନିକ ବିମଳେନ୍ଦୁ ମହାନ୍ତି, ସହକାରୀ ଯନ୍ତ୍ରୀ ରବିନ ବିଶ୍ୱାଳ, ବ୍ଲକ କୃଷି ଅଧିକାରୀ ତୁଷାରକାନ୍ତ ସାହୁ , ସହକାରୀ ବ୍ଲକ କୃଷି ଅଧିକାରୀ ରାମେଶ୍ୱର ଜେନା ପ୍ରମୁଖ ଅତିଥି ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ବୈଜ୍ଞାନିକ ପ୍ରଣାଳୀରେ ଆଧୁନିକ କୃଷ ଯନ୍ତ୍ରପାତି ବ୍ୟବହାର କରି କୃଷକ ସମାଜ ନିଜର ଆର୍ଥିକ ମାନଦଣ୍ଡକୁ ସଶକ୍ତ କରିବା ସହ ଆତ୍ମନିର୍ଭରଶୀଳ ହୋଇପାରିବେ ଏବଂ ଏକ ସଶକ୍ତ ରାଷ୍ଟ୍ର ଗଠନରେ ପ୍ରମୁଖ ଭୂମିକା ନେଇପାରିବେ ବୋଲି ମୁଖ୍ୟ ଅତିଥି ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଉପଖଣ୍ଡର କେତେଜଣ ସଫଳ କୃଷକଙ୍କୁ ପୁରସ୍କୃତ କରାଯାଇଥିଲା। ବ୍ଲକ କଳା ସଂସ୍କୃତି ଉପସଭାପତି ବିମଳ ବିଶ୍ୱାଳ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଚାଷୀମାନଙ୍କ ପାଇଁ ବିଭିନ୍ନ ଯନ୍ତ୍ରପାତି ପ୍ରଦର୍ଶନୀ ପାଇଁ ସରକାରୀ ଭାବେ ୧୪ଟି ବେସରକାରୀ ଭାବେ ୨୪ଟି କୃଷି ଯନ୍ତ୍ରପାତି ଷ୍ଟଲ କରାଯାଇଥିଲା। ମେଳାକୁ ବିଭାଗୀୟ ଅଧିକାରୀ ଓ କର୍ମଚାରୀମାନେ ସହଯୋଗ କରିଥିଲେ ।

# ଜେଏସ୍‌ଡବ୍ଲ୍ୟୁ ସିମେଣ୍ଟ କାରଖାନାକୁ କାରଣ ଦର୍ଶାଅ ନୋଟିସ

ଯାଜପୁର, ୧୩।୧୨ (ହର୍ଷବର୍ଦ୍ଧନ ବେହେରା)

ଯାଜପୁର ଜିଲା କଳିଙ୍ଗନଗର ଶିଳ୍ପାଞ୍ଚଳର ଜେଏସ୍‌ଡବ୍ଲ୍ୟୁ ସିମେଣ୍ଟ କାରଖାନାର ସର୍ଫେସ ରନ୍‌ଅଫ୍ ଟ୍ରିଟମେଣ୍ଟ ସିଷ୍ଟମ (ଏସ୍‌ଆର୍‌ଟିଏସ୍)ର ଚ୍ୟାନେଲାଇଜିଂ କାର୍ଯ୍ୟ ଏଯାଏ ସମାପ୍ତ ହୋଇନାହିଁ। ନିର୍ଗମନ ନିୟନ୍ତ୍ରଣ ପାଇଁ କାର୍ଯ୍ୟକ୍ଷମ ଡିଜି ସେଟ୍‌ର ପୁନଃ ନିର୍ମାଣ କାର୍ଯ୍ୟ ସମେତ କଣ୍ଟିନିୟସ ଏମିସନ ମନିଟରିଂ ସିଷ୍ଟମ୍ (ସିଇଏମ୍‌ଏସ୍) ଏବଂ କଣ୍ଟିନିୟସ ଆମ୍ବିଏଣ୍ଟ ଏୟାର କ୍ୱାଲିଟି ମନିଟରିଂ ସିଷ୍ଟମ୍ (ସିଏକ୍ୟୁଏମ୍‌ଏସ୍) ତଥ୍ୟ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ(ଏସ୍‌ପିସିବି)ର ସର୍ଭରକୁ ନିରବଚ୍ଛିନ୍ନ ଭାବରେ ପଠାଯାଉନାହିଁ। ଫଳରେ ବାୟୁ ଓ ଜଳ ପ୍ରଦୂଷଣ ବୃଦ୍ଧି ଘଟୁଛି। ବାୟୁରେ ଏସ୍‌ପିସିବିର ନିର୍ଦ୍ଧାରିତ ମାନଦଣ୍ଡଠାରୁ ଅଧିକ ପରିମାଣର କଣିକା ପଦାର୍ଥ ବା ପାର୍ଟିକୁଲାର ମେଟର(ପିଏମ୍)ର ଘନତା ଚିହ୍ନଟ ହୋଇଛି। ଏସ୍‌ପିସିବି ପକ୍ଷରୁ ଏକ ତଦନ୍ତକାରୀ ଦଳ ୮।୮।୨୦୨୫ରେ ନିରୀକ୍ଷଣ କରିବା ପରେ ଜେଏସ୍‌ଡବ୍ଲ୍ୟୁ ସିମେଣ୍ଟକୁ ୨୯।୧୧।୨୦୨୫ରେ କାରଣ ଦର୍ଶାଅ ନୋଟିସ ଜାରି ହୋଇଛି। ନିର୍ଦ୍ଧାରିତ ସମୟ ମଧ୍ୟରେ ଯଦି ସ୍ପଷ୍ଟୀକରଣ ଦିଆଯାଏ ନାହିଁ କିମ୍ବା ସ୍ପଷ୍ଟୀକରଣ ସନ୍ତୋଷଜନକ ନୁହେଁ, ତେବେ ଜେଏସ୍‌ଡବ୍ଲ୍ୟୁ ସିମେଣ୍ଟ କାରଖାନା ବିରୋଧରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଏସ୍‌ପିସିବି ପକ୍ଷରୁ ଚେତାବନୀ ଦିଆଯାଇଛି।

କଳିଙ୍ଗନଗର ଶିଳ୍ପାଞ୍ଚଳର ମେସ୍କୋ ଷ୍ଟିଲ୍ ପରିସରସ୍ଥ ରେଲୱେ ସାଇଡିଂରୁ ଜେଏସ୍‌ଡବ୍ଲ୍ୟୁ ସିମେଣ୍ଟ କାରଖାନାକୁ ବିଷାକ୍ତ କଞ୍ଚାମାଲ ପରିବହନ ଯୋଗୁ ଅଞ୍ଚଳବାସୀ ବାୟୁ ପ୍ରଦୂଷଣରେ ରୁନ୍ଧି ହେଉଛନ୍ତି। ଏହାସହ ଜେଏସ୍‌ଡବ୍ଲ୍ୟୁ ସିମେଣ୍ଟ କାରଖାନାରୁ ଉତ୍ପାଦନ ଆରମ୍ଭ ହେବାର ପ୍ରାୟ ୫ବର୍ଷ ଅତିକ୍ରାନ୍ତ ହୋଇସାରିଥିଲେ ହେଁ ବହୁ ଗୁରୁତ୍ୱପୂର୍ଣ୍ଣ ସର୍ଫେସ ରନ୍‌ଅଫ୍ ଟ୍ରିଟମେଣ୍ଟ ସିଷ୍ଟମ ଉପଯୁକ୍ତ

### ସିମେଣ୍ଟ ଗୁଣ୍ଡରେ ଅସ୍ତବ୍ୟସ୍ତ କଳିଙ୍ଗନଗରବାସୀ

### ସିଇଏମ୍‌ଏସ୍, ସିଏକ୍ୟୁଏମ୍‌ଏସ୍ ତଥ୍ୟ ଦେବାରେ ଉଲ୍ଲଂଘନ

ଭାବେ ବ୍ୟବସ୍ଥିତ ହୋଇପାରିନାହିଁ। ଉପରୋକ୍ତ ଅବ୍ୟବସ୍ଥା ନେଇ ପୂର୍ବରୁ ପ୍ରଭାବିତ ଅଞ୍ଚଳବାସୀଙ୍କ ପକ୍ଷରୁ ନ୍ୟାଶନାଲ ଗ୍ରୀନ୍ ଟ୍ରିବ୍ୟୁନାଲ (ଏନ୍‌ଜିଟି)ରେ ମାମଲା, ଏସ୍‌ପିସିବି, ଯାଜପୁର ଜିଲାପାଳ ପ୍ରମୁଖଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ହେଁ କିଛି ଲାଭ ମିଳି ପାରିନାହିଁ, ଏହାଦ୍ୱାରା କଳିଙ୍ଗନଗରର ଯଖପୁରା, ମାଣ୍ଡିରା, କିମ୍ବିରାଗଡ଼ିଆ, ମାନପୁର, ଧୂଳିଗଡ଼, ଦାନଗଦି, ଟ୍ରିଜଙ୍ଗା, ଡୁବୁରୀ, ବାରଗଡ଼ିଆ, ପଙ୍କପାଳ ଆଦି ଗ୍ରାମବାସୀ ସିମେଣ୍ଟ ଗୁଣ୍ଡରେ ନୟାନ୍ତ ହେଉଛନ୍ତି। ଗୁରୁତ୍ୱପୂର୍ଣ୍ଣ ବିଷୟ ଯେ, ରେଲୱେ ସାଇଡିଂ ଏବଂ ଜେଏସ୍‌ଡବ୍ଲ୍ୟୁ ସିମେଣ୍ଟ କାରଖାନା ନିକଟରେ ଥିବା ସୋଲେଇ ଗ୍ରାମର ଅଙ୍ଗନୱାଡ଼ି କେନ୍ଦ୍ର ଏବଂ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପିଲାମାନେ ବାୟୁ ଓ ଜଳ ପ୍ରଦୂଷଣର ଶିକାର ହେଉଛନ୍ତି। ବାର୍ଷିକ ୧.୬ ମିଲିୟନ ଟନ କ୍ଷମତା ବିଶିଷ୍ଟ ଜେଏସ୍‌ଡବ୍ଲ୍ୟୁ ସିମେଣ୍ଟ କାରଖାନାକୁ କ୍ଲିଙ୍କର, ସ୍ଲାଗ, ଜିପସମ୍ ଭଳି ଅତି ପ୍ରଦୂଷଣକାରୀ ସାମଗ୍ରୀ ପରିବହନ ହେଉଛି। ଫଳରେ ଜେଏସ୍‌ଡବ୍ଲ୍ୟୁ ସିମେଣ୍ଟ କାରଖାନା ପରିସର ସମେତ ଉପରୋକ୍ତ ଗ୍ରାମବାସୀ ବାୟୁ ପ୍ରଦୂଷଣରେ ନାହିଁ ନ ଥିବାର ସମସ୍ୟା ଭୋଗୁଛନ୍ତି। ବାୟୁ ପ୍ରଦୂଷଣ ଏତେ ଉତ୍କଟ ଯେ, ପଥଚାରୀଙ୍କ ଆଖି ଜଳୁଥିବା କୁହାଯାଉଛି। ଏନେଇ ଅଞ୍ଚଳବାସୀ ବାରମ୍ବାର ଅଭିଯୋଗ କରୁଥିଲେ ହେଁ କମ୍ପାନୀ କର୍ତ୍ତୃପକ୍ଷ ନୀରବ ରହିଛନ୍ତି। ଏହାସହ କାରଖାନାର ବର୍ଜ୍ୟଜଳ ଓ ବିଭିନ୍ନ କେମିକାଲ ମିଶା ପାଣିକୁ ଉପଚାର କରା ନ ଯାଇ ବେଳେବେଳେ ବାହାରକୁ ଛଡ଼ାଯାଉଛି। ଫଳରେ ଅଞ୍ଚଳର ଜମିବାଡ଼ିର ଉର୍ବରତା ନଷ୍ଟ ହେବା ସହ ଗଣ୍ଡାନାଳ ଓ ଖରସ୍ରୋତା ପାଣି ବିଷାକ୍ତ ହେଉଥିବା ଅଭିଯୋଗ ହେଉଛି। ପାଣି ବିଷାକ୍ତ ହେଉଥିବା ଏସ୍‌ପିସିବି ରିପୋର୍ଟରୁ ମଧ୍ୟ ପ୍ରମାଣ ମିଳିଛି। ବହୁଦିନ ପରେ ଏସ୍‌ପିସିବି ପକ୍ଷରୁ ଜେଏସ୍‌ଡବ୍ଲ୍ୟୁକୁ କାରଣ ଦର୍ଶାଅ ନୋଟିସ ହୋଇଥିବାରୁ ଅଞ୍ଚଳବାସୀ କେତେକାଂଶରେ ଆଶ୍ୱସ୍ତି ଲାଭ କରିଛନ୍ତି। ହେଲେ ଏହି ନୋଟିସ ଦ୍ୱାରା ଅଞ୍ଚଳବାସୀଙ୍କ ସମସ୍ୟାର କ'ଣ ସମାଧାନ ହୋଇପାରୁଛି ତାହା ଆଗାମୀ ଦିନରେ ଜଣାପଡ଼ିବ ବୋଲି କୁହାଯାଉଛି।

ଏ ସଂକ୍ରାନ୍ତରେ ଏସ୍‌ପିସିବିର କଳିଙ୍ଗନଗର ଆଞ୍ଚଳିକ ଅଧିକାରୀ ମଦନ ସାହୁଙ୍କୁ ପଚାରିବାରେ ସେ କହିଛନ୍ତି, କାରଣ ଦର୍ଶାଅ ନୋଟିସ ଉପରେ ଆବଶ୍ୟକ ପ୍ରତିକାରମୂଳକ ପଦକ୍ଷେପ ଗ୍ରହଣ ନ କଲେ ଜେଏସ୍‌ଡବ୍ଲ୍ୟୁ ବିରୋଧରେ ଆଇନ ଅନୁସାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## ସାମୂହିକ ଶକ୍ତି ସଞ୍ଚୟକୁ ଗୁରୁତ୍ୱ

### ଆଜି 'ଜାତୀୟ ଶକ୍ତି ସଂରକ୍ଷଣ ଦିବସ'



ଶକ୍ତି ହିଁ ସମ୍ବଳ। ଶକ୍ତିର ସଦୁପଯୋଗ କରିପାରିଲେ ଏହା ପ୍ରଗତି ଏବଂ ପ୍ରକୃତିର ସଂରକ୍ଷଣ ଦିଗରେ ସହାୟକ ହୋଇପାରିବ। ତେଣୁ ଶକ୍ତି ସଂରକ୍ଷଣ ଏବଂ ଏହାର ସଦୁପଯୋଗ ବିଷୟରେ ଲୋକଙ୍କୁ ସଚେତନ କରିବା ଉଦ୍ଦେଶ୍ୟରେ ପ୍ରତିବର୍ଷ ଡିସେମ୍ବର ୧୪କୁ 'ଜାତୀୟ ଶକ୍ତି ସଂରକ୍ଷଣ ଦିବସ' ଭାବେ ପାଳନ କରାଯାଉଛି। ଭାରତ ସରକାରଙ୍କ ବ୍ୟୁରୋ ଅଫ୍ ଏନର୍ଜି ଇଫିସିଏନ୍ସି (ବିଇଇ) ଦ୍ୱାରା ୧୯୯୧ ଡିସେମ୍ବର ୧୪ରେ ପ୍ରଥମ ଥର ଏହି ଦିବସ ପାଳନ କରାଯାଇଥିଲା। ପରେ ୨୦୦୧ରେ ଶକ୍ତି ସଂରକ୍ଷଣ ଅଧିନିୟମ (ଏନର୍ଜି କଞ୍ଜରଭେଶନ୍ ଆକ୍ଟ) ଲାଗୁ ହୋଇଥିଲା। ତେବେ ଚଳିତ ବର୍ଷ ଏହି ଦିବସ ଲାଗି ବିଷୟବସ୍ତୁ ରହିଛି 'ସ୍ଥାୟୀ ଶକ୍ତି ନବସୃଜନ ଏବଂ ନାଗରିକ ଅଂଶଗ୍ରହଣକୁ ଆଗକୁ ବଢ଼ାଇବା'। ବର୍ତ୍ତମାନ ସମୟରେ ପ୍ରତ୍ୟେକ କାର୍ଯ୍ୟରେ ଶକ୍ତି ବା ଏନର୍ଜିର ବ୍ୟବହାର ହେଉଛି। ତେବେ ଅଧିକାଂଶ ସମୟରେ ଶକ୍ତିର ଅପବ୍ୟବହାର ହେଉଥିବାବେଳେ ଏହା ଆମର ଭବିଷ୍ୟତ ପିଢ଼ି ପାଇଁ ସଙ୍କଟ ଟାଣି ଆଣୁଛି। ତେଣୁ ସାମୂହିକ ଶକ୍ତି ସଞ୍ଚୟ ଉପରେ ଗୁରୁତ୍ୱାରୋପ କରାଯାଉଛି। ଏହି ଦିବସରେ ଶକ୍ତି ସଂରକ୍ଷଣ କ୍ଷେତ୍ରରେ ଦେଶର ଉପଲବ୍ଧି ସମ୍ପର୍କରେ ଆଲୋକପାତ କରାଯିବା ସହିତ ଗ୍ଲୋବାଲ ୱାର୍ମିଂ, ଜଳବାୟୁ ପରିବର୍ତ୍ତନର ପ୍ରଭାବକୁ କମ୍ କରିବା କ୍ଷେତ୍ରରେ ଶକ୍ତି ସଂରକ୍ଷଣର ମହତ୍ତ୍ୱ ସମ୍ପର୍କରେ ଲୋକଙ୍କୁ ସଚେତନ କରାଯାଇଥାଏ।

-ବନ୍ଦନା ସେଠୀ

## ସଡ଼କ ଦୁର୍ଘଟଣାରେ ଭାଲୁ ମୃତ



ଭୁବନ, ୧୩।୧୨ (ବିପିନ ବିହାରୀ ସେଠୀ)

ଢେଙ୍କାନାଳ ଜିଲା ଭୁବନ ଥାନା ନିକଟସ୍ଥ ଜାତୀୟ ରାଜପଥ ୫୩ ଉପରେ ଶନିବାର ରାତି ୮.୩୦ ସମୟରେ ଏକ ଗାଡ଼ି ଧକ୍କାରେ ଗୋଟିଏ ଭାଲୁର ମୃତ୍ୟୁ ଘଟିଛି। ଭାଲୁଟି ଭାରତୀ ପାହାଡ଼ରୁ ବ୍ରାହ୍ମଣୀ ନଦୀ ପଟକୁ ଯାଉଥିଲା। କାମାକ୍ଷାନଗର ପଟୁ ଆସୁଥିବା ଗାଡ଼ି ଭାଲୁଟିକୁ ଧକ୍କାକରି ଚାଲିଯାଇଥିଲା। ଭାଲୁଟି ଜାତୀୟ ରାଜପଥ ଉପରେ ଛଟପଟ ହେଉଥିବା ବେଳେ ରାସ୍ତାରେ ଯାଉଥିବା ଲୋକମାନେ ବନବିଭାଗକୁ ଜଣାଇଥିଲେ। ବନବିଭାଗ ଘଟଣା ସ୍ଥଳରେ ପହଞ୍ଚିବା ବେଳକୁ ଭାଲୁଟିର ମୃତ୍ୟୁ ଘଟିସାରିଥିଲା। ବନବିଭାଗ ଭାଲୁର ମୃତଦେହକୁ କାର୍ଯ୍ୟାଳୟକୁ ଆଣିଥିଲେ। ରବିବାର ବ୍ୟବଚ୍ଛେଦ କରାଯିବ ବୋଲି ବନବିଭାଗ ରେଞ୍ଜର ରାକେଶ କୁମାର ଦଳେଇ କହିଛନ୍ତି।

## ଦୁର୍ଘଟଣାରେ ୨ ଗୁରୁତର

ସନ୍ତ୍ରୀଛକ, ୧୩।୧୨ (ସନ୍ତୋଷ ପରିଡ଼ା)

ଅନୁଗୋଳ ଜିଲା ବଣ୍ଟାରପାଳ ବ୍ଲକ ମହୀଧରପୁର ଡାକ ବଙ୍ଗଳା ନିକଟରେ ଶନିବାର ସନ୍ଧ୍ୟା ୭ରେ କାର୍ ଓ ବାଇକ ମଧ୍ୟରେ ଧକ୍କାହୋଇ ୨ ବାଇକ୍ ଚାଳକ ଗୁରୁତର ହୋଇଛନ୍ତି। କାର୍‌ଟି ଘଟଣାସ୍ଥଳରୁ ଫେରାର ହୋଇଯାଇଛି। ଗୁରୁତର ଦ୍ୱୟ ହେଲେ ତଳମୂଳ ପଞ୍ଚାୟତ ଗୋଡ଼ିସାହି ଗ୍ରାମର ଅଶୋକ ବେହେରା ଓ କୁମର ବେହେରା। ସୂଚନା ଅନୁଯାୟୀ, ସାତମାଇଲ ପଟୁ ମହୀଧରପୁର ଆଡକୁ ଆସୁଥିବା ଏକ କାର୍ ଏବଂ ସମ୍ମୁଖରୁ ଆସୁଥିବା ବାଇକ୍ ମଧ୍ୟରେ ଧକ୍କା ହୋଇଥିଲା। ଘଟଣାସ୍ଥଳରେ ମହୀଧରପୁର ଫାଣ୍ଡି ପୋଲିସ ପହଞ୍ଚି ଆମ୍ବୁଲାନ୍ସ ଯୋଗେ ବାଇକ୍ ଆରୋହୀଙ୍କୁ ଅନୁଗୋଳ ମୁଖ୍ୟ ଚିକିତ୍ସାଳୟକୁ ପଠାଇ ଦେଇଥିଲେ। ଏନେଇ ଥାନାରେ କୌଣସି ମାମଲା ରୁଜୁ ହୋଇ ନ ଥିବା ଜଣାପଡ଼ିଛି।

# ନୂଆଦିଲ୍ଲୀର ତିନ୍‌ମୂର୍ତ୍ତି ଲେନ୍ ବଙ୍ଗଳା-୨ରେ ରହିବେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୧୩।୧୨ (ସୁନିତ୍ ମିଶ୍ର)

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏଣିକି ନୂଆଦିଲ୍ଲୀ ଗସ୍ତରେ ଗଲେ ଓଡ଼ିଶା ଭବନ କିମ୍ବା କୌଣସି ହୋଟେଲରେ ରହିବାକୁ ଆଉ ପଡ଼ିବ ନାହିଁ। ଗୃହ ଓ ନଗର ଉନ୍ନୟନ ମନ୍ତ୍ରଣାଳୟ ପକ୍ଷରୁ ତାଙ୍କ ପାଇଁ ଏକ ସ୍ୱତନ୍ତ୍ର ବଙ୍ଗଳାର ବ୍ୟବସ୍ଥା କରାଯାଇଛି। ଏମିତିକି ଦିଲ୍ଲୀରେ ତିନ୍‌ମୂର୍ତ୍ତି ଲେନ୍‌ର ବଙ୍ଗଳା-୨ରେ ସେ ତାଙ୍କ ସରକାରୀ ବାସଗୃହ ସହିତ ନିଜସ୍ୱ କାର୍ଯ୍ୟାଳୟ ସେଠାରୁ ଚଳାଇବେ। ରାଜ୍ୟ ସରକାରଙ୍କ କୋଟାର ଦୁଇଟି ଫ୍ଲାଟ୍ ବଦଳରେ ତାଙ୍କୁ ଏହି ବଙ୍ଗଳା ପ୍ରଦାନ କରାଯାଇଛି। ଏଥିଲାଗି ସାଧାରଣ ଲାଇସେନ୍ସ ଫି ପ୍ରଦାନ କରିବେ। ଏନେଇ ମନ୍ତ୍ରଣାଳୟ ପକ୍ଷରୁ ଗତ ୧୧ ତାରିଖରେ ରାଜ୍ୟ ସରକାରଙ୍କ ମୁଖ୍ୟ ଆବାସିକ କମିଶନରଙ୍କୁ ଚିଠି କରାଯାଇଛି। ସେହି ଚିଠିରେ ଉଲ୍ଲେଖ କରାଯାଇଛି, ଚିଠି ଜାରିହେବାର ୮ ଦିନ ମଧ୍ୟରେ ଏହି ବଙ୍ଗଳା ଗ୍ରହଣ କରିବା ନେଇ କ୍ଲିୟରାନ୍ସ କର। ଜଣେ ଯୋଗ୍ୟ ପ୍ରତିନିଧିଙ୍କ ଜରିଆରେ ବଙ୍ଗଳାକୁ ଦଖଲକୁ ନେଇପାରିବେ। ପ୍ରତ୍ୟେକ ମାସର ୭ ତାରିଖ ସୁଦ୍ଧା ଲାଇସେନ୍ସ ଫି ବାବଦ ଅର୍ଥ ରାଜ୍ୟ ସରକାର ପ୍ରଦାନ କରିବେ। ଯଦି ମୁଖ୍ୟମନ୍ତ୍ରୀ ଖାଲି କରିବାକୁ ଚାହିଁବେ ବା ଅବସର ନେଲେ ଏହି ବଙ୍ଗଳା ଆପେ ଆପେ ଜେନେରାଲ ପୁଲ୍ ଅଧୀନକୁ ଚାଲିଯିବ। ଏହାପରେ ରାଜ୍ୟ ସରକାର ନିଜ ଇଚ୍ଛାରେ ଏହି ବଙ୍ଗଳା ଅନ୍ୟ କାହାକୁ ପ୍ରଦାନ କରିପାରିବେ ନାହିଁ ବୋଲି ଚିଠିରେ ଉଲ୍ଲେଖ କରାଯାଇଛି। ଅନ୍ୟପଟେ ମୁଖ୍ୟମନ୍ତ୍ରୀଙ୍କ ଏହି ନୂଆଦିଲ୍ଲୀ ସ୍ଥିତ ବଙ୍ଗଳାର ସୁରକ୍ଷା ବ୍ୟବସ୍ଥା ନେଇ ଓଡ଼ିଶାର ଗୋଇନ୍ଦା ବିଭାଗ ପକ୍ଷରୁ ରାଜ୍ୟର ପୋଲିସ ମହାନିର୍ଦ୍ଦେଶକଙ୍କୁ ଏକ ଚିଠି ଲେଖାଯାଇଛି। ସେଥିରେ ଉଲ୍ଲେଖ କରାଯାଇଛି, ରାଜ୍ୟ ଆବାସିକ କମିଶନରଙ୍କ ପାଖରୁ ହସ୍ତଗତ ହୋଇଥିବା ଚିଠି ମୁତାବକ ମୁଖ୍ୟମନ୍ତ୍ରୀଙ୍କୁ ତିନ୍‌ମୂର୍ତ୍ତି ଲେନ୍‌ର ବଙ୍ଗଳା-୨ ପ୍ରଦାନ କରାଯାଇଛି। ମୁଖ୍ୟମନ୍ତ୍ରୀ ଶନିବାର ଏହି ବଙ୍ଗଳା ଦଖଲକୁ ନେବେ। ମୁଖ୍ୟମନ୍ତ୍ରୀଙ୍କ ସୁରକ୍ଷା ଦୃଷ୍ଟିରୁ ସେଠାରେ ଆବଶ୍ୟକ ପୋଲିସ ଫୋର୍ସର ଆବଶ୍ୟକତା ନେଇ ଆବାସିକ କମିଶନର ଜଣାଇଛନ୍ତି। ଜଣେ କ୍ୟାମ୍ପ କମାଣ୍ଡରଙ୍କ ନେତୃତ୍ୱରେ ଗୋଟିଏ ପ୍ଲାଟୁନ ପୋଲିସ ଫୋର୍ସ ପ୍ରଦାନ କରାଯାଉ। ପ୍ରତ୍ୟେକ ମାସରେ ଏହାକୁ ରୋଟେଶନ ବ୍ୟବସ୍ଥାରେ ଫୋର୍ସ ପରିବର୍ତ୍ତନ ହେବେ ବୋଲି ସେ କହିଛନ୍ତି।

### ସୁରକ୍ଷା ବଳରେ ମୁତୟନ ହେବ ଗୋଟିଏ ପ୍ଲାଟୁନ୍ ପୋଲିସ ଫୋର୍ସ

## ଦିଲ୍ଲୀରେ ଭିଭିଆଇପି ବଙ୍ଗଳାର ଯଥାର୍ଥତା କ'ଣ ଅଛି: ବିଜେଡି

ଭୁବନେଶ୍ୱର, ୧୩।୧୨ (ସୁନିତ୍ ମିଶ୍ର)

ନୂଆଦିଲ୍ଲୀର ତିନ୍‌ମୂର୍ତ୍ତି ଲେନ୍ ଠାରେ ବଙ୍ଗଳା-୨କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ପାଇଁ ଆଲଟମେଣ୍ଟ କରାଯାଇଛି। ଏହା ସହ ଓଡ଼ିଶା ପୋଲିସର ଏକ ପ୍ଲାଟୁନ ଫୋର୍ସ ସୁରକ୍ଷା ବଳୟ ଭିତରେ ମୁତୟନ ରହିବେ। ଏହାକୁ ନେଇ ପ୍ରଶ୍ନ ଉଠାଇଛି ବିଜେଡି। ଶଙ୍ଖ ଭବନଠାରେ ଶନିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଦଳର ମୁଖପାତ୍ର ଲେନିନ୍ ମହାନ୍ତି କହିଛନ୍ତି, ସ୍ୱତନ୍ତ୍ର ଓଡ଼ିଶା ଗଠନହେବା ପରଠାରୁ ମୋହନ ମାଝୀ ପ୍ରଥମ ମୁଖ୍ୟମନ୍ତ୍ରୀ ଭାବେ ଦିଲ୍ଲୀରେ ଭିଭିଆଇପି ବଙ୍ଗଳା ନେବାର ଯଥାର୍ଥତା କ'ଣ ରହିଛି। ରାଜ୍ୟ ରାଜକୋଷରୁ ବିପୁଳ ଅର୍ଥ ବ୍ୟୟରେ ମୁଖ୍ୟମନ୍ତ୍ରୀଙ୍କ ପାଇଁ ଦିଲ୍ଲୀରେ ବଙ୍ଗଳା ନେଇ ଓଡ଼ିଶା ଶାସନର ଡୋରି ସେଠାରେ ରଖିବାକୁ ଭାଜପା ଚାହୁଁଛି। ପ୍ରୋଟୋକଲ୍ ଅନୁଯାୟୀ କୌଣସି ରାଜ୍ୟର ମୁଖ୍ୟମନ୍ତ୍ରୀ ଦିଲ୍ଲୀ ଗସ୍ତରେ ଗଲେ ସେଠିକା ପୋଲିସ ପକ୍ଷରୁ ତାଙ୍କୁ ନିରାପତ୍ତା ଯୋଗାଇ ଦିଆଯାଇଥାଏ। କିନ୍ତୁ ଓଡ଼ିଶାର ମୁଖ୍ୟମନ୍ତ୍ରୀ ସୁରକ୍ଷା ନିମନ୍ତେ ଦିଲ୍ଲୀ ପୋଲିସ ଉପରେ ଭରସା ନ କରି ରାଜ୍ୟ ତହବିଲରୁ ବିପୁଳ ଅର୍ଥ ବ୍ୟୟରେ ରାଜ୍ୟ ପୋଲିସ ଫୋର୍ସ ନେବାର ଯଥାର୍ଥତା କ'ଣ ରହିଛି ବୋଲି ସେ ପ୍ରଶ୍ନ କରିଛନ୍ତି।

## ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ମୃତଦେହ ରଖି ଧାରଣା



ମୃତକଙ୍କ ପରିବାର ଓ ଗ୍ରାମବାସୀ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣାରେ ବସିଛନ୍ତି।

କେନ୍ଦୁଝର, ୧୩।୧୨ (ନରେଶ ଚନ୍ଦ୍ର ପଟ୍ଟନାୟକ)

### କିସ୍‌ରେ ଆଦିବାସୀ ଛାତ୍ରଙ୍କ ମୃତ୍ୟୁ

ଭୁବନେଶ୍ୱରଠାରେ ଅବସ୍ଥିତ କଳିଙ୍ଗ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସୋସିଆଲ ସାଇନ୍ସ(କିସ୍) ଛାତ୍ରାବାସରେ ରହି ପଢୁଥିବା ଆଦିବାସୀ ଛାତ୍ରଙ୍କ ଶୁକ୍ରବାର ମୃତ୍ୟୁ ଘଟିଛି। ଘଟଣାକୁ ନେଇ ଶନିବାର ପୂର୍ବାହ୍ନ ୧୧ ଟାରେ କେନ୍ଦୁଝର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ମୃତଦେହ ରଖି ପରିବାର ଲୋକେ, ଗ୍ରାମବାସୀ ଧାରଣା ଦେଇଥିଲେ। ଟାଉନ ଥାନା ପୋଲିସ ପହଞ୍ଚି ଆଲୋଚନା କରିବା ପରେ ପରିବାର ଲୋକେ ଅପରାହ୍ନ ପ୍ରାୟ ୧ଟାରେ ଧାରଣାରୁ ଉଠିଥିଲେ। ପରିବାର ପକ୍ଷରୁ ଟାଉନ ଥାନାରେ ହତ୍ୟା ଅଭିଯୋଗ କରିବା ସହ ନ୍ୟାୟ ଦାବି କରାଯାଇଛି। ଅଭିଯୋଗ ଅନୁଯାୟୀ, କେନ୍ଦୁଝର ଟାଉନ ଥାନା ଅନ୍ତର୍ଗତ ଟିକରଗୁମୁରା ଗ୍ରାମର ରଘୁନାଥ ମୁଣ୍ଡାଙ୍କ ପୁଅ ଶିବ ମୁଣ୍ଡା ଭୁବନେଶ୍ୱରସ୍ଥିତ କିସ୍‌ରେ ନବମ ଶ୍ରେଣୀରେ ପାଠ ପଢୁଥିଲେ। ଶୁକ୍ରବାର ସକାଳେ କିସ୍ କର୍ତ୍ତୃପକ୍ଷ ଫୋନ କରି ପୁଅ ବାଥ୍‌ରୁମରେ ପଡିଯିବାରୁ ଗୋଡ଼ ଭାଙ୍ଗିଯାଇଛି। ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବା କହିଥିଲେ। ଖବର ପାଇବା ପରେ ରଘୁନାଥ ସଙ୍ଗେ ସଙ୍ଗେ ଭୁବନେଶ୍ୱର ଯାଇଥିଲେ। ହସ୍ପିଟାଲରେ ତାଙ୍କୁ ପୁଅର ମୃତଦେହ ହସ୍ତାନ୍ତର କରାଯାଇଥିଲା। ମାତ୍ର ମୃତଦେହ ବ୍ୟବଚ୍ଛେଦ ନ କରି ଏବଂ ମେଡିକାଲରେ ଚିକିତ୍ସା ସମ୍ପର୍କିତ କାଗଜ ନ ଦେଇ ପଠେଇ ଦିଆଯାଇଥିଲା। ମାତ୍ର ମୃତଦେହ ଆଣିବା ସମୟରେ ବେକ ଏବଂ ହାତରେ ରଶି ଦାଗ ଦେଖିଥିଲେ। ଫଳରେ ସନ୍ଦେହ କରି ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଅବହେଳା ଯୋଗୁ ମୃତ୍ୟୁ ହୋଇଥିବା ଅଭିଯୋଗ କରିଥିଲେ। ମୃତଦେହ ଗାଁକୁ ଆଣି ଶନିବାର ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ରଖି ଅଧିକ ତଦନ୍ତ ଦାବି ସହ ୧ କୋଟି ଟଙ୍କା କ୍ଷତିପୂରଣ ଓ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ପରିବାର ଲୋକେ ଧାରଣାରେ ବସିଥିଲେ। ପୋଲିସ ସେମାନଙ୍କ ସହିତ ଆଲୋଚନା କରି ମୃତଦେହ ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା। କିସ୍‌ର କର୍ତ୍ତୃପକ୍ଷଙ୍କୁ ଡକାଇ ଆଲୋଚନା କରାଯିବ ବୋଲି ପୋଲିସ ସେମାନଙ୍କୁ ବୁଝାଶୁଝା କରିବା ପରେ ଧାରଣା ପ୍ରତ୍ୟାହାର ହୋଇଥିଲା। ଅଭିଯୋଗ ଆଧାରରେ ପୋଲିସ ବିଏନ୍‌ଏସ୍‌ର ଧାରା ୧୦୬ ଓ ୭୫ ଜୁଭେନାଇଲ ଜଷ୍ଟିସ୍‌ରେ ମାମଲା ରୁଜୁ କରିଛି। ରେଡ୍‌କ୍ରସ ପକ୍ଷରୁ ପରିବାର ଲୋକଙ୍କୁ ୨୦ ହଜାର ଟଙ୍କା ସହାୟତା ପ୍ରଦାନ କରାଯାଇଛି। ଟାଉନ ଥାନା ଅଧିକାରୀ ଶ୍ରୀକାନ୍ତ ସାହୁ କହିଛନ୍ତି, ଜିରୋ ଏଫ୍‌ଆଇଆର୍(ନଂ.୪/୨୦୨୫)ରେ ମାମଲା ରୁଜୁ କରି ଇନ୍‌ଫୋସିଟି ଥାନା, ଭୁବନେଶ୍ୱରକୁ ପଠେଇ ଦିଆଯାଇଛି। ସେଠାରେ ଘଟଣା ଘଟିଥିବାରୁ କେସ୍ କରିବାକୁ ଦିଆଯାଇଛି।

## ନାଳରେ ବୁଡ଼ି ଜଣେ ମୃତ

ସନ୍ତ୍ରୀଛକ, ୧୩।୧୨ (ସନ୍ତୋଷ ପରିଡ଼ା)

ଅନୁଗୋଳ ଜିଲା ବଣ୍ଟାରପାଳ ଥାନା ତଳମୂଳ ପଞ୍ଚାୟତ ଶିମିଳିଛୁଇଁ ଗ୍ରାମର ସନ୍ୟାସୀ ବେହେରା(୫୨)ଙ୍କ ପାଣିରେ ବୁଡ଼ି ଶନିବାର ମୃତ୍ୟୁ ହୋଇଛି। ସେ ବିଲରୁ ଧାନ କାଟି ଫେରିବା ପରେ ନିକଟସ୍ଥ କଣ୍ଟେଇନାଳକୁ ଗାଧୋଇବାକୁ ଯାଇଥିବା ବେଳେ ବୁଡ଼ି ଯାଇଥିଲେ। ତାଙ୍କୁ ଉଦ୍ଧାର କରାଯାଇ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। କିନ୍ତୁ ଡାକ୍ତର ମୃତ ଘୋଷଣା କରିଥିଲେ। ପୋଲିସ ମୃତଦେହ ଜବତ କରିବା ସହ ଏକ ମାମଲା ରୁଜୁ ତଦନ୍ତ ଚଳାଇଛି। ରବିବାର ବ୍ୟବଚ୍ଛେଦ ପରେ ମୃତଦେହ ହସ୍ତାନ୍ତର କରାଯିବ ବୋଲି ମହୀଧରପୁର ଫାଣ୍ଡି ଅଧିକାରୀ ମାନସ କୁମାର ମିଶ୍ର ସୂଚନା ଦେଇଛନ୍ତି।

## ୨୬ ଗ୍ରାମ ବ୍ରାଉନସୁଗାର ଜବତ, ଜଣେ ଗିରଫ

ସନ୍ତ୍ରୀଛକ, ୧୩।୧୨ (ସନ୍ତୋଷ ପରିଡ଼ା)



ଅନୁଗୋଳ ଜିଲା ବଣ୍ଟାରପାଳ ଥାନା ଗୋତମରା ଗ୍ରାମରେ ଅନୁଗୋଳ ଅବକାରୀ ବିଭାଗ ଚଢ଼ାଉ କରି ପିଙ୍କୁ ବରାହଙ୍କୁ ଗିରଫ କରିବା ସହ ୨୬ ଗ୍ରାମ ବ୍ରାଉନ ସୁଗାର ଜବତ କରିଛି। ଏଥିସହ ଏକ ବାଇକ୍ ଜବତ କରାଯାଇଛି। ଗୋତମରା ଗ୍ରାମର ପିଙ୍କୁ ବହୁଦିନ ଧରି ଏହି ଧଳା ଜହର କାରବାର କରୁଥିଲେ। ବେପାର ଅପେକ୍ଷାରେ ରହିଥିବାବେଳେ ଖବରପାଇ ଅବକାରୀ ବିଭାଗ ତାଙ୍କୁ ମାଡ଼ି ବସିଥିଲା। ଏହି ଚଢ଼ାଉରେ ଇନ୍ସପେକ୍ଟର ରମ୍ଭା ବାଗ, ଗାୟତ୍ରୀ ମାଝୀଙ୍କ ସମେତ ଅନୁଗୋଳ ସଦର ରେଞ୍ଜ କର୍ମଚାରୀ ସାମିଲ ଥିଲେ।

## ହାଇୱା ଧକ୍କାରେ ବାଇକ୍ ଆରୋହୀଙ୍କ ମୃତ୍ୟୁ

ଛେଣ୍ଡିପଦା, ୧୩।୧୨ (ଅଜିତ୍ ଧଳ)

ଅନୁଗୋଳରୁ ଛେଣ୍ଡିପଦା ଯାଇଥିବା ୬୩ ନମ୍ବର ରାଜ୍ୟ ରାଜପଥର ନିଶା ଶିଳ୍ପାଞ୍ଚଳ ଥାନା କଙ୍କରାଇ ନାଳ ନିକଟରେ ହାଇୱା ଧକ୍କାରେ ଶନିବାର ବାଇକ୍ ଆରୋହୀ ଦେବଗଡ଼ ଛାଡ଼କମରା ଅଞ୍ଚଳର ଲିଟୁ କିଷାନଙ୍କ ମୃତ୍ୟୁ ହୋଇଛି। ସୂଚନା ଅନୁଯାୟୀ, ଲିଟୁ ଏକ କମ୍ପାନୀରୁ କାମ ସାରି ଘରକୁ ବାଇକ୍‌ରେ ଫେରୁଥିବାବେଳେ ହାଇୱା ତାଙ୍କୁ ଧକ୍କାଦେଇ ଫେରାର ହୋଇଯାଇଥିଲା। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ନିଶା ଶିଳ୍ପାଞ୍ଚଳ ପୋଲିସ ମୃତଦେହ ଓ ବାଇକ୍ ଜବତ କରି ତଦନ୍ତ ଚଳାଇଛି। ଖବର ଲେଖାହେବା ପର୍ଯ୍ୟନ୍ତ ରାଜ୍ୟ ରାଜପଥରେ ଗାଡ଼ି ଚଳାଚଳ ବନ୍ଦ ରହିଛି।

## ଥଣ୍ଡାରେ ଥରୁଛି ଜି.ଉଦୟଗିରି

### ତାପମାତ୍ରା ରହିଛି ୩.୧ ଡିଗ୍ରୀ, ୨ ଦିନ ହେଲାଣି ହେଉଛି ତୁଷାରପାତ

ଜି.ଉଦୟଗିରି, ୧୩।୧୨ (ଶିଶିର ପଟ୍ଟନାୟକ/ଚିନ୍ମୟ କୁମାର ସେଠୀ)

କନ୍ଧମାଳ ଜିଲା ଜି.ଉଦୟଗିରି ହାଡ଼ଭଙ୍ଗା ଶୀତରେ ଥରୁଛି। ଥଣ୍ଡା ସହ କୋହଲା ପବନ ଲୋକଙ୍କୁ ଅସ୍ତବ୍ୟସ୍ତ କରୁଛି। ପ୍ରତିଦିନ ପାରଦ ତଳମୁହାଁ ହେଉଥିବା ବେଳେ ୨ଦିନ ହେଲା ଜି.ଉଦୟଗିରିରେ ୩ ଡିଗ୍ରୀ ତାପମାତ୍ରା ରହୁଛି। ସହର ସହ ଆଭ୍ୟନ୍ତରୀଣ ଅଞ୍ଚଳରେ ତୁଷାରପାତ ହୋଇଥିବା ଦେଖିବାକୁ ମିଳିଛି। ପାଣିପାଗ ବିଭାଗର ସୂଚନା ଅନୁସାରେ, ଶନିବାର ସକାଳ ସୁଦ୍ଧା ଜି.ଉଦୟଗିରିରେ ସର୍ବନିମ୍ନ ତାପମାତ୍ରା ୩.୧ ଡିଗ୍ରୀ ସେଲସିୟସ ରହିଥିବା ବେଳେ ସେମିଳିଗୁଡ଼ା ୪.୬, ଫୁଲବାଣୀ ୫.୫ ଡିଗ୍ରୀ, ଦାରିଙ୍ଗବାଡ଼ିରେ ୬ ଡିଗ୍ରୀ ରହିଛି। ଅତ୍ୟଧିକ ଥଣ୍ଡା ଯୋଗୁ ସକାଳ ୧୦ଟାଯାଏ ଘରୁ ବାହାରିବା କଷ୍ଟକର ହେଉଛି। ଜି.ଉଦୟଗିରିରେ ବିଗତ ୮ ଦିନ ହେବ ୫ ଡିଗ୍ରୀ ତଳେ ତାପମାତ୍ରା ରହିଛି। ତେବେ ଶୀତର ମଜା ନେବାକୁ ଜିଲା ତଥା ରାଜ୍ୟ ବାହାରୁ ପର୍ଯ୍ୟଟକଙ୍କ ସଂଖ୍ୟା ବଢ଼ିଚାଲିଛି।

**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ. STCBBSBGPL FLOYOVER-eOT28, ତା.08.12.2025ରିଖ

କାର୍ଯ୍ୟର ନାମ : "ପୂର୍ବ ତଟ ରେଳପଥର ଖୋର୍ଦ୍ଧା ରୋଡ଼ ମଣ୍ଡଳରେ ROH ସେଡ୍ ଏବଂ CC ପରୀକ୍ଷଣ ସୁବିଧା କାର୍ଯ୍ୟ ସହିତ ବାଘୁଆପାଳ ମଧ୍ୟରେ ଫ୍ଲାଇଓଭର ଲାଇନ ସମ୍ବନ୍ଧୀୟ ବାଘୁଆପାଳ ଷ୍ଟେସନରେ ସଂକେତ ଏବଂ ଦୂରସଂଚାର କାର୍ଯ୍ୟଗୁଡ଼ିକର ସମ୍ପାଦନ, ମହତ୍ୱପୂର୍ଣ୍ଣ (Critical) ସାମଗ୍ରୀଗୁଡ଼ିକର ଯୋଗାଣ ଏବଂ ନୂତନ ଡିଷ୍ଟ୍ରିବ୍ୟୁଟେଡ୍ ଇଲେକ୍ଟ୍ରୋନିକ୍ ଇଣ୍ଟରଲକିଂ (EI)ର ସଂସ୍ଥାପନ ଓ ପ୍ରଚଳନ।"

ଆନୁମାନିକ ମୂଲ୍ୟ : ₹ 16,91,65,741/-, EMD : ₹ 9,95,800/-, କାର୍ଯ୍ୟ ଶେଷ ହେବା ଅବଧି : 05 (ପାଞ୍ଚ) ମାସ।

ଇ-ଟେଣ୍ଡର ବନ୍ଦ/ଖୋଲାଯିବା ତାରିଖ ଓ ସମୟ : ତା.08.01.2026ରିଖ 1100 ଘଟିକାରେ।

ସଂପୂର୍ଣ୍ଣ ବିସ୍ତୃତ ବିବରଣୀ ଉପଲବ୍ଧ ହେବ : www.ireps.gov.inରେ। ଯଦି ଇଣ୍ଟରନେଟ୍‌ରୁ ଡାଉନଲୋଡ୍ କରାଯାଇଥିବା ଟେଣ୍ଡର ନଥିପତ୍ର ଏବଂ କାର୍ଯ୍ୟାଳୟରେ ଉପଲବ୍ଧ ମାଷ୍ଟର କପି ମଧ୍ୟରେ କୌଣସି ପାର୍ଥକ୍ୟ ପରିଲକ୍ଷିତ ହୁଏ, ତେବେ ସେ କ୍ଷେତ୍ରରେ କାର୍ଯ୍ୟାଳୟର ମାଷ୍ଟର କପି ହିଁ କାଏମ୍ ରହିବ ଏବଂ ଟେଣ୍ଡର ଆବେଦନକାରୀ(ମାନେ) ତାହାକୁ ସ୍ୱୀକାର କରିବାକୁ ବାଧ୍ୟ ହେବେ। ଏ କ୍ଷେତ୍ରରେ ସେମାନଙ୍କର କୌଣସି ଦାବିକୁ ଗ୍ରହଣ କରାଯିବ ନାହିଁ।

ଉପ ମୁଖ୍ୟ ସଙ୍କେତ ଏବଂ ଦୂରସଞ୍ଚାର ଯନ୍ତ୍ରୀ/ନିର୍ମାଣ / ଭୁବନେଶ୍ୱର

PR-187/CI/25-26

**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ. ST-OT-SIG-ZONAL-KUR-525, ତା.05.12.2025ରିଖ

କାର୍ଯ୍ୟର ନାମ : ଏକ ବର୍ଷ ନିମନ୍ତେ ପୂର୍ବ ତଟ ରେଳପଥର ଖୋର୍ଦ୍ଧା ରୋଡ଼ ମଣ୍ଡଳର SSES/ସାଉଥ/ଖୋର୍ଦ୍ଧା ରୋଡ଼ ପରିସୀମା ଅଧୀନସ୍ଥ ସେକ୍ସନରେ ପ୍ରତ୍ୟେକ ଟ.5,00,000/- କିମ୍ବା ତା'ଠାରୁ କମ୍ ମୂଲ୍ୟର ସିଗ୍ନାଲିଂ ଜୋନାଲ (Zonal) କାର୍ଯ୍ୟ।

ଟେଣ୍ଡର ମୂଲ୍ୟ : ₹ 89,39,558.82, EMD : ₹ 1,78,800/-

ବିଡ୍ ଆରମ୍ଭ ହେବା ତାରିଖ : ତା.15.12.2025ରିଖ

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.29.12.2025ରିଖ 1100 ଘଟିକା।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ / କୋରିୟର / ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.inରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 ଦିନ ପୂର୍ବରୁ ୱେବ୍‌ସାଇଟ୍‌କୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ବରିଷ୍ଠ ମଣ୍ଡଳ ସଙ୍କେତ ଏବଂ ଦୂରସଞ୍ଚାର ଯନ୍ତ୍ରୀ, ଖୋର୍ଦ୍ଧା ରୋଡ଼

PR-895/Q/25-26

# ବିଜେଡି ଅଭିଯୋଗରେ ପାଲଟା ବର୍ଷିଲେ ଭାଜପା, କଂଗ୍ରେସ

ଭୁବନେଶ୍ୱର, ୧୩।୧୨ (ସୁନିତ୍ ମିଶ୍ର)

### ମହାନଦୀ ଜଳ ବିବାଦ ପ୍ରସଙ୍ଗ

- ମହାନଦୀକୁ ହତ୍ୟା ଷଡ଼ଯନ୍ତ୍ରର ମୂକ ସାଥୀ କେନ୍ଦ୍ର ସରକାର: ପ୍ରସନ୍ନ
- ୨୨ରେ ବୈଠକ ପରେ ଯାହା କହିହେବ: ଜୟନାରାୟଣ
- ଚିଠିର ଉତ୍ତର ଦେଉ ନ ଥିଲା ବିଜେଡି, ଭାଜପା ସରକାରକୁ ଧନ୍ୟବାଦ: ନରସିଂହ

ମହାନଦୀ ଜଳ ବିବାଦ ପ୍ରସଙ୍ଗକୁ ନେଇ ରାଜ୍ୟ ରାଜନୀତି ଏବେ ଜୋର୍ ଧରିବାରେ ଲାଗିଛି। ବିରୋଧୀ ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ ରାଜ୍ୟ ସରକାରଙ୍କୁ ଟାର୍ଗେଟକରି କହିଛନ୍ତି, ମହାନଦୀ ପ୍ରସଙ୍ଗରେ ଆପୋସ ସମାଧାନ ପାଇଁ ଆଲୋଚନାର ସର୍ତ୍ତାବଳୀ କ'ଣ ରହିବ ସ୍ପଷ୍ଟ କରାଯାଉ ନାହିଁ। ପ୍ରସନ୍ନଙ୍କ ମନ୍ତବ୍ୟ ଉପରେ ପାଲଟା ଟାର୍ଗେଟକରି ଭାଜପାର ବରିଷ୍ଠ ବିଧାୟକ ତଥା ମହାନଦୀ କମିଟି ସଦସ୍ୟ ଜୟନାରାୟଣ ମିଶ୍ର କହିଛନ୍ତି, ୨୪ ବର୍ଷରେ ସମାଧାନ କଲେ ନାହିଁ, ଏବେ ସେମାନଙ୍କୁ ପରାମର୍ଶ ଦେଉଛନ୍ତି। କଂଗ୍ରେସ ବରିଷ୍ଠ ନେତା ନରସିଂହ ମିଶ୍ର ମଧ୍ୟ ପୂର୍ବ ସରକାରକୁ ଏହି ପ୍ରସଙ୍ଗରେ ଟାର୍ଗେଟକରି କହିଛନ୍ତି, ସେ ବିରୋଧୀ ଦଳ ନେତା ଥିବା ସମୟରେ ମହାନଦୀ ପ୍ରସଙ୍ଗରେ ସର୍ବଦଳୀୟ ବୈଠକ ଡାକିବା ଲାଗି ଚିଠି ଲେଖୁଥିଲେ ମଧ୍ୟ କିଛି ଉତ୍ତର ଆସୁ ନ ଥିଲା।

ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ପ୍ରସନ୍ନ କହିଛନ୍ତି, ମହାନଦୀ ହେଉଛି ଓଡ଼ିଶାର ଜୀବନ ସ୍ରୋତ। ଗତ କିଛି ଦଶନ୍ଧି ହେଲା ଜୀବନ୍ତ ମହାନଦୀକୁ ହତ୍ୟାକରିବା ଲାଗି ଏକ ଷଡ଼ଯନ୍ତ୍ର ଆରମ୍ଭ ହୋଇଥିଲା। ସେହି ଷଡ଼ଯନ୍ତ୍ର ଆଜି ମଧ୍ୟ ଚାଲିଛି। ଏହି ଷଡ଼ଯନ୍ତ୍ରରେ ଭାରତ ସରକାର ମୂକ ସାଥୀ ସାଜିଛନ୍ତି। ସମସ୍ତ ବିଧିବିଧାନକୁ ବେଖାତିରକରି ଛତିଶଗଡ଼ ସରକାର ମହାନଦୀ ଉପରେ ଅତ୍ୟାଚାର କରୁଥିବାବେଳେ କେନ୍ଦ୍ର ସରକାର ଶୁଣ୍ଢି ସାକ୍ଷୀ ମାତାଲ ଭଳି ନୀରବଦ୍ରଷ୍ଟା ସାଜିଛନ୍ତି। କେନ୍ଦ୍ର, ଛତିଶଗଡ଼ ଓ ଓଡ଼ିଶାରେ ବର୍ତ୍ତମାନ ଗୋଟିଏ ଦଳର ସରକାର ଥିବାରୁ ଏହି ସମସ୍ୟାର ଶୀଘ୍ର ସମାଧାନ ହେବ ବୋଲି ଲୋକେ ଆଶା ରଖିଥିଲେ। କିନ୍ତୁ ତାହା ରାଜ୍ୟ ସରକାରଙ୍କ ଆନ୍ତରିକତାର ଅଭାବ ଯୋଗୁ ଆକାଶ କଇଁଆ ଚିଲିକା ମାଛରେ ପରିଣତ ହୋଇଛି। ରାଜ୍ୟ ସରକାର କେବଳ କମିଟି ପରେ କମିଟି ଗଠନ କରୁଛନ୍ତି, କିନ୍ତୁ ଫଳ ଶୂନ। ବର୍ତ୍ତମାନ ରାଜ୍ୟ ସରକାର ଆପୋସ ସମାଧାନର ପ୍ରସ୍ତାବନା କରିଛନ୍ତି, ଓଡ଼ିଶାବାସୀ ଜାଣିବା ପାଇଁ ଚାହାନ୍ତି କି ଆଲୋଚନାର ସର୍ତ୍ତାବଳୀ କ'ଣ ରହିବ। ସରକାର ଟ୍ରିବ୍ୟୁନାଲରୁ ଓହରିଯିବାକୁ ଯୋଜନା କରୁନାହାନ୍ତି ତ। ରାଜ୍ୟ ସରକାର ଆପୋସ ସମାଧାନକୁ ଯିବା ପୂର୍ବରୁ ରାଜ୍ୟର ସମସ୍ତ ପ୍ରମୁଖ ରାଜନୈତିକ ଦଳ ଓ ମହାନଦୀ ବଞ୍ଚାଅ ଆନ୍ଦୋଳନର ସଙ୍ଗଠନଗୁଡ଼ିକୁ ବିଶ୍ୱାସକୁ ନେଇ ତାଙ୍କ ସହ ଆଲୋଚନା କରିବେ ନା ନାହିଁ। ରାଜ୍ୟବାସୀ ଟ୍ରିପଲ ଇଞ୍ଜିନ ସରକାରଙ୍କଠାରୁ ଏ ସମସ୍ତ ବିଷୟରେ ସ୍ପଷ୍ଟୀକରଣ ଆଶା ରଖିଛନ୍ତି ବୋଲି ସେ କହିଛନ୍ତି।

ଜୟନାରାୟଣ କହିଛନ୍ତି, ୨୪ ବର୍ଷ ସରକାରରେ ବିଜେଡି ମହାନଦୀ ପ୍ରସଙ୍ଗରେ ୨ କିମ୍ବା ୪ଟି କମିଟି କରିଥିଲା। ସେହି କମିଟି କ'ଣ ଅନୁସନ୍ଧାନ କଲା କି ରିପୋର୍ଟ ଦେଲା ତାକୁ ସାର୍ବଜନୀନ କରାଗଲା ନା ନାହିଁ ତାହା ହେଉଛି ମୂଳ ପ୍ରଶ୍ନ। ଯେଉଁ ମହାନଦୀ କମିଟି ସରକାର ଗଠନ କରିଛନ୍ତି ତା'ର ବୈଠକ ଆସନ୍ତା ୨୨ ତାରିଖ ପୂର୍ବାହ୍ନ ୧୧ଟା ସମୟରେ ହେବାକୁ ସ୍ଥିର ହୋଇଛି। ବିଜେଡି ସରକାର ୨୪ ବର୍ଷରେ ମହାନଦୀ କଥାରେ କ'ଣ କରିଛନ୍ତି ଜାଣିଲେଣି, ସେଥିଲାଗି ସେମାନଙ୍କୁ ସବୁ ଆକାଶ କଇଁଆ ଚିଲିକା ମାଛ ଭଳି ଲାଗୁଛି। ଛତିଶଗଡ଼ ବ୍ୟାରେଜ ନିର୍ମାଣ କରିବା କଥା ସେମାନେ ୨୦ ବର୍ଷ କାଳ ଜାଣିପାରିଲେ ନାହିଁ। ବିଜେଡି କଥାର ଗୁରୁତ୍ୱ କିଛି ନାହିଁ। ବିଜେଡି ଯଦି କିଛି କରିଥାଆନ୍ତା ତେବେ ଉପଦେଶ ଦେଇଥିଲେ ଚଳିଥାଆନ୍ତା ବୋଲି ଜୟନାରାୟଣ କହିଛନ୍ତି।

ନରସିଂହ କହିଛନ୍ତି, ମହାନଦୀ ପ୍ରସଙ୍ଗରେ ବିରୋଧୀ ଦଳ ନେତା ଥିବାବେଳେ ସର୍ବଦଳୀୟ ବୈଠକ ଡାକିବା ଲାଗି ବାରମ୍ବାର ଚିଠି ଲେଖିବା ସତ୍ତ୍ୱେ କୌଣସି ଉତ୍ତର ମିଳୁ ନ ଥିଲା। ଏବେ ବିଜେଡି ଯେଉଁ ଗଣମାଧ୍ୟମରେ ପ୍ରତିକ୍ରିୟା ଦେଉଛି ତା'ର ଲାଭ କ'ଣ ଅଛି। ସେହି ସମୟରେ ନବୀନ ପଟ୍ଟନାୟକ କହିଥିଲେ, ଅଣମୌସୁମୀ ସମୟରେ ହୀରାକୁଦକୁ ଯେତିକି ପାଣି ଆସିବା କଥା ଆସୁଛି, ତା'ର ଉତ୍ତର ଏମାନେ ଆଗ ଦିଅନ୍ତୁ। ସରକାର ସର୍ବଦଳୀୟ ବୈଠକ ଡାକିଲେ ସେଠିକି ପ୍ରସନ୍ନ ପ୍ରଥମେ ଯାଆନ୍ତୁ, ସେଠାରେ ନିଜର ମତାମତ ରଖନ୍ତୁ। ଯଦି ସରକାର କିଛି ନ କରିବେ ତା'ପରେ ଗଣମାଧ୍ୟମରେ କିଛି କୁହନ୍ତୁ। ଏବେର ସରକାରଙ୍କୁ ଧନ୍ୟବାଦ ଦେବା କଥା କାରଣ ସେମାନେ ଅନ୍ତତଃ ସର୍ବଦଳୀୟ କମିଟି କରିଛନ୍ତି ବୋଲି ନରସିଂହ କହିଛନ୍ତି।

No.T-115

**ଓଡ଼ିଶା ସରକାର**

**ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ**

**ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ**

**ଜନସାଧାରଣଙ୍କ ନିମନ୍ତେ ବିଶେଷ ସୂଚନା**

ଏତଦ୍ୱାରା ରାଜ୍ୟର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଆସନ୍ତା ସୋମବାର, ଇଂରାଜୀ ତା15/12/2025ରିଖ ଦିନ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଥିବାରୁ ଅଭିଯୋଗ ଶୁଣାଣି ବନ୍ଦ ରହିବ। ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ଜନସାଧାରଣଙ୍କୁ ସମ୍ବାଦପତ୍ର ମାଧ୍ୟମରେ ଜଣାଇ ଦିଆଯିବ।

ଅତିରିକ୍ତ ମୁଖ୍ୟ ଶାସନ ସଚିବ
ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ
OIPR-09014/11/0210/2526

# ବନ୍ଦେ ଭାରତ ଟ୍ରେନ୍‌ରେ ମିଳିବ ସ୍ଥାନୀୟ ଖାଦ୍ୟ

ଭୁବନେଶ୍ୱର,୧୩।୧୨(ଅନୁରାଧା ମହାରଣା)



ରେଳ, ସୂଚନା ଏବଂ ପ୍ରସାରଣ ଏବଂ ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଶନିବାର ନୂଆଦିଲ୍ଲୀସ୍ଥିତ ରେଳ ଭବନରେ ଅଧିକାରୀମାନଙ୍କ ଏକ ସମୀକ୍ଷା ବୈଠକ କରିଥିଲେ। ବୈଠକରେ ରେଳ ଏବଂ ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପ ରାଷ୍ଟ୍ରମନ୍ତ୍ରୀ ରବନୀତ ସିଂହ ବିଟ୍ଟୁ ମଧ୍ୟ ଉପସ୍ଥିତ ଥିଲେ। କେନ୍ଦ୍ର ମନ୍ତ୍ରୀ ଅଧିକାରୀମାନଙ୍କୁ ବନ୍ଦେ ଭାରତ ଟ୍ରେନ୍‌ରେ ଅଞ୍ଚଳର ସ୍ଥାନୀୟ ଖାଦ୍ୟ ଯୋଗାଇବାକୁ ନିର୍ଦ୍ଦେଶ ଦେଇଥିଲେ। ସ୍ଥାନୀୟ ଖାଦ୍ୟ ପ୍ରଚଳନ ଦ୍ୱାରା ଯାତ୍ରୀଙ୍କ ଅଭିଜ୍ଞତାରେ ଉଲ୍ଲେଖନୀୟ ବୃଦ୍ଧି ଘଟିବ ଯାହା ଯାତ୍ରା କରାଯାଉଥିବା ଅଞ୍ଚଳଗୁଡ଼ିକର ସଂସ୍କୃତି ଏବଂ ସ୍ୱାଦକୁ ଯାତ୍ରୀଙ୍କ ମଧ୍ୟରେ ପରିଚିତ କରିବ। ଆଗାମୀ ଦିନର ସମସ୍ତ ଟ୍ରେନ୍‌ରେ ଏହି ସୁବିଧା ଉପଲବ୍ଧ କରାଯିବ। ବୈଠକରେ କେନ୍ଦ୍ରମନ୍ତ୍ରୀ ଆହୁରି କହିଛନ୍ତି, ନକଲି ପରିଚୟ ମାଧ୍ୟମରେ ଟ୍ରେନ୍ ଟିକେଟ ବୁକିଂ ଉପରେ ଭାରତୀୟ ରେଳପଥ ଦ୍ୱାରା କଡ଼ା କାର୍ଯ୍ୟାନୁଷ୍ଠାନ ସକାରାତ୍ମକ ଫଳାଫଳ ପ୍ରଦାନ କରୁଛି। ବ୍ୟବହାରକାରୀ ପରିଚୟ ସ୍ଥାପନ ଏବଂ ନକଲି ପରିଚୟ ଚିହ୍ନଟ ପାଇଁ ଏକ କଠୋର ବ୍ୟବସ୍ଥା ପ୍ରଚଳନ ପରେ ୱେବ୍‌ସାଇଟରେ ପ୍ରତିଦିନ ପ୍ରାୟ ୫,୦୦୦ ନୂତନ ବ୍ୟବହାରକାରୀ ଆଇଡି ଯୋଡ଼ାଯାଉଛି। ପୂର୍ବରୁ ଏହି ସଂଖ୍ୟା ପ୍ରତିଦିନ ପ୍ରାୟ ୧ ଲକ୍ଷ ନୂତନ ବ୍ୟବହାରକାରୀ ଆଇଡି ଛୁଇଁଥିଲା। ଏହି ପଦକ୍ଷେପଗୁଡ଼ିକ ପୂର୍ବରୁ ଭାରତୀୟ ରେଳପଥକୁ ୩.୦୩ କୋଟି ନକଲି ଆକାଉଣ୍ଟକୁ ନିଷ୍କ୍ରିୟ କରିବାରେ ସାହାଯ୍ୟ କରିଛି। ଅନ୍ୟ ୨.୭ କୋଟି ବ୍ୟବହାରକାରୀ ଆଇଡିକୁ ଅସ୍ଥାୟୀ ଭାବରେ ନିଲମ୍ବିତ କରାଯାଇଛି କିମ୍ବା ସେମାନେ କରୁଥିବା ସନ୍ଦେହଜନକ କାର୍ଯ୍ୟକଳାପ ଉପରେ ଆଧାରକରି ନିଲମ୍ବନ ପାଇଁ ଚିହ୍ନଟ କରାଯାଇଛି।

## ଆଇସିଏମ୍‌ଏଆଇ ଭୁବନେଶ୍ୱର ଚାପ୍ଟର ପକ୍ଷରୁ ସେମିନାର

ଭୁବନେଶ୍ୱର,୧୩।୧୨

ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ କଷ୍ଟ ଆକାଉଣ୍ଟାଣ୍ଟ୍ସ ଅଫ ଇଣ୍ଡିଆ (ଆଇସିଏମ୍‌ଏଆଇ) ଭୁବନେଶ୍ୱର ଚାପ୍ଟର ପକ୍ଷରୁ 'ଜିଏସଟିଆର-୯ ଓ ଜିଏସଟିଆର ୯ସି' ସମ୍ପର୍କୀତ ଏକ ବୈଷୟିକ ସେମିନାର ସିଏମ୍‌ଏ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। , ରାଜ୍ୟ ସିଟି ଜିଏସଟିର ଅତିରିକ୍ତ କମିଶନର ଅମିତାଭ ଆନନ୍ଦ ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। କଷ୍ଟ ଆକାଉଣ୍ଟାଣ୍ଟ ସିଏମ୍‌ଏ ଶିବପ୍ରସାଦ ପାଢୀ ମୁଖ୍ୟ ବକ୍ତା ଭାବେ ଯୋଗଦେଇଥିବାବେଳେ ଭୁବନେଶ୍ୱର ଚାପ୍ଟରର ଚେୟାରମ୍ୟାନ୍ ସିଏମ୍‌ଏ ଶରତ କୁମାର ବେହେରା ସ୍ୱାଗତ ଭାଷଣ ଦେଇଥିଲେ। ପ୍ରଫେସନାଲ ଡେଭେଲପମେଣ୍ଟ କମିଟିର ଅଧ୍ୟକ୍ଷ ସିଏମ୍‌ଏ ବରଦା ପ୍ରସନ ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପୂର୍ବତନ ଅଧ୍ୟକ୍ଷ ସିଏମ୍‌ଏ ରମେଶ ଚନ୍ଦ୍ର ପାତ୍ର ଧନ୍ୟବାଦ ଦେଇଥିଲେ।

# ମାଲାବାରର 'ବ୍ରାଇଡ୍ସ ଅଫ୍ ଇଣ୍ଡିଆ' ଉନ୍ମୋଚିତ

ଭୁବନେଶ୍ୱର,୧୩।୧୨(ଅନୁରାଧା ମହାରଣା)




ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡସର ସହିଦନଗର ଷ୍ଟୋରରେ 'ବ୍ରାଇଡ୍ସ ଅଫ୍ ଇଣ୍ଡିଆ' କଲେକ୍ସନର ଉନ୍ମୋଚନ କରାଯାଇଛି। ସ୍ୱତନ୍ତ୍ର ଶୈଳୀ ଗଢ଼ାଯାଇଥିବା ସୁନା ଓ ହୀରା ଗହଣା ଏହି କଲେକ୍ସନରେ ଅନ୍ତର୍ଭୁକ୍ତ ରହିଛି। ବିବାହ ଋତୁକୁ ଦୃଷ୍ଟିରେ ରଖି ଫ୍ଲାଗଶିପ୍ ଅଭିଯାନର ୧୫ତମ ସଂସ୍କରଣର ଶୁଭାରମ୍ଭ କରାଯାଇଛି। ଏହି ଅବସରରେ ୨୨ କନ୍ୟା ଓ ୧୦ ସେଲିବ୍ରିଟିଙ୍କୁ ଏକତ୍ରିତ କରାଯାଇଛି। ଅଭିନେତା ସବ୍ୟସାଚୀ ମିଶ୍ର, ଆଲିଆ ଭଟ୍ଟ, କରୀନା କପୁର ଖାନ, ଏନଓଆର, କାର୍ଥୀ, ଅନିଲ କପୁର, ଶ୍ରୀନିଧି ସେଟ୍ଟୀ , ରୁକ୍ମିଣୀ ମିତ୍ର, ପ୍ରାର୍ଥନା ବେହେରେ ଏବଂ ମାନସୀ ପାରେଖ ଏହି କ୍ୟାମ୍ପେନର ଅଂଶ ହୋଇଛନ୍ତି। ଅଭିନେତ୍ରୀ ଲୁମ୍ବିନିଆ ଶତପଥୀ କ୍ୟାମ୍ପେନର ଶୁଭାରମ୍ଭ ଅବସରରେ ଯୋଗଦେଇଥିଲେ। ଷ୍ଟୋର ପକ୍ଷରୁ ଆକର୍ଷଣୀୟ ଅଫର ମଧ୍ୟ ଘୋଷଣା କରାଯାଇଛି। ଡାଇମଣ୍ଡ ଭାଲ୍ୟୁ ଉପରେ ୩୦% ପର୍ଯ୍ୟନ୍ତ ରିହାତି ରହିଛି। ଅଭିଷେକ ବର୍ମନଙ୍କ ନିର୍ଦ୍ଦେଶିତ ଏବଂ ଶୁଭ୍ରଜିତ ମୁଖାର୍ଜୀଙ୍କ ମ୍ୟୁଜିକ କମ୍ପୋଜିଶନରେ ଉନ୍ମୋଚନ କରାଯାଇଥିବା ଫିଲ୍ମରେ ଭାବାବେଗ, ସଂସ୍କୃତି ଓ ପରମ୍ପରା ଝଲକ ଦେଖିବାକୁ ମିଳିଛି। ମାଲାବାରରେ ଚେୟାରମ୍ୟାନ ଏମ ପି ଅହମ୍ମଦ କହିଛନ୍ତି, ପ୍ରତି ବର୍ଷ ଏହି କ୍ୟାମ୍ପେନ ମାଧ୍ୟମରେ ଅଧିକରୁ ଅଧିକ ଗ୍ରାହକଙ୍କ ନିକଟବର୍ତ୍ତୀ ହୋଇପାରିଥିବାରୁ ଉତ୍ସାହିତ ଅଛୁ।

# ଜୟଆଲୁକ୍କାସ୍ ପକ୍ଷରୁ 'ଉପହାର ଦେବାର ଋତୁ' ଆରମ୍ଭ




ଭୁବନେଶ୍ୱର,୧୩।୧୨(ଅନୁରାଧା ମହାରଣା)

ଜୁଏଲେରି ବ୍ରାଣ୍ଡ୍ ଜୟଆଲୁକ୍କାସ୍ ପକ୍ଷରୁ ସାରା ଦେଶରେ ଉତ୍ସବ ଅଭିଯାନ 'ଉପହାର ଦେବାର ଋତୁ' ଆରମ୍ଭ ହୋଇଛି। ୨୦୨୬ ଜାନୁଆରୀ ୪ ପର୍ଯ୍ୟନ୍ତ ବ୍ରାଣ୍ଡର ସମସ୍ତ ଶୋ' ରୁମ୍‌ରେ ଏହି ଅଭିଯାନ ଚାଲିବ। ଉତ୍ସବ ଓ ବିବାହ ଋତୁରେ ଗ୍ରାହକଙ୍କୁ ଅନନ୍ୟ ଅନୁଭୂତି ପ୍ରଦାନ ପାଇଁ ବର୍ଷର ଶେଷ ଅଫର ଭାବେ ଏହି ଘୋଷଣା କରାଯାଇଛି। ୧୨ଟି ଦେଶର ୧୯୦ଟି ଶୋ'ରୁମ୍ ସହିତ ଗଠିତ ଏକ ବୈଶ୍ୱିକ ନେଟ୍‌ୱର୍କର ଅଂଶ ଭାବେ ଏହି ଅଭିଯାନ ଭାରତର ଡାଇନାମିକ୍ ଜୁଏଲେରି ରିଟେଲ ବଜାରରେ 'ଉପହାର ଦେବାର ଋତୁ' ଅଭିଯାନ ଗ୍ରାହକଙ୍କ ପାଇଁ ଦୁଇଟି ଅସାଧାରଣ ଅଫର ନେଇ ଆସିଛି। ଏହା ଅଧୀନରେ ଗ୍ରାହକମାନେ ପୁରୁଣା ସୁନା ବିନିମୟରେ ଅତିରିକ୍ତ ପ୍ରତି ଗ୍ରାମରେ ୨୨୫୦ ଟଙ୍କା ପାଇପାରିବେ। ଏହା ସହ ଡାଇମଣ୍ଡ ଓ ଅନ୍‌କଟ୍ ଡାଇମଣ୍ଡର ମୂଲ୍ୟରେ ସିଧାସଳଖ ୨୫% ରିହାତି ରହିଛି । ଜୟଆଲୁକ୍କାସ୍ ଗ୍ରୁପ୍‌ର ଚେୟରମ୍ୟାନ ଡ. ଜୟ ଆଲୁକ୍କାସ୍ କହିଛନ୍ତି, ଆମର 'ଉପହାର ଦେବାର ଋତୁ' ଅଭିଯାନ ହେଉଛି ଭାରତର ସମସ୍ତ ଅଳଙ୍କାରପ୍ରେମୀଙ୍କ ପକ୍ଷରୁ ପାଇଥିବା ଦୀର୍ଘସ୍ଥାୟୀ ବିଶ୍ୱାସ ଓ ପ୍ରେମ ପ୍ରତି ଆମର ହୃଦୟଙ୍ଗମ କୃତଜ୍ଞତା ପ୍ରକାଶ କରିବାର ଗୋଟିଏ ପ୍ରୟାସ । ଏହି ଅଭିଯାନ ଜୟଆଲୁକ୍କାସ୍‌ର ବିସ୍ତୃତ ଭାରତୀୟ ରିଟେଲ ନେଟ୍‌ୱର୍କରେ ରହିଥିବା, ଯାହା ଦେଶର ଯେକୌଣସି ସ୍ଥାନର ଗ୍ରାହକମାନେ ବିଶ୍ୱମାନର ଉତ୍କୃଷ୍ଟତାରେ ବିଶେଷ ଭାବେ ତିଆରି ହୋଇଥିବା କଲେକ୍ସନ ପାଇପାରିବେ। ଏହାସହ ଜୟଆଲୁକ୍କାସ୍ ତାଙ୍କର ବିସ୍ତୃତ ଗ୍ରାହକକେନ୍ଦ୍ରିକ ସେବାଗୁଡ଼ିକୁ ଜାରି ରଖିଛି ।

# କଲ୍ୟାଣ ଜୁଏଲର୍ସର ନୂଆ ଶୋ'ରୁମ୍ ଉଦ୍‌ଘାଟନକଲେ ଅକ୍ଷୟ କୁମାର

ଭୁବନେଶ୍ୱର,୧୩।୧୨(ଅନୁରାଧା ମହାରଣା)







କଟକରେ ଅକ୍ଷୟ କୁମାରଙ୍କୁ ନିଖିଳ ଗୁପ୍ତା ପୁଷ୍ପଗୁଚ୍ଛ ପ୍ରଦାନ କରୁଛନ୍ତି। ଭୁବନେଶ୍ୱରରେ ସମାବେଶକୁ ଅକ୍ଷୟ କୁମାର ସମ୍ବୋଧିତ କରୁଛନ୍ତି।

ଭାରତର ଅଗ୍ରଣୀ ଅଳଙ୍କାର କମ୍ପାନୀ କଲ୍ୟାଣ ଜୁଏଲର୍ସ ଶନିବାର ଭୁବନେଶ୍ୱର ବାଣୀବିହାର ଏବଂ କଟକ ସିଡିଏ ସେକ୍ଟର-୧ ଜୁଡିସିଆଲ ଏକାଡେମୀ ନିକଟରେ ଏହାର ସମ୍ପୂର୍ଣ୍ଣ ନୂତନ ଶୋ'ରୁମ୍ ଆରମ୍ଭ କରିଛି। ବଲିଉଡ୍ ଅଭିନେତା ଅକ୍ଷୟ କୁମାର ଉଭୟ ଶୋ'ରୁମ୍‌ର ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ଅକ୍ଷୟ କୁମାର କହିଛନ୍ତି, 'କଲ୍ୟାଣ ଜୁଏଲର୍ସର ନୂତନ ଶୋ'ରୁମ୍ ଉଦ୍‌ଘାଟନରେ ଅଂଶୀଦାର ହୋଇ ମୁଁ ପ୍ରକୃତରେ ଆନନ୍ଦିତ। ବିଶ୍ୱାସ, ପାରଦର୍ଶିତା ଏବଂ ଏକ ଦୃଢ଼ ଗ୍ରାହକ-ପ୍ରଥମେ ନିଦର୍ଶନକୁ ନିରନ୍ତର ଭାବରେ ପାଥେୟ କରିଥିବା ଏକ ବ୍ରାଣ୍ଡର ପ୍ରତିନିଧିତ୍ୱ କରିବା ଏକ ସମ୍ମାନର ବିଷୟ। ମୁଁ ନିଶ୍ଚିତ ଯେ ଏହି ସହରର ଗ୍ରାହକମାନେ କଲ୍ୟାଣ ଜୁଏଲର୍ସଙ୍କୁ ସେମାନଙ୍କର ଶ୍ରଦ୍ଧା ଓ ଆଗ୍ରହ ପ୍ରକାଶ କରିବେ ଏବଂ ବ୍ରାଣ୍ଡର ଅସାଧାରଣ ସେବା ମାନଦଣ୍ଡ ଏବଂ ଏହାର ବିବିଧ ପରିସରର ଉତ୍କୃଷ୍ଟ ଅଳଙ୍କାର ସଂଗ୍ରହକୁ ପ୍ରଶଂସା କରିବେ। ଉଦ୍‌ଘାଟନ ବିଷୟରେ ମତାମତ ଦେଇ କଲ୍ୟାଣ ଜୁଏଲର୍ସର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ରମେଶ କଲ୍ୟାଣରାମନ କହିଛନ୍ତି, ଓଡ଼ିଶାରେ ଆମର ନୂତନ ଶୋ'ରୁମ୍ ଉଦଘାଟନ ସହ ଆମେ ଏକ ବ୍ୟାପକ ଶପିଂ ଗନ୍ତବ୍ୟସ୍ଥଳ ସୃଷ୍ଟି କରିବାକୁ ଲକ୍ଷ୍ୟ ରଖିଛୁ ଯାହା ପ୍ରକୃତରେ ଆମର ଗ୍ରାହକଙ୍କ ବଢୁଥିବା ଆବଶ୍ୟକତା ପୂରଣ କରିବ। ସୂଚନା ଥାଉକି, କଲ୍ୟାଣ ଜୁଏଲର୍ସ ଷ୍ଟୋରରେ ବିଭିନ୍ନ ସ୍ୱତନ୍ତ୍ର ଅଫର ଘୋଷଣା କରାଯାଇଛି। ପ୍ରତି ଗ୍ରାମ୍ ପାଇଁ ଫ୍ଲାଟ୍ ୭୫୦ ଟଙ୍କା ଛାଡ଼, ପ୍ରତି ଗ୍ରାମ୍ ପାଇଁ ଫ୍ଲାଟ୍ ୧୦୦ ଟଙ୍କା। ପ୍ରିମିୟମ ଏବଂ ଷ୍ଟଡେଡ୍ ଅଳଙ୍କାର ପାଇଁ ମୂଲ୍ୟ ବୃଦ୍ଧି ଉପରେ ପ୍ରତି ଗ୍ରାମ ପ୍ରତି ୧୫୦୦ ଟଙ୍କା ଏବଂ ମନ୍ଦିର ତଥା ପ୍ରାଚୀନ ଅଳଙ୍କାର ପାଇଁ ମୂଲ୍ୟ ବୃଦ୍ଧି ଉପରେ ପ୍ରତି ଗ୍ରାମ୍ ପ୍ରତି ୧୦୦୦ ଟଙ୍କା ରିହାତି ରହିଛି। ବ୍ରାଣ୍ଡର ସ୍ୱତନ୍ତ୍ର ସୁନା ବୋର୍ଡ ହାର, ବଜାରରେ ସର୍ବନିମ୍ନ ଏବଂ ସମସ୍ତ ଶୋ'ରୁମ୍‌ରେ ସମାନ, ସୀମିତ ଅବଧି ପାଇଁ ମଧ୍ୟ ପ୍ରଯୁଜ୍ୟ ହେବ। ଏହି ଶୋ'ରୁମ୍‌ରେ କଲ୍ୟାଣର ଲୋକପ୍ରିୟ ହାଉସ୍ ବ୍ରାଣ୍ଡଗୁଡ଼ିକ ମଧ୍ୟ ଉପଲବ୍ଧ ହେବ, ଯେପରିକି ମହୁରତ୍ (ବିବାହ ଅଳଙ୍କାର ଲାଇନ), ମୁଦ୍ରା (ହସ୍ତଶିଳ୍ପ ପ୍ରାଚୀନ ଅଳଙ୍କାର), ନିମା (ମନ୍ଦିର ଅଳଙ୍କାର), ଗ୍ଲୋ (ଡାନ୍ସିଂ ହୀରା), ଜିଆ (ସଲିଟାୟାର ପରି ହୀରା ଅଳଙ୍କାର), ଅନୋଖି (ଅନ୍‌କଟ୍ ହୀରା), ଅପୂର୍ବ (ବିଶେଷ ଅବସର ପାଇଁ ହୀରା), ଅନ୍ତରା (ବିବାହ ହୀରା), ହେରା (ଦୈନିକ ପୋଷାକ ହୀରା), ରଙ୍ଗ (ମୂଲ୍ୟବାନ୍ ପଥର ଅଳଙ୍କାର) ଏବଂ ସଦ୍ୟ ଲଞ୍ଚ ହୋଇଥିବା ଲୀଳା (ରଙ୍ଗିନ ପଥର ଏବଂ ହୀରା ଅଳଙ୍କାର)।

## ତମାଖୁ ଛାଡ଼ନ୍ତୁ, ପିତାମାତାଙ୍କୁ ଧ୍ୟାନ ଦିଅନ୍ତୁ ଓଡ଼ିଶାବାସୀ: ଅକ୍ଷୟ

ଭୁବନେଶ୍ୱର,୧୩।୧୨

ଅଭିନେତା ଅକ୍ଷୟ କୁମାର ସମାବେଶକୁ ସମ୍ବୋଧିତକରି କହିଛନ୍ତି, ସମ୍ପର୍କ ସବୁଠାରୁ ମହତ୍ତ୍ୱପୂର୍ଣ୍ଣ। ଓଡ଼ିଶାବାସୀ ସମ୍ପର୍କକୁ ବହୁତ ଗୁରୁତ୍ୱ ଦେଇଥା'ନ୍ତି, ସେମାନେ ସଚ୍ଚୋଟ ଅଛନ୍ତି। ଓଡ଼ିଶାବାସୀଙ୍କ ଏହି ସ୍ୱଭାବ ପାଇଁ ମୁଁ ଓଡ଼ିଶା ଆସିଛି। ଏହା ସହ ଓଡ଼ିଶାବାସୀ ତମାଖୁ ସେବନ ନ କରିବାକୁ ସେ ଆହ୍ୱାନ ଦେବା ସହ ସର୍ବଦା ପିତାମାତଙ୍କ ପ୍ରତି ଧ୍ୟାନଦେବାକୁ ସେ ପରାମର୍ଶ ଦେଇଥିଲେ।

## ଅପରାଧ

# କନ୍ଧମାଳ ଜଙ୍ଗଲରେ ଲୁଚିଛନ୍ତି ୩୦ ମାଓବାଦୀ

**କ୍ୟାମ୍ପ୍‌ରୁ ବନ୍ଧୁକ, ଗୁଳି ଓ ମାଓ ସାମଗ୍ରୀ ଜବତ**

- ସଙ୍ଗଠନର ମଙ୍ଗ ଧରିଛନ୍ତି ନିଖିଲ, ଇନ୍ଦୁ
- ଗାଁଠାରୁ ୧୦ କି.ମି. ଦୂରରେ କ୍ୟାମ୍ପ, ଗ୍ରାମବାସୀଙ୍କୁ ସାମିଲ କରୁଛନ୍ତି
- ବନ୍ଧୁକ ନ ଛାଡ଼ିଲେ କଡ଼ା ଜବାବ ଦିଆଯିବ: ଏସ୍‌ପି

ଭୁବନେଶ୍ୱର,୧୩।୧୨(ତ୍ରିନାଥ ମହାନ୍ତି)



ମାଓବାଦୀ କ୍ୟାମ୍ପରୁ ଜବତ ସାମଗ୍ରୀ।

କନ୍ଧମାଳ ଜିଲା ବେଲଘର ପୋଷ୍ଟ ସୀମା ମଧ୍ୟରେ ମୁଣ୍ଡିମାସ୍କ ଗ୍ରାମାଞ୍ଚଳ ନିକଟ କଟାମୁଣ୍ଡ ଜଙ୍ଗଲରେ ଚାଲିଥିବା ସର୍ଚ୍ଚ ଅପରେଶନ ଶେଷ ହୋଇଛି। ଏହି ଅପରେଶନ ବେଳେ ୩୦ରୁ ଅଧିକ ଗୁଳି, ୩ ବନ୍ଧୁକ, ଟର୍ଚ୍ଚ, ଆଇଡି ଡିଟୋନେଟର, ଇଲେକ୍ଟ୍ରି ଡିଟୋନେଟର, ମେଡିସିନ, ସୋଲାର ଆଦି ସାମଗ୍ରୀ ଜବତ କରାଯାଇଛି। ସବୁଠାରୁ ବଡ଼କଥା ହେଲା, କନ୍ଧମାଳ ଜଙ୍ଗଲରେ ୩୦ ଜଣ ମାଓବାଦୀ ଲୁଚି ରହିଥିବାବେଳେ ଏମାନଙ୍କ ଭିତରୁ ୬ଜଣ ଛତିଶଗଡ଼ୀ ଥିବା ଜଣାପଡ଼ିଛି।

ଗତ ୨ ତାରିଖରେ ସିଆର୍‌ପିଏଫ୍ ଯବାନଙ୍କୁ ସୂଚନା ମିଳିଥିଲା ଯେ, ୩୦ ଜଣ ମାଓବାଦୀ ବେଲଘର ପୋଷ୍ଟ ସୀମା ମଧ୍ୟରେ ମୁଣ୍ଡିମାସ୍କ ଗ୍ରାମାଞ୍ଚଳ ନିକଟ କଟାମୁଣ୍ଡରେ ବୁଲୁଛନ୍ତି। ସେମାନେ ନିକଟବର୍ତ୍ତୀ ଅଞ୍ଚଳରେ କ୍ୟାମ୍ପ କରି ସ୍ଥାନୀୟ ଗ୍ରାମବାସୀଙ୍କୁ ଧମକାଇ ସଙ୍ଗଠନରେ ସାମିଲ କରୁଛନ୍ତି। ଏଥିସହ ଯବାନଙ୍କୁ ଟାର୍ଗେଟ କରି ବିସ୍ଫୋରଣ ଯୋଜନା କରୁଛନ୍ତି। ଏମାନଙ୍କୁ କ୍ଷତି ଘଟାଇବା ପାଇଁ ବିସ୍ଫୋରକ ସଂଗ୍ରହ କରୁଛନ୍ତି। ଏହାପରେ ତୁରନ୍ତ କନ୍ଧମାଳ ପୋଲିସ ଓ ଯବାନମାନେ ଅପରେଶନ ୧୪ ଆରମ୍ଭ କରିଥିଲେ। ଯବାନମାନଙ୍କ ଉକ୍ତ ଅଞ୍ଚଳରେ ସର୍ଚ୍ଚ ଅପରେଶନ ସମୟରେ ଗତ ୫ ତାରିଖ ସକାଳ ପ୍ରାୟ ୧୧ଟାରେ ମାଓବାଦୀମାନେ ଗୁଳି ଚାଳନା କରିଥିଲେ। ଯବାନମାନେ ଜୀବନ ବଞ୍ଚାଇବାକୁ ଯାଇ ଗଛ ପଛରେ ଲୁଚି ପାଲଟା ଗୁଳି ଚାଳନା କରିଥିଲେ। ଯବାନମାନେ ସେମାନଙ୍କୁ ଆତ୍ମସମର୍ପଣ କରିବାକୁ କହିଥିଲେ ମଧ୍ୟ ସେମାନେ କିଛି ଶୁଣି ନ ଥିଲେ। ୨୦ରୁ ୨୫ ମିନିଟ୍ ଧରି ଗୁଳି ବିନିମୟ ପରେ ମାଓବାଦୀଙ୍କ ପକ୍ଷରୁ ଗୁଳିଚାଳନା ବନ୍ଦ ହୋଇଯାଇଥିଲା। ଯବାନମାନେ ଏସ୍‌ଓପି ଅନୁସାରେ ଉକ୍ତ ଅଞ୍ଚଳରେ ସର୍ଚ୍ଚ ଅପରେଶନ କରିଥିଲେ। କନ୍ଧମାଳରେ ଲୁଚିଥିବା ମାଓବାଦୀଙ୍କୁ ଚିହ୍ନଟ କରାଯାଇଛି। ଯବାନଙ୍କ ଉପରକୁ ଗୁଳି ଚଳାଇଥିବା ଦଳରେ ନିଖିଲ, ଇନ୍ଦୁ, ସୁନୀଲ, ନକୁଳ, ସୁନ୍ଦର, ନନ୍ଦେ, କୁମାରୀ, ସନ୍ଧ୍ୟା, ପ୍ରଦୀପ, ସିନୁ ପ୍ରମୁଖ ରହିଛନ୍ତି। ମାଓବାଦୀ ସଶସ୍ତ୍ର କ୍ୟାଡର ସ୍ଥାନୀୟ ଅଞ୍ଚଳରେ ବୁଲି ବୁଲି ଗାଁ ଲୋକଙ୍କୁ ରାଜ୍ୟ ବିରୋଧରେ ଲଢ଼ିବା ପାଇଁ ସେମାନଙ୍କ ଦଳରେ ଯୋଗଦେବାକୁ ଖୋଲାଖୋଲି ଭାବେ ଉସୁକାଇଥିଲେ। ସେମାନେ ସୁରକ୍ଷା ବାହିନୀ ଉପରେ ପ୍ରବଳ କ୍ଷତି ଘଟାଇବାରେ ସାହାଯ୍ୟ କରିବାକୁ ଲୋକଙ୍କୁ ବାଧ୍ୟ କରୁଥିଲେ। ଏଥିସହ ସେମାନେ ସାଧାରଣ ବେଶରେ ବଜାରକୁ ଆସି ଜିନିଷପତ୍ର କିଣି ନେଉଥିବାବେଳେ ସ୍ଥାନୀୟ ଗ୍ରାମବାସୀ ସହଯୋଗ କରୁଥିବା ଜଣାପଡ଼ିଛି।

ଏନେଇ କନ୍ଧମାଳ ଏସ୍‌ପି ହରିଶ୍ ବିସି କହିଛନ୍ତି, ଜିଲାରେ ଛତିଶଗଡ଼ୀ ମାଓବାଦୀ ରହିଥିବା ସୂଚନା ମିଳିବା ପରେ ଅପରେଶନକୁ ଜୋର୍‌ଦାର କରାଯାଉଛି। ସେମାନେ ବନ୍ଧୁକ ଛାଡ଼ି ଆମ ନିକଟରେ ଆତ୍ମସମର୍ପଣ କରନ୍ତୁ। ନ ହେଲେ ସେମାନଙ୍କୁ ଉଚିତ୍ ଜବାବ ଦିଆଯିବ। ମାଓବାଦୀ ଏବେ ପାହାଡ଼ ଗୁମ୍ଫା ଭିତରେ କ୍ୟାମ୍ପ କରୁଥିବାରୁ ସେମାନଙ୍କୁ ମୁକାବିଲା କରିବା ପୋଲିସ ପାଇଁ ବଡ଼ କଷ୍ଟ ହେଉଛି। ସାଟେଲାଇଟ୍ ଫଟୋରୁ ସେମାନଙ୍କ ଗତିବିଧି ଜାଣିହେଉ ନ ଥିବାରୁ ପୋଲିସ ପାହାଡ଼ ଅଞ୍ଚଳରେ ଅଧିକରୁ ଅଧିକ ସର୍ଚ୍ଚ ଅପରେଶନ କରୁଥିବା ସେ କହିଛନ୍ତି।

**ସପ୍ତମ ଶ୍ରେଣୀ ଛାତ୍ରୀଙ୍କୁ ଅସଦାଚରଣ**

# ମାଡ଼ ଖାଇ ଗଣିତ ଶିକ୍ଷକ ଫେରାର

ବାଲେଶ୍ୱର, ୧୩।୧୨(ବାଞ୍ଛାନିଧି ଦେ)



ବିଦ୍ୟାଳୟ ସମ୍ମୁଖରେ ଉତ୍ତେଜନା।

ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କୁ ନୈତିକ ଶିକ୍ଷାଦେବା ପରିବର୍ତ୍ତେ ଅସଦାଚରଣ, ବଳାତ୍କାର ଭଳି ଘଟଣା ବିଭିନ୍ନ ସମୟରେ ନଜରକୁ ଆସୁଛି। ବାଲେଶ୍ୱର ଟାଉନ ଥାନା ଅଧୀନ ହାଜି ନାସିରୁଦ୍ଦିନ ଉପ୍ରା (ମଇ) ଉଚ୍ଚ ବିଦ୍ୟାଳୟରେ ଜଣେ ସପ୍ତମ ଶ୍ରେଣୀ ଛାତ୍ରୀଙ୍କୁ ଗଣିତ ଶିକ୍ଷକ ଅସଦାଚରଣ କରିଥିବା ନେଇ ଶନିବାର ଥାନାରେ ଲିଖିତ ଅଭିଯୋଗ ହୋଇଛି। ଏ ସମ୍ପର୍କରେ ପୋଲିସ ଏକ ମାମଲା (ନଂ. ୪୧୧/୨୫) ରୁଜୁକରି ତଦନ୍ତ ଜାରିରଖିଛି।

ଗୁରୁବାର ମଧ୍ୟାହ୍ନ ସମୟରେ ଗଣିତ ଶିକ୍ଷକ ଶେଖ ରେହାନ ଜଣେ ସପ୍ତମ ଶ୍ରେଣୀ ଛାତ୍ରୀଙ୍କୁ ବିଦ୍ୟାଳୟର ଉପରମହଲାକୁ ଆସିବା ପାଇଁ କହିଥିଲେ। ସେ ଛାତ ଉପରକୁ ଯିବା ପରେ ଶିକ୍ଷକ ଜଣକ ଅସଦାଚରଣ କରିଥିଲେ। ଛାତ୍ରୀ ଜଣକ ଛାତ ଉପରୁ ତଳକୁ ଦୌଡ଼ି ପଳାଇ ଆସିଥିଲେ। ଘରକୁ ଯାଇ ଏ ସମ୍ପର୍କରେ ମା'ବାପାଙ୍କୁ ଜଣାଇଥିଲେ। ଶୁକ୍ରବାର ବିଦ୍ୟାଳୟ ଛୁଟି ଥିଲା। ଶନିବାର ଛାତ୍ରୀଙ୍କ ମା' ଓ ବାପା ବିଦ୍ୟାଳୟରେ ପହଞ୍ଚି ପ୍ରଧାନଶିକ୍ଷକଙ୍କୁ ଘଟଣା ସମ୍ପର୍କରେ ଜଣାଇଥିଲେ। ଗଣିତ ଶିକ୍ଷକଙ୍କୁ ପଚରାଯିବାରୁ ଅଭିଯୋଗକୁ ସେ ଅସ୍ୱୀକାର କରିବାରୁ ଉତ୍ତେଜନା ଦେଖାଦେଇଥିଲା। ଗାଁ ଲୋକେ ଗଣିତ ଶିକ୍ଷକଙ୍କୁ ନିର୍ଘୁମ୍ ମାଡ଼ ମାରିଥିଲେ। କୌଶଳକ୍ରମେ ଶିକ୍ଷକ ଜଣକ ଘଟଣାସ୍ଥଳରୁ ଚମ୍ପଟ ମାରିଥିଲେ। ପରିବାର ପକ୍ଷରୁ ଥାନାରେ ଏତଲା ଦିଆଯିବା ପରେ ପୋଲିସ ନାବାଳିକା ଛାତ୍ରୀଙ୍କ ବୟାନ ରେକର୍ଡ କରି ପୋକ୍‌ସୋ ଆକ୍ଟରେ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି। ଶିକ୍ଷକଙ୍କର ମୋବାଇଲ ସୁଇଚ୍ ଅଫ୍ ରହିବା ସହ ସେ ଫେରାର ହୋଇଯାଇଥିବା ଜଣାପଡ଼ିଛି।

# ବାଲି ବ୍ୟବସାୟକୁ କେନ୍ଦ୍ରକରି ଫାଙ୍କା ଗୁଳିଚାଳନା

**୨ କାର୍ ସହ ୪ ଅଟକ**



ପୋଲିସ ପହଞ୍ଚି ବୁଝାଶୁଝା କରୁଛି।

ଲଙ୍ଗଳେଶ୍ୱର, ୧୩।୧୨(କମଳାକାନ୍ତ ଦାସ)

ବାଲେଶ୍ୱର ଜିଲା ସିଂଲା ଥାନା ଅଧୀନ ଗିଲାଯୋଡ଼ି ଗ୍ରାମରେ ଶୁକ୍ରବାର ବିଳମ୍ବିତ ରାତିରେ ପୂର୍ବ ଶତ୍ରୁତା ଓ ବାଲି ବ୍ୟବସାୟକୁ କେନ୍ଦ୍ର କରି ଉତ୍ତେଜନା ଦେଖାଦେଇଛି। ଗାଁରେ ଗଣ୍ଡଗୋଳ ହେବା ସହ ଦୁର୍ବୃତ୍ତମାନେ ଫାଙ୍କା ଗୁଳିଚାଳନା କରିଥିବା ଅଭିଯୋଗ ହୋଇଛି। ଘଟଣାସ୍ଥଳରେ ଉତ୍ତେଜନା ଲାଗି ରହିଥିବାରୁ ପୋଲିସ ପହଞ୍ଚି ତଦନ୍ତ ଜାରି ରଖିଛି। ୨ଟି କାର୍ (ନଂ. ଓଡ଼ି୦୧ବିଡ଼ି-୮୭୮୨ ଓ ଓଡ଼ି୦୧ଏଲ୍-୨୬୬୩) ସହ ୪ ଜଣ ଦୁର୍ବୃତ୍ତଙ୍କୁ ଗ୍ରାମବାସୀ କାବୁ କରି ପୋଲିସ ଜିମା ଦେଇଛନ୍ତି।

ସୂଚନା ମୁତାବକ, ବିଳମ୍ବିତ ରାତିରେ ୮ଜଣ ଦୁର୍ବୃତ୍ତ ଦୁଇଟି କାର୍‌ରେ ଆସି ଗ୍ରାମବାସୀଙ୍କୁ ଭୟଭୀତ କରିବା ପାଇଁ ଫାଙ୍କା ଗୁଳିଚାଳନା କରିଥିଲେ। ଗ୍ରାମବାସୀ ଏକତ୍ରିତ ହୋଇ ସେମାନଙ୍କୁ ସାମ୍ନା କରିବାରୁ ଦୁର୍ବୃତ୍ତମାନେ ଛତ୍ରଭଙ୍ଗ ଦେଇଥିଲେ। କାର୍ ଛାଡ଼ି ଘଟଣାସ୍ଥଳରୁ ଦୌଡ଼ି ପଳାଉଥିବା ବେଳେ ୪ଜଣଙ୍କୁ କାବୁ କରିଥିଲେ ଗ୍ରାମବାସୀ। ସିଂଲା ଥାନା ପୋଲିସ ପହଞ୍ଚି ବୁଝାଶୁଝା କରିଛନ୍ତି। ଗ୍ରାମରେ ୨୩ ଜଣିଆ ଶାନ୍ତି କମିଟି ଗଠନ କରାଯାଇଛି। କମିଟି ସଭାପତି ନବକୃଷ୍ଣ ଦାସ, ଉପସଭାପତି ତପନ କୁମାର ଜେନା, ଜଳେଶ୍ୱର ଏସ୍‌ଡିପିଓ ସୁବ୍ରତ କୁମାର ବେହେରା, ସିଂଲା ଥାନା ଅଧିକାରୀ ସୁଚନ୍ଦ୍ର ମହାଲିକ ପ୍ରମୁଖ ଉପସ୍ଥିତ ରହି ଗ୍ରାମରେ ପୂର୍ବ ଶାନ୍ତି ଫେରାଇ ଆଣିବା ନିମନ୍ତେ ଆଲୋଚନା କରିଥିଲେ। ପୂର୍ବରୁ ଗତ ନଭେମ୍ବର ୨୮ ତାରିଖରେ ସୁବର୍ଣ୍ଣରେଖା ନଦୀରୁ ବାଲି ଉତ୍ତୋଳନକୁ କେନ୍ଦ୍ର କରି ଦୁଇ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ବିଭିନ୍ନ ମାରଣାସ୍ତ୍ରରେ ଆକ୍ରମଣ ବେଳେ ଜଣେ ବ୍ୟକ୍ତିଙ୍କ ଅବସ୍ଥା ସଙ୍କଟାପନ୍ନ ହୋଇଥିବା ବେଳେ ଏକାଧିକ ବ୍ୟକ୍ତି ଗୁରୁତର ଆହତ ହୋଇଥିଲେ।

**ଅଜାଘରକୁ ବୁଲି ଆସିଥିବା ନାତିକୁ ହତ୍ୟା ଘଟଣା**

# ଅଭିଯୁକ୍ତଙ୍କ ଘର ଜାଳିଦେଲେ ଲୋକେ

କବିସୂର୍ଯ୍ୟନଗର,୧୩।୧୨ (କୃପାସିନ୍ଧୁ ସ୍ୱାଇଁ)

ଗଞ୍ଜାମ ଜିଲା କବିସୂର୍ଯ୍ୟନଗର ଥାନା ଅନ୍ତର୍ଗତ କେ.ସାମନ୍ତରାପଲ୍ଲୀ ଗାଁରେ ଅଜା ସନିଆ ଭୂୟାଁଙ୍କ ଘରକୁ ବୁଲି ଆସିଥିବା ଆଦିତ୍ୟ ଜେନା(୯)ଙ୍କୁ ବୁଧବାର ତଣ୍ଟିଚିପି ହତ୍ୟା କରାଯାଇଥିଲା। ଏନେଇ ଅଭିଯୋଗ ପରେ ପୋଲିସ ଘଟଣାର ତଦନ୍ତ କରି ଶୁକ୍ରବାର ସନିଆଙ୍କ ପଡୋଶୀ ସୋନାଲି ସ୍ୱାଇଁଙ୍କୁ ଗିରଫକରି କୋର୍ଟ ଚାଲାଣ କରିଥିଲା। ଏହି ଘଟଣାରେ ଶନିବାର ଗାଁ ଲୋକେ ଉତ୍ତ୍ୟକ୍ତ ହୋଇ ସୋନାଲିଙ୍କ ଘରେ ନିଆଁ ଲଗାଇ ଦେବାସହ ଭଙ୍ଗାରୁଜା କରିଛନ୍ତି। ଖବରପାଇ କବିସୂର୍ଯ୍ୟନଗର ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଆଉ ଏକ ମାମଲା ରୁଜୁ କରି ଏହାର ତଦନ୍ତ ଆରମ୍ଭ କରିଛି । ତେବେ ନିଆଁ କିପରି ଲାଗିଲା, କିଏ ଲଗାଇଲା କେହି କିଛି କହୁନାହାନ୍ତି। ସୂଚନାଯୋଗ୍ୟ, କବିସୂର୍ଯ୍ୟନଗର ଥାନା ପୁରୁଷୋତ୍ତମପୁର ବ୍ଲକ ସାମନ୍ତରାପୁର ଗ୍ରାମରେ ଥିବା ଅଜାଘର ସନିଆଙ୍କ ଘରକୁ ଶେରଗଡ଼ ଖମାର ଗ୍ରାମର ଆଦିତ୍ୟ ବୁଲିବାକୁ ଆସିଥିଲେ। ଆଈ ତାଙ୍କୁ ଖାଇବାକୁ ଦେଇ ଚାଷଜମିକୁ କାମ କରିବାକୁ ଚାଲିଯାଇଥିଲେ। କାମ କରୁଥିବା ବେଳେ ସେ ନାତି ନିଖୋଜ ଖବର ପାଇ ଘରକୁ ଫେରିଆସିଥିଲେ। ଖୋଜାଖୋଜି ପରେ ଆଦିତ୍ୟଙ୍କ ମୃତଦେହ ଘର ବାଡ଼ିପଟ ଲାଟିନ ପାଖରୁ ମିଳିଥିଲା। ଅଭିଯୋଗକୁ ଭିତ୍ତିକରି ପୋଲିସ ୮୩୦/୨୫ରେ ମାମଲା ରୁଜୁ କରି ତଦନ୍ତ ପରେ ପଡୋଶୀ ସୋନାଲିଙ୍କୁ ଗିରଫ କରିଥିଲା।

# ଦମ୍ପତିଙ୍କୁ ତାଲା ପକାଇ ଦେଢ଼ଲକ୍ଷ ଲୁଟ୍

ଛେଣ୍ଡିପଦା,୧୩।୧୨(ଅଜିତ୍ ଧଳ)

ଅନୁଗୋଳ ଜିଲା ବାଗଡ଼ିଆ ଥାନା ସାପୋଇନାଳି ଗ୍ରାମ ବେହେରା ସାହିରୁ ଶୁକ୍ରବାର ବିଳମ୍ବିତ ରାତିରେ ଏକ ଦମ୍ପତିଙ୍କୁ ତାଲା ପକାଇ ଦୁର୍ବୃତ୍ତମାନେ ଦେଢ଼ ଲକ୍ଷ ଟଙ୍କା ଲୁଟି ନେଇଛନ୍ତି। ଖବରପାଇ ବାଗଡିଆ ପୋଲିସ ଘଟଣାସ୍ଥଳରେ ପହଞ୍ଚି ପାରିପାର୍ଶ୍ୱିକ ସ୍ଥିତି ଅନୁଧ୍ୟାନ କରିବା ସହ ସନ୍ଧାନୀ କୁକୁର ସହାୟତାରେ ଘଟଣାର ତଦନ୍ତ ଚଳାଇଛି।

ସୂଚନା ଅନୁଯାୟୀ, କଲ୍ୟାଣ ବେହେରା ଏବଂ ତାଙ୍କ ସ୍ତ୍ରୀ ଛବି ବେହେରା ରାତିରେ ଶୋଇଥିଲେ। ବିଳମ୍ବିତ ରାତିରେ ଘରର ଲାଇଟ୍ ଜଳିବାରୁ ଛବିଙ୍କ ନିଦ ଭାଙ୍ଗିଯାଇଥିଲା। ସେ ସ୍ୱାମୀଙ୍କୁ ଉଠାଇ କବାଟ ଖୋଲିବାବେଳକୁ କବାଟ ବାହାର ପଟୁ ବନ୍ଦ ହୋଇଥିବା ଜାଣିବାକୁ ପାଇଥିଲେ। ଏହାପରେ ଉଭୟେ ପଡ଼ିଶା ଘର ଲୋକଙ୍କୁ ଡାକିଥିଲେ। ପଡ଼ୋଶୀ କବାଟ ଖୋଲିବା ପରେ କଲ୍ୟାଣ ଅନ୍ୟ ଏକ ବଖରାର ତାଲା ଭଙ୍ଗାଯାଇଥିବା ଦେଖିଥିଲେ। ଉକ୍ତ ଘର ଭିତରେ ଥିବା ୪ଟି ଆଟାଚି ଏବଂ ୨ଟି ବାକ୍ସ ନ ଥିବା ଦେଖିବାକୁ ପାଇଥିଲେ। ଦମ୍ପତି ଉକ୍ତ ଆଟାଚିରେ ସଞ୍ଚିତ ଦେଢ଼ ଲକ୍ଷ ଟଙ୍କା ରଖିଥିଲେ। ବହୁ ଖୋଜାଖୋଜି ପରେ ଉକ୍ତ ବାକ୍ସ ଏବଂ ଆଟାଚି ଘରଠାରୁ ୫ଶହ ମିଟର ଦୂର ବିଲମାଳ ଭିତରେ ଭଙ୍ଗା ଅବସ୍ଥାରେ ପଡ଼ିଥିବା ଦେଖିବାକୁ ମିଳିଥିଲେ। ଆଟାଚିରେ ଟଙ୍କା ନ ଥିବା ଜଣାପଡ଼ିବା ପରେ କଲ୍ୟାଣ ବାଗଡିଆ ଥାନାରେ ଲିଖିତ ଅଭିଯୋଗ କରିଥିଲେ।

# ସ୍ୱଦେଶୀ ଜାଗରଣ ମଞ୍ଚ ପକ୍ଷରୁ ବୈଠକ




ଢେଙ୍କାନାଳ,୧୩ା୧୨(ରତନ ନାୟକ) ଢେଙ୍କାନାଳ ଜିଲ୍ଲା ଗଁଦିଆ ବ୍ଲକ ଡାଳସିଙ୍ଗା ମାର୍ଥାପୁର ମା' ଖଣ୍ଡଯୋଗୀ ମନ୍ଦିର ପରିସରରେ ସ୍ୱଦେଶୀ ଜାଗରଣ ମଞ୍ଚ ପକ୍ଷରୁ ବାବୁଗେନୁ ଶହୀଦ ଦିବସ ଓ ଜିଲ୍ଲା ସମିତିର ଏକ ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ବୈଠକରେ ବିଭାଗ ସଂଯୋଜକ ସୁଶାନ୍ତ କୁମାର ରାଉତ, ବିଭାଗ ପ୍ରମୁଖ ସଭାପତି ମଙ୍ଗୁଳି ଚରଣ ବିଶ୍ୱାଳ, ଭାରତୀୟ କିଷାନ ସଂଘ ରାଜ୍ୟ ସଂଯୋଜକ ନକୁଳ ଚରଣ ରାଉତ, ଗଁଦିଆ ବ୍ଲକ ସଭାପତି ବିପିନ ବିହାରୀ ସିଂ, ଗ୍ରାମ ସଭାପତି ଶ୍ରୀବସ ପରିଡ଼ା, ବରିଷ୍ଠ ନାଗରିକ ଆନନ୍ଦ ଶଙ୍କର ପତି, ସ୍ୱଦେଶୀ ଜାଗରଣ ମଞ୍ଚର ସଭ୍ୟ ଲକ୍ଷ୍ମୀଧର ରାଉତ, ପୂର୍ବତନ ଶିକ୍ଷକ ବିରଞ୍ଚି ନାରାୟଣ ପଣ୍ଡା, ଆଇନଜୀବୀ ପ୍ରଜ୍ଞା ବଳ, ମହିଳା ପ୍ରମୁଖ ଜ୍ୟୋତିରେଖା ମହାପାତ୍ର, ଜିଲ୍ଲା ସଂଯୋଜକ ଯଦୁ ନନ୍ଦନ ଦାଶ ଓ ବିଚାର ବିଭାଗର ସହ ପ୍ରମୁଖ ଅକାରଣ ସାହୁ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ । ସ୍ୱଦେଶୀ ପ୍ରାନ୍ତ ସଂଯୋଜକ ନିର୍ମଳ ଷଡଙ୍ଗୀଙ୍କ ମୃତ୍ୟୁରେ ଶାନ୍ତିପାଠ କରାଯାଇଥିଲା ।

# ସନ୍‌ରାଇଜ କ୍ଲବ୍ ପକ୍ଷରୁ ଫୁଟବଲ୍ ପ୍ରତିଯୋଗିତା: ପତାକା କ୍ଲବ୍ ଆଠମଲ୍ଲିକ ବିଜୟୀ

ରାଉଲ,୧୩ା୧୨(ସରୋଜ ମିଶ୍ର) ଢେଙ୍କାନାଳ ଜିଲ୍ଲା ରାଉଲର ସନ୍‌ରାଇଜ୍ କ୍ଲବ୍‌ର ସୁବର୍ଣ୍ଣ ଜୟନ୍ତୀ ଅବସରରେ ସ୍ଥାନୀୟ ଖେଳ ପଡ଼ିଆଠାରେ ଶନିବାର ଦ୍ୱିତୀୟ ଦିବସ ମ୍ୟାଚ ଅନୁଷ୍ଠିତ ହୋଇଥିଲା । ଦ୍ୱିତୀୟ ଦିବସ ମ୍ୟାଚ ପତାକା କ୍ଲବ ଆଠମଲ୍ଲିକ ଓ ଆଇଜିଆଇଟି ସରାଙ୍ଗ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଦ୍ୱିତୀୟ ଦିବସ ମ୍ୟାଚକୁ ମୁଖ୍ୟ ଅତିଥି ଭାବେ ହିନ୍ଦୋଳ କ୍ଲବ ଉପାଧ୍ୟକ୍ଷ ବରୁଣ କୁମାର ସର, ସମ୍ମାନିତ ଅତିଥି ଭାବେ ଏମ୍‌ପିଙ୍କ ହିନ୍ଦୋଳ ପ୍ରତିନିଧି ସୁଶାନ୍ତ କୁମାର ପତି, ସରପଞ୍ଚ ଦିବାକର ନାଏକ ଓ ତିଗିରିଆ ସରପଞ୍ଚ ପ୍ରମୁଖ ଯୋଗଦେଇଥିଲେ । ମ୍ୟାଚ୍‌ର ଦ୍ୱିତୀୟାର୍ଦ୍ଧରେ ପତାକା କ୍ଲବ ଆଠମଲ୍ଲିକ, ଆଇଜିଆଇଟି ସରାଙ୍ଗକୁ ୧-୦ ଗୋଲରେ ପରାସ୍ତ କରିଥିଲା । ରବିବାର ଫାଇନାଲ ମ୍ୟାଚ୍ ଢେଙ୍କାନାଳ ବନମାଳୀ ପ୍ରସାଦ ଓ ପତାକା କ୍ଲବ ମଧ୍ୟରେ ଅନୁଷ୍ଠିତ ହେବ ବୋଲି ସନରାଇଜ କ୍ଲବର କ୍ରୀଡ଼ା ସମ୍ପାଦକ ରୋହିତ କୁମାର ସାହୁ ସୂଚନା ଦେଇଛନ୍ତି ।

# ପରଜଙ୍ଗରେ ସୋମବାର ଅଭିଯୋଗ ଶୁଣାଣି ଶିବିର

ପରଜଙ୍ଗ, ୧୩ା୧୨ (ନିଗମାନନ୍ଦ ଦଳବେହେରା): ପରଜଙ୍ଗ ବ୍ଲକ କାର୍ଯ୍ୟାଳୟଠାରେ ଜିଲାପାଳ ଏବଂ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଓ ଅନ୍ୟ ବିଭାଗୀୟ ଅଧିକାରୀଙ୍କ ଉପସ୍ଥିତିରେ ସୋମବାର ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହେବ । ଉକ୍ତ ଶିବିର ସକାଳ ୧୦ରେ ଆରମ୍ଭ ହେବ ।


## OFFICE OF THE SUPERINTENDING ENGINEER CUTTACK (R&B) DIVISION NO.I: CUTTACK

E-Mail I.D.: eepwdcuttack@gmail.com
Tel./Fax No.(0671)- 2304128

**CANCELLATION NOTICE**

No.B-844: Tender for 12 (Twelve) Nos. of E.I. Works as invited vide this office Bid Identification No.S.E.CTC (R&B)-51/2025-26 are hereby cancelled due to unavoidable circumstances.

Sd./- Superintending Engineer
OIPR-34091/11/0114/2526 Cuttack (R&B) Division No.I, Cuttack

GOVERNMENT OF ODISHA e-mail: eerwbnjr@gmail.com

## OFFICE OF THE SUPERINTENDING ENGINEER, RURAL WORKS DIVISION, BHANJANAGAR

"e" Procurement Notice for Building Works
Identification No. Online Tender/ 20/ RWDBNJ/2025-2026
No.6026, Date: 04.12.25

No.O-1731: 1. Name of the Work: Building Works. 2. Total Number of Works: 08 (Eight) Nos. 3. Estimated Cost: 25.04 Lakhs to 41.61 Lakhs. 4. Class of Contractor: 'C' & 'B' Class of Contractor. 5. Period of Completion: 06 (Six) Calendar Months. 6. Other details:

| Procurement Officer | Bid Identification No. | Availability of Tender online for bidding From | To |
|---|---|---|---|
| Superintending Engineer, R.W. Division, Bhanjanagar | Online Tender/20/ RWDBNJ/ 2025-2026 | 15.12.2025 at 10.00 A.M. | 26.12.2025 upto 5.00 P.M. |

Further details can be seen from the website: www.tendersodisha.gov.in.

Sd./- Executive Engineer,
R.W. Division, Bhanjanagar
OIPR-25174/11/0056/2526

## OFFICE OF THE SUPERINTENDING ENGINEER BOUDH (R&B) DIVISION, BOUDH

**INVITATION FOR BIDS (IFB)**

E-mail: eeboudhrb@gmail.com
No.6025, Dated 11.12.2025
Cancellation of tender call Notice No.SE BDH-16/2025-26 dated 21.11.2025

No.B-843: The tender invited vide Bid Identification No.SE BDH-16/2025-26 dated 21.11.2025 for Sl.No. 03 i.e. "Shifting of Lines sub-station due to widening and strengthening of Mendhimal to Barakuda PWD road via Rameswar to Karapadar in the District of Boudh" is hereby cancelled due to technical reason.

Sd./- Superintending Engineer
OIPR-34134/11/0031/2526 Boudh (R&B) Division, Boudh

## ପୌର ପରିଷଦ, କୋରାପୁଟ
## KORAPUT MUNICIPALITY

Email:koraputmunicipality2014@gmail.com, Mob No:06852-250629
No.5256 "e" PROCUREMENT NOTICE Date:04.12.2025
Bid Identification No.:KPTMUN-105/2025

No.C-1778:Bid documents consisting of Work, Estimated Cost, Cost of Tender Paper, EMD, Time of Completion, Class of Contractors and the set of terms and conditions and other necessary documents can be seen in Govt. website i.e. www.tendersorissa.gov.in.

1. Name of the Work : Civil Work
2. No. of Works : 23 Nos.
3. Estimated Cost : Rs.7,00,000/- to Rs.25,00,000/-
4. Period of Completion : 3 (Three) Calendar Months
5. Date & Time of Bidding : From 11.00 A.M. of 11.12.2025 to 5.00 P.M. 29.12.2025
6. Last date & time for receipt of Bids in portal : 29.12.2025 at 5.00 P.M.
7. Bids received online shall be opened on : 03.00 PM of Dt.31.12.2025
8. Name and address of the Officer Inviting Bid : Executive Officer, Koraput Municipality

Further details can be seen from the Procurement Portal : www.tenderorissa.gov.in

Sd./- Executive Officer
Koraput Municipality
OIPR-13074/11/0030/2526

## OFFICE OF THE DIVISIONAL FOREST OFFICER, KALAHANDI NORTH DIVISION

Near Old Govt. Bus Stand, Bhawanipatna, Kalahandi, Odisha - 766001
E-mail ID: dfo.kalahandinorth@odisha.gov.in, Phone No.: 06670-230526
Bid Identification No. BC-DFOKLDN - 02/2025-26

No. MM-380 **NOTICE INVITING TENDER**

| | | |
|---|---|---|
| 1 | Name of the Work | Construction of Elephant Care Centre at Kutrukhal of Kalahandi North Division (Construction of Kraal, Enclosure & Shed for Calf Elephant, Veterinary & Mahut Room) |
| 2 | Estimated Cost | Rs.60,17,810/- |
| 3 | No. of Works | 1 (One) |
| 4 | Period & time of completion | 3 (Three) Calendar Months |
| 5 | Date & time of availability of the bid document in the portal | 12.12.2025 to 25.12.2025 (Upto 5.00 P.M.) online bidding |
| 6 | Last date/time for receipt of bids in the portal | Upto 5.00 P.M. of 26.12.2025 |
| 7 | Date & time of bid opening | 11.00 A.M. on 26.12.2025 |
| 8 | Name & address of the Officer Inviting Bid | Divisional Forest Officer, Kalahandi North Division, At: Bhawanipatna, Dist.: Kalahandi, PIN - 766001 |

Others can be seen from Detailed Notice Inviting Tenders available in website: www.tenderodisha.gov.in.
Corrigendum if any shall only be published.

Sd./- Divisional Forest Officer
Kalahandi North Division
OIPR-08107/11/0016/2526

## ଜିଲ୍ଲା ପରିଷଦ,ପୁରୀ
ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ, ଓଡ଼ିଶା ସରକାର
## ZILLA PARISHAD, PURI

Panchayati Raj & Drinking Water Department, Govt. of Odisha
Zilla Parishad, Puri, Kacheri Road, Puri-752001,
Tel:06752-225441, 222136, E-mail:ori-dpuri@nic.in, drdapuri@gmail.com
Letter No.729// Date:11.12.2025

**EXPRESSION OF INTEREST**

No.CAD-2678: Sealed Expression of Interest (EOI) is hereby invited from Odisha based CAG empanelled Chartered Accountant Firms for conducting Statutory Audit under OLM, Puri. The interested CA Firms may send their EOI with detailed information in the prescribed format attached in Annexure-I duly filled in through Speed Post/ Regd. Post only so as to reach the undersigned latest by 05.00 PM of 12.01.2026. The EOI will be opened on 13.01.2026 at 11.00 AM. The EOI sent through any other means of communication will not be accepted. Authority reserves the right to accept or reject any proposal or all proposals without assigning any reason thereof.

The EOI documents and details can be downloaded from https://puri.odisha.gov.in.

Sd./- CDO-cum-EO,
Zilla Parishad, Puri
OIPR-19256/11/0018/2526

## GOVERNMENT OF ODISHA
## DEPARTMENT OF AGRICULTURE & FARMERS' EMPOWERMENT

eProcurement Notice for Hiring of private vehicles
Tender ID-2025_DANFE_122925
Bhubaneswar, dated 10.12.2025

No.L-132: PT1-DAFE-OEII-MV-0001-2022/27477/DAFE, Sealed tenders are invited **Online** through the e-Tenders Odisha website- **https://tendersodisha.gov.in/** from interested reputed Travel Agencies/ Tour Operators for providing different types of vehicles for official use in Department of Agriculture & Farmers' Empowerment on monthly or daily (Tour) basis. The detailed Tender Documents can be downloaded from https://tendersodisha.gov.in/ and https://agri.odisha.gov.in/.
Tender Publication Date: 10.12.2025, 2.00 P.M.
Tender Submission Start Date: 10.12.2025, 2.00 P.M.
Tender Submission Closing Date: 23.12.2025, 1.00 P.M.
Tender Opening Date: 23.12.2025, 3.30 P.M. Onwards (at the office chamber of Special Secretary to Govt.)

Sd./-
OIPR-01425/11/0011/2526 Deputy Secretary to Government

## GOVERNMENT OF ODISHA
## PANCHAYATI RAJ & DRINKING WATER DEPARTMENT
## OFFICE OF THE PANCHAYAT SAMITI, KOTPAD

**PERCENTAGE TENDER NOTICE**
BID IDENTIFICATION No.11/2025-2026
No.3559/2025 Dated.11/12/2025

**No.i-423:**Bid Documents consisting of work, Estimated Cost, Cost of Tender paper, EMD, Time of completion, Class of Contractors and the set of terms and conditions of contract and other necessary documents can be seen in Govt. Website i.e **"www.koraput.nic.in"** & Block Office, Kotpad (Office hour only).

| | | |
|---|---|---|
| 01. | Name of the Work | Civil (Building) Works as mentioned in DTCN |
| 02. | No. of Works | **2 (Two) Numbers only** |
| 03. | Tender Cost | Rs.48.00 Lakhs & Rs.14.00 Lakhs |
| 04. | Class of Contractor | "C" & "D", "B" |
| 05. | Period of Completion | 06 (Six) & 3 (Three) Months |
| 06. | Date & Time of Bidding | From 12.12.2025 at 10.00 A.M. to 29.12.2025 Upto 01.00 P.M. |
| 07. | Last date & time for receipt of bids through postal | 29.12.2025 Upto 01.00 P.M. |
| 08. | Bids received Offline/ through postal shall be opened on | 29.12.2025 at 04.00 P.M. onwards |
| 09. | Drawn of Transparency Lottery | 29.12.2025 at 04.00 P.M. onwards |
| 10. | Name and address of the officer inviting Bid | Block Development Officer, Kotpad |

Further details can be seen from the **www.koraput.nic.in** & Block Office, Kotpad.
OIPR-19074/11/0006/2526 Sd./- Block Development Officer, Kotpad

## OFFICE OF THE SUPERINTENDING ENGINEER RURAL WORKS DIVISION-II, GANJAM, BERHAMPUR

Phone : 0680-2404096, E-Mail : eerwgmt@yahoo.co.in
No.O-1676 Government of Odisha e-Procurement Notice
Bid Identification No. Online Tender/21/SERWD-II/2025-26
Memo No.10027/RWD-IIGB, Date : 29.11.2025

| | | |
|---|---|---|
| 1 | Name of the Work | Building Works |
| 2 | Estimated Cost | Rs.57.48 lakhs to Rs.60.71 lakhs |
| 3 | Period of Completion | 6 (six) Months as per Annexure |
| 4 | Date & Time of availability of Bid documents in the Portal | 15.12.2025 at 10.00 A.M. to 29.12.2025 up to 5.00 P.M. |
| 5 | Last Date/Time for receipt of Bids in the Portal | 29.12.2025 up to 5.00 P.M. |
| 6 | Name and address of the Officer Inviting Bid | Superintending Engineer, Rural Works Division-II, Ganjam, Berhampur |

Further details can be seen from the e-procurement portal tendersodisha.gov.in/nicgep/app

Sd./- Executive Engineer
R.W. Division-II, Ganjam
OIPR-25073/11/0044/2526 Berhampur

## OFFICE OF THE GENERAL MANAGER WATCO PROJECT DIVISION

Email: gmprojectsbp@gmail.com, Tel. No.: 0663-2411911
No. C-1772 **e Procurement Notice**
Bid Identification No. 6 Project/WATCO/SBP/2025-26 Dtd.08.12.2025

1. Name of the Work : Sludge storage shed
2. Estimated Cost : Rs.27.36 Lakhs
3. Period of Completion : Referred to DTCN
4. No. of Works : One (1)
5. Tender Paper Cost : Referred to DTCN
6. Class of Contractor : "B or C" Class
7. Date & time of availability of bid document in the portal : 11.00 Hrs. of 15.12.2025 to 17.00 Hrs. of 30.12.2025
8. Date of opening of Bid : 12.30 Hrs. on Dtd.31.12.2025
9. Name and address of the O.I.T. : General Manager, WATCO Project Division, Sambalpur, At: 40 MLD STP Campus, Bhatra, Dhanupali, Sambalpur-768005

Further details can be seen from the e-Procurement portal **"https://www.tendersorissa.gov.in"**.

Sd./- General Manager
OIPR-13236/11/0015/2526 WATCO Project Division, Sambalpur

## OFFICE OF THE DIVISIONAL FOREST OFFICER, KHARIAR (K.L) DIVISION, KHARIAR

No.MM-371: E-mail:dfokenduleafkhariar@gmail.com
Government of Odisha "e" Procurement Notice
Bid Identification No.DFO-KHRKL-01/2025-26

1. **Name of the Works:** 1.Construction of Forester Quarter-1 at Tarbod in Tarbod (K.L) Range. 2. Construction of Forester Quarter-2 at Tarbod in Tarbod (K.L) Range. 3. Construction of Forester Quarter at Kh.Road in Kh.Road (K.L) Range. 4. Construction of Forest Guard Quarter at Khariar in Khariar (K.L) Range. 5. Construction of Forest Guard Quarter at Kurumpuri in Nuapada (K.L) Range.
2. **Approximate estimated cost:** 1. Construction of Forester Quarter-1 at Tarbod= 17.25 Lakh. 2. Construction of Forester Quarter-2 at Tarbod= 17.25 Lakh. 3. Construction of Forester Quarter at Kh.Road = 17.25 Lakh. 4. Construction of Forest Guard at Khariar= 13.30 Lakh. 5. Construction of Forest Guard Quarter at Kurumpuri = 13.30 Lakh.
3. **Period of Completion:** 3 (Three) Calendar Months.
4. **Date & Time of availability of bid documents in the portal:** Dt.14.12.2025 to 23.12.2025.
5. **Last date/time of receipt of bid in the portal:** Dt.14.12.2025 to 23.12.2025 upto 05.00 PM.
6. **Date of Opening of Bid :** Dt.24.12.2025 at 11.00 AM.
7. **Name & Address of the Office Inviting bid:** O/o the Divisional Forest Officer, Khariar (K.L) Division, Khariar.

Further details can be from e-procurement portal **http://www.tendersodisha.gov.in.**

Sd./- Divisional Forest Officer
OIPR-08029/11/0006/2526 Khariar (K.L) Division

## VEER SURENDRA SAI UNIVERSITY OF TECHNOLOGY, BURLA

(Formerly University College of Engg., Burla-Established by Govt. of Odisha in 1956 & Upgraded in 2009 to A State Govt. University covered under Section 2(f) & 12(B) of UGC Act.)
P.O.: Engineering College, Burla (Siddhi Vihar),
Dist.: Sambalpur, Odisha - 768018, India, www.vssut.ac.in
No. VSSUT/Estt/2334/2025 Dated: 12.12.2025

**WALK-IN-INTERVIEW FOR GUEST FACULTY**

No. KK-297: Candidates possessing (i) B.E/B.Tech and M.E/M.Tech or Integrated M.Tech in relevant branch with First Class Degree or equivalent, i.e. 60% or 6.5 CGPA in any one of the Discipline **(Chemical Engg./Civil Engg./Computer Sc. & Engg./Electrical Engg./Electrical & Electronics Engg./Electronics & TC Engg./Mechanical Engg./Metallurgical & Materials Engg./Production Engg.,** (ii) B.Arch with 03 years experience (with 60% or 6.5 CGPA) or B.Arch & M.Arch/M.Plan/Master's Degree in allied discipline with 60% or 6.5 CGPA at either level with one year experience in **Architecture** (iii) Master's Degree **in Physics/Chemistry/ Mathematics** and **Humanities (English, Management)** with at least 55% marks with consistently good academic records and cleared the National Eligibility Test (NET) conducted by the UGC, CSIR or similar test accredited by the UGC like SLET/SET or Ph.D/M.Phil in relevant field are invited to attend the Walk-in-Interview on 20.12.2025 at 10.00 A.M. in the respective Departments of VSSUT, Burla, for engagement as Guest Faculty for the Even Semester 2025-26 with a consolidated remuneration as follows:

| Sl. No. | Highest Qualification of Guest Faculty | Monthly Consolidated remuneration in Rupees |
|---|---|---|
| 1 | **Graduate Level** B.Arch | 40,000/- |
| 2 | **Post Graduate Level** M.Tech., M.Arch., M.Plan, MBA, MCA, M.Phil and Masters in concerned subjects of Science and Humanities | 50,000/- |
| 3 | Ph.D. Degree in relevant discipline | 55,000/- |

Interested candidates are required to come physically with their resumes in the prescribed format of the university with two recent passport size colour photographs, one set of self-attested copies of all certificates, mark sheets and other relevant documents in support of their qualifications and experiences, if any, along with the originals for verification. No TA/DA is admissible for attending the interview. The authority reserves the right to reject any or all the applications or cancel the entire selection process without assigning any reason thereof.

OIPR-14072/11/0056/2526 Sd./- Registrar

ବନଖଣ୍ଡ ଅଧିକାରୀ ତଥା ବନ୍ୟପ୍ରାଣୀ ତତ୍ତ୍ୱାବଧାରକଙ୍କ କାର୍ଯ୍ୟାଳୟ, ଖଡ଼ିଆଳ
## OFFICE OF THE DIVISIONAL FOREST OFFICER-CUM-WILDLIFE WARDEN, KHARIAR DIVISION, KHARIAR

E-mail id: dfo.khariar@odisha.gov.in, Phone/Fax: 06671-224237

**NOTIFICATION**

**No.MM-369:**This is for information of all concerned that the following Forest Roads of Khariar Forest Division will remain closed to traffic on the 30 December, 2025 from zero to 24 hours in accordance with Rule-284 of Odisha Forest Department Code, 1979. The movement of traffic on the date and time specified above will be violation of Section 26 of Odisha Forest Act. 1972 and hence will be liable for prosecution.

| Sl. No. | Name of the Range | Name of the Forest Road | Length in KM. |
|---|---|---|---|
| 3 | | 4 | 13 |
| 1 | Khariar Range | Bhimakhol-Ranimunda | 12.20 |
| 2 | -do- | Ranimunda-Kampaniguma | 02.40 |
| 3 | -do- | Birighat-Mantritarai | 08.20 |
| 4 | -do- | Dhobei-Redhamal | 08.80 |
| 5 | -do- | Bhainsadani-Patdarha | 03.16 |
| 6 | Sinapali Range | Darlipada-Ghatmal | 19.20 |
| 7 | -do- | Ghatmal-Chitarama | 05.60 |
| 8 | -do- | Sinapali-Patilpada | 08.00 |
| 9 | -do- | Liad-Ranimunda | 05.60 |
| 10 | -do- | Ghatmal-Amlipadar | 31.20 |
| 11 | -do- | Ghatmal-Patdarha | 02.50 |
| 12 | -do- | Patialpada-Kaseipani | 06.20 |
| 13 | -do- | Chikalchuan-Ghatmal | 14.40 |
| 14 | Komna Range | Khooli-Redhamal | 09.00 |
| 15 | -do- | Dabri-Barkot | 02.50 |
| | | Total: | 138.96 |

Sd./- Divisional Forest Officer
OIPR-08153/11/0018/2526 Khariar Division

## Orissa Lift Irrigation Corporation Ltd.

(A Govt. of Orissa undertaking)
OFFICE OF THE EXECUTIVE ENGINEER, LIFT IRRIGATION DIVISION
JAJPUR ROAD, eeli.jajpurroad@gmail.com

**SHORT TENDER CALL NOTICE NO. 3009 Dt. 06.12.2025**

**No.CAD-2628** : Sealed quotations are invited from interested reputed Travel Agencies /Tour Operators/ individuals for providing 1 (One) A/C diesel driven Bolero (Mahindra) having sitting capacity not more than Seven including Driver, which shall confirm to the following terms and conditions for official use in this L. I. Division, Jajpur Road for Office of the Executive Engineer, Jajpur Road on monthly rent basis. The Service Provider shall have a valid GST registration to participate in the tendering. The vehicle must be in road worthy condition, shall not be more than 3 years old from the date of initial registration and must have valid contract Carriage Permit, proof of up-to-date tax payment etc. Mandatory for plying of vehicle. The Driver of vehicle must have a valid Driving license for driving light transport passenger vehicle and should be sufficiently experience in driving transport/ passenger vehicle. The Driver should be well behaved, gentle and obedient in nature. The monthly rate of hire charges, excluding GST be quoted separately, excluding fuel. The vehicle must achieve a fuel efficiency with fuel efficiency 10Km/ltr. The details of the make and year of manufacture of vehicle registration No., mileage (Km covered per liter) and name of Driver, Driving License No. and period of validity should be specifically provided in the general bid information to be furnished with the quotation/ Tender (Appendix-B)

1. The tender paper containing General Bid information & Terms and Conditions for Hiring of Vehicle etc. will be available from **Dt. 16.12.2025 to Dt. 23.12.2025** (from11:00 A.M to 05:00 P.M) excluding Holidays at Office of the Executive Engineer, L.I. Division, Jajpur Road. Security Deposit Rs.13400/- shall be deposited in shape of STDR/NSC duly pledged in favour of the Executive Engineer, L.I. Division, Jajpur Road with tender document.
2. The tender paper will be received in Office of the Executive Engineer, L.I. Division, Jajpur Road on **Dt.24.12.25** (from 11:00 A.M to 2:00 P.M) and shall be opened on the same day at 3:00 P.M in presence of the bidders or their authorized representatives.
3. The authority shall reserves the right to cancel or reject all the tender papers without assigning reason there off.

Sd./- Executive Engineer
OIPR-32146/11/0007/2526 Lift Irrigation Division, Jajpur Road

## OFFICE OF THE DIVISIONAL FOREST OFFICER, GHUMSUR NORTH DIVISION

Bhejiput, Bhanjanagar, Ganjam, Odisha, Pin - 761126
Tele/Fax- 06821-241008, E-mail : dfo.ghumsurnorth@odisha.gov.in

**QUOTATION CALL NOTICE**

**No.MM-367** : Sealed Quotations are hereby invited from the intending suppliers/ manufactures for purchase of uniform articles for the field staff of Ghumsur North Division during the year 2025-26 with terms & conditions.

| Sl No. | Name of Uniform Articles |
|---|---|
| 1. | Blanket |
| 2. | Ground Sheet |

1. The sealed quotations accompanied by sample of Uniform materials should reach the under signed latest by 5.00 PM of 20.12.2025
2. The purchase order may be placed in full or part thereof as per availability of funds.
3. The quotations will be opened on dated 23.12.2025 at 11.00 AM by the Purchase Committee of this office in presence of the intending suppliers.
4. The Uniform articles should be supplied in good conditions within one month of placing the order.
5. The uniform articles should be delivered to the O/o-the Divisional Forest Officer, Ghumsur North Division at their own cost.
6. The uniform articles supplied in damaged / not usable condition should be replaced within the next 15 days at their own cost.
7. All the uniform articles should be supplied as per sample selected by the purchase committee or else the order deem to be cancelled.
8. GST clearance & Income Tax Returns Certificate should accompany the quotation.
9. Payment will be made through RTGS / Account deposit through Treasury after receipt of all uniform articles as per quantity & quality (Sample) in placing order.
10. The authority reserves the right to accept or reject the quotations without assigning any reason thereof.

Sd./- Divisional Forest Officer,
Ghumsur North Division,
OIPR-08033/11/0019/2526 Bhanjanagar

## GOVERNMENT OF ODISHA
## OFFICE OF THE CHIEF CONSTRUCTION ENGINEER KEONJHAR (R&B) CIRCLE, KEONJHAR

No. 6075 dt.05.12.2025
EOI Identification No. CCEKC-02/2025-26

**Expression of Interest**

**No.B-810** : The Chief Construction Engineer, Keonjhar (R&B) Circle, Keonjhar (the "Authority") on behalf of the Works Department, Government of Odisha invite Expression of Interest (EOI) from Registered firms for the following works.

| Sl. No. | Name of the work | EOI invitation for | Cost of EOI document | Period of engagement |
|---|---|---|---|---|
| 1 | Arrangement of Venue Set-up, Logistics and other allied activities associated with state level function at different locations under Kenojhar (R&B) Circle | Non-Consultancy Services | INR 10,000/- | 36 Months |

1. In accordance with the provisions under the Guidelines for Engagement of Non-Consultancy Services issued in the Office Memorandum No. 7460/F Dt. 04.03.2025, No. 16832 dt. 04.06.2025 & No. 21619 dt. 23.07.2025 of the Finance Department, Government of Odisha & Odisha General Finance Rule-2023, the Authority now invites eligible registered service provider to apply for above assignments.
2. Letter of Invitation of the Authority along with all other relevant details of Expression of Interest (EOI) will be available in the website: www.tendersodisha.gov.in from **10:30 A.M of 16.12.2025 to 4:00 P.M of 12.01.2026**. Further details with any addendum, corrigendum and cancellation can be seen from www.tendersodisha.gov.in.
3. Expression of Interest (EOI) shall be received only "On-line" latest by 4:00 P.M. on 12.01.2026.
4. Proposals received "On-line" shall be opened at **11:00 A.M. on 13.01.2026** in the Office of the Chief Construction Engineer, Keonjhar (R&B) Circle, Keonjhar-758001 in the presence of bidders who wish to attend. Bidders who participated in the bid can witness the opening of bids after logging on the site through their DSC. If the office happens to be closed on the stipulated date of opening of Bids as specified, the bids will be opened on the next working day at the same time and venue.
5. Other details can be seen in the EOI documents.
6. The Authority reserves all rights to cancel any or all proposals without assigning any reason.
7. The Addendum/ Corrigendum if any will be hoisted in the website only.

Sd./- Chief Construction Engineer,
OIPR-34033/11/0100/2526 Keonjhar (R&B) Circle, Keonjhar

## GOVERNMENT OF ODISHA
## OFFICE OF THE CHIEF CONSTRUCTION ENGINEER RURAL WORKS CIRCLE, SUNABEDA

No.O-1713
Letter No. : e-mail : serwsbd2003@yahoo.com Date : ______

**NATIONAL COMPETITIVE BIDDING THROUGH e_Procurement Notice**

1. Name of the Work : Construction of Road Works - 6 Nos., 2. Class of Contractor : "A" Class & Special Class of (Odisha PWD) or relevant class of other licensing authority. 3. Estimated Cost : Various from Rs.850.00 Lakhs to Rs. 991.67 Lakhs (Approximately). 4. Details of projects : As per Annexure attached.

| Procurement Officer | Bid Identification No. | Availability of Tender online for bidding From | To | Last Date & Time of seeking tender clarification | Date & Time of opening of tender Technical Bid | Financial Bids |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Sunabeda | CCERWCSBD - Online - 28/2025-26 | 15.12.2025 at 11.00 A.M. | 29.12.2025 up to 5.00 P.M. | 28.12.2025 up to 2.00 P.M. | 30.12.2025 at 11.00 A.M. | To be intimated separately |

5. The details of works can be seen from the website https://www.tendersodisha.gov.in.
6. Any Corrigendum/Addendum will be displayed in the above e-tender website.

Sd./- Chief Construction Engineer,
RW Circle, Sunabeda
OIPR-25182/11/0123/2526

## OFFICE OF THE CHIEF CONSTRUCTION ENGINEER RURAL WORKS CIRCLE, BARIPADA

No.O-1759
E_Mail ID: serwcbaripada@gmail.com, Ph-No-06792-261343/261344, Gangraj, Baripada

**"e" Procurement Notice for Plan Road Work**
Identification No.- Online Tender- Road N.C.B. No.403 for 2025-26.
Letter No.5527/Date. 29.11.2025//

1. Name of the work : Road Work in the District of Mayurbhanj for the year 25-26, 2. Total No. of work : 27 Nos. (Twenty Seven), 3. Estimated Cost : **Rs.298.14 Lakhs to Rs.547.12 lakhs (approximately)**, 4. Eligible Class of Contractor : As per annexure, 5. Period of Completion : As per annexure, 6. Other details :

| Procurement Officer | Bid Identification No. | Availability of tender On-line for bidding From | To | Last Date & Time of seeking Tender Clarification | Date & Time of Opening of Tender in O/o C.C.E.R.W. Circle, Baripada Technical Bid | Financial Bid |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Baripada | Road On-line N.C.B. No.403 | Dt.16.12.2025 at 11.00 A.M. | Dt.30.12.2025 up to 5.00 P.M. | Dt.29.12.2025 up to 5.00 P.M. | Dt.31.12.2025 at 11.00 A.M. | Will be intimated later |

- Further details can be seen from the website: www.tendersodisha.gov.in.
- Any Corrigendum / Addendum will be displayed in the above e_tender website only.

Sd./- A.K. Naik
Chief Construction Engineer,
OIPR-25130/11/0069/2526 R.W. Circle, Baripada

## GOVERNMENT OF ODISHA
## OFFICE OF THE CHIEF CONSTRUCTION ENGINEER RURAL WORKS CIRCLE, SUNABEDA

No.O-1710
Letter No. : e-mail : serwsbd2003@yahoo.com Date : ______

**NATIONAL COMPETITIVE BIDDING THROUGH e_Procurement Notice**

1. Name of the Work : Construction of Road Works - 16 Nos., 2. Class of Contractor : "A" Class & Special Class of (Odisha PWD) or relevant class of other licensing authority. 3. Estimated Cost : Various from Rs.300.00 Lakhs to Rs. 1150.00 Lakhs (Approximately). 4. Details of projects : As per Annexure attached.

| Procurement Officer | Bid Identification No. | Availability of Tender online for bidding From | To | Last Date & Time of seeking tender clarification | Date & Time of opening of tender Technical Bid | Financial Bids |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Sunabeda | CCERWCSBD - Online - 31/2025-26 | 15.12.2025 at 11.00 A.M. | 05.01.2026 up to 5.00 P.M. | 03.01.2026 up to 2.00 P.M. | 06.01.2026 at 11.00 A.M. | To be intimated separately |

5. The details of works can be seen from the website https://www.tendersodisha.gov.in.
6. Any Corrigendum/Addendum will be displayed in the above e-tender website.

Sd./- Chief Construction Engineer,
RW Circle, Sunabeda
OIPR-25182/11/0121/2526

## ମୁଖ୍ୟ ନିର୍ମାଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ, ଗ୍ରାମ୍ୟ ନିର୍ମାଣ ମଣ୍ଡଳ, ବ୍ରହ୍ମପୁର

No.O-1577
(ଗ୍ରାମ୍ୟ / ପୋଷ୍ଟ – ଆମ୍ବପୁଆ, ଆୟକର ଭବନ ନିକଟରେ, ବ୍ରହ୍ମପୁର – ୭୬୦୦୧୧, ଗଞ୍ଜାମ, ଓଡ଼ିଶା)

## OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, BERHAMPUR

(At/Po-Ambapua, Near Income Tax Office, Berhampur-760011, Ganjam, Odisha)
(E-Mail : serwbpr2004@yahoo.com, Tel No.: 0680-2404287)

**NATIONAL COMPETITIVE BIDDING THROUGH e-Procurement**
**Bid Identification No. Online Tender/42-2025-26/BPR**

| Identification No | Name of work | No. of Works | Approx. Estimated Cost (In Lakh) | Class of Contractor | Period of Completion |
|---|---|---|---|---|---|
| Online Tender / 42-2025-26/BPR | Road Works under MMSY-CUVDA | 16 Nos | From Rs.118.34 Lakhs to Rs.2666.67 Lakhs | "B" Class, "A" Class, "Special" Class & "Super" Class as applicable | Period of Completion as provided as per Col. No. 5 of Annexure of NIT |

| Procurement Officer | Bid Identification No | Availability of tender online for bidding From | To |
|---|---|---|---|
| Chief Construction Engineer, R.W.Circle, Berhampur | Online Tender/42-2025-26/BPR | 15.12.2025 at 10.00 A.M. | 29.12.2025 upto 5.30 P.M. |

(i) EMD / Bid Security, Cost of Bid document is to be transferred through Online as per the procedure mentioned in the DTCN.
(ii) Non-submission of the information/documents through online by the bidder as per the items mentioned in the eligible criteria of the DTCN will also liable for rejection of his tender.

Further details & Corrigendum if any can be seen from the website : www.tendersodisha.gov.in

Sd./- Chief Construction Engineer
OIPR-25071/11/0172/2526 R.W.Circle, Berhampur

ତୃତୀୟ ଟି୨୦ ଆଜି


# ଗିଲ୍‌ଙ୍କ ଉପରେ ନଜର ରହିବ

**ଧର୍ମଶାଳା, ୧୩।୧୨ (ପି.ଟି.)**

ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଚଳିତ ସିରିଜର ତୃତୀୟ ଟି୨୦ କ୍ରିକେଟ ମ୍ୟାଚ ରବିବାର ଏଠାରେ ଅନୁଷ୍ଠିତ ହେବ। ପୂର୍ବ ୨ ମ୍ୟାଚ ଶେଷରେ ସିରିଜ ୧-୧ ସ୍ଥିତିରେ ରହିଛି। ତେଣୁ ଏଠାରେ ବିଜୟ ସହ ସିରିଜରେ ଅଗ୍ରଣୀ ନେବାକୁ ଦୁଇ ଦଳର ଲକ୍ଷ୍ୟ ରହିବ। ଅନ୍ୟପକ୍ଷରେ ଆଗକୁ ଟି୨୦ ବିଶ୍ୱକପ ଆସୁଥିବାରୁ ଦଳରେ ସ୍ଥାନ ସୁରକ୍ଷିତ କରିବାକୁ ଉପଅଧିନାୟକ ଶୁବମନ ଗିଲ୍‌ଙ୍କ ପାଇଁ ସମ୍ଭବତଃ ଶେଷ ସୁଯୋଗ ରହିବ। ନଚେତ୍ ଭାରତୀୟ ଟିମ୍ ମ୍ୟାନେଜମେଣ୍ଟ ପ୍ଲାନ୍ 'ବି' ଯୋଜନାକୁ ଯାଇପାରେ। ଅଧିନାୟକ ସୂର୍ଯ୍ୟ କୁମାର ଯାଦବ ମଧ୍ୟ ଭଲ ଫର୍ମରେ ନାହାନ୍ତି। ଗିଲ୍‌ଙ୍କ ପାଇଁ ଇନ୍‌ଫର୍ମ ସଞ୍ଜୁ ସାମସନଙ୍କୁ ବାହାରେ ବସିବାକୁ ପଡୁଛି। ତେଣୁ ଦଳରେ ସ୍ଥାନ ପକ୍କା କରିବାକୁ ହେଲେ ଗିଲ୍‌ଙ୍କୁ ଏହି ମ୍ୟାଚରେ ବଡ଼ ଇନିଂସ ଖେଳିବାକୁ ହେବ। ୧୦ ଡିଗ୍ରୀ ତାପମାତ୍ରା ତଳେ ଉଭୟ ଦଳକୁ ଏଠାରେ ଖେଳିବାକୁ ହେବ।

ଏନ୍‌ରିଚ ନର୍କିଆ, ମାର୍କୋ ଜାନସେନ, ଲୁନ୍‌ଗି ଏନ୍‌ଗିଡ, ଓଟ୍‌ନିଲ ବାର୍ଟମାନ ଓ ଲୁଥୋ ସିପାମଲାଙ୍କୁ ନେଇ ଦକ୍ଷିଣ ଆଫ୍ରିକା ପେସ୍ ଆକ୍ରମଣ ବେଶ୍ ଶାଣିତ। ଭାରତୀୟ ପରିବେଶରେ କିପରି ବୋଲିଂ କରିବାକୁ ହୁଏ ତାହା ସେମାନେ ଦେଖାଇ ସାରିଛନ୍ତି। ହିମାଚଳ ପ୍ରଦେଶ କ୍ରିକେଟ ଆସୋସିଏଶନର ଏହି ଷ୍ଟାଡିୟମରେ ବୋଲରଙ୍କୁ ଅତିରିକ୍ତ ବାଉନ୍ସ ଓ ମୁଭ୍‌ମେଣ୍ଟ ମିଳିବ। ଏ କ୍ଷେତ୍ରରେ ଭ୍ରମଣକାରୀ ଦଳର ପେସ୍ ଆକ୍ରମଣକୁ ମୁକାବିଲା କରିବା ଭାରତୀୟ ବ୍ୟାଟରଙ୍କ ପାଇଁ ଚ୍ୟାଲେଞ୍ଜପୂର୍ଣ୍ଣ ରହିବ। କ୍ୱିଣ୍ଟନ ଡିକକ୍ ପ୍ରତ୍ୟାବର୍ତ୍ତନ କରିଥିବାବେଳେ ଏଡେନ ମାରକ୍ରମ, ଦେୱାଲ୍ଡ ବ୍ରେଭିସ, ଡୋନୋଭାନ ଫେରେରା, ଡେଭିଡ ମିଲର ଓ ଅଲ୍ ରାଉଣ୍ଡର ଜାନସେନଙ୍କୁ ନେଇ ଦକ୍ଷିଣ ଆଫ୍ରିକାର ବ୍ୟାଟିଂ ଲାଇନ୍‌ଅପ୍ ବେଶ୍ ଲମ୍ବା। ଆଗାମୀ ଟି୨୦ ବିଶ୍ୱକପରେ ଟାଇଟଲ ବଜାୟ ରଖିବାକୁ ହେଲେ ତୃତୀୟ ଟି୨୦କୁ ମିଶାଇ ଭାରତକୁ ଆଉ ମାତ୍ର ୮ଟି ମ୍ୟାଚ ଅଭ୍ୟାସ ପାଇଁ ମିଳିବ। ଗିଲ୍ ଓ ସୂର୍ଯ୍ୟ କୁମାର ଫର୍ମରେ ନ ଥିବାରୁ କୋଚ୍ ଗୌତମ ଗମ୍ଭୀରଙ୍କ ଚିନ୍ତା ବଢ଼ି ଯାଇଛି। ଇଂଲଣ୍ଡ ବିପକ୍ଷରେ ଗୋଟିଏ ସିରିଜରେ ଖରାପ ଖେଳିଥିବାରୁ ସାମସନଙ୍କୁ ବାହାରେ ବସାଯାଇଛି। ମାତ୍ର ଗିଲ୍ ଓ ସୂର୍ଯ୍ୟଙ୍କୁ କ୍ରମାଗତ ସୁଯୋଗ ମିଳୁଥିବାରୁ ଚୟନ କମିଟି ମୁଖ୍ୟ ଅଜିତ ଅଗରକରଙ୍କୁ ସମାଲୋଚନା ଆରମ୍ଭ ହୋଇଯାଇଛି। ଦ୍ୱିତୀୟ ଟି୨୦ରେ ଅକ୍ଷର ପଟେଲଙ୍କୁ ୩ ନମ୍ବର ଏବଂ ଶିବମ୍ ଦୁବେଙ୍କୁ ୮ ନମ୍ବରରେ ବ୍ୟାଟିଂ ସୁଯୋଗ ମିଳିବା ଫେଲ୍ ମାରିଛି। ତେଣୁ ତାହାର ପୁନରାବୃତ୍ତି ହେବନାହିଁ ବୋଲି ଆଶା କରାଯାଉଛି। ଯଶପ୍ରୀତ୍ ବୁମ୍‌ରାଙ୍କ ସହିତ ଯଦି ହାର୍ଦ୍ଦିକ ପାଣ୍ଡ୍ୟା ବୋଲିଂ ଓପନ କରିବେ ତେବେ ଅର୍ଶଦୀପ ସିଂଙ୍କ ସ୍ଥାନରେ କୁଳଦୀପ ଯାଦବଙ୍କୁ ସୁଯୋଗ ମିଳିପାରେ। କାରଣ ଅର୍ଶଦୀପଙ୍କ ପାଇଁ ଏପର୍ଯ୍ୟନ୍ତ ସିରିଜ ଭଲରେ ଯାଇନାହିଁ।

**ମ୍ୟାଚ ଆରମ୍ଭ: ସନ୍ଧ୍ୟା ୭ଟା**
**ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ/ହଟ୍ ଷ୍ଟାର**



ଧର୍ମଶାଳା ଷ୍ଟାଡିୟମରେ ଶନିବାର ଶୁବମନ ଗିଲଙ୍କ ଅଭ୍ୟାସ।

HAPPY BIRTHDAY



Asish Kumar Barik(6y)
ବାଲିପାଟଣା (ଖୋର୍ଦ୍ଧା)
ଶୁଭେଚ୍ଛା ସହ:
ଜେଜେ, ଜେଜେମା, ବାପା, ମାମା, ଦାଦା, ଖୁଡ଼ି, ଅଜା, ଆଈ, ନନା, ପିଇସା, ଚିନୁ, ଗୁଡୁ, ଶ୍ରଦ୍ଧା, ସାଇ, ଗୁଗୁଲି, ସନି, ଚେମିନା।

# ସେମିଫାଇନାଲ ଲାଇନ୍‌ଅପ୍ ଚୂଡ଼ାନ୍ତ

## ନାଲ୍‌କୋ ଓପନ ଟେନିସ

**ଭୁବନେଶ୍ୱର, ୧୩।୧୨ (ତପନ ସ୍ୱାଇଁ)**

ଭୁବନେଶ୍ୱର ଜିଲା ଟେନିସ ଆସୋସିଏଶନ (ବିଡିଟିଏ) ଆନୁକୂଲ୍ୟରେ କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ନାଲ୍‌କୋ ଓପନ ଟେନିସ ଟୁର୍ଣ୍ଣାମେଣ୍ଟରେ ବିଭିନ୍ନ ବର୍ଗର ସେମିଫାଇନାଲ ଲାଇନ୍‌ଅପ୍ ହୋଇଯାଇଛି। ପୁରୁଷ ସିଙ୍ଗଲ୍ସ ସେମିଫାଇନାଲରେ କବିର ହଂସ-ଦେବାଶିଷ ସାହୁ ଏବଂ ପ୍ରତ୍ୟୁଷ ମହାନ୍ତି-ଅମୃତଜୟ ମହାନ୍ତିଙ୍କ ମଧ୍ୟରେ ମୁକାବିଲା ହେବ। ସେହିପରି ମହିଳା ସିଙ୍ଗଲ୍ସରେ ପ୍ରିଶା ଦାସ, ସେକ୍ ଶାଫ୍‌ଜା, ଶ୍ରୀୟା ମହାପାତ୍ର ଓ ସଂରଚନା ଦାସ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ୧୮ ବର୍ଷରୁ କମ୍ ବାଳକ ବର୍ଗରେ ଆହାନ ମିଶ୍ର, ଆୟୁଷ ପଟ୍ଟନାୟକ, ଆଦିତ୍ୟ ବିକ୍ରମ ଆଚାର୍ଯ୍ୟ ଓ କମଲେଶ ରଥ ସେମିରେ ପହଞ୍ଚିଛନ୍ତି। ୧୪ ବର୍ଷରୁ କମ୍ ବାଳିକାରେ ସେକ୍ ଶାଫଜା, ସାଇ ରୂପି ମହାନ୍ତି, ଶ୍ରେୟା ମହାପାତ୍ର ଓ ସଂରଚନା ଦାସ ଏବଂ ବାଳକ ସିଙ୍ଗଲ୍ସରେ ସିୟାଂଶ ପଟ୍ଟନାୟକ, ସୂର୍ଯ୍ୟ ନାଏକ, ସୁୟାଷ ଥଟୋଇ ଓ ସଫଲ ଆଗାମାନ ସେମିଫାଇନାଲରେ ପ୍ରବେଶ କରିଛନ୍ତି।

# ଆଇସିସି ଉପରେ ଅସନ୍ତୋଷ ପ୍ରକାଶ କଲା ପିସିବି

**କରାଚୀ, ୧୩।୧୨ (ପି.ଟି.)**

ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ଉପରେ ଅସନ୍ତୋଷ ପ୍ରକାଶ କରିଛି ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି)। ଆସନ୍ତାବର୍ଷ ଟି୨୦ ବିଶ୍ୱକପ୍ ଟିକେଟ ବିକ୍ରି ପାଇଁ ଖେଳର ବିଶ୍ୱ ପରିଚାଳନା ପରିଷଦ ତରଫରୁ ରିଲିଜ କରାଯାଇଥିବା ଏକ ପ୍ରମୋଶନାଲ ପୋଷ୍ଟରରେ ଦେଶର ଅଧିନାୟକ ସଲମନ ଅଲି ଆଘା ସ୍ଥାନ ପାଇନାହାନ୍ତି। ପିସିବି ଏହି ପ୍ରସଙ୍ଗ ଆଇସିସିର ଦୃଷ୍ଟି ଆକର୍ଷଣ କରିଛି। ପ୍ରମୋଶନାଲ ପୋଷ୍ଟରଟିରେ ମାତ୍ର ୫ଜଣ ଅଧିନାୟକ ଯଥା ସୂର୍ଯ୍ୟକୁମାର ଯାଦବ (ଭାରତ), ଏଡେନ ମାରକ୍ରମ (ଦକ୍ଷିଣ ଆଫ୍ରିକା), ମିଚେଲ ମାର୍ଶ (ଅଷ୍ଟ୍ରେଲିଆ), ଦସୁନ ଶନକା (ଶ୍ରୀଲଙ୍କା) ଓ ହ୍ୟାରି ବ୍ରୁକ୍ (ଇଂଲଣ୍ଡ)।


# Classified Everyday
0674-2580101, 9692975378


MATRIMONIAL

## BRIDE WANTED

Wanted Brahmin B-tech bride for boy 1999/5'6", software Engineer, MNC Bangalore. 7008283078. D-2787

ଝିଅ ଆବଶ୍ୟକ: ଚାକିରି କରି ଏକାକୀ ରହୁଥିବା, 49-ବୟସ, Divorce ପୁଅପାଇଁ ଯେକୌଣସି ଜାତିର 30-45yrs ଝିଅ ଆବଶ୍ୟକ। Candidate: 9861141891. D-2826

Handsome Khandayat Boy 1997, 5'8" B-Tech Serving Accenture, Bhubaneswar, SUNASANSAR. 9937512659. D-2827

## GROOM WANTED

34 ବୟସ୍କା ବିଧବା Govt Lecture ସୁନ୍ଦର ଖଣ୍ଡାୟତ ଝିଅଙ୍କୁ ବରପାତ୍ର ଯୋଗାଯୋଗ କରନ୍ତୁ। 8249280543. D-2791

ବ୍ରାହ୍ମଣ Govt lab technician 49 ବୟସ୍କା divorce ଝିଅଙ୍କୁ ଯେକୌଣସି ଜାତିର ପୁଅ ଦରକାର। 6370471610. D-2791


REAL ESTATE

## SALE

ଭୁବନେଶ୍ୱର ଜଟଣୀଗେଟରୁ ଅଳ୍ପ ଦୂରତାରେ 1500Sqft. ପ୍ଲଟ୍ 6,75,000ରେ ବିକ୍ରିହେବ। 9776974912. D-14


CONSTRUCTION

Construct Your Home With Tata Rod, Ultratech Cement, Colour Electrical, PHD, Door Complete 1350/-. 9827152441. D-2828

## GENERAL

WELDING WORKS, ANYBODY WANTS ANY WELDING, WORKS LIKE SHUTTER, GODOWN, GRILLS, DOORS & WINDOWS. PL CALL 7809525452. D-225




All types of physiotherapy with massage, Contact number 9556924059/ 7656969134. D-2766

## AFFIDAVIT

By virtue of an affidavit sworn before Executive Magistrate , berhampur, Ganjam, dated- 29.05.2025, I, Sushila Pradhan, W/o.- Raghu Pradhan, Resident of At- Puintola, Small Street, P.O./P.S/Dist.- Ganjam, Odisha- 761026 declare that I have changed my name from Budhi Pradhan to Sushila Pradhan. Henceforth, I shall be known as Sushila Pradhan for all purposes.
Sushila Pradhan D-2829

By virtue of an affidavit sworn before The Executive Magistrate, Angul, affidavit No.- 6091, dated- 11.12.2025, I, ADITYA VIKRAM MOHAPATRA, Address: At- J.S.P.L, NISHA, P.O.- NISHA, P.S.- NISHA, Dist.- ANGUL, Odisha- 759130 declare that I have changed my name from ADITYA BIKRAM MOHAPATRA to ADITYA VIKRAM MOHAPATRA. Henceforth, I shall be known as ADITYA VIKRAM MOHAPATRA for all purposes.
ADITYA VIKRAM MOHAPATRA D-2812

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

By virtue of an affidavit sworn before the Executive Magistrate, Jharsuguda, CF.No. 9079, Dtd. 11.12.2025, I, Debasis Dash, S/o. Gunasagar Dash, R/o. At- Tihadipali, P.O.- Marakuta, P.S.- Sadar, Dist.- Jharsuguda (Odisha), PIN- 768202 declare that I have changed my name from Debashish Dash to Debasis Dash. Henceforth I shall be known as Debasis Dash for all proposes.
Debasis Dash D-2822

By virtue of an affidavit sworn before the Executive Magistrate, Karlamunda, No.112, Dtd. 12.12.2025, I, Duryodhan Kumar, R/o. Village- Putigaon, P.O.- S. Malpada, P.S.- M. Rampur, Dist.- Kalahandi, Odisha declare that my son Toshal Kumar's LIC policy No.573762006 his name has been wrongly mentioned as Harikesh Kumar instead of Toshal Kumar. That both the names is one and same person. Now I want to correction of my son's name as Toshal Kumar for all purposes. D-2823

I, Leena Pradhan, Village/P.O.- Gadasila, P.S.- Dhenkanal Sadar, Dist.- Dhenkanal, Odisha- 759025 declare that I have changed my name from SALINI PRADHAN to LEENA PRADHAN, dtd. 17.11.2025 before Notary Public, Dhenkanal.
Leena Pradhan. D-2824

I, Sanju khatua, W/o.- Santosh Kumar Khatua. By virtue of an affidavit sworn before the Executive Magistrate, Athagarh, dated 15.09.2025, the name of my minor son Suryakanta Khatua (old name) S/o.- Santosh Kumar Khatua of At/P.O.- Kandarpur, P.S.- Athagarh, Dist.- Cuttack, 754029 Odisha has changed the name to Suryamani Khatua. Henceforth he shall be described as Suryamani khatua for all purposes. D-2825

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

## ମନେ ପଡ଼ନ୍ତି

ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



✓ ଉଦ୍ଦିତ୍ ନାରାୟଣ ସାହୁ (ଅତୁଲ୍)
ଆବିର୍ଭାବ : ୨୦.୦୬.୨୦୦୫ । ତିରୋଧାନ : ୦୪.୧୨.୨୦୨୫
ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି, ନୈନଂ ଦହତି ପାବକଃ
ନ ଚୈନଂ କ୍ଲେଦୟନ୍ତ୍ୟାପୋ ନ ଶୋଷୟତି ମାରୁତଃ।
ତୋର ଅମର ଆତ୍ମାର ସଦଗତି, ମୁକ୍ତି ଓ ମୋକ୍ଷପ୍ରାପ୍ତ ହେଉ ସ୍ୱର୍ଗବାସ ଶାନ୍ତି ଦାୟକ ହେଉ ଏହାହିଁ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ପାଦପଦ୍ମରେ ବିନମ୍ର ନିବେଦନ।
ଶୋକସନ୍ତପ୍ତ : ଅତିପ୍ରିୟ ପରିବାର, ବନ୍ଧୁ ଓ ଆତ୍ମୀୟସ୍ୱଜନ
ପ୍ଲଟ ନଂ : ୧୭୫୪, ଲିଙ୍ଗିପୁର, ଭୁବନେଶ୍ୱର - ୨


# LEGAL NOTICE

IN THE COURT OF THE 1ST ADDL. SENIOR CIVIL JUDGE, BHUBANESWAR.
C.S.NO.913/OF 2024

Dibyashakti Priyadarshini .... Plaintiff
-Versus-
Saraswati Sahoo and others .....Defendants

NOTICE UNDER ORDER- 5, RULE- 20 OF C.P.C.

TO,
(1) Bijaya Kumar Patra, aged about 57 years, son of Late Satrughna Patra, Director, Home Base Estate Pvt. Ltd., Plot No.- 389, Bomikhal, P.S.- Laxmisagar, Bhubaneswar, Dist.- Khurda, (2) Tamal Lata Padhi, aged about 71 years, W/o.- Braja Kishore Padhi, At- Khunitasahi, P.O./P.S./Dist.- Puri, at present residing at Qrs. No.- E- 41/4, Unit- 9 Flat, P.O.- Bhoi Nagar, P.S.- Saheed Nagar, Bhubaneswar, Dist.- Khurda, (3) Tanushree Mohanty, aged about 51 years, wife of Deb Prakash Mohanty, At- Flat No.- 207, Madhukunja Enclave, Rasulgarh, Bhubaneswar, Dist.- Khurda, (4) Sailabala Mohanty, aged about 75 years, wife of Kailash Chandra Mohanty, At- Plot No.- 173, Road No.- 4, Mahavir Nagar, Jharapada, P.O./P.S.- Laxmisagar, Bhubaneswar, Dist.- Khurda.

Whereas the above named plaintiff has instituted a suit before this court against you and others for declaration, partition, permanent injunction and enforcement of the right of pre-emptive purchase, in which you are avoiding to receive summons and attend the court. Take notice that the case is posted to dated 22nd day of January 2026 at about 10.30 A.M. to appear in person or by pleader duly instructed and able to answer all material questions relating to suit and you are directed to produce on that day all documents upon which you intend to rely support of your defence.

Take notice that in default of your appearance on the day before mentioned, the suit will be heard and determined in your absence.

Given under my hand and the seal of the court of this 13th day of November 2025.

A- SCHEDULE PROPERTY

Dist.- Khordha, P.S.- Balianta, P.S. No.- 14, Mouza- Andilo. Khata No.- 238; (1) Plot No.- 268, Kisam- Adi, Area Ac.0.21decs., Bounded By: East-Road, West/North/ South- Plot No.- 263. (2) Plot No.- 300, Kisam- Rasta, Area Ac.0.08decs., Bounded By: North- Plot No.- 296, South- Plot No.- 303, East- Plot No.- 301, West- Road. (3) Plot No.- 303, Kisam- Rasta, Area Ac.0.12decs., Bounded By: North- Plot No.- 300, South- Plot No.- 304, East- Plot No-302, West- Road. (4) Plot No.- 299, Kisarm- Adi, Area Ac.0.05decs., Bounded By: North- Plot No.- 297, South- Plot No.- 304, East- Plot No.- 300, West- Plot No.- 268. (5) Plot No.- 304, Kisam- Rasta, Area Ac.0.07decs., Bounded By: North- Plot No.- 299, South- Plot No.- 305, East- Plot No.- 303, West- Plot No.- 268.

B- SCHEDULE PROPERTY

Dist.- Khordha, P.S.- Balianta, P.S. No.- 14, Mouza- Andilo. Khata No-238; (1) Plot No.- 268, Kisam- Adi, Area Ac.0.21decs., Bounded By: East-Road, West/North/ South- Plot No.- 263. (2) Plot No.- 300, Kisam- Rasta, Area Ac.0.08decs., Bounded By: North- Plot No.- 296, South- Plot No.- 303, East- Plot No.- 301, West- Road. (3) Plot No.- 303, Kisam- Rasta, Area Ac.0.12decs., Bounded By: North- Plot No.- 300, South- Plot No.- 304, East- Plot No.- 302, West- Road.

C- SCHEDULE PROPERTY

Dist.- Khordha, P.S.- Balianta, P.S. No.- 14, Mouza- Andilo. Khata No.- 238, Plot No-268, Kisam-Adi, Area Ac.0.21decs, Bounded By: East- Road, West/North/ South- Plot No.- 263, corresponding to Mutation Khata No.- 623/71, Plot No.- 268, Kisam- Gharabari, Area Ac.0.21decs.

D- SCHEDULE PROPERTY

Dist.- Khordha, P.S.- Balianta, P.S. No.- 14, Mouza- Andilo. Khata No.- 238, Plot No.- 303, Kisam- Rasta, Area Ac.0.07.3decs out of area Ac.0.12decs., Bounded By: North- Plot No.- 300, South-Plot No-304, East- Plot No.- 302, West-Road.
corresponding to Mutation Khata No.- 616/1342, Plot No.- 303/2511, Area Ac.0.073decs, Kisam- Road.

E-SCHEDULE PROPERTY

Dist.- Khordha, P.S.- Balianta, P.S. No.- 14, Mouza- Andilo. Khata No.- 238, Plot No.- 303, Kisam- Rasta, Area Ac.0.04decs out of area Ac.0.12decs. Towards side. Bounded By: North- Plot No.- 300, South- Plot No.- 304, East- Plot No.- 302, West- Road.

F- SCHEDULE PROPERTY

Dist.- Khordha, P.S.- Balianta, P.S. No.- 14, Mouza- Andilo. Khata No.- 238, Plot No.- 300, Kisam- Rasta, Area Ac.0.08decs. Bounded By: North- Plot No.- 296, South- Plot No.- 303 East- Plot No.- 301, West- Road.

S/d./- 1st Addl. Senior Civil Judge, Bhubaneswar
D-2829

# ସମାଜରେ ନାରୀର ଭୂମିକା ଅତୁଳନୀୟ

ଆଠମଲ୍ଲିକ,୧୩।୧୨ (ଉଦୀପ୍ତ ପୁରୋହିତ)

ଅନୁଗୋଳ ଜିଲା ଆଠମଲ୍ଲିକ ସହରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ସପ୍ତଶକ୍ତି ସଙ୍ଗମ କାର୍ଯ୍ୟକ୍ରମ ଜରିଆରେ ସପ୍ତଶକ୍ତିର ଉଦ୍ଦେଶ୍ୟ ଓ ପର୍ଯ୍ୟାବରଣ ସମ୍ବନ୍ଧରେ ଏକ ଶିକ୍ଷା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ମାତୃଭାରତୀ ସଂଯୋଜିକା ତଥା ଆଚାର୍ଯ୍ୟା ବବିତା ପାତ୍ର ଏଥିରେ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ କବୟିତ୍ରୀ ଗାୟତ୍ରୀ ସିଂହ, ସମ୍ମାନିତ ଅତିଥି ଭାବେ ସାମାଜିକ କର୍ମୀ ନିର୍ମଳା ମହାକୁଡ଼, ମୁଖ୍ୟବକ୍ତା ଭାବେ ଆଚାର୍ଯ୍ୟା ଜ୍ୟୋସ୍ନାମୟୀ ପ୍ରଧାନ ପ୍ରମୁଖ ଯୋଗଦେଇ ପରିବାର ଓ ସମାଜରେ ନାରୀର ଭୂମିକା ଅତୁଳନୀୟ ବୋଲି କହିଥିଲେ। ଆଚାର୍ଯ୍ୟା ବବିତା ପାତ୍ର ସପ୍ତଶକ୍ତିର ଉଦ୍ଦେଶ୍ୟ ବୁଝାଇଥିଲେ। ଆଚାର୍ଯ୍ୟା ବିଳାସିନୀ ଦେବୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଆଚାର୍ଯ୍ୟା ରଶ୍ମିତା ପାଢ଼ୀ, ସବିତା ମହାକୁଡ଼ କୁଇଜ ପ୍ରତିଯୋଗିତା ପରିଚାଳନା କରିଥିଲେ। ଆଚାର୍ଯ୍ୟା ରତ୍ନପ୍ରଭା ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

# ଅନୁଗୋଳର କଳା, ସାହିତ୍ୟ ଓ ନୃତ୍ୟର ସ୍ୱତନ୍ତ୍ର ପରିଚୟ ରହିଛି




ସାତକୋଶିଆ ମହୋତ୍ସବରେ ସାଂସ୍କୃତିକ କାର୍ଯ୍ୟକ୍ରମ, ସମ୍ମାନ ପ୍ରଦାନ କରାଯାଉଛି।

## ତ୍ରୟୋଦଶ ସାତକୋଶିଆ ମହୋତ୍ସବ ଉଦ୍‌ଘାଟିତ

ଅନୁଗୋଳ,୧୩।୧୨ (ମାନସ ବିଶ୍ୱାଳ)

ଅନୁଗୋଳ ସହର ସଭାଘରଠାରେ ଶନିବାର ତ୍ରୟୋଦଶ ସାତକୋଶିଆ ମହୋତ୍ସବ ଉଦ୍‌ଘାଟିତ ହୋଇଯାଇଛି। ନୃତ୍ୟନୀଳୟ ସମ୍ପାଦିକା ଗୁରୁ ସ୍ୱପ୍ନାରାଣୀ ସିହ୍ନା ଅତିଥିମାନଙ୍କୁ ସ୍ୱାଗତ କରିଥିଲେ। ଅତିରିକ୍ତ ଜିଲାପାଳ ଉଦୟ କୁମାର ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ମହୋତ୍ସବକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଅତିରିକ୍ତ ଜିଲାପାଳ କହିଥିଲେ, ଅନୁଗୋଳର କଳା, ସାହିତ୍ୟ ଓ ନୃତ୍ୟର ସ୍ୱତନ୍ତ୍ର ପରିଚୟ ରହିଛି। ନୃତ୍ୟ ନୀଳୟ ଏହି ଗୌରବମୟ ପରମ୍ପରାକୁ ଆଗକୁ ନେବାରେ ପ୍ରୟାସ ଜାରି ରଖୁ। ସମ୍ମାନିତ ଅତିଥି ଭାବେ ବ୍ରହ୍ମାକୁମାରୀ ମୀନତି ଯୋଗଦେଇ ଅନୁଗୋଳରେ ପ୍ରତିଭାର ଅଭାବ ନାହିଁ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଙ୍ଗଠନର ଉପଦେଷ୍ଟା ହେମନ୍ତ କୁମାର ଦାସ ଏବଂ ସଭାପତି ଗୁରୁ ଅନିତା ସିଂହଦେଓ ଉପସ୍ଥିତ ଥିଲେ। ଗୁରୁ ଆଶିଷ କୁମାର ଦାସଙ୍କୁ ସାତକୋଶିଆ ମହୋତ୍ସବ ସମ୍ମାନ ଏବଂ ଗୁରୁ ଡ. ଦୀପ୍ତି ରାଉତରାୟଙ୍କୁ ପଦ୍ମଚରଣ ସିହ୍ନା ପ୍ରତିଭା ସମ୍ମାନ ପ୍ରଦାନ କରାଯାଇଥିଲା। ଏହାପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ନୃତ୍ୟନୀଳୟର କଳାକାରମାନେ ଦଳଗତ ଓଡ଼ିଶୀ ଗୁରୁ ବନ୍ଦନା ପରିବେଷଣ କରିଥିଲେ। ଏହାପରେ ପଞ୍ଚ ଦେବ ସ୍ତୁତି, କୋରାପୁଟର ଢେମସା ନୃତ୍ୟ ଓ ଦେବ ଗାନ୍ଧାରୀ ପଲ୍ଲବୀ ଶୁଦ୍ଧ ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ। ପରେ ନୃତ୍ୟମଣ୍ଡଳ କଟକର ରୂପାଲି ପାଲ ଓ ଅଙ୍କିତା ମିଶ୍ର ଓଡ଼ିଶୀ ଯୁଗଳବନ୍ଦୀ ପ୍ରଦର୍ଶନ କରିଥିଲେ। ବିଶ୍ୱନାଥ ସଙ୍ଗୀତାଳୟ କଟକର ଗୁରୁ ଡ. ଦୀପ୍ତି ରାଉତରାୟ ଏକକ ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ। ଗଞ୍ଜାମର ରାଧେଶ୍ୟାମ ତରାଇ କୁଚିପୁଡ଼ି ପ୍ରଦର୍ଶନ କରି ସମସ୍ତଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ। ଅନୁଷ୍କା ଶାହା ଓ ସ୍ୱର୍ଣ୍ଣାଙ୍କ ଦାସ ଓଡ଼ିଶୀ ଯୁଗଳବନ୍ଦୀ ପ୍ରଦର୍ଶନ କରିଥିଲେ। ନୃତ୍ୟନୀଳୟ ନିର୍ଦ୍ଦେଶକ ଯଜ୍ଞ ନାରାୟଣ ରାୟ ଧନ୍ୟବାଦ ଅର୍ପଣ କରିଥିଲେ।

# ହିରୋ ଭିଡା ଭିଏକ୍ସ ୨ ସ୍କୁଟର ସମ୍ମାନିତ

ଅନୁଗୋଳ,୧୩।୧୨(ମାନସ ବିଶ୍ୱାଳ)

ଅନୁଗୋଳ ସହରରେ ଥିବା ପାର୍ବତୀ ମୋଟର୍ସ ଠାରେ ହିରୋ ଭିଡା ଭିଏକ୍ସ ୨ ସ୍କୁଟରକୁ 'ସ୍କୁଟର ଅଫ୍ ଦି ଇୟର୍ ୨୦୨୫' ଭାବେ ସମ୍ମାନିତ କରାଯାଇଛି। ଏହି ଅବସରରେ ଏକ ଉତ୍ସବ ପାଳିତ ହୋଇଥିଲା। ହିରୋ ଭିଡା ସ୍କୁଟର ତାହାର ଡିଜାଇନ, ଇନଭେନସେନ ଏବଂ ଲୋକାଦୃତତା ପାଇଁ ସ୍କୁଟର ଅଫ ଦି ଇୟର୍ ୨୦୨୫ ଆୱାର୍ଡ ପାଇଛି। ଏକବର୍ଷ ମଧ୍ୟରେ ଏହା ଲୋକପ୍ରିୟ ହେବା ସଙ୍ଗେ ସଙ୍ଗେ ବର୍ତ୍ତମାନ ଭାରତର ସବୁଠାରୁ ଅଧିକ ବିକ୍ରି ହେଉଥିବା ଶ୍ରେଷ୍ଠ ୩ଟି ସ୍କୁଟର ମଧ୍ୟରେ ସ୍ଥାନ ପାଇଛି। ଏହି ଅବସରରେ ପାର୍ବତୀ ମୋଟର୍ସଠାରେ ଏକ ଉତ୍ସବ ପାଳିତ ହୋଇଥିଲା। ଥରେ ଚାର୍ଜ କଲେ ୧୦୦ କିଲୋମିଟର ଯାଇପାରୁଥିବା ଏହି ଗାଡ଼ିରେ ବ୍ୟାଟେରି ବାହାର କରି ଚାର୍ଜ କରିବା ବ୍ୟବସ୍ଥା ରହିଥିବା ସହ ଫାଷ୍ଟ ଚାର୍ଜିଂର ମଧ୍ୟ ସୁବିଧା ରହିଛି। ଉନ୍ନତ ଜ୍ଞାନକୌଶଳରେ ତିଆରି ହିରୋ ଭିଡା ଭିଏକ୍ସ ୨ରେ ନିଆଁ ଲାଗିବାର କୌଣସି ଭୟ ନାହିଁ। ଗ୍ରାହକମାନେ ପାର୍ବତୀ ମୋଟର୍ସ ଅନୁଗୋଳଠାରେ ଟେଷ୍ଟ ରାଇଡ ନେଇପାରିବେ ବୋଲି ପାର୍ବତୀ ମୋଟର୍ସର ମାଲିକ ପବନ ମାଣ୍ଡେଠିଆ ପ୍ରକାଶ କରିଛନ୍ତି।



ପାର୍ବତୀ ମୋଟର୍ସ ଠାରେ ହିରୋ ଭିଡା ଭିଏକ୍ସ ୨ ସ୍କୁଟରକୁ ସମ୍ମାନିତ କରାଯାଉଛି।

# ଶିଶୁ ବିଦ୍ୟା ମନ୍ଦିରର ବାର୍ଷିକ କ୍ରୀଡ଼ା

ଅନୁଗୋଳ,୧୩।୧୨(ମାନସ ବିଶ୍ୱାଳ)

ଅନୁଗୋଳ ସହର ଗାନ୍ଧୀମାର୍ଗସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରଠାରେ ଗୁରୁବାର ବାର୍ଷିକ କ୍ରୀଡ଼ା ଉଦ୍‌ଘାଟିତ ହୋଇଯାଇଛି। ବାୟୁସେନା ଅଧିକାରୀ ପ୍ରକାଶ କୁମାର ଗଡ଼ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ କ୍ରୀଡ଼ାକୁ ଉଦ୍‌ଘାଟନ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ଆଲୋକ ଭୋଇ ଅତିଥି ପରିଚୟ ପ୍ରଦାନ କରିଥିଲେ। ଯୁକ୍ତ ୨ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ସିଦ୍ଧନାଥ ସାହୁ ସ୍ୱାଗତ ଭାଷଣ, ପରିଚାଳନା ସମିତି ସଭାପତି ଡା. ସୁଧାକର ପାଳ, ଉପସଭାପତି କ୍ଷୀରୋଦ କୁମାର ପ୍ରଧାନ, ସମ୍ପାଦକ ଅଶୋକ କୁମାର ମୋଦି ଓ ସଦସ୍ୟା ବୁଲୁ ବେହେରା ପ୍ରମୁଖ ଶିଶୁଙ୍କୁ ଉତ୍ସାହିତ କରିଥିଲେ। ସହ ପ୍ରଧାନ ଆଚାର୍ଯ୍ୟ ସୁରେଶ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଶାରୀରିକ ପ୍ରମୁଖ ଫୁଲେନ୍ଦୁ କୁମାର ପ୍ରଧାନ, ସମସ୍ତ ଗୁରୁମା, ଗୁରୁଜୀ ସହଯୋଗ କରିଥିଲେ।



ଉଦ୍‌ଘାଟନୀ ଦିବସରେ ପୁରସ୍କୃତ ପ୍ରତିଯୋଗୀ ଓ ଅତିଥି।

# ସମସ୍ୟା ସମାଧାନ ଉପରେ ଗୁରୁତ୍ୱ



ବୈଠକରେ ପଞ୍ଚଧାରା ଭେଟେରାନ୍ସ ଆସୋସିଏଶନ କର୍ମକର୍ତ୍ତାମାନେ।

ବଇଣ୍ଡା.୧୩।୧୨ (ପରିକ୍ଷିତ ସାହୁ)

ଅନୁଗୋଳ ଜିଲା କିଶୋରନଗର ବ୍ଲକ ବଇଣ୍ଡା କଲ୍ୟାଣମଣ୍ଡପ ନିକଟରେ ଶନିବାର ପଞ୍ଚଧାରା ଭେଟେରାନ୍ସ ଆସୋସିଏଶନର ବାର୍ଷିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଆଠମଲ୍ଲିକ, କିଶୋରନଗର, ବଇଣ୍ଡା, ଜରପଡ଼ା ଅଞ୍ଚଳର ବହୁ ସଂଖ୍ୟାରେ ଅବସରପ୍ରାପ୍ତ ସୈନିକ କର୍ମଚାରୀ ଯୋଗ ଦେଇଥିଲେ। ସଭାପତି ପ୍ରମୋଦ କୁମାର ପ୍ରଧାନ ସଭାପତିତ୍ୱ କରିଥିବାବେଳେ ସାଧାରଣ ସମ୍ପାଦକ ସୁକାନ୍ତ କୁମାର ରଣା ସ୍ୱାଗତ ଅଭିଭାଷଣ ରଖିଥିଲେ। ଦୁର୍ଯ୍ୟୋଧନ ସାହୁ, ଅଶୋକ କୁମାର ଶତପଥୀ, ଲଛମନ ସାହୁ, ରାମ ପ୍ରସାଦ ତ୍ରିପାଠୀ, ତ୍ରିନାଥେଶ୍ୱର ପ୍ରଧାନ, ପବିତ୍ର ରଣା, ପ୍ରଦୀପ କୁମାର ପ୍ରଧାନ, ସନ୍ତୋଷ କୁମାର ନାୟକ, ଅଶୋକ ପ୍ରଧାନ, ସୁଦର୍ଶନ ବିଶ୍ୱାଳଙ୍କ ସମେତ ବହୁ ଅବସରପ୍ରାପ୍ତ ସୈନିକ ଯୋଗ ଦେଇଥିଲେ। ଆଗାମୀ ଦିନରେ ହେଉଥିବା ପାରିବାରିକ ବାର୍ଷିକ ସମ୍ମିଳନୀର ପ୍ରସ୍ତୁତି ଏବଂ ସୈନିକମାନଙ୍କ ବିଭିନ୍ନ ପ୍ରକାର ସମସ୍ୟା ଦୂରୀକରଣ କରିବା ପାଇଁ ବୈଠକରେ ଆଲୋଚନା କରାଯାଇଥିଲା। ସାମାଜିକ କାର୍ଯ୍ୟ କରିବା ପାଇଁ ସଂଘ ପକ୍ଷରୁ ମଧ୍ୟ ନିଷ୍ପତ୍ତି ନିଆଯାଇଥିଲା।

# ଏଡ୍‌ସ ନିରାକରଣ ସମ୍ପର୍କରେ ସଚେତନତା

ବନ୍ତଳା,୧୩।୧୨(ସୁଶିତ ସାହୁ)

ଅନୁଗୋଳ ଜିଲା ବନ୍ତଳା ଡିଗ୍ରୀ କଲେଜ ପରିସରରେ ଗୁରୁବାର ଏଡ୍‌ସ ନିରାକରଣ ସମ୍ପର୍କିତ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ପଦ୍ମଚରଣ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ବନ୍ତଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଅଧିକାରୀ ଡା. ଶ୍ୟାମସୁନ୍ଦର ପ୍ରଧାନ ଯୋଗଦେଇ ଉପସ୍ଥିତ ଛାତ୍ରୀଛାତ୍ରଙ୍କ ସହ ଏଡ୍‌ସ ଭଳି ମହାମାରୀର ସୃଷ୍ଟି, ଲକ୍ଷଣ ଓ ନିରାକରଣ ସମ୍ପର୍କରେ ଆଲୋଚନା କରିଥିଲେ। ସ୍ୱାସ୍ଥ୍ୟକେନ୍ଦ୍ରର କାର୍ଯ୍ୟନିର୍ବାହୀ ଅଧିକାରୀ ଡା. ଅଜିତ କୁମାର ଯୋଗଦେଇ ଏହି ରୋଗରୁ ନିଜକୁ ତଥା ସମାଜକୁ ମୁକ୍ତ କରିବା ଦିଗରେ ଛାତୀଛାତ୍ର ସଚେତ୍ନ ହେବା ସହ ଅନ୍ୟମାନଙ୍କୁ ସଚେତନ କରାଇବା ଦିଗରେ ସହାୟକ ହୋଇପାରିବେ ବୋଲି ମତବ୍ୟକ୍ତ କରିଥିଲେ। ଯୁବ ରେଡ୍‌କ୍ରସ କାର୍ଯ୍ୟନିର୍ବାହୀ ଅଧିକାରୀ ଅଧ୍ୟାପକ ତରେଣୀସେନ ସାହୁଙ୍କ ତତ୍ତ୍ୱାବଧାନରେ ସଫଳତାର ସହ ଏହା ପରିଚାଳିତ ହୋଇଥିଲା। ଗଙ୍ଗାଧର ସାହୁ ସହଯୋଗ କରିଥିଲେ। ସମସ୍ତ ଅଧ୍ୟାପିକା, ଅଧ୍ୟାପକ ଛାତ୍ରୀଛାତ୍ର ଓ କର୍ମଚାରୀ ଉପସ୍ଥିତ ଥିଲେ।




ସଚେତନତା କାର୍ଯ୍ୟକ୍ରମରେ ମଞ୍ଚାସୀନ ଅଧିକାରୀମାନେ।

# ମା' ବୁଢ଼ୀ ଠାକୁରାଣୀଙ୍କ ବାର୍ଷିକ ଯାତ୍ରା

ତାଳଚେର,୧୩।୧୨(ମନୋଜ ନନ୍ଦ)

ତାଳଚେର ବ୍ଲକ ରାକସ ଗ୍ରାମର ଅଧିଷ୍ଠାତ୍ରୀ ଦେବୀ ମା' ବୁଢ଼ୀ ଠାକୁରାଣୀଙ୍କ ବାର୍ଷିକ ଯାତ୍ରା ପାଳିତ ହୋଇଯାଇଛି। ଏହି ଅବସରରେ ବାଘମରା ଗ୍ରାମରୁ ଠାକୁରାଣୀଙ୍କ ଆଲଟ ଚାମରକୁ ଶୋଭାଯାତ୍ରାରେ ରାକସ ଗ୍ରାମକୁ ଅଣାଯାଇ ପୂଜା କରାଯାଇଥିଲା। ଗ୍ରାମ ସଭାପତି ପ୍ରହଲ୍ଲାଦ ଗଡ଼ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ନାଟ୍ୟକାର ମୁକୁନ୍ଦ ଶତପଥୀ, ବିଶିଷ୍ଟ ଅତିଥି ଭାବେ ପଦ୍ମାବତୀପୁର ସରପଞ୍ଚ ମହର୍ଗା ବେହେରା, ସମିତି ସଭ୍ୟ ଲକ୍ଷ୍ମଣ ବେହେରା, କର୍ଣ୍ଣପୁର ସମିତି ସଭ୍ୟ ପ୍ରମୁଖ ଯୋଗ ଦେଇଥିଲେ। ତାଳଚେର ଅଞ୍ଚଳର ୨୫ ଜଣ ପ୍ରତିଯୋଗୀ କଳାନୈପୁଣ୍ୟ ପ୍ରଦର୍ଶନ କରିଥିଲେ। କୃତୀ ପ୍ରତିଯୋଗୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ତ୍ରିଧାରା ଭଜନ ମଞ୍ଚ ପକ୍ଷରୁ ଭଜନ ପରିବେଷଣ କରାଯାଇଥିଲା। ତଅଁଲୁ ଗଡ଼ନାୟକ, ଗୋବିନ୍ଦ ଚନ୍ଦ୍ର ଭୁକ୍ତା, ଅରୁଣ କୁମାର ଗଡ଼ନାୟକ, ମନୋଜ କୁମାର ନାଏକ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଗ୍ରାମ ସମ୍ପାଦକ ହରିହର ଭୁକ୍ତା ଧନ୍ୟବାଦ ଦେଇଥିଲେ। ତ୍ରିଲୋଚନ ଭୁକ୍ତା, ବୁନୁ ଘଡ଼େଇ, ବାସୁଦେବ ସାହୁ, ରଞ୍ଜନ କୁମାର ଭୁକ୍ତା, ବାସୁଦେବ ଭୁକ୍ତା, ପ୍ରଫୁଲ୍ଲ ଘଡ଼େଇ ପ୍ରମୁଖ ସହଯୋଗ କରିଥିଲେ।

# ସାମୂହିକ ଉଦ୍ୟମ ଦ୍ୱାରା ଡ୍ରପ୍ ଆଉଟ ହ୍ରାସ କରାଯାଇପାରିବ

## କୁଟେଶ୍ୱର କ୍ଲଷ୍ଟରରେ ଶିକ୍ଷା ସଭା

ଆଠମଲ୍ଲିକ,୧୩।୧୨(ଉଦୀପ୍ତ ପୁରୋହିତ)

ଅନୁଗୋଳ ଜିଲା ଆଠମଲ୍ଲିକ ବ୍ଲକ ବାହାଳି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ କୁଟେଶ୍ୱର କ୍ଲଷ୍ଟରସ୍ତରୀୟ ଶିକ୍ଷାସଭା ଅନୁଷ୍ଠିତ ହୋଇଯାଇଛି। ସିଆର୍‌ସିସି ଭୁବନେଶ୍ୱର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ଅତିଥି ଭାବେ ସରପଞ୍ଚ ସୁବାସିନୀ ସେଠୀ, ସମିତି ସଭ୍ୟା ପ୍ରତିମା ଦେହୁରୀ, ନାଏବ ସରପଞ୍ଚ କୌଶଲ୍ୟା ଓରାମ ପ୍ରମୁଖ ଯୋଗଦେଇ ସାମୂହିକ ଉଦ୍ୟମ ଦ୍ୱାରା ସ୍କୁଲ ଗୁଡ଼ିକରେ ଡ୍ରପ୍ ଆଉଟ ହ୍ରାସ କରାଯାଇପାରିବ ବୋଲି କହିଥିଲେ। ଶିକ୍ଷକ ପ୍ରଦୀପ କୁମାର ବାହୁକ, ନିରାକାର ମେହେର, କରୁଣାକର ନାୟକ, କୃଷ୍ଣଚନ୍ଦ୍ର ମେହେର, ଗୀତାଞ୍ଜଳି ନାୟକ, ଲକ୍ଷ୍ମୀ ନାରାୟଣ ମହାନନ୍ଦିଆ, ଅଙ୍କେଶ ଦେହୁରୀ, ପବିତ୍ର ଭୁକ୍ତାଙ୍କ ସମେତ ଅନେକ ସ୍କୁଲର ପ୍ରଧାନ ଶିକ୍ଷକ, ଶିକ୍ଷୟିତ୍ରୀ ଶିକ୍ଷକ, ଅଭିଭାବକ ଯୋଗ ଦେଇଥିଲେ। ଏହି ଅବସରରେ ୪ଟି ଷ୍ଟଲ କରାଯାଇ ଛାତ୍ରୀଛାତ୍ରଙ୍କ ପାଇଁ ଥିବା ସରକାରୀ ଯୋଜନା ସମ୍ପର୍କରେ ସୂଚନା ଦିଆଯାଇଥିଲା। ଏଥିସହିତ ସଚେତନତା ପଦଯାତ୍ରା ବିଭିନ୍ନ ଗ୍ରାମ ପରିକ୍ରମା କରିଥିଲା। କ୍ଲଷ୍ଟରର ବିଭିନ୍ନ ସ୍କୁଲରୁ ୧୭ ଜଣ ପାଠ ଛାଡ଼ିଥିବା ଛାତ୍ରୀଛାତ୍ରଙ୍କୁ ଚିହ୍ନଟ କରାଯାଇ ରାଜ୍ୟ ମୁକ୍ତ ବିଦ୍ୟାଳୟ ଶିକ୍ଷାନୁଷ୍ଠାନ ଯୋଜନାରେ ମହେନ୍ଦ୍ର ଉଚ୍ଚ ବିଦ୍ୟାଳୟରେ ପୁନଃ ନାମ ଲେଖା ଯାଇଥିଲା। ଶିକ୍ଷକ ଶ୍ରବଣ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।




କ୍ଲଷ୍ଟରସ୍ତରୀୟ ଶିକ୍ଷାସଭା ଅବସରରେ ଅତିଥିଙ୍କ ସହ ଛାତ୍ରୀଛାତ୍ର।

# ଅବସରପ୍ରାପ୍ତ ଶିକ୍ଷକମାନଙ୍କୁ ସମ୍ବର୍ଦ୍ଧନା

ବଇଣ୍ଡା, ୧୩।୧୨ (ପରିକ୍ଷିତ ସାହୁ)

ଅନୁଗୋଳ ଜିଲା ହଣ୍ଡପା ଥାନା ନାକିଚି ଜୟଗଡ ପ୍ରଜେକ୍ଟ ନିକଟରେ ବୁଧବାର ବିଲେଇନାଳି ହାଇସ୍କୁଲର ୧୯୯୫ ମାଟ୍ରିକ ବ୍ୟାଚ ଛାତ୍ରୀଛାତ୍ରମାନଙ୍କ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅବସରପ୍ରାପ୍ତ ଶିକ୍ଷକମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପୁରାତନ ଛାତ୍ର ଅଦ୍ଭୁତ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଅବସରପ୍ରାପ୍ତ ଶିକ୍ଷକ ବାନାମ୍ବର ପ୍ରଧାନ, ଜଗେଶ୍ୱର ପ୍ରଧାନ, ଗୁଣ୍ଡିଚା ପ୍ରଧାନ, ଭୋଳାନାଥ ଦେହୁରୀ, ଭବାନୀ ଶଙ୍କର ମିଶ୍ର, ପ୍ରମୋଦ କୁମାର ପ୍ରଧାନ, ରତ୍ନାକର ସାହୁ, ସୂର୍ଯ୍ୟମଣି ପ୍ରଧାନ, ପୁରାତନ ଛାତ୍ର ସୁରମଣି ନାୟକ, ଜୟନ୍ତ କୁମାର ଦେହୁରୀ, ବିଷ୍ଣୁ ଚରଣ ସାହୁ, ସନ୍ତୋଷ କୁମାର ସାହୁ, ଗିରିଶ ଦେହୁରୀ, ରୋଜି ପ୍ରଧାନ, ସୁପ୍ରଭା ସାହୁ, ସବିତା ସାହୁଙ୍କ ସମେତ ପୁରାତନ ଛାତ୍ରୀଛାତ୍ର ଯୋଗ ଦେଇଥିଲେ। କିପରି ହାଇସ୍କୁଲର ଉନ୍ନତି ହେବ ସେ ନେଇ ପୁରାତନ ଛାତ୍ରୀଛାତ୍ରଙ୍କ ପକ୍ଷରୁ ପଦକ୍ଷେପ ନିଆଯିବ ବୋଲି ଆଲୋଚନା ହୋଇଥିଲା।




ସମ୍ବର୍ଦ୍ଧିତ ଅବସରପ୍ରାପ୍ତ ଶିକ୍ଷକମାନଙ୍କ ସହ ପୁରାତନ ଛାତ୍ରୀଛାତ୍ର।

# ୧୧୦ ଲିଟର ମହୁଲି ମଦ ଜବତ

ବଇଣ୍ଡା, ୧୩।୧୨ (ପରିକ୍ଷିତ ସାହୁ)

ଅନୁଗୋଳ ଜିଲା କିଶୋରନଗର ବ୍ଲକ ହଣ୍ଡପା ଥାନା ବୁଢୁଲିମୁଣ୍ଡା ଗ୍ରାମ ନିକଟରେ ଥିବା ଏକ ଜଙ୍ଗଲରେ ଶନିବାର ଆଠମଲ୍ଲିକ ଓ ବଇଣ୍ଡା ଅବକାରୀ ବିଭାଗ ଚଢ଼ାଉ କରି ୧୧୦ ଲିଟର ଚୋରା ମହୁଲି ମଦ ଜବତ କରିଛି। ଏଥିସହ ଉକ୍ତ ସ୍ଥାନରେ ୩ ହଜାର ଲିଟର ମହୁଲ ପୋଚକୁ ନଷ୍ଟ କରାଯାଇଛି। ଉକ୍ତ ଜଙ୍ଗଲରେ ଚୋରାରେ ମହୁଲି ମଦ ପ୍ରସ୍ତୁତ କରା ଯାଉଥିବା ଖବରପାଇ ଆଠମଲ୍ଲିକ ଅବକାରୀ ନିରୀକ୍ଷକ ପବିତ୍ର ମୋହନ ମାଝୀ ଚଢ଼ାଉ କରିଥିଲେ।

# ପଞ୍ଚବିଂଶ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା



ବଇଣ୍ଡା,୧୩।୧୨ (ପରିକ୍ଷିତ ସାହୁ)

ଅନୁଗୋଳ ଜିଲା କିଶୋରନଗର ବ୍ଲକ ବଇଣ୍ଡା ଶିଶୁମନ୍ଦିରର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ମଙ୍ଗଳବାର ପ୍ରଥମ ଦିବସରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ଥାନା ଆଇଆଇସି ଅର୍ଜୁନ କୁମାର ସାହୁ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ମା' ହିଙ୍ଗୁଳାଇ ଉଚ୍ଚ ବିଦ୍ୟାଳୟର ଶାରୀରିକ ଶିକ୍ଷା ଶିକ୍ଷକ ଅରୁଣ କୁମାର ସାହୁ ଯୋଗଦେଇଥିଲେ। ବୁଧବାର ଉଦ୍‌ଯାପନୀ ଦିବସରେ ମୁଖ୍ୟ ଅତିଥି ଭାବେ ନାକଚି ମଣ୍ଡଳ ଭାଜପା ସଭାପତି ସଞ୍ଜୀବ ପାତ୍ର, ଅନ୍ୟତମ ଅତିଥି ଭାବେ ରାଜକିଶୋର ପ୍ରଧାନ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ। ସମୁଦାୟ ୩୪୫ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ରବୀନ୍ଦ୍ରନାଥ ଜେନା, ଶାରୀରିକ ପ୍ରମୁଖ ବୁଲୁଚରଣ ସାହୁ, ଆଚାର୍ଯ୍ୟା ବିନୀତା ପ୍ରଧାନ, ଆଚାର୍ଯ୍ୟ ଭାସ୍କର ସାହୁ, ରମାକାନ୍ତ ସାହୁ, ବାପୁଜୀ ଦେହୁରୀ, ଶ୍ରୀକାନ୍ତ ପ୍ରଧାନ, ନିରୁପମା ବାରିକ, ସୁମତି ପ୍ରଧାନ, ପ୍ରୀତିରାଣୀ ବୋଷ, ଜ୍ୟୋସ୍ନାମୟୀ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ନବୋଦୟ ପ୍ରବେଶିକା ପରୀକ୍ଷା ଦେଲେ ୭୨୪ ଛାତ୍ରୀଛାତ୍ର

ବଇଣ୍ଡା, ୧୩।୧୨ (ପରିକ୍ଷିତ ସାହୁ)

ଅନୁଗୋଳ ଜିଲା କିଶୋରନଗର ବ୍ଲକରେ ଶନିବାର ନବୋଦୟ ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି। ବ୍ଲକରେ ୪ଟି ପରୀକ୍ଷା କେନ୍ଦ୍ର ହୋଇଥିବାବେଳେ ୭୨୪ ଜଣ ପରୀକ୍ଷା ଦେଇଛନ୍ତି। ବଇଣ୍ଡା ହାଇସ୍କୁଲ ପରୀକ୍ଷା କେନ୍ଦ୍ରରେ ୧୮୭ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବାବେଳେ ହଣ୍ଡପା ହାଇସ୍କୁଲ ପରୀକ୍ଷା କେନ୍ଦ୍ରରେ ୧୭୯, ବାମୁର ପରୀକ୍ଷା କେନ୍ଦ୍ରରେ ୧୯୩, କିଶୋରନଗର ହାଇସ୍କୁଲରେ ୧୬୫ ଜଣ ପରୀକ୍ଷା ଦେଇଥିଲେ। ବ୍ଲକ ଶିକ୍ଷା ଅଧିକାରୀ ଅରୁଣ କୁମାର ସେଠୀ, କିଶୋରନଗର ଏବିଡିଓ ଦିଲୀପ କୁମାର ପ୍ରଧାନ ପରୀକ୍ଷାକେନ୍ଦ୍ର ବୁଲି ଯାଞ୍ଚ କରିଥିଲେ। ଶାନ୍ତି ଶୃଙ୍ଖଳାରେ ପରୀକ୍ଷା ଅନୁଷ୍ଠିତ ହୋଇଥିବା ବଇଣ୍ଡା ହାଇସ୍କୁଲର ସୁପରିଣ୍ଟେଣ୍ଡେଣ୍ଟ ସୁକାନ୍ତି ମଞ୍ଜରୀ ଚଟମ୍ବା ସୂଚନା ଦେଇଛନ୍ତି।


# ଲୋକ ଅଦାଲତରେ ୫୦୮ ମାମଲା ସମାଧାନ




ଆଠମଲ୍ଲିକ ଓ ଛେଣ୍ଡିପଦାଠାରେ ଲୋକ ଅଦାଲତରେ ମାମଲାଗୁଡ଼ିକର ବିଚାର କରାଯାଉଛି।

ଆଠମଲ୍ଲିକ,୧୩।୧୨(ଉଦୀପ୍ତ ପୁରୋହିତ)/ ଛେଣ୍ଡିପଦା (ଅଜିତ ଧଳ)

ଅନୁଗୋଳ ଜିଲା ଆଠମଲ୍ଲିକ ନ୍ୟାୟାଳୟ ପରିସରରେ ଶନିବାର ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋଟ ୫୪୬ଟି ମାମଲା ବିଚାର ନିମନ୍ତେ ସ୍ଥିରୀକୃତ ହୋଇଥିବା ବେଳେ ସେଥିରୁ ୩୩୪ ମାମଲାର ବିଚାର କରାଯାଇ ସମାଧାନ କରାଯାଇଥିଲା। ସୂଚନା ଅନୁଯାୟୀ, ୨ଟି ମୋଟର ଦୁର୍ଘଟଣା ମାମଲାର ବିଚାର କରାଯାଇ କ୍ଷତିଗ୍ରସ୍ତଙ୍କୁ ୨୬ ଲକ୍ଷ ୭୦ ହଜାର ଟଙ୍କା ଦେବାକୁ ବୀମା କମ୍ପାନୀକୁ ନିର୍ଦ୍ଦେଶ ଦିଆଯାଇଥିଲା। ରାଜସ୍ୱ ମାମଲାର ବିଚାର କରାଯାଇ ୨୭ ହଜାର ୨୦୭ ଟଙ୍କା ଆଦାୟ କରାଯାଇଥିଲା। ବିଭିନ୍ନ ବ୍ୟାଙ୍କ, ବିଏସ୍‌ଏନ୍‌ଏଲ୍, ଟିପିସିଓଡିଏଲର ୨୯୯ ମାମଲା ମଧ୍ୟରୁ ୫୦ଟିର ବିଚାର କରାଯାଇ ମୋଟ ୩ ଲକ୍ଷ ୭୧ ହଜାର ୩୨୯ ଟଙ୍କା ଆଦାୟ କରାଯାଇଥିଲା। ଏହି ଲୋକ ଅଦାଲତରେ ଅତିରିକ୍ତ ଜିଲା ଦୌରାଜଜ୍ ରଞ୍ଜନ କୁମାର ସୂତାର, ସବଜଜ୍ ଲିଙ୍କିପ୍ରିୟା ସାହୁ, ଏସ୍‌ଡିଜେଏମ୍ ସିଙ୍କୁନ ରୟ ଉପସ୍ଥିତ ରହି ବିଚାର କରିଥିଲେ। ତାଲୁକ ଆଇନ ସେବା କମିଟି ପରିଚାଳନା କରିଥିବା ବେଳେ କର୍ମଚାରୀ ସିଦ୍ଧାର୍ଥ ମହାନ୍ତି , ଅମିତ କୁମାର ନାୟକ ସହଯୋଗ କରିଥିଲେ। ସେହିପରି ଛେଣ୍ଡିପଦା ବ୍ଲକ ସଦର ମହକୁମାରେ ୪ର୍ଥ ରାଷ୍ଟ୍ରୀୟ ଲୋକ ଅଦାଲତ ଦେୱାନୀ ବିଚାରପତି ତଥା ପ୍ରଥମ ଶ୍ରେଣୀ ବିଚାର ଅଦାଲତ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଛେଣ୍ଡିପଦା ତାଲୁକ ଆଇନ ସେବା ପ୍ରାଧିକରଣ ତତ୍ତ୍ୱାବଧାନରେ ଆୟୋଜିତ ଅଦାଲତରେ ବିଚାରପତି ଶୁଭଲକ୍ଷ୍ମୀ ପଟ୍ଟନାୟକ ଯୋଗଦେଇ ବିଚାରଧୀନ ଥିବା ୧୭୪ ମାମଲାର ଫଇସଲା କରିଥିଲେ। ସରକାରୀ ଓକିଲ ଲକ୍ଷ୍ମୀଧର ପ୍ରଧାନ ମାମଲା ପରିଚାଳନା କରିଥିଲେ। ଛେଣ୍ଡିପଦା ଟିପିସିଓଡିଏଲ୍‌ର ଯନ୍ତ୍ରୀ ଜିତେନ କୁମାର ସାହୁଙ୍କ ସମେତ ଓକିଲ ସଂଘର ସମସ୍ତ ସଦସ୍ୟଙ୍କ ସମେତ ଛେଣ୍ଡିପଦା ଅଦାଲତର ସମସ୍ତ କର୍ମଚାରୀ ଓ ସିଏସ୍‌ଆଇ ପ୍ରମୁଖ ସହଯୋଗ କରିଥିଲେ।



ଆର୍ଜେଣ୍ଟିନା ଫୁଟ୍‌ବଲ ତାରକା ଲାୟୋନେଲ ମେସିଙ୍କ କାର୍ଯ୍ୟକ୍ରମରେ ଦର୍ଶକ ବିଶୃଙ୍ଖଳା ଯୋଗୁ ଶନିବାର କୋଲକାତାର ସଲ୍ଟ ଲେକ୍ ଷ୍ଟାଡିୟମ ରଣକ୍ଷେତ୍ରରେ ପରିଣତ ହୋଇଛି।

# ମେସିଙ୍କ ୭୦ ଫୁଟ୍‌ର ପ୍ରତିମୂର୍ତ୍ତି ଉନ୍ମୋଚିତ

**କୋଲକାତା, ୧୩।୧୨**

ଶନିବାର କୋଲକାତାର ଲେକ୍ ସହର ଅନ୍ତର୍ଗତ ଶ୍ରୀଭୂମି ସ୍ପୋର୍ଟିଂ କ୍ଲବ ପରିସରରେ ଷ୍ଟାର ଫୁଟ୍‌ବଲର ଲାୟୋନେଲ ମେସି ତାଙ୍କର ଏକ ୭୦ଫୁଟ୍ ଉଚ୍ଚତା ବିଶିଷ୍ଟ ପ୍ରତିମୂର୍ତ୍ତିକୁ ଭର୍ଚୁଆଲ ଉନ୍ମୋଚନ କରିଛନ୍ତି। ଏହି ଅବସରରେ ବଲିଉଡ ସୁପରଷ୍ଟାର ଶାହରୁଖ ଖାନ୍ ପ୍ରଶଂସକଙ୍କ ସହ ଉପସ୍ଥିତ ଥିଲେ। ଲୌହ ନିର୍ମିତ ଏହି ବିଶାଳକାୟ ସ୍ମାରକୀରେ ମେସି ଫିଫା ବିଶ୍ୱକପ୍ ଧରିଛନ୍ତି। ଆର୍ଜେଣ୍ଟିନାର ଏହି ଆଇକନଙ୍କ ପ୍ରତି ସମ୍ମାନ ଜଣାଇ ସ୍ଥାପନ କରାଯାଇଥିବା ଏହି ପ୍ରତିମୂର୍ତ୍ତିଟିର ନିର୍ମାଣକାର୍ଯ୍ୟ ମାତ୍ର ୪୦ ଦିନ ମଧ୍ୟରେ ଶେଷ ହୋଇଥିଲା। ଶନିବାର ଏହି କାର୍ଯ୍ୟକ୍ରମକୁ ଦେଖିବା ଲାଗି ବିଭିନ୍ନ ଅଞ୍ଚଳରୁ ବହୁ ସଂଖ୍ୟାରେ ସମର୍ଥକଙ୍କ ସମାଗମ ହୋଇଥିଲା। ଏଥିରୁ ଭାରତରେ ବିଶେଷ କରି ପଶ୍ଚିମବଙ୍ଗରେ ମେସିଙ୍କ ଲୋକପ୍ରିୟତା କେତେ ତାହା ଅନୁମେୟ।



କୋଲକାତାର ଶ୍ରୀଭୂମି ସ୍ପୋର୍ଟିଂ କ୍ଲବ ପରିସରରେ ଶନିବାର ଉନ୍ମୋଚିତ ହୋଇଥିବା ଲାୟୋନେଲ ମେସିଙ୍କ ୭୦ଫୁଟ୍ ଉଚ୍ଚତା ବିଶିଷ୍ଟ ପ୍ରତିମୂର୍ତ୍ତି।

# ଉନ୍ନତି-ଇସାରାଣୀ ମହିଳା ଫାଇନାଲ

**ଓଡ଼ିଶା ମାଷ୍ଟର୍ସ ବ୍ୟାଡ୍‌ମିଣ୍ଟନ**

## ପୁରୁଷ ଫାଇନାଲରେ ୟୁସୁଫ ଓ ଜର୍ଜ

**ଭୁବନେଶ୍ୱର, ୧୩।୧୨ (ତପନ ସ୍ୱାଇଁ)/କଟକ (କାର୍ତ୍ତିକ ସାହୁ)**

କଟକର ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ଚାଲିଥିବା ଓଡ଼ିଶା ମାଷ୍ଟର୍ସ ଅନ୍ତର୍ଜାତୀୟ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟର ମହିଳା ସିଙ୍ଗଲ୍ସ ଫାଇନାଲରେ ଉନ୍ନତି ହୁଡ୍ଡା ଓ ଇସାରାଣୀ ବରୁଆଙ୍କ ମଧ୍ୟରେ ମୁକାବିଲା ହେବ। ପୁରୁଷ ଫାଇନାଲରେ ଇଣ୍ଡୋନେସିଆର ମୋହମ୍ମଦ ୟୁସୁଫ ଭାରତର କିରଣ ଜର୍ଜଙ୍କୁ ଭେଟିବେ। ମହିଳା ଓ ପୁରୁଷ ସିଙ୍ଗଲ୍ସ ସମେତ ସମସ୍ତ ବର୍ଗର ଫାଇନାଲ ରବିବାର ଅନୁଷ୍ଠିତ ହେବ।

ସେମି ଫାଇନାଲ ରାଉଣ୍ଡରେ ଖେଳାଯାଇଥିବା ସମସ୍ତ ମ୍ୟାଚ ବେଶ୍ ସଂଘର୍ଷପୂର୍ଣ୍ଣ ଥିଲା। ମହିଳା ସେମିଫାଇନାଲରେ ଟପ ସିଡ୍ ଭାରତୀୟ ଖେଳାଳି ଉନ୍ନତି ହୁଡ୍ଡା ନିଜ ଦେଶର ତସନିମ ମିରଙ୍କୁ ୩ ଗେମ୍ ବିଶିଷ୍ଟ ମୁକାବିଲାରେ ୧୮-୨୧, ୨୧-୧୬, ୨୧-୧୬ରେ ହରାଇ ଫାଇନାଲରେ ପ୍ରବେଶ କରିଛନ୍ତି। ଅନ୍ୟ ସେମିଫାଇନାଲରେ





ମ୍ୟାଚ ଜିତିବାପରେ ଉନ୍ନତି ହୁଡ୍ଡା। ଶଟ୍ ଖେଳିବା ଅବସରରେ ଇସାରାଣୀ ବରୁଆ।

ଇସାରାଣୀ ବରୁଆ ୧୮-୨୧, ୨୧-୭, ୨୧-୭ରେ ତାନ୍ୟା ହେମନ୍ତଙ୍କୁ ପରାସ୍ତ କରିଛନ୍ତି। ପୁରୁଷ ସିଙ୍ଗଲ୍ସ ସେମିଫାଇନାଲରେ ଇଣ୍ଡୋନେସିଆର ମହମ୍ମଦ ୟୁସୁଫ ନିଜ ଦେଶର ବିସ୍ମରାୟ ଅକଟୋରାଙ୍କୁ ୨୧-୧୨, ୨୧-୧୮ରେ ହରାଇ ଫାଇନାଲରେ ପହଞ୍ଚିଛନ୍ତି। ସେହିପରି ଭାରତର ଦ୍ୱିତୀୟ ସିଡ୍ କିରଣ ଜର୍ଜ ନିଜ ଦେଶର ରୋନକ ଚୌହାନଙ୍କୁ ସଂଘର୍ଷପୂର୍ଣ୍ଣ ୨୧-୧୯, ୮-୨୧ ଓ ୨୧-୧୮ରେ ପରାସ୍ତ କରିଛନ୍ତି। ମିକ୍ସଡ ଡବଲ୍ସ ସେମିଫାଇନାଲ୍‌ରେ ଇଣ୍ଡୋନେସିଆ ଯୋଡି ଡି. ଫର୍ଡିନେନ୍‌ସି ଓ ବି. ୱାର୍ଡନା ଭାରତୀୟ ଯୋଡି ଏସ. କଣପୁରମ ଓ ଆର. ଉଥେୟସୂରୀୟାନଙ୍କୁ ୨୧-୧୬, ୨୧-୧୯ ପଏଣ୍ଟରେ ହରାଇ ଟାଇଟଲ ପର୍ଯ୍ୟାୟରେ ପ୍ରବେଶ କରିଛନ୍ତି। ଅନ୍ୟ ସେମିଫାଇନାଲରେ ଇଣ୍ଡୋନେସିଆ ଯୋଡି ଏମ. ଫାଜା ଓ ଏ. ପ୍ରଣତା ଥାଇଲାଣ୍ଡ ଯୋଡି ତଣ୍ଡନ ପଂପାନୀଚ ଓ ଫୁଙ୍ଗଫା କେ.ଙ୍କୁ ୨୧-୧୭, ୧୮-୨୧ ଓ ୨୧-୧୨ରେ ପରାସ୍ତ କରିଛନ୍ତି।

ମହିଳା ଡବଲ୍ସରେ ଅନୁଷ୍ଠିତ ସେମିଫାଇନାଲରେ ଟପ ସିଡ୍ ବୁଲଗେରିଆ ଯୋଡି ଗାବ୍ରିଏଲା ଷ୍ଟୋଭା ଓ ଷ୍ଟେଫାନୀ ଷ୍ଟୋଭା ଇଣ୍ଡୋନେସିଆ ଯୋଡି ଇସ୍ୟାନା ମେଇଡା ଓ ରଞ୍ଜନି କିନ୍ନାରାଙ୍କୁ ୨୧-୯, ୨୧-୧୬ ପଏଣ୍ଟରେ ଏବଂ ମାଲେସିଆ ଯୋଡି ଅଙ୍ଗ ଜିନ ୟୀ ଓ କାର୍ମେନ ଟିଙ୍ଗ ଭାରତୀୟ ଯୋଡି ଅଶ୍ୱିନୀ ଭଟ୍ଟ ଓ ଶିଖା ଗୌତମଙ୍କୁ ୨୧-୧୩, ୨୧-୧୬ରେ ହରାଇ ଫାଇନାଲରେ ପହଞ୍ଚିଛନ୍ତି। ସେହିପରି ପୁରୁଷ ଡବଲ୍ସ ସେମିଫାଇନାଲରେ ମାଲେସିଆ ଯୋଡି କଙ୍ଗ୍ ଖାଇ ଜିଙ୍ଗ ଓ ଏରୋନ ତାଇ ଥାଇଲାଣ୍ଡ ଯୋଡିଙ୍କୁ ସିଧା ସଳଖ ୨୧-୧୯, ୨୧-୧୯ ପଏଣ୍ଟରେ ହରାଇ ଥିବାବେଳେ ଇଣ୍ଡୋନେସିଆର ଅଲି ରେହନ ଓ ଦେଭିନ ଅର୍ଥା ୟାହୁଡି ତାଇପେଇ ଯୋଡି ସୁ ଚିଙ୍ଗ ହେଙ୍ଗ୍ ଓ ବୁ ଗୁଆନ ଜୁନଙ୍କୁ ୨୧-୧୫, ୨୨-୨୦ରେ ହରାଇ ଫାଇନାଲରେ ପ୍ରବେଶ କରିଛନ୍ତି। ଫାଇନାଲ ରବିବାର ଅପରାହ୍ନ ୧ଟାରୁ ଆରମ୍ଭ ହେବ ବୋଲି ଆୟୋଜକ କମିଟି ସମ୍ପାଦକ ନିଳିନ କୁମାର ପ୍ରକାଶ କରିଛନ୍ତି।

# ହାଇଦ୍ରାବାଦରେ ମେସିଙ୍କୁ ସ୍ୱାଗତ

**ହାଇଦ୍ରାବାଦ, ୧୩।୧୨ (ପି.ଟି.)**

ଆର୍ଜେଣ୍ଟିନା ଫୁଟ୍‌ବଲ ଆଇକନ ଲାୟୋନେଲ ମେସିଙ୍କୁ ଶନିବାର ସନ୍ଧ୍ୟାରେ ହାଇଦ୍ରାବାଦରେ ସ୍ୱାଗତ କରାଯାଇଛି। ଏହା ହେଉଛି ମେସିଙ୍କର ଜିଓଏଟି ଇଣ୍ଡିଆ ଟୁର୍-୨୦୨୫ର ଦ୍ୱିତୀୟ ଚରଣ। ସିଟି ଅଫ୍ ନିଜାମ୍ସରେ ସନ୍ଧ୍ୟା ୭ଟା ୫୦ରେ ଏକ ପ୍ରଦର୍ଶନୀ ମ୍ୟାଚ୍ ସହ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ତେଲଙ୍ଗାନା ମୁଖ୍ୟମନ୍ତ୍ରୀ ଏ. ରେଭନ୍ତ ରେଡ୍ଡୀ, ଲୋକସଭାରେ ବିରୋଧୀ ଦଳନେତା ରାହୁଲ ଗାନ୍ଧୀ ପଡ଼ିଆକୁ ଯିବାର କିଛି ସମୟ ପରେ ମେସି ଏବଂ ତାଙ୍କ ଇଣ୍ଟର ମିଆମି ଟିମ୍‌ମେଟ୍ ରୋଡ୍ରିଗୋ ଡି ପଲ୍ ଏବଂ ଲୁଇସ ସୁଆରେଜ ପ୍ରବେଶ କରିଥିଲେ। ମେସିଙ୍କ ଭାରତ ଗସ୍ତ ଏଥର ତିକ୍ତତାରେ ଭରି ରହିଥିଲା। କୋଲକାତାର ସଲ୍ଟଲେକ୍ ଷ୍ଟାଡିୟମରେ ଦର୍ଶକମାନେ ୪୦୦୦ରୁ ୧୨,୦୦୦ ଟଙ୍କା ପର୍ଯ୍ୟନ୍ତ ଖର୍ଚ୍ଚ କରି ଟିକେଟ କିଣିଥିଲେ ମଧ୍ୟ ରାଜନେତା ଓ ଭିଆଇପି ଓ ନିରାପତ୍ତା ରକ୍ଷୀଙ୍କ ଭିଡ଼ ଯୋଗୁ ମେସିଙ୍କୁ ଭଲଭାବେ ଦେଖିବାର ସୁଯୋଗ ପାଇ ନ ଥିଲେ। ଫଳରେ ଉତ୍ତ୍ୟକ୍ତ ଦର୍ଶକ ଆଇନ ଶୃଙ୍ଖଳା ଭାଙ୍ଗି ଷ୍ଟାଡିୟମ ଷ୍ଟାଣ୍ଡର ଚେୟାର ଭାଙ୍ଗିବା ସହ ଖାଦ୍ୟ ପୁଡ଼ିଆ, ବ୍ୟାନର ଏବଂ ବିଭିନ୍ନ ଜିନିଷ ପଡ଼ିଆ ମଧ୍ୟକୁ ଫିଙ୍ଗିଥିଲେ। ଉତ୍ତ୍ୟକ୍ତ ଦର୍ଶକଙ୍କୁ ନିୟନ୍ତ୍ରଣକୁ ଆଣିବା ଲାଗି ପୋଲିସକୁ ଲାଠିଚାର୍ଜ କରିବାକୁ ପଡ଼ିଥିଲା। ଫଳରେ ସେଠାରେ ମେସିଙ୍କ କାର୍ଯ୍ୟକ୍ରମ ଅଳ୍ପ କିଛି ସମୟ ମଧ୍ୟରେ ଶେଷ ହୋଇଯାଇଥିଲା।



ଲାୟୋନେଲ ମେସିଙ୍କ ସହ ରାହୁଲ ଗାନ୍ଧୀ।

**ସତ୍ୟବ୍ରତ ସ୍ମାରକୀ ଫୁଟ୍‌ବଲ**

# ଫାଇନାଲରେ ୟୁନିଟ୍ ୬-ଫାଓ



ଚୋଟୁ ମୁର୍ମୁଙ୍କୁ ଅତିଥି ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରୁଛନ୍ତି।

**ଭୁବନେଶ୍ୱର, ୧୩।୧୨ (ତପନ ସ୍ୱାଇଁ)**

କ୍ଲବ-୭୩ ଆନୁକୂଲ୍ୟରେ ଚାଲିଥିବା ସତ୍ୟବ୍ରତ ସ୍ମାରକୀ ଫୁଟବଲ ଟୁର୍ନାମେଣ୍ଟର ଫାଇନାଲରେ ୟୁନିଟ୍-୬ ଆଥ୍‌ଲେଟିକ୍ ଆସୋସିଏଶନ ଓ ଫାଓ ଇଲେଭେନ ଦଳ ପ୍ରବେଶ କରିଛି। ଶନିବାର ଅନୁଷ୍ଠିତ ପ୍ରଥମ ସେମିଫାଇନାଲରେ ୟୁନିଟ-୬ ସମ୍ବଲପୁର ଫୁଟବଲ ଏକାଡେମୀକୁ ୩-୨ ଗୋଲରେ ପରାସ୍ତ କରିଛି। ଚୋଟୁ ମୁର୍ମୁ ୯୧, ୯୪ ଓ ୯୭ତମ ମିନିଟରେ ୩ଟି ଗୋଲ ଦେଇ ହ୍ୟାଟ୍ରିକ ଅର୍ଜନ କରିବା ସହ ୟୁନିଟ-୬କୁ ରୋମାଞ୍ଚକ ବିଜୟ ଦେଇଥିଲେ। ହରିଦାସଙ୍କ ୨୭ ଓ ୬୦ତମ ମିନିଟ ଗୋଲ ବଳରେ ସମ୍ବଲପୁର ଦଳ ୨-୦ରେ ଅଗ୍ରଣୀ ଲାଭ କରିଥିଲେ ହେଁ ଶେଷ ପର୍ଯ୍ୟନ୍ତ ସେହି ପ୍ରଦର୍ଶନ ବଳବତ୍ତର ରଖିପାରି ନ ଥିଲା। ଓରିଏଣ୍ଟାଲ ଇନ୍‌ସ୍ୟୁରାନ୍ସର ଅବସରପ୍ରାପ୍ତ ଜେନେରାଲ ମ୍ୟାନେଜର ରେଖା ମହାନ୍ତି ଅତିଥିଭାବେ ଯୋଗଦେଇ ଚୋଟୁ ମୁର୍ମୁଙ୍କୁ ୭୫୦୦ ଟଙ୍କାର ପୁରସ୍କାର ରାଶି ପ୍ରଦାନ କରିଥିଲେ। ଦ୍ୱିତୀୟ ସେମିଫାଇନାଲରେ ଫାଓ ଇଲେଭେନ୫-୦ ଗୋଲରେ ସନ୍‌ରାଇଜ୍ କ୍ଲବକୁ ହରାଇ ଦେଇଛି। ଫାଓ ଦଳ ପକ୍ଷରୁ କାର୍ତ୍ତିକ ହଂସାଲ, ଅର୍ପଣ ଲାକ୍ରା, ଜିତୁ ମୁଦୁଲି, ଗଣେଶ ସେଠୀ ଓ ଗୌରବ ନେଗି ଗୋଲ ଦେଇଥିଲେ। ଅର୍ପଣ ଲାକ୍ରା ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ।

# ଜାତୀୟ ପୁରୁଷ ହ୍ୟାଣ୍ଡବଲ ପାଇଁ ଓଡ଼ିଶା ଦଳ



ଜାତୀୟ ପୁରୁଷ ହ୍ୟାଣ୍ଡବଲ ପାଇଁ ମନୋନୀତ ଓଡ଼ିଶା ଦଳ।

**ଭୁବନେଶ୍ୱର, ୧୩।୧୨ (ତପନ ସ୍ୱାଇଁ)**

ହ୍ୟାଣ୍ଡବଲ ଆସୋସିଏଶନ ଅଫ୍ ଇଣ୍ଡିଆ ଆନୁକୂଲ୍ୟରେ ୫୪ତମ ଜାତୀୟ ପୁରୁଷ ହ୍ୟାଣ୍ଡବଲ ପ୍ରତିଯୋଗିତା ଚଳିତ ମାସ ୧୫ରୁ ୨୦ ପର୍ଯ୍ୟନ୍ତ ପଶ୍ଚିମବଙ୍ଗର ଚୀନସୁରାଠାରେ ହେବାକୁ ଯାଉଛି। ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ପାଇଁ ୧୮ ଜଣିଆ ଓଡ଼ିଶା ଦଳ ଘୋଷଣା ହୋଇଛି। ଓଡ଼ିଶା ଦଳର ଖେଳାଳିମାନେ ହେଲେ ଆଲୋକ କୁମାର ଭୋଇ (ଅଧିନାୟକ) ବିଶ୍ୱ ରଞ୍ଜନ ପାତ୍ର, ରଜତ କୁମାର ପାତ୍ର, ଦୀପସନ ଖୋରା, ଅମିତ ରାଜ ସାମନ୍ତରାୟ, ଅରୋ ସେବକ ପଣ୍ଡା, କାହ୍ନୁ ଚରଣ ମହାରଣା, ରାମଶିଷ ଜେନା, ଅନିଶ କୁମାର ବେହେରା, ରମେଶ ପୃଷ୍ଟି, ଶମ୍ଭୁନାଥ ମଣ୍ଡଳ, ଶୁଭମ ରାୟ, ମନୋଜ ବିଶ୍ୱାଳ, ସ୍ୱାଗତ ସାଗର ସ୍ୱାଇଁ, ରୀତିକ ହୋ, ଦୁର୍ଗା ମାଧବ ଭୂୟାଁ, ରାଜାରାମ ପଣ୍ଡା, ଅନୁରାଗ ଦାସ। କୋଚ ରଞ୍ଜିତ ମହାନ୍ତିଙ୍କ ତତ୍ତ୍ୱାବଧାନରେ ଓଡ଼ିଶା ଦଳ ଶନିବାର ପଶ୍ଚିମବଙ୍ଗ ଯାତ୍ରା କରିଛି। ଓଡ଼ିଶା କ୍ରୀଡା ବିଭାଗର ଓଏସ୍‌ଡି ବିଜୟ କୁମାର ସାହୁ, ଶାଶ୍ୱତ କୁମାର ରାଉତ, ଓଡ଼ିଶା ରାଜ୍ୟ ହ୍ୟାଣ୍ଡବଲ ସଂଘ ସଭାପତି ବିପ୍ଳବ ଚୌଧୁରୀ, ସମ୍ପାଦକ ମାନସ କୁମାର ସିଂ, କୋଷାଧ୍ୟକ୍ଷ ଶୀତେନ୍ଦ୍ରନାଥ ଓ ଅନ୍ତର୍ଜାତୀୟ କୋଚ ଗୌରୀ ଶଙ୍କର ମିଶ୍ର ଦଳକୁ ଶୁଭେଚ୍ଛା ଜଣାଇଛନ୍ତି।




Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Editor- Tathagata Satpathy, ସମ୍ପାଦକ- ତଥାଗତ ସତପଥୀ